# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ଫେବୃୟାରୀ ୪/୨୦୨୧ (୧୬ ପୃଷ୍ଠା) | Sambalpur, Thursday, February 4/2021 | ★★

୧୭ଶ ଭାଗ ୫୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-






ନନ୍-ଲିଙ୍କଡ, ନନ୍-ପାର୍ଟିସିପେଟିଙ୍ଗ,
ଇଣ୍ଡିଭିଜୁଆଲ୍, ହେଲ୍‌ଥ ଇନ୍ସ୍ୟୋରାନ୍ସ ପ୍ଲାନ

Plan No. 905 UIN No. 512N314V02

## କ୍ୟାନ୍ସର୍ ବିରୁଦ୍ଧ ଯୁଦ୍ଧରେ ଆର୍ଥିକ ସୁରକ୍ଷା ।

**ଏଲଆଇସି ଆଣିଛି କ୍ୟାନ୍ସର୍ କଭର୍ ।** ଏହି ବିଚାରବନ୍ତ ସ୍ୱାସ୍ଥ୍ୟ ବୀମା ଯୋଜନା କ୍ୟାନ୍ସର୍ ଜନିତ ଆର୍ଥିକ ସମସ୍ୟା ଠାରୁ ପଲିସୀଧାରକଙ୍କୁ ସୁରକ୍ଷା ଦେବାରେ ସାହାଯ୍ୟ କରେ । ଅର୍ଲୀ ଷ୍ଟେଜ୍ ତଥା ମେଜର୍ ଷ୍ଟେଜ୍ କ୍ୟାନ୍ସର୍, ଉଭୟକୁ ପଲିସୀଟି କଭର୍ କରେ । ଏବଂ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍, ଉଭୟରେ କିଣିବାକୁ ମିଳେ ।

- ପଲିସୀ ଅବଧିରେ କ୍ୟାନ୍ସରଗ୍ରସ୍ତ ବୋଲି ନିଦାନ ହେଲେ ପ୍ରାପ୍ୟ ରାଶି ଦେୟ ହୁଏ ।
- ବତାଯାଇଥିବା ଅର୍ଲୀ ଷ୍ଟେଜ୍ କ୍ୟାନ୍ସରଗୁଡ଼ିକ ମଧ୍ୟରୁ କୌଣସି ଗୋଟିକର ପ୍ରଥମ ନିଦାନ ହେଲେ :
  - **ଲମ୍ପ୍ ସମ୍ ବେନିଫିଟ୍** – ବୀମାକୃତ ରାଶିର 25% ଦେୟ ହେବ ।
  - **ପ୍ରିମିଅମ ୱେଭର୍ ବେନିଫିଟ୍** – ପରବର୍ତ୍ତୀ ତିନି ପଲିସୀ ବର୍ଷ ଅଥବା ବଳକା ପଲିସୀ ଅବଧି ମଧ୍ୟରୁ ଯେଉଁଟି କମ, ତା' ପାଇଁ ପ୍ରିମିଅମସବୁ ଛାଡ଼ ହେବ ।
- ବତାଯାଇଥିବା ମେଜର୍ ଷ୍ଟେଜ୍ କ୍ୟାନ୍ସର୍ ପ୍ରଥମ ନିଦାନ ହେଲେ :
  - **ଲମ୍ପ୍ ସମ୍ ବେନିଫିଟ୍** – 100% ବୀମାକୃତ ରାଶି, କିନ୍ତୁ ସେଥିରୁ ଅର୍ଲୀ ଷ୍ଟେଜ୍ କ୍ୟାନ୍ସର୍ ସକାଶେ ଆଗରୁ କିଛି ରାଶି ଦିଆଯାଇଥିଲେ ତାହା କାଟିକରି ଦେୟ ହେବ ।
  - **ଇନ୍‌କମ୍ ବେନିଫିଟ୍** – ଅଧିକନ୍ତୁ, ବୀମାକୃତ ରାଶିର 1% ମାସିକ ଇନ୍‌କମ୍ ବେନିଫିଟ୍ ରୂପେ ଏକ ନିର୍ଦ୍ଧାରିତ ଅବଧି, ମାନେ ପରବର୍ତ୍ତୀ ଦଶ ବର୍ଷ ପର୍ଯ୍ୟନ୍ତ ଦେୟ ହେବ ।
  - **ପ୍ରିମିଅମ ୱେଭର୍ ବେନିଫିଟ୍** – ସମସ୍ତ ଭବିଷ୍ୟତ ପ୍ରିମିଅମ ଛାଡ଼ ହେବ ।
- **ଦୁଇଟି ବେନିଫିଟ୍ ବିକଳ୍ପ** – ଲେଭଲ୍ ସମ୍ ଇନ୍ସ୍ୟୋର୍ଡ ଏବଂ ଇନ୍‌କ୍ରୀଜିଙ୍ଗ ସମ୍ ଇନ୍ସ୍ୟୋର୍ଡ ପ୍ରଥମ 5 ବର୍ଷ ସକାଶେ ।
- **ପ୍ରବେଶ ବୟସ :** ସର୍ବନ୍ୟୁନ 20 ବର୍ଷ, ସର୍ବାଧିକ 65 ବର୍ଷ ।
- **ପଲିସୀ ଅବଧି :** 10 – 30 ବର୍ଷ ।
- **ବୀମାକୃତ ରାଶି :** ₹10 ଲକ୍ଷ ରୁ ₹50 ଲକ୍ଷ ।
- **ସର୍ବନ୍ୟୁନ ପ୍ରିମିଅମ :** ₹2400/- ବାର୍ଷିକ ସବୁ ପ୍ରକାର (ମୋଡ୍) ସକାଶେ ।

ବିଶଦ ବିବରଣୀ ପାଇଁ, ଆପଣଙ୍କ ଏଜେଣ୍ଟ/ପାଖ ଏଲଆଇସି ଶାଖାକୁ ସମ୍ପର୍କ କରନ୍ତୁ/
ନିଜ ସହର ନାମ ଏସ୍‌ଏମ୍‌ଏସ୍ କରନ୍ତୁ 56767474 କୁ ବା ଅନ୍‌ଲାଇନ୍ କିଣିବା ପାଇଁ ଦେଖନ୍ତୁ : www.licindia.in

Follow us : LIC India Forever

IRDAI Regn No.: 512

ଭ୍ରାମକ ଫୋନ କଲ୍ ଏବଂ ମିଛ/ଶଠ ଅଫର୍ ଠାରୁ ସାବଧାନ । ଆଇଆର୍‌ଡିଏଆଇ ଏତଦ୍ୱାରା ଜନସାଧାରଣଙ୍କୁ ଜଣାଉଛି ଯେ: • ଆଇଆର୍‌ଡିଏଆଇ ବା ଏହାର ଅଧିକାରୀ କୌଣସି ପ୍ରକାର ବୀମା ବିକ୍ରୀ ଅଥବା ଫାଇନାନ୍ସିଅଲ୍ ପ୍ରଡକ୍ଟ ବା ପ୍ରିମିଅମ ବିନିଯୋଗ ଭଳି କାମ କରନ୍ତି ନାହିଁ। • ଆଇଆର୍‌ଡିଏଆଇ କୌଣସି ବୋନସ ଘୋଷଣା କରେ ନାହିଁ। ଏଭଳି ଫୋନ କଲ୍ ପାଇବା ବ୍ୟକ୍ତି ଉକ୍ତ ଫୋନ କଲ୍, ବିବରଣୀ ସହିତ ପୁଲିସରେ ଅଭିଯୋଗ ଦାୟର କରିବାକୁ ଅନୁରୋଧ।

LIC
ଲାଇଫ ଇନ୍ସିଓରେନ୍ସ କର୍ପୋରେଶନ ଅଫ ଇଣ୍ଡିଆ
LIFE INSURANCE CORPORATION OF INDIA

LIC/AR/20-21/16/Ori

ଆପଦାବଳି, ସର୍ତ୍ତ ଓ ନିୟମାବଳୀର ଅଧିକ ବିବରଣୀ ପାଇଁ
ବିକ୍ରୟ ସମ୍ପନ୍ନ କରିବା ଆଗରୁ ବିକ୍ରୟ ପୁସ୍ତିକା ଧ୍ୟାନପୂର୍ବକ ପଢ଼ିବାକୁ ଅନୁରୋଧ।

*LIC ka ho saath, toh fikr ki chhodo baat*

ସର୍ବପ୍ରଥମେ ଜୀବନ ବୀମା

# ଏକ ବ୍ୟାପକ ସ୍ୱାସ୍ଥ୍ୟ ଯୋଜନା
# ଯାହା ଆପଣଙ୍କ ପରିବର୍ଦ୍ଧିତ ପରିବାରର ବି ଯତ୍ନ ନିଏ



ଏଲଆଇସି'ର
## ଜୀବନ ଆରୋଗ୍ୟ

ଏକ ନନ୍-ଲିଙ୍କଡ, ନନ୍-ପାର୍ଟିସିପେଟିଙ୍ଗ, ଇଣ୍ଡିଭିଜୁଆଲ, ହେଲ୍ଥ ଇନ୍ସ୍ୟୋରାନ୍ସ ପ୍ଲାନ

UIN: 512N266V03 Plan No. 904

### ସ୍ମାର୍ଟ ହେଲ୍ଥ ଇନ୍ସ୍ୟୋରାନ୍ସ ପ୍ଲାନ

+ ପରିବର୍ଦ୍ଧିତ ପରିବାରକୁ ସୁରକ୍ଷା ଦିଏ : ନିଜେ + ଜୀବନସାଥୀ + ସନ୍ତାନସନ୍ତତି + ମାତା-ପିତା/ଶାଶୁ-ଶ୍ୱଶୁର
+ ହସ୍ପିଟାଲ କ୍ୟାଶ୍ ବେନିଫିଟ୍
+ ମେଜର୍ ସର୍ଜିକଲ୍ ବେନିଫିଟ୍ 140 ସୂଚୀବଦ୍ଧ ସର୍ଜରୀ ସକାଶେ
+ ଡେ କେଆର୍ ପ୍ରସିଡ୍ୟୋର୍ ବେନିଫିଟ୍ ଆହୁରି 140 ସୂଚୀବଦ୍ଧ ସର୍ଜରୀ ସକାଶେ
+ ଅନ୍ୟାନ୍ୟ ସର୍ଜିକଲ୍ ବେନିଫିଟ୍ ଅନ୍ୟ ସମସ୍ତ ସର୍ଜିକଲ୍ ପ୍ରସିଡ୍ୟୋର୍ ସକାଶେ*
+ ଫୁଲ୍ ଏନ୍ଟାଇଟଲ୍ମେଣ୍ଟ ପେଡ୍ ବାସ୍ତବିକ ଖର୍ଚ୍ଚ ଯାହା ବି ହେଉନା କାହିଁକି
+ କ୍ୱିକ୍ କ୍ୟାଶ୍ ଫାସିଲିଟୀ ଅନ୍ତର୍ଗତ 50% ଆଡ୍ଭାନ୍ସ ଏମ୍ଏସ୍ବି ମିଳୁଛି*
+ ନୋ କ୍ଲେମ୍ ବେନିଫିଟ୍/ବୃଦ୍ଧିପ୍ରାପ୍ତ ସ୍ୱାସ୍ଥ୍ୟ ସୁରକ୍ଷା
+ ଟର୍ମ/ଆକ୍ସିଡେଣ୍ଟ ଇନ୍ସ୍ୟୋରାନ୍ସ ରାଇଡର୍ସ ପ୍ରିନ୍ସିପାଲ୍ ଇନ୍ସ୍ୟୋର୍ଡ ଆଣ୍ଡ ସ୍ପାଉସ୍ ସକାଶେ

ନିଜ ଏଲଆଇସି ଏଜେଣ୍ଟ ବା ପାଖ ଶାଖାକୁ ସମ୍ପର୍କ କରନ୍ତୁ
କିମ୍ବା
ଦେଖନ୍ତୁ : www.licindia.in

*ଫ୍ରଡ୍ ଫୋନ କଲ୍ ଏବଂ ମିଛ/ଶଠ ଅଫର୍ ପ୍ରତି ସାବଧାନ ।*
*ଆଇଆର୍ଡିଏଆଇ ଇନ୍ସ୍ୟୋରାନ୍ସ ପଲିସୀ ବିକ୍ରୀ, ବୋନସ ଘୋଷଣା ବା ପ୍ରିମିଅମସବୁ ବିନିଯୋଗ କରିବା ଭଳି କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ ନଥାଏ । ଏଭଳି ଫୋନ କଲ୍ ପାଇବା ବ୍ୟକ୍ତି ପୁଲିସରେ ଅଭିଯୋଗ ଦାୟର କରିବାକୁ ଅନୁରୋଧ ।*

IRDAI Regn. No. 512

LIC
ଲାଇଫ ଇନ୍ସିଓରେନ୍ସ କର୍ପୋରେଶନ ଅଫ ଇଣ୍ଡିଆ
LIFE INSURANCE CORPORATION OF INDIA

LIC/AR/20-21/13/Ori

ବିକ୍ରୟ ସମ୍ପନ୍ନ କରିବା ପୂର୍ବରୁ ବିଶଦ ବିବରଣୀ ଥିବା ବିକ୍ରୟ ପୁସ୍ତିକାକୁ ମନଦେଇ ପଢ଼ନ୍ତୁ ବା ଦେଖନ୍ତୁ www.licindia.in

ଜୀବନ ସହିତ ବି, ଜୀବନ ପରେ ବି ।

**ଆଜିର ମନ୍ତବ୍ୟ**

“କୌଣସି ମନ୍ଦ ଅଭିଯାନ ଭାରତର ଏକତାକୁ ଭାଙ୍ଗି ପାରିବନି କି ନୂଆ ସଫଳତା ହାସଲକୁ ରୋକିପାରିବ ନାହିଁ -**ଅମିତ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ**




## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..............................



ଗୁନୁଗୁନୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭାତ ରଙ୍କ ସଭାରେ ବସେ**
**ଲୁଗା ରଙ୍କ କଣରେ ପଶେ ।**

ଯେଉଁମାନେ ଭଲକି ଦି'ମୁଠା ଦି' ଓଳି ଖାଇବାକୁ ପାଇ ନ ଥାନ୍ତି ସେମାନେ ଖାଇବା ଆଶାରେ ଆଖପାଖରେ ହେଉଥିବା ବିଭିନ୍ନ ସଭା ତଥା ମେଳା ମଉଛବରେ ପହଞ୍ଚି ଯାଇଥାନ୍ତି। ସେହିପରି ଲଜ୍ଜା ନିବାରଣ ପାଇଁ ବସ୍ତ୍ରର ଆବଶ୍ୟକତା ରହିଥାଏ। ବସ୍ତ୍ର ବିନା ପଦାକୁ ବାହାରିବା ନିଷେଧ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଭାତ ବାଢ଼େ ମୁଁ ଖାଇକି ଯିବି**
**ଖାଇ ସାରିଲେ ମୁଁ କାହିଁକି ଯିବି ?**

ସ୍ୱାର୍ଥପର ବ୍ୟକ୍ତି ସଦାସର୍ବଦା ନିଜ ସ୍ୱାର୍ଥକୁ ଅଗ୍ରାଧିକାର ଦେଇଥାନ୍ତି। ନିଜ ସ୍ୱାର୍ଥ ଓ ସୁଖସୁବିଧା ପାଇଁ ମିଛ ପ୍ରତିଶ୍ରୁତି ଦେବାରେ ହେଳା କରି ନ ଥାନ୍ତି। କାମକୁ ଯିବାପାଇଁ ଭୂରିଭୋଜନକୁ ଅଗ୍ରାଧିକାର ଦେଉଥିବା ବ୍ୟକ୍ତି ଖାଇସାରିଲା ପରେ ନିଜ କଥାରୁ ଓହରି ଆସିବା ପରି ମିଛ ଆଶା ଦେଖାଇ ଛଳନା କରୁଥିବା ଧୂର୍ତ୍ତ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ**

# ରେଲ୍‌ୱେ ଟ୍ରାଭେଲିଂ ଅଫିସରଙ୍କ ଘରେ ସିବିଆଇ ଚଢ଼ାଉ

**ଭୁବନେଶ୍ୱର,୩।୨ (ବ୍ୟୁରୋ)**

ଇଷ୍ଟକୋଷ୍ଟ ରେଲ୍‌ୱେର ସିନିୟର ଟ୍ରାଭେଲିଂ ଅଫିସର ରବିନାରାୟଣ ରଥଙ୍କ ଘରେ ବୁଧବାର ସିବିଆଇ ଚଢ଼ାଉ କରିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସିବିଆଇର ସ୍ୱତନ୍ତ୍ର ଟିମ୍ ଭୁବନେଶ୍ୱର କୋଳଥିଆସ୍ଥିତ ତାଙ୍କ ବାସଭବନ, କାର୍ଯ୍ୟାଳୟ ଓ ଅନ୍ୟ କେତେକ ସ୍ଥାନରେ ଏକାକାଳୀନ ଚଢ଼ାଉ ସହ ଯାଞ୍ଚ କରିଛି। ମୋଟ ୧.୧୯ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆୟବହିର୍ଭୂତ ସମ୍ପତ୍ତି ମିଳିଥିବା ଜଣାପଡିଛି। ଯାଞ୍ଚରୁ ଜଣାପଡିଛି ଯେ, ୨୦୦୬ରେ ରବିନାରାୟଣଙ୍କ ବ୍ୟାଙ୍କ୍ ଆକାଉଣ୍ଟରେ ୨୮୨୮ଟଙ୍କା ଥିଲା। ୨୦୨୦ ନଭେମ୍ବର ୩୦ ସୁଦ୍ଧା ତାଙ୍କର ବ୍ୟାଙ୍କ୍ ଜମା, ଘର, ପ୍ଲଟ୍, କାର୍ ଆଦିର ମୂଲ୍ୟ ୧ କୋଟି ୯୦ ଲକ୍ଷ ୯୯ ହଜାର ଟଙ୍କାରେ ପହଞ୍ଚିଛି। ତେବେ ଏହି ସମୟ ମଧ୍ୟରେ ପରିବାରର ଖର୍ଚ୍ଚ ଓ ଋଣ ବାବଦକୁ ମୋଟ ୯୬ ଲକ୍ଷ୧୧ ହଜାର ୮୦୭ ଟଙ୍କାରେ ହିସାବ କରାଯାଇଛି। ଏହି ୧୪ ବର୍ଷ ମଧ୍ୟରେ ରବି ନରାୟଣ ୧ କୋଟି ୧୯ ଲକ୍ଷ ୧୯ ହଜାର ୫୮୫ ଟଙ୍କାର ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଯାଞ୍ଚରୁ ଜଣାପଡିଛି। ତେବେ ଅଧିକ ଯାଞ୍ଚ ଚାଲିଥିବାରୁ ଏହି ସମ୍ପତ୍ତି ପରିମାଣ ଆହୁରି ଅଧିକ ହେବ ବୋଲି ଅନୁମାନ କରାଯାଉଛି।

**୧.୧୯କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆୟବହିର୍ଭୂତ ସମ୍ପତ୍ତି ଠାବ**

# କୋଷ୍ଟାଲ ହାଇୱେକୁ ନେଇ ଶ୍ରେୟ ରାଜନୀତି

**ଭୁବନେଶ୍ୱର,୩।୨ (ବ୍ୟୁରୋ)**

ଭାରତମାଳା ପରିଯୋଜନା ଅନ୍ତର୍ଗତ କୋଷ୍ଟାଲ ହାଇୱେ କାର୍ଯ୍ୟର ତ୍ୱରାନ୍ୱିତ ନେଇ ସମୀକ୍ଷା ହେବାପରେ କାହାକୁ ଶ୍ରେୟ ମିଳିବ ତାକୁ ନେଇ ରାଜନୀତି ଆରମ୍ଭ ହୋଇଯାଇଛି। ଉଭୟ ବିଜେଡି ଏବଂ ଭାଜପା ପରସ୍ପର ବିରୋଧରେ ଯୁକ୍ତି ବାଢିଛନ୍ତି। ଭାଜପା କହିଛି କୋଷ୍ଟାଲ ହାଇୱେକୁ ନେଇ ଶାସକ ଦଳ ପ୍ରଥମରୁ କାର୍ଡ ଖେଳିବାକୁ ଚାହୁଁଥିଲା। ବିଜେଡି ଲୋକଙ୍କୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରୁଥିବାବେଳେ ଏହା ମଙ୍ଗଳବାର ଅନୁଷ୍ଠିତ ସମୀକ୍ଷା ବୈଠକ ପରେ ଧରାପଡିଗଲା ବୋଲି କହିଛି। ଅନ୍ୟପଟେ ବିଜେଡ଼ି ମଧ୍ୟ ଏହି ପ୍ରସଙ୍ଗରେ ରାଜନୀତି ନ କରି ପ୍ରକଳ୍ପର ଅଗ୍ରଗତି ନେଇ କାର୍ଯ୍ୟ ଆରମ୍ଭ କରିବାକୁ କହିଛି। ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ସାତପଡାରୁ ଗୋପାଳପୁରକୁ ଯେଉଁ ସ୍ୱାନ ଥିଲା ତାକୁ ରାଜ୍ୟ ସରକାର ୨୦୧୯ ମସିହାରେ ଏକ ଚିଠି ମାଧ୍ୟମରେ କାମ ବିଳମ୍ବ କରିବାକୁ ଚେଷ୍ଟା କରିଥିଲେ। କେନ୍ଦ୍ର ସରକାରଙ୍କୁ ଚିଠି ଜରିଆରେ ରାଜ୍ୟ କହିଥିଲା ଯେ ଏବଂ ସ୍ୱାନ କାମ ନ କରି ବିଳମ୍ବରେ ହେଉ। ରାଜ୍ୟ ସରକାରଙ୍କ ଅନୁରୋଧ ଅନୁଯାୟୀ ରାସ୍ତା କାମ ବିଳମ୍ବିତ କରାଯାଇଥିଲା। ମିଛ କହି ପ୍ରଦେଶ ଲୋକଙ୍କୁ ବିଭ୍ରାନ୍ତ କରିବା ଏବଂ ରାଜ୍ୟର ଅର୍ଥନୀତିକୁ ହଡପା କରିବାର ଯେଉଁ ଯୋଜନା ବେଳେବେଳେ ବିଜେଡି ଆରମ୍ଭ କରେ ବୋଲି ପୃଥ୍ୱିରାଜ କହିଛନ୍ତି। ଅନ୍ୟପଟେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା କହିଛନ୍ତି, ସାତପଡା-ପୁରୀ-କୋଣାର୍କ ଦେଇ କୋଷ୍ଟାଲ ହାଇୱେ ଯିବା ଲାଗି ଯେଉଁ ପ୍ରସ୍ତାବ ଥିଲା ତାହାକୁ କେନ୍ଦ୍ର ସରକାର ଗ୍ରହଣ କରିନେଉଛନ୍ତି। ବେଶି ରାଜନୀତିକରଣ ନ କରି କିଭଳି ରାଜ୍ୟର ବିକାଶ ହେବ ସେଥିପ୍ରତି ଦୃଷ୍ଟି ଦିଆଯାଉ। କେନ୍ଦ୍ର ସରକାରଙ୍କ ସହ ହୋଇଥିବା ଆଲୋଚନା ପରେ କାର୍ଯ୍ୟ ତୁରନ୍ତ ଆରମ୍ଭ ହେବ ବୋଲି ଲାଗୁଥିବା ସଞ୍ଜୟ କହିଛନ୍ତି।

# କରୋନାରେ ଯାଇଛି ୭୪୪ ଡାକ୍ତରଙ୍କ ଜୀବନ

**ନୂଆଦିଲ୍ଲୀ, ୩।୨**

**କେନ୍ଦ୍ର ତଥ୍ୟକୁ ଖଣ୍ଡନ**

କରୋନା ମହାମାରୀରେ ୧୬୨ ଡାକ୍ତରଙ୍କ ମୃତ୍ୟୁ ଘଟିଥିବା ନେଇ ମଙ୍ଗଳବାର କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ ଦେଇଥିବା ତଥ୍ୟକୁ ଖଣ୍ଡନ କରିଛି ଇଣ୍ଡିଆନ ମେଡିକାଲ ଆସୋସିଏଶନ (ଆଇଏମ୍ଏ)। କୋଭିଡ୍-୧୯ ଯୋଗୁ ଦେଶରେ ୭୪୪ ଡାକ୍ତରଙ୍କ ମୃତ୍ୟୁ ଘଟିଥିବା ଆଇଏମ୍ଏ ପକ୍ଷରୁ ବୁଧବାର କୁହାଯାଇଛି। ଭୂତାଣୁ ସଂକ୍ରମଣ ଯୋଗୁ ୧୬୨ ଡାକ୍ତରଙ୍କ ସମେତ ୧୦୭ ନର୍ସ ଓ ୪୪ ଜଣ ଆଶାକର୍ମୀଙ୍କ ମୃତ୍ୟୁ ଘଟିଥିବା ଚୌବେ ସୂଚନା ଦେଇଥିଲେ। ଚୌବେଙ୍କ ନିକଟକୁ ଆଇଏମ୍ଏ ଅଧ୍ୟକ୍ଷ ଜେ. ଏ. ଜୟାଲାଲ ଏକ ଚିଠି ଲେଖି ୭୪୪ ଜଣ ଡାକ୍ତରଙ୍କ କରୋନା ଯୋଗୁ ମୃତ୍ୟୁ ଘଟିଥିବା ଜଣାଇଛନ୍ତି। ପ୍ରକୃତ ତଥ୍ୟ ଜାଣିବାକୁ ଭାରତ ସରକାରଙ୍କ ଉଦାସୀନତାକୁ ଆସୋସିଏଶନ ପକ୍ଷରୁ ନିନ୍ଦା କରାଯିବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ମଧ୍ୟ ପ୍ରଦାନ କରାଯାଇ ନ ଥିବା ଅଭିଯୋଗ ହୋଇଛି।


## classifieds Everyday
0674-2580101, 2549302




**SALE**

ଭୁବନେଶ୍ୱର ସୁନ୍ଦରପଦା Hitech ଛକଠାରୁ 400mtr. ଦୂରରେ ଘରବାରି boundarywall ପ୍ଲଟ୍ 30ft. ରାସ୍ତା ଥାଇ ମିଳୁଅଛି। Contact: 8338932027. D-19790

**ଭୁବନେଶ୍ୱର ଖଣ୍ଡଗିରିରୁ 10K.M distance ରେ ପିତାପଲ୍ଲୀ ଛକ NHକୁ ଲାଗି boundary, patta, registry cost ଏବଂ ମୋରମ୍ filling ସହ sqft. 1100/-ରେ ମିଳୁଛି। 9090963952.** D-70153

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 7894433357. D-70164

**ଭୁବନେଶ୍ୱର ସହର ଉପକଣ୍ଠସ୍ଥ ଯେକୌଣସି ଅଞ୍ଚଳରେ ଗୃହୋପଯୋଗୀ ଜାଗା ଖଣ୍ଡିଏ କିଣିବାକୁ ଚାହୁଁଛନ୍ତି କି? 9040744989, 6371364640.** D-70160

ଭୁବନେଶ୍ୱର Rasulgarh GGP Highschoolକୁ ଲାଗି yellowzone plot sqft. 3500/- କିଣନ୍ତୁ। 9348767829. D-70173

ଭୁବନେଶ୍ୱରରେ ପ୍ଲଟ୍ ବିକ୍ରି ହେବ। Near Rabi Talkies, ଘରବାରି, ପାଚେରି, ଲାଇନ ସହିତ। 9178660666. D-70518

**6,00,000/- ଟଙ୍କା ଦେଇ Bhubaneswar new Railway station ସାମ୍ନାରେ ଘରବାରି ପ୍ଲଟ୍ କିଣନ୍ତୁ। First possession/ registration. 9937349112.** D-70163

**Plot for sale near Oxford College, Bhingarpur, Kuranga 25' Road (Ready for Construction) 9861302460, 6370354458.** D-70161

**Bhubaneswar Chintamaniswar Station ପାଖରେ yellowzone ଘରବାରି plot ବିକ୍ରିହେବ। Sq.ft. 700/-, 9861302460, 6370621085.** D-70178




**For construction only in your plot inside Bhubaneswar area, contact MRC-9937064680.** D-27287




Newly open Spa offer @ 799/-, Positively health benefits, Jayadevbihar, 7846814019. D-59977

New opening Saikrupa Panchakarma and SPA jointpain, fullbody massage, 8984068077. D-65910

Get refreshment Body Massage by Expert Therapist. Contact for: 6371537969. D-70516

Newly open full body massage ladies and gents. 9337349409. D-70423

Refreshing your mind & body with best therapy at Lotus SPA. 8018234866. D-70424

Swarna SPA newly open positively health benefits with expert therapist. 9556978408. D-70519




Odisha Packers & Movers Since-1999. Households, Car, Office, Shifting. Local / Countrywide. 9438133699, 9437390670. D-19789




ଶିରିଡ଼ିସାଇ, ଶନିସିଗ୍ନାପୁର ଓ ତ୍ରୟମ୍ବକେଶ୍ୱର ଦର୍ଶନ ୨୩ ଫେବୃୟାରୀ। ଯୋଗାଯୋଗ: ଶ୍ରୀସାଇ ସେବାଟ୍ରଷ୍ଟ, ଭୁବନେଶ୍ୱର – 7978044197, 9437090931. D-70221

**LOST**

ମୋର ଘରବାରି ପଟ୍ଟା, ମୌଜା: କୁସୁମଯୋଡ଼ି, ଖାତା ନଂ.-୩୯୩/୧୧୦ଟି ହଜିଯାଇଛି। ଯଦି କୌଣସି ବ୍ୟକ୍ତି ପାଆନ୍ତି, ତେବେ ଏହି ମୋବାଇଲରେ ଯୋଗାଯୋଗ କରିବେ – ୬୩୭୦୮୯୭୬୩୦। D-70313

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ପ୍ରଥମ ପୃଷ୍ଠାରୁ...

### ତାରବାଡ଼ରୁ ଛବି ...

ଅନ୍ୟପକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜେ କୃଷି ଆଇନକୁ ସ୍ଥଗିତ ରଖିବା ନେଇ କହିସାରିଥିବାବେଳେ କେତେକ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ବିକ୍ଷୋଭ ଆଳରେ ନିଜ କାର୍ଯ୍ୟସୂଚୀକୁ କାର୍ଯ୍ୟକାରୀ କରାଇବାକୁ ଉଦ୍ୟମ କରୁଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସମାଲୋଚନା କରାଯାଇଛି।

ଦିଲ୍ଲୀ ସୀମାକୁ ଆବଦ୍ଧ କରାଯିବା ନେଇ ଅନ୍ତର୍ଜାତୀୟ ସମୁଦାୟର ପ୍ରତିକ୍ରିୟା ପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି, ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ରର ଭାଜପା ସରକାର ଦିଲ୍ଲୀ ସୀମାରେ ବ୍ୟାରିକେଡିଂ କରି ବିଶ୍ୱ ଦରବାରରେ ଭାରତର ଭାବମୂର୍ତ୍ତିକୁ ଖରାପ କରିଛନ୍ତି। କେବଳ ଚାଷୀଙ୍କ ପ୍ରତି ବ୍ୟବହାରକୁ ନେଇ ନୁହେଁ, ଅନ୍ୟ ଲୋକ ଓ ଖବରଦାତାମାନଙ୍କ ସହ ଯେପରି ବ୍ୟବହାର କରାଯାଉଛି ତାହା ଆମ ଦେଶକୁ ନିନ୍ଦିତ କରିଛି। ଭାଜପା-ଆର୍‌ଏସ୍‌ଏସ୍ ଯୋଗୁ ଏପରି ହୋଇଛି ବୋଲି ଏଆଇସିସି ମୁଖ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର ଖବରଦାତା ସମ୍ମିଳନୀରେ ରାହୁଲ କହିଛନ୍ତି। ପ୍ରଧାନମନ୍ତ୍ରୀ କହୁଛନ୍ତି, ଆଇନକୁ ସ୍ଥଗିତ ରଖିବା ନେଇ ସରକାରଙ୍କ ଆଭିମୁଖ୍ୟ ଏବେ ବି ବଜାୟ ରହିଛି। ଏହାର ତାତ୍ପର୍ଯ୍ୟ ଉକ୍ତ ଆଇନ ଉଚ୍ଛେଦ କରାଯିବା ଉଚିତ ବୋଲି ମୋଦି ବିଶ୍ୱାସ କରୁଛନ୍ତି। ଦେଶବାସୀଙ୍କୁ ଖାଦ୍ୟ ଯୋଗାଉଥିବା ଚାଷୀଙ୍କୁ ଘେରିବାକୁ ଯାଇ ସରକାର ଜାତୀୟ ରାଜଧାନୀକୁ ଦୁର୍ଗରେ ପରିଣତ କରିଛନ୍ତି। ସରକାର ସେମାନଙ୍କ ସହ କାହିଁକି କଥା ହେଉନାହାନ୍ତି ବୋଲି ରାହୁଲ ପ୍ରଶ୍ନ କରିଛନ୍ତି।

ପ୍ରକାଶ ଯେ, ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ ସମେତ ଦେଶର ବିଭିନ୍ନ ଭାଗର ଲକ୍ଷାଧିକ କୃଷକ କେନ୍ଦ୍ରର କୃଷି ଆଇନ ପ୍ରତ୍ୟାହାର ଏବଂ ଏମ୍‌ଏସ୍‌ପିର ଆଇନଗତ ଗ୍ୟାରେଣ୍ଟି ଦାବିରେ ଦିଲ୍ଲୀ ସୀମାରେ ନଭେମ୍ବର ୨୬ରୁ ଆନ୍ଦୋଳନ ଚଳାଇଛନ୍ତି। କେନ୍ଦ୍ର ସରକାର ଓ କୃଷକ ପ୍ରତିନିଧିମାନଙ୍କ ମଧ୍ୟରେ ୧୧ ପର୍ଯ୍ୟାୟ ଆଲୋଚନା ଶେଷ ହୋଇଥିଲେ ବି କୌଣସି ସୁଫଳ ମିଳିପାରି ନାହିଁ। ଏହାକୁ ଦୃଷ୍ଟିରେ ରଖି ସାଧାରଣତନ୍ତ୍ର ଦିବସରେ ଟ୍ରାକ୍ଟର ରାଲି କରାଯାଇଥିଲା। ସରକାର ଲାଲକିଲ୍ଲା ହିଂସାକୁ ନେଇ ପ୍ରତିଶୋଧ ପରାୟଣ ହୋଇ ଶତାଧିକ ଚାଷୀଙ୍କୁ ଜେଲରେ ରଖିଛନ୍ତି। ଆହୁରି ଅନେକେ ନିଖୋଜ ହୋଇଯାଇଛନ୍ତି। ଗିରଫ ଚାଷୀମାନଙ୍କୁ ମୁକ୍ତ ନ କରିବା ଯାଏ ଆଲୋଚନା ଆଗକୁ ବଢ଼ିପାରିବ ନାହିଁ ବୋଲି କୃଷକ ନେତାମାନେ ସ୍ପଷ୍ଟ କରିଛନ୍ତି। ଏହାସହ ଆନ୍ଦୋଳନସ୍ଥଳରେ ହଇରାଣ କରିବା ଓ ଇଣ୍ଟରନେଟ୍ ବନ୍ଦ କରିଦେବା ଆଦିର ପ୍ରତିବାଦରେ ଶନିବାର ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୩ ଟା ପର୍ଯ୍ୟନ୍ତ ୩ ଘଣ୍ଟା ପାଇଁ ଦେଶବ୍ୟାପୀ ଜାତୀୟ ଓ ରାଜ୍ୟ ରାଜପଥଗୁଡ଼ିକରେ ଚକାଜାମ କରିବାକୁ କୃଷକ ସଙ୍ଗଠନଗୁଡ଼ିକ ଘୋଷଣା କରିଛନ୍ତି।

### ଚାଷୀଙ୍କ ସମର୍ଥନରେ ...

ବିରୋଧ କରିବା ଆବଶ୍ୟକ' ବୋଲି ମୀନା ହାରିସ୍ ଟୁଇଟ୍ କରିଛନ୍ତି। ପର୍ନ ଷ୍ଟାର ମିଆ ଖଲିଫା ମଧ୍ୟ ଆନ୍ଦୋଳନ ସପକ୍ଷରେ ମୁହଁ ଖୋଲିଛନ୍ତି। ତେବେ ଅନ୍ତର୍ଜାତୀୟ ସମୁଦାୟ ପକ୍ଷରୁ ଏଭଳି ପ୍ରତିକ୍ରିୟାକୁ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ବିରୋଧ କରାଯାଇଛି। ସେଲିବ୍ରିଟିମାନେ ଏପରି ମନ୍ତବ୍ୟ ରଖିବା ଦାୟିତ୍ୱହୀନତାର ପରିଚୟ ଏବଂ ଏହା ଗ୍ରହଣୀୟ ନୁହେଁ ବୋଲି ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

### ଓଡ଼ିଶାରେ ଆନ୍ଧ୍ର ...

ଦ୍ୱିତୀୟ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ ହେଉଥିବା କୁରୁକୁଟି ପଞ୍ଚାୟତର ରିଟର୍ନିଂ ଅଧିକାରୀ ଏମ. ନାଗେଶ୍ୱର ରାଓ କହିଛନ୍ତି। ଓଡିଶାର କୋଟିଆ ପଞ୍ଚାୟତର ଫଗୁଣ ସିନେରିକୁ ପଟୁଗୁ ଚେନୁରୁ , ଫାଟୁସିନେରିକୁ ପଟୁ ଚେନୁରୁ ଓ ଗଞ୍ଜେଇପଦରକୁ ଗଞ୍ଜେଇ ଭଦ୍ରା ନାମରେ ନାମିତ କରି ଉକ୍ତ ତିନି ଗ୍ରାମକୁ ଆନ୍ଧ୍ର ପଞ୍ଚାୟତ ଭାବେ ଚିହ୍ନଟ କରି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ କରୁଥିବା ଗ୍ରାମବାସୀ ମାଞ୍ଜୁ ଗେମେଲ କହିଛନ୍ତି। ଆନ୍ଧ୍ର ସରକାରଙ୍କ ପକ୍ଷରୁ ଗଞ୍ଜେଇପଦର ଗ୍ରାମର ବିଶୁ ଗେମେଲ ପୂର୍ବରୁ ସରପଞ୍ଚ ଥିଲେ। ବର୍ତ୍ତମାନ ବିଶୁଙ୍କ ମା'ସନାଇ ଗେମେଲ ସରପଞ୍ଚ ଅଛନ୍ତି। ଏହି ଦୁଇ ସରପଞ୍ଚ ଆନ୍ଧ୍ର ସରକାରଙ୍କ କୌଣସି ଉନ୍ନୟନମୂଳକ କାର୍ଯ୍ୟ ଗ୍ରାମରେ କରିନାହାନ୍ତି। ଆନ୍ଧ୍ର ସରକାରଙ୍କ ପକ୍ଷରୁ ପ୍ରଥମ ଥର ପାଇଁ ଏଠାରେ ପଞ୍ଚାୟତ ନିର୍ବାଚନ ହେଉଥିବାରୁ ଆମେ ଭୋଟ ଦେଇ ଦିବାକର ଗେମେଲଙ୍କୁ ନିର୍ବାଚିତ କରିବାକୁ ସ୍ଥିର କରିଛୁ ବୋଲି ଗ୍ରାମବାସୀ କହିଛନ୍ତି।

ସୂଚନାଯୋଗ୍ୟ, ଫଗୁଣସିନେରି ତଥା ପଟୁଗୁ ଚେନୁରୁ ପଞ୍ଚାୟତର ସରପଞ୍ଚ ପାଇଁ ବେତୁରୁ ହାରକା ଓ ଫାଟୁସିନେରି ତଥା ପଟୁ ଚେନୁରୁ ପଞ୍ଚାୟତ ପାଇଁ ସରପଞ୍ଚ ଲାଗି ସୀମା ଚଲମ ଓ ମାଳତି ହେରକା ତନମ ନାମାଙ୍କନପତ୍ର ଦାଖଲ କରିଛନ୍ତି । ସେହିପରି ଗଞ୍ଜେଇ ପଦର ତଥା ଗଞ୍ଜେଇ ଭଦ୍ରା ପଞ୍ଚାୟତ ପାଇଁ ସରପଞ୍ଚ ପାଇଁ ଦିବାକର ଗେମେଲ, ବିଶୁ ଗେମେଲ ଓ ଡମ୍ବୁ ଗେମେଲ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିଛନ୍ତି । ଏ ସମ୍ପର୍କରେ କୋରାପୁଟ ଉପଜିଲାପାଳ ତଥା କୋଟିଆ ପଞ୍ଚାୟତ ନୋଡାଲ ଅଧିକାରୀ ଲଳିତ କଅଁରଙ୍କୁ ପଚାରିବା ଲାଗି ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ ।

### ଆମାଜନ ସିଇଓ ପଦବୀରୁ ...

ରହିବେ ବୋଲି କମ୍ପାନୀ ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ତାଙ୍କ ପରେ ଆମାଜନର ନୂଆ ସିଇଓ ଭାବେ ଆଣ୍ଡି ଜ୍ୟାସି ଦାୟିତ୍ୱ ନେବେ। ଜ୍ୟାସି ବର୍ତ୍ତମାନ ଆମାଜନ କ୍ଲାଉଡ୍ କମ୍ପ୍ୟୁଟିଂ ଡିଭିଜନର ମୁଖ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ସେ ବେଜୋସ୍‌ଙ୍କର ସବୁଠାରୁ ବିଶ୍ୱସ୍ତ ବୋଲି କୁହାଯାଇଛି। ଆମାଜନ ୱେବ ସର୍ଭିସ୍‌ର ବିଜ୍‌ନେସ ପ୍ଲାନ୍‌କୁ ଆଗକୁ ବଢାଇବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ଜ୍ୟାସିଙ୍କୁ ନୂଆ ଦାୟିତ୍ୱ ମିଳିବା ପରେ କମ୍ପାନୀର ଏହି ଡିଭିଜନର ଗୁରୁତ୍ୱ ଆହୁରି ବଢିବ ବୋଲି କୁହାଯାଉଛି। ଗଣମାଧ୍ୟମ ରିପୋର୍ଟ ମୁତାବକ ବେଜୋସ୍ ଗତ କିଛି ସମୟ ହେବ ଆମାଜନର ଦୈନନ୍ଦିନ ବାଣିଜ୍ୟିକ ପରିଚାଳନାରୁ ନିଜକୁ ଦୂରେଇ ରଖିଛନ୍ତି। କମ୍ପାନୀର ଦୀର୍ଘ ମିଆଦୀ ପ୍ରକଳ୍ପ ରକେଟ ଭେଞ୍ଚର 'ବ୍ଲୁ ଓରିଜିନ' କାମ ଉପରେ ସେ ଧ୍ୟାନ କେନ୍ଦ୍ରିତ କରିଛନ୍ତି। ନୂଆ ଦାୟିତ୍ୱକୁ ନେଇ ବେଶ୍ ଉତ୍ସାହିତ ଥିବା ବେଜୋସ୍ କର୍ମଚାରୀଙ୍କୁ ଚିଠିରେ କହିଛନ୍ତି। ଆମାଜନର ନୂଆ ପଦକ୍ଷେପକୁ ଆଗକୁ ବଢାଇବା ଦିଗରେ ଫୋକସ ଜାରି ରହିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

### ଝାରସୁଗୁଡାରେ ହେବ ...

ଉପସ୍ଥାପନା କରି କେନ୍ଦ୍ର କୋଇଲା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାକୁ ବିଚାରକୁ ନେଇ ଝାରସୁଗୁଡାରେ ଅସ୍ଥାୟୀ କୋଲ୍ ବିୟରିଂ ଟ୍ରିବ୍ୟୁନାଲ୍ ଖୋଲିବା ପାଇଁ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ଏମ୍‌ସିଏଲ୍‌କୁ ନିର୍ଦ୍ଦେଶ ଦେଇଛି। ଝାରସୁଗୁଡାର ଜିଲା ଏବଂ ସେସନ ଜଜ୍ ଟ୍ରିବ୍ୟୁନାଲର ମୁଖ୍ୟ ଭାବେ କାର୍ଯ୍ୟ କରିବେ। ସେହିଭଳି ଟ୍ରିବ୍ୟୁନାଲ ଲାଗି ଜଣେ ପ୍ରିଜାଇଡିଂ ଅଫିସର ମଧ୍ୟ ନିଯୁକ୍ତ ହେବେ। ଏମ୍‌ସିଏଲ୍ ପକ୍ଷରୁ ଅନ୍ୟ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯିବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ, ଏମ୍‌ସିଏଲ୍‌ର ଇବ୍ ଭ୍ୟାଲି, ଓରିଏଣ୍ଟ ଏରିଆ, ଲଖନପୁର ବସୁନ୍ଧରା ଏବଂ ଗର୍ଜନବାହାଲ ଭଳି ଅଞ୍ଚଳର ଲୋକଙ୍କୁ କ୍ଷତିପୂରଣ ମାମଲାର ଶୁଣାଣି ଲାଗି ଢେଙ୍କାନାଳ ଆସିବାକୁ ପଡୁଛି। ପୂର୍ବରୁ ତାଳଚେର ଏବଂ ଢେଙ୍କାନାଳରେ ଏଭଳି ଟ୍ରିବ୍ୟୁନାଲ ରହିଥିବା ବେଳେ ଏହା ତୃତୀୟ ଟ୍ରିବ୍ୟୁନାଲ ହେବ।

### ପୋଷ୍ଟିଂ ଅର୍ଡର ନ ...

ପୂର୍ବରୁ ଇନ୍‌ଚାର୍ଜରେ ଥିବା କେତେଜଣ ଅଫିସର ଜଏନିଂ ନେଇଛନ୍ତି। ସେମାନେ ପୂର୍ବରୁ ଯେଉଁ ଜାଗାରେ ଥିଲେ ସେହି ଜାଗାରେ ଜଏନ୍ କରିଛନ୍ତି। ସେମାନଙ୍କ ପ୍ରମୋଶନ ହୋଇଛି, କିନ୍ତୁ ଟ୍ରାନ୍ସଫର ହୋଇନାହିଁ। ଅର୍ଡର ଆସିଲେ ଅନ୍ୟମାନଙ୍କର ଜଏନିଂ ହେବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଶନି ଦୃଷ୍ଟ ଚନ୍ଦ୍ର ହେତୁ ସାମାଜିକ ସ୍ତରରେ ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିବେ। ପାରିବାରିକ ସ୍ଥିତି, ଲୋକ ସମ୍ପର୍କ, ସଭାସମିତି, ସାହିତ୍ୟ ସଭା ପ୍ରଭୃତିରୁ ଖୁସି ରହିବେ। ସ୍ଥଗିତ କାମ ପାଇଁ ଘର ଲୋକଙ୍କୁ କୈଫିୟତ୍ ଦେବାକୁ ପଡ଼ିପାରେ। ରୋଗପୀଡ଼ା ଉପଶମ ହେବ ଏବଂ ଶାରୀରିକ ସୁସ୍ଥତା ଫେରିଆସିବ।

**ବୃଷ** ଉଚ୍ଚାରୋହୀ ଶୁକ୍ରଙ୍କ ଯୋଗୁ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ଆନନ୍ଦ ଅନୁଭବ କରିବେ। ଆନୁଷ୍ଠାନିକ କାର୍ଯ୍ୟ କିମ୍ବା ସାଂସ୍କୃତିକ କାର୍ଯ୍ୟ ପାଇଁ ଅସୁବିଧା ହେବ ନାହିଁ। ଆଜିର ଶୁଭଚନ୍ଦ୍ର ଯାତ୍ରା, ଧର୍ମକାର୍ଯ୍ୟ, ଭ୍ରାତୃ ସମ୍ପର୍କ କ୍ଷେତ୍ରରେ ସଫଳତା ପ୍ରଦାନ କରିବ। କର୍ମକ୍ଷେତ୍ରରେ ଉତ୍ତେଜିତ ହୋଇ ଭୁଲ୍ କରିପାରନ୍ତି।

**ମିଥୁନ** ଚନ୍ଦ୍ରଙ୍କ କୋଣାବସ୍ଥାନ ହେତୁ ଅର୍ଥନୈତିକ ଦୃଷ୍ଟିକୋଣରୁ ଦିନଟି ଭଲରେ ଅତିବାହିତ ହେବ। ପାରିବାରିକ କୌଣସି ସମସ୍ୟାକୁ ସହଜରେ ସମାଧାନ କରିବାରେ ସଫଳ ହେବେ। ନିଜ ଉପରେ ନ୍ୟସ୍ତ ଥିବା କାର୍ଯ୍ୟକୁ ଏକାଗ୍ରତାର ସହ ତୁଲାଇବେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କୌଣସି ବନ୍ଧୁଙ୍କ ସହ ସମ୍ପର୍କ ହାନି ହୋଇପାରେ।

**କର୍କଟ** ବ୍ୟୟାଧିପ ସପ୍ତମସ୍ଥ ଯୋଗୁ ଆର୍ଥିକ ଅନଟନ ହେତୁ ଚାହୁଁଥିବା ଜିନିଷ ପ୍ରାପ୍ତିର ଆଶା ପୂରଣ ହୋଇପାରିବ ନାହିଁ। ପରିବହନ, କ୍ରୀଡ଼ା ଓ ଚଳଚ୍ଚିତ୍ର, ସଭାସମିତି କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ପାରସ୍ପରିକ ଭୁଲ୍ ନିଷ୍ପତ୍ତି ହେତୁ ପରିବାରରେ କାହା କଥା ସହ ଅନ୍ୟ କାହାର କଥା ମିଶିବ ନାହିଁ।

**ସିଂହ** ଶନିକ୍ଷେତ୍ରସ୍ଥ ରବି ହେତୁ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଚାଲିବା ସାଙ୍ଗକୁ ପାରିବାରିକ ସ୍ଥିରତା ହଠାତ୍ ଆସି ନପାରେ। ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରି ସମସ୍ୟା ସୃଷ୍ଟି କରିପାରନ୍ତି । କର୍ମକ୍ଷେତ୍ରରେ ସତର୍କରେ ନ ଚଳିଲେ ବିବାଦ ଘେରରେ ପଡ଼ିପାରନ୍ତି। । ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ବୁଦ୍ଧିଜୀବୀଙ୍କ ଦ୍ୱାରା ପ୍ରଶଂସିତ ହେବେ।

**କନ୍ୟା** ବୃହସ୍ପତିଙ୍କ ପ୍ରଭାବରେ ନିଜ ପରିସରର ବ୍ୟକ୍ତିମାନଙ୍କ ଅନୁରୋଧ କ୍ରମେ ଜନମଙ୍ଗଳ କାର୍ଯ୍ୟରେ ନିୟୋଜିତ ହୋଇପାରନ୍ତି। କଳା, କାରିଗରି, ନିର୍ମାଣ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା ହେତୁ ସାମୟିକ ଚିନ୍ତିତ ରହିପାରନ୍ତି।

**ତୁଳା** ନୀଚସ୍ଥ ଗୁରୁଙ୍କ ଯୋଗୁ ନିଜ ଲୋକଙ୍କ ବେଖାତିର ମନୋଭାବ କାରଣରୁ ମନ ଭଲ ଲାଗିବ ନାହିଁ । କୌଣସି ବନ୍ଧୁଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ କିନ୍ତୁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡ଼ିବ। ପରିବାରରେ ସୁଖଶାନ୍ତି ବଜାୟ ରହିବା ଲାଗି କିଛିଟା ସ୍ୱାର୍ଥତ୍ୟାଗ ଜରୁରୀ ହୋଇପଡ଼ିବ ।

**ବିଛା** କର୍ମାଧିପତିଙ୍କ ଭାଗ୍ୟସ୍ଥାନକୁ ଦୃଷ୍ଟି ହେତୁ ଆଜିର କର୍ମକ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ମନୋରଞ୍ଜନ, ଯାତ୍ରା, ବନ୍ଧୁ ମିଳନରେ, ଆଲୋଚନା କିମ୍ବା ସଭା ସମିତିରେ ଆଗ୍ରହୀ ହେବେ। ପାରିବାରିକ କ୍ଷେତ୍ରରେ ସାଧାରଣ କଥାରୁ ଟେନସନ୍ ବଢ଼ିପାରେ। ମାଲିମକଦ୍ଦମାରେ ବିଜୟ ଆଶା କରିବେ।

**ଧନୁ** ପୂର୍ବ ସ୍ଥିରୀକୃତ କୌଣସି ନୂତନ ଯୋଜନା କାର୍ଯ୍ୟକାରୀ କରିବେ। ବିବାଦୀୟ ଘଟଣା ସକାଶେ ଯେଉଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ଅପେକ୍ଷା କରିବାକୁ କହି ଠିକଣା ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପାରନ୍ତି। ଯେକୌଣସି କ୍ଷେତ୍ରରେ ହେଉନା କାହିଁକି, ଭାବିଚିନ୍ତି କାମ ନ କଲେ ଅସୁବିଧାର ସମ୍ମୁଖୀନ ହେବେ।

**ମକର** ଦୀର୍ଘଦିନର ଅବସୋସ ମେଣ୍ଟିଯିବ ଏବଂ ଆଜିର ନୂତନ କର୍ମାରମ୍ଭ ପ୍ରୀତିପଦ ରହିବ। ମାନସିକ ଚାପ କାରଣରୁ ରକ୍ତଚାପ ବଢ଼ିପାରେ। ଆବଶ୍ୟକତା ପୂରଣ ସକାଶେ ଧାର କରଜ କରି କାମ ତୁଲାଇ ନେବେ। କାଳେ ଆପଣ କିଛି ସାହାଯ୍ୟ ମାଗିବେ, ଏହି ଆଶଙ୍କାରେ ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ ।

**କୁମ୍ଭ** ନୂତନ କର୍ମସଂସ୍ଥାନ ପାଇଁ ମନ ଦେଇପାରନ୍ତି, କିନ୍ତୁ କେତୁ ସମସ୍ୟା ସୃଷ୍ଟି କରିପାରନ୍ତି। ଯେକୌଣସି କାମ ହେଉ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ପାରିବାରିକ କ୍ଷେତ୍ରରେ କାହାର ଛୋଟ କଥାକୁ ଧରି ବସନ୍ତୁ ନାହିଁ। ଆଜିର ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ, ଅନ୍ୟଥା ଅନୁତାପ କରିବା ସାର ହେବ ।

**ମୀନ** କେତେକ କାମରେ ପ୍ରତିବନ୍ଧକ ଯୋଗୁ ଆଶାନୁଯାୟୀ ଅଗ୍ରଗତି ହୋଇପାରିବ ନାହିଁ। କୌଣସି ବନ୍ଧୁ ଠିକ୍ ଖବର ଦେବାରେ ହେଳା କରିବା ଯୋଗୁ ଅସୁବିଧା ସୃଷ୍ଟି ହୋଇପାରେ। ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ। ସହକର୍ମୀଙ୍କ ସହ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

ଆଜି ମାଘ କୃଷ୍ଣପକ୍ଷର କାଳାଷ୍ଟମୀ ଗୁରୁବାର, ଫେବୃୟାରୀ ୪ ତାରିଖ, ବିଶ୍ୱ କର୍କଟ ଦିବସ, ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମତିଥି, ଉତ୍କଳଗୌରବ ମଧୁସୂଦନଙ୍କ ତିରୋଧାନ ଦିବସ, ରାଶିନକ୍ଷତ୍ର-ସପ୍ତମୀର ଏକୋଦ୍ଦିଷ୍ଟ ଓ ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୨୪ଗତେ ଘ.୦୭।୫୪ ମଧ୍ୟେ, ଘ.୧୦।୫୩ ଗତେ ଘ.୦୧।୦୭ ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ଣ ଘ.୦୧।୨୪ ଗତେ ଘ.୦୨।୪୮ ମଧ୍ୟେ ରାହୁକାଳ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୦,୪୫,୯୯,୭୧୬ | ୨୨,୬୯,୧୧୩ | ୭,୬୨,୯୭,୫୧୨ |
| ଭାରତ | ୧,୦୭,୮୯,୭୫୩ | ୧,୫୪,୭୧୩ | ୧,୦୪,୭୭,୮୩୯ |
| ଓଡ଼ିଶା | ୩,୩୫,୨୮୨ | ୧୯୦୭(+୫୩) | ୩,୩୨,୪୯୯ |

ବୁଧବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଆଲୋକୀକରଣ ହେଲା କଟକ-ପୁରୀ ବାଇପାସ୍

## ଷ୍ଟ୍ରିଟ୍‌ଲାଇଟ ବ୍ୟବସ୍ଥାର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ବ୍ୟୁରୋ)/ ପୁରୁଣା ଭୁବନେଶ୍ୱର,୩।୨(ଡି.ଏନ୍.ଏ.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ସନ୍ଧ୍ୟାରେ ଭୁବନେଶ୍ୱର ଟଙ୍କପାଣି ରୋଡ୍‌ସ୍ଥିତ ସାଇମନ୍ଦିର ଛକଠାରେ କଟକ-ପୁରୀ ବାଇପାସ୍ ରୋଡ୍‌ରେ ଏଲ୍‌ଇଡି ଷ୍ଟ୍ରିଟ୍‌ଲାଇଟ ଆଲୋକୀକରଣ ବ୍ୟବସ୍ଥାର ଲୋକାର୍ପଣ କରିଛନ୍ତି। ଏହି ବ୍ୟବସ୍ଥା ବାଇପାସ୍ ରୋଡ୍‌ର ପଳାଶୁଣୀ ଛକଠାରୁ ଲିଙ୍ଗିପୁର ଛକ ପର୍ଯ୍ୟନ୍ତ ୧୨ କି.ମି. ରାସ୍ତାରେ କାର୍ଯ୍ୟକାରୀ କରାଯାଇଛି। ଏହାଦ୍ୱାରା ବିଦ୍ୟୁତ୍ ଶକ୍ତି ଖର୍ଚ୍ଚ କମିବା ସହିତ ଚୋରି ଓ ଲୁଟ୍‌ପାଟ ଭଳି ଅପରାଧିକ କାର୍ଯ୍ୟକଳାପ ମଧ୍ୟ ହ୍ରାସ ପାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।





କଟକ-ପୁରୀ ବାଇପାସ୍ ରାସ୍ତା ଆଲୋକୀକରଣ ବ୍ୟବସ୍ଥାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି।

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ଏଥିରେ ୩୮୭ ଖୁଣ୍ଟିରେ ୧୨୦ ୱାଟ୍ ବିଶିଷ୍ଟ ୭୭୪ ଏଲ୍‌ଇଡ଼ି ଲାଇଟ ଲଗାଯାଇଛି। ଲିଙ୍ଗିପୁର, କେଶୁରା ଓ ପାଣ୍ଡରାଠାରେ ୩ଟି ହାଇମାଷ୍ଟ ଲାଇଟ ଲଗାଯାଇଛି। ଏଥିଲାଗି ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ୨.୮୫ କୋଟି ଟଙ୍କା ବ୍ୟୟ କରାଯାଇଛି। ବିଏମ୍‌ସି ଅଞ୍ଚଳ ମଧ୍ୟରେ ନିଗମ ପକ୍ଷରୁ ଉଜ୍ଜ୍ୱଳ ଆଲୋକୀକରଣ କାର୍ଯ୍ୟକ୍ରମ ଜାରି ରହିଛି। ବର୍ତ୍ତମାନ ସହରର ବିଭିନ୍ନ ସ୍ଥାନରେ ୪୦ ହଜାରରୁ ଅଧିକ ଲାଇଟ ଲଗାଯାଇଛି। ଖୁବ୍‌ଶୀଘ୍ର ଅଧିକ ଆଲୋକୀକରଣ ପାଇଁ ଆଉ ୬.୭ କୋଟି ଟଙ୍କା ବିନିଯୋଗ କରାଯିବ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଓ ପାନୀୟ ଜଳ ତଥା ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ବିଧାୟକ ଅନନ୍ତ ନାରାୟଣ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପୌର ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଏମ୍‌ସି କମିଶନର ପ୍ରେମଚାନ୍ଦ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ୨ ଏଟିଏମ୍‌ରୁ ୪୨ ଲକ୍ଷ ଲୁଟ୍

**ଆଳି,୩।୨(ଡି.ଏନ.ଏ.):** ଦୀର୍ଘଦିନ ବ୍ୟବଧାନ ପରେ ମଙ୍ଗଳବାର ରାତିରେ କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅଞ୍ଚଳରେ ଏକ ବଡ଼ଧରଣର ଲୁଟ୍ ହୋଇଛି। କଟକ-ଚାନ୍ଦବାଲି ମୁଖ୍ୟରାସ୍ତାକଡ଼ରେ ଥିବା ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଦୁଇଟି ଏଟିଏମ୍‌କୁ ଗ୍ୟାସ୍ କଟରରେ କାଟି ଦୁର୍ବୃତ୍ତମାନେ ୪୨ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ବୁଧବାର ସକାଳେ ଏ ସଂକ୍ରାନ୍ତରେ ଜଣାପଡ଼ିବା ପରେ ଆଳି ପୋଲିସ, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ଏବଂ ସାଇଣ୍ଟିଫିକ୍ ଟିମ୍ ତଦନ୍ତ ଆରମ୍ଭ କରିଛନ୍ତି।

ସୂଚନା ଅନୁଯାୟୀ, ମଙ୍ଗଳବାର ପତ୍ରପୁର ଏଟିଏମ୍‌ରେ ୧୯ ଲକ୍ଷ ୬୮ ହଜାର ୫ଶହ ଟଙ୍କା ଓ ନିଆଳ ଏଟିଏମ୍‌ରେ ୨୩ ଲକ୍ଷ ଟଙ୍କା ଭରା ଯାଇଥିଲା। ହେଲେ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ୨ କାଉଣ୍ଟରରେ ପଶି ଗ୍ୟାସ୍ କଟରରେ ଏଟିଏମ୍ କାଟି ସମସ୍ତ ଟଙ୍କା ଲୁଟି ନେଇଛନ୍ତି। ଏପରିକି ଲୁଟେରାମାନେ ଏଟିଏମ୍‌ରେ ଲାଗିଥିବା ସିସି କ୍ୟାମେରାକୁ ଗ୍ୟାସ୍ କଟରରେ ଜାଳି ଦେଇଥିବା ଦେଖିବାକୁ ମିଳିଛି। ବୁଧବାର ସକାଳେ ସ୍ଥାନୀୟ ଲୋକେ ଏଟିଏମ୍ କଟାଯାଇଥିବା ଦେଖି ଆଳି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହି ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଲୁଟେରାମାନଙ୍କ କୌଣସି ସନ୍ଧାନ ମିଳିନାହିଁ। ଆଳି ଥାନା ଆଇଆଇସି ସଲିଲ କୁମାର ପ୍ରଧାନଙ୍କୁ ଏ ନେଇ ପଚାରିବାରୁ ଏହି ଘଟଣାର ତଦନ୍ତ ଚାଲିଥିବା କହିଛନ୍ତି।

#TogetherToWin
HCG PANDA CANCER HOSPITAL
adding life to years
IT'S TRUE.
NOBODY KNOWS CANCER LIKE WE DO.
A decade of adding life to years. Making Odisha proud.


HCG Panda Cancer Hospital has been recognized as the best for its quality cancer care in the state of Odisha by The Times Health - All India Critical Care Ranking Survey 2020 and as also, one of the best in India*.
MEDICAL ONCOLOGY | SURGICAL ONCOLOGY | RADIATION ONCOLOGY
PET-CT | DAYCARE CHEMOTHERAPY | HAEMATO ONCOLOGY
MULTI-DISCIPLINARY APPROACH
For virtual consultation, visit hcgoncology.com
For appointments, call 06717116999 | 7406499999
*The only cancer hospital listed from Odisha by the Times Health survey.
HCG Panda Cancer Hospital, NH-16, Telengapentha, Cuttack, Odisha
HCG Daycare Center, Jayadev Vihar, Bhubaneswar, Odisha

# ଆତ୍ମନିର୍ଭର ଭାରତ ଅଭିମୁଖେ ବଜେଟ

ଭୁବନେଶ୍ୱର, ୩।୨ (ବ୍ୟୁରୋ)

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅନ୍ତର୍ଗତ ପତ୍ର ସୂଚନା କାର୍ଯ୍ୟାଳୟ ଭୁବନେଶ୍ୱର ପକ୍ଷରୁ 'ଆତ୍ମନିର୍ଭର ଭାରତ ଅଭିମୁଖେ ବଜେଟ ୨୦୨୧-୨୨' ଉପରେ ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ପ୍ରଧାନ ପ୍ରମୁଖ ଆୟକର ଆୟୁକ୍ତ ଶରତ କୁମାର ଦାଶ ଯୋଗଦେଇ କହିଲେ, କରୋନା ମହାମାରୀ ମଧ୍ୟରେ ଆତ୍ମନିର୍ଭରଶୀଳ ଭାରତ ଗଠନ ପାଇଁ କୃଷି, ସ୍ୱାସ୍ଥ୍ୟ ଓ ଭିତ୍ତିଭୂମି ଉପରେ ବଜେଟରେ ଗୁରୁତ୍ୱ ଦିଆଯାଇଛି। ଜନସାଧାରଣଙ୍କ ଉପରେ କୌଣସି ବୋଝ ନ ଲଦି କରୋନା ମୁକାବିଲା ପାଇଁ ବ୍ୟୟବରାଦ ପ୍ରସ୍ତାବ ରଖିବା ସହ ଷ୍ଟାର୍ଟ ଅପ୍ କମ୍ପାନୀ ପାଇଁ ଟ୍ୟାକ୍ସ ହଲିଡେ ଓ ୭୫ ବର୍ଷରୁ ଅଧିକ




ୱେବିନାରରେ ଭାଗନେଇଥିବା ଅତିଥି।

ବରିଷ୍ଠ ନାଗରିକଙ୍କ ନିମନ୍ତେ ରିଟର୍ନ ଫାଇଲ ରିହାତି ଆଦି ସ୍ୱାଗତଯୋଗ୍ୟ ବୋଲି ସେ କହିଥିଲେ।

ଚାର୍ଟାର୍ଡ ଆକାଉଟାଣ୍ଟ ଅରୁଣ କୁମାର ସାବତ କହିଲେ, ଆତ୍ମନିର୍ଭର ଭାରତ ଲକ୍ଷ୍ୟ ହାସଲ ପାଇଁ ସରକାର ବଜେଟରେ କେତେକ ସାହସିକ ପଦକ୍ଷେପ ନେଇଛନ୍ତି। ନିଅଣ୍ଟିଆ ବଜେଟ ସତ୍ତ୍ୱେ ଅନେକ ସଂସ୍କାରମୂଳକ ପଦକ୍ଷେପ ଘୋଷଣା କରାଯାଇଛି। ତେବେ ବଜେଟ ଗୃହୀତ ହେବା ପୂର୍ବରୁ ମଧ୍ୟବିତ୍ତଙ୍କ ନିମନ୍ତେ ଆଉ କେତେକ ସୁବିଧା ଦେବା ପାଇଁ ସେ ଅର୍ଥମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ବିଶିଷ୍ଟ ଅର୍ଥନୀତିଜ୍ଞ ରମଣ ଅଗ୍ରୱାଲ ବଜେଟରେ ଘୋଷିତ ଉତ୍ପାଦନଭିତ୍ତିକ ପ୍ରୋତ୍ସାହନ ପୁଞ୍ଜି ନିବେଶକୁ ଅଧିକ ବଳ ପ୍ରଦାନ କରିବ ବୋଲି କହିଛନ୍ତି।

ଭୁବନେଶ୍ୱର ପତ୍ର ସୂଚନା କାର୍ଯ୍ୟାଳୟ ଅତିରିକ୍ତ ମହାନିର୍ଦ୍ଦେଶକ ଶୈଳେଶ କୁମାର ମାଳବ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୱେବିନାରରେ ଆଞ୍ଚଳିକ କ୍ଷେତ୍ରପ୍ରଚାର ଭୁବନେଶ୍ୱରର ନିର୍ଦ୍ଦେଶକ ତଥା ମୁଖ୍ୟ ଅଖିଳ କୁମାର ମିଶ୍ର ଓ ଉପନିର୍ଦ୍ଦେଶକ ଡ. ଗିରୀଶ ଚନ୍ଦ୍ର ଦାଶ ଯୋଗ ଦେଇଥିଲେ। ଗଣଯୋଗାଯୋଗ ଅଧିକାରୀ ଡ. ପ୍ରଦୀପ ଚୌଧୁରୀ ଓ ସହାୟକ ସ୍ୱାଧୀନ ଶକ୍ତିପ୍ରସାଦ ୱେବିନାର ପରିଚାଳନା କରିଥିଲେ।

# ଗର୍ଭବତୀ ଭାଉଜଙ୍କୁ ହାତୁଡ଼ିରେ ପିଟି ହତ୍ୟା

## ଥାନାରେ ଆତ୍ମସମର୍ପଣ କଲେ ଦିଅର

**ଅନୁଗୋଳ ଅଫିସ, ୩।୨:** ଅନୁଗୋଳ ସହର ଉପକଣ୍ଠ ଶୁଙ୍ଗୁଡ଼ାରେ ବୁଧବାର ଅପରାହ୍ନରେ ଏକ ହତ୍ୟାକାଣ୍ଡ ଘଟିଛି। ଘରେ କେହି ନ ଥିବାବେଳେ ଗର୍ଭବତୀ ଭାଉଜଙ୍କୁ ହାତୁଡ଼ିରେ ପିଟି ଦିଅର ଜୀବନ ନେଇଥିବା ଅଭିଯୋଗ ହୋଇଛି। ଘଟଣା ପରେ ନିଜେ ଅଭିଯୁକ୍ତ ଥାନାରେ ଆତ୍ମସମର୍ପଣ କରିଥିବା ପୋଲିସ କହିଛି। ଗୁରୁବାର ସକାଳେ ଢେଙ୍କାନାଳରୁ ସାଇଣ୍ଟିଫିକ୍ ଟିମ୍ ଆସିବା ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ଉଠାଯିବ ବୋଲି ଥାନା ସୂତ୍ରରୁ ସୂଚନା ମିଳିଛି। ଶୁଙ୍ଗୁଡ଼ା ସୋମନାଥପୁର ଖଇରାସାହିର ନୀଳମଣି ଭୋଇ ଅଭିଯୋଗ କରିଛନ୍ତି ଯେ, ତାଙ୍କ ସ୍ତ୍ରୀ ସଙ୍ଗୀତା ଭୋଇ(୨୫) ଘରେ ଏକୁଟିଆ ଥିଲେ। ସେ ନିଜେ କାଠକାମ କରିବାକୁ ବାହାରକୁ ଯାଇଥିବା ବେଳେ ବାପା ରାଜମିସ୍ତ୍ରି କାମକୁ ଯାଇଥିଲେ। ବୋଉ ଛେଳି ଚରାଇବାକୁ ଚାଲିଯାଇଥିଲେ। ଏହି ସମୟରେ ମାନସିକ ବିକୃତି ଥିବା ସାନଭାଇ ସୁବାସ କୌଣସି କାରଣରୁ ତାଙ୍କ ଗର୍ଭବତୀ ସ୍ତ୍ରୀ ସଙ୍ଗୀତାଙ୍କୁ ହାତୁଡ଼ିରେ ପିଟି ହତ୍ୟା କରିଛନ୍ତି। ଅଭିଯୋଗପାଇ ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇଙ୍କ ସହ ତଦନ୍ତକାରୀ ଅଧିକାରୀ ଶଶି ଭୂଷଣ ବେହେରା ଓ ଅନ୍ୟମାନେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସ୍ଥାନୀୟ ଅଞ୍ଚଳରେ ପଚରାଉଚରା ବେଳେ ସାମାନ୍ୟ କଳହରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସକୁ ସୂଚନା ମିଳିଛି। ତେବେ ସାଇଣ୍ଟିଫିକ୍ ଟମ୍ ଓ ମାଜିଷ୍ଟ୍ରେଟ୍ ଆସିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯିବା ସହ ଅଧିକ ତଦନ୍ତ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

MNC MAHESWARI NURSING COLLEGE
Approved by : Health & Family Welfare Deptt. & DMET, Govt. of Odisha
ADMISSION OPEN 2020-21
COURSE
B.SC. NURSING (Male / Female) 4 Years Course
ELIGIBILITY: +2 Science Passed with PCB from CHSE Odisha / CBSE / ICSE (45% Gen. & 40% SC/ST)
AGE LIMIT: 17 Years to 30 Years
ANM (HW/F) (Female) 2 Years Course
ELIGIBILITY: +2 Passed any Stream (40% Gen. & 35% SC/ST)
AGE LIMIT: 17 Years to 30 Years

Address: Infront of Vishal Mega Mart, Bhatli Chowk, Bargarh
Mob- 9437158472, 9937693555, 9438015943
Email-nlcattabira@gmail.com website : www.maheswarigroup.in

NEHRU YUVA KENDRA, KALAHANDI (ODISHA)
Government of India
Ministry of Youth Affairs & Sports
Department of Youth Affairs
NATIONAL YOUTH CORPS
CALL FOR NATIONAL YOUTH VOLUNTEERS
Government of India seeks young persons to help, channelize their energies and capabilities towards nation building activities by organizing them into volunteers groups. You shall be asked to spearhead campaigns/ awareness programme about health, literacy, sanitation, gender and other social issues and may also be called upon to assist the administration in emergency or implementation of various programmes.
Eligibility:
i. Education at least class 10th pass (Class X)
ii. Age between 18 and 29 years as on 1st April, 2021.
iii. No regular students are eligible for applying for NYC Volunteership.
Honorarium:
Rs.5000/- p.m. all inclusive for two years. This is neither a paid employment nor confers any legal right on the volunteer to claim employment with the Government.
How to apply:
Visit the department's website: nyks.nic.in for details of the scheme, application, proforma and apply to the under mentioned officer by 20.02.2021.
Postal Address:
Nehru Yuva Kendra, Kalahandi
Radha Krushna Nagar, Lane-07
At/P.O.- Bhawanipatna, Dist.- Kalahandi
PIN-766001, Odisha
Email- nykkld@rediffmail.com
District Youth Officer
Nehru Yuva Kendra, Kalahandi
Radha Krushna Nagar, Lane-07
At/P.O.- Bhawanipatna, Dist.- Kalahandi
Pin- 766001, Odisha
Mob.-7978284964/9938409896

NYKS NEHRU YUBA KENDRA SANGATHAN
An Autonomous Body under the Ministry of Youth Affairs & Sports, Government of India
District Office, Satpathy Villa, Khajurtikra, Bargarh (Odisha)
Ph./Fax- 06646-231344, Pin-768028
Government of India
Ministry of Youth Affairs & Sports
Department of Youth Affairs
NATIONAL YOUTH CORPS
CALL FOR NATIONAL YOUTH VOLUNTEERS
Government of India seeks young persons to help, channelise their energies and capabilities towards nation building activities by organizing them into volunteers groups. You shall be asked to spearhead campaigns/awareness programme about health, literacy, sanitation, gender and other social issues and may also be called upon to assist the administration in emergency or implementation of various programmes.
Eligibility:
i) Education at least class 10th Pass (Class X).
ii) Age: Between 18 and 29 years, as on 1st April, 2021.
iii) No regular students are eligible for applying for NYC volunteership.
iv) Applicants must be a resident of the concern block.
Honorarium:
Rs.5000/- p.m. all inclusive for two years. This is neither a paid employment nor confers any legal right on the volunteer to claim employment with the Government.
How to Apply:
Visit the department's website for details of the scheme, application form and apply to the under mentioned office by Dt.20.02.2021 (www.nyks.nic.in). For any clarification contact the undersigned.
District Youth Officer,
Nehru Yuva Kendra, Bargarh
Address: Satpathy Villa, Khajurtikra, Bargarh (768028)
Phone: 06646296344, Mob.- 8770928068

NATIONAL HEALTH MISSION ଜାତୀୟ ସ୍ୱାସ୍ଥ୍ୟ ମିଶନ୍
World Cancer Day 4 February
ବିଶ୍ୱ କର୍କଟ ଦିବସ
୪ ଫେବୃଆରୀ ୨୦୨୧
DSPL - 185
କ୍ୟାନ୍‌ସର (କର୍କଟ) ରୋଗ ସମ୍ପର୍କରେ ବ୍ୟାପକ ଜନ ସଚେତନତା ସୃଷ୍ଟି ପାଇଁ ପ୍ରତି ବର୍ଷ ଫେବୃଆରୀ ୪ ତାରିଖକୁ ବିଶ୍ୱ କ୍ୟାନ୍‌ସର ଦିବସ ରୂପେ ପାଳନ କରାଯାଉଛି । କର୍କଟ ରୋଗର ପ୍ରମୁଖ କାରଣ ଗୁଡିକ ମଧ୍ୟରେ ତମାଖୁ ସେବନ, ମଦ୍ୟପାନ, ଖାଦ୍ୟ ପଦାର୍ଥରେ ରାସାୟନିକ ଦ୍ରବ୍ୟର ବ୍ୟବହାର ଓ କିଛି ଭୂତାଣୁ ଜନିତ ସଂକ୍ରମଣ ଅନ୍ତର୍ଭୁକ୍ତ । ସୁସ୍ଥ ଜୀବନଶୈଳୀ ଓ ଖାଦ୍ୟପେୟରେ ନିୟନ୍ତ୍ରଣ ଦ୍ୱାରା ଏହି ରୋଗକୁ ପ୍ରତିରୋଧ କରାଯାଇ ପାରିବ । ଆସନ୍ତୁ, ବିଶ୍ୱ କ୍ୟାନ୍‌ସର ଦିବସ ଅବସରରେ ଆମେ ବ୍ୟକ୍ତିଗତ ଓ ସାମୂହିକ ସ୍ତରରେ ପ୍ରୟାସ ଜାରି ରଖି କ୍ୟାନ୍‌ସର ମୁକ୍ତ ଭବିଷ୍ୟତ ଗଠନ ପାଇଁ ପ୍ରତିଜ୍ଞା କରିବା ।
କ୍ୟାନ୍‌ସର (କର୍କଟ) ପ୍ରତିରୋଧର ଉପାୟ
- କୌଣସି ପ୍ରକାର ତମାଖୁ ସେବନରୁ ନିବୃତ୍ତ ରହିବା ।
- ମାଦକ ଦ୍ରବ୍ୟ ବା ନିଶା ସେବନ ନ କରିବା ।
- ନିରାପଦ ଯୌନ ଓ ପ୍ରଜନନ ଅଭ୍ୟାସ ଆପଣାଇବା ।
- ସ୍ୱାସ୍ଥ୍ୟକର ଖାଦ୍ୟାଭ୍ୟାସ ଜାରି ରଖିବା ।
- ସୁସ୍ଥ ଜୀବନ ଶୈଳୀ ଆପଣେଇବା ।
- ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ।
- ପରିବେଶ ପ୍ରଦୂଷଣକୁ ପ୍ରତିହତ କରିବା ।
ମନେରଖନ୍ତୁ, କ୍ୟାନ୍‌ସର ରୋଗ ପ୍ରାଥମିକ ଅବସ୍ଥାରେ ଆରୋଗ୍ୟସାଧ୍ୟ ।
ଅଧିକ ଜାଣିବା ପାଇଁ ନିକଟସ୍ଥ ସ୍ୱାସ୍ଥ୍ୟକର୍ମୀ, ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଡେ-କେୟାର କେମୋଥେରାପି କେନ୍ଦ୍ରରେ ଯୋଗାଯୋଗ କରନ୍ତୁ ।
କରୋନା ପ୍ରତିରୋଧ ପାଇଁ ଉଦ୍ଦିଷ୍ଟ ସମସ୍ତ ନିୟମ ନିଶ୍ଚୟ ପାଳନ କରନ୍ତୁ

ନିୟମିତ ସାବୁନ୍‌ରେ ହାତ ଧୁଅନ୍ତୁ

ମାସ୍କ ବ୍ୟବହାର କରନ୍ତୁ


ସାମାଜିକ ଦୂରତା ବଜାୟ ରଖନ୍ତୁ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
OIPR-10003/13/0053/2021
facebook.com/HFWOdisha http://www.health.odisha.gov.in/ @HFWOdisha

ଏ ପୃଥିବୀର ଉର୍ଦ୍ଧ୍ୱରେ ଯେଉଁ ସବୁ ସ୍ୱର୍ଗ ରହିଛି- ସେଗୁଡିକ ନିଶ୍ଚୟ ମହାନ୍ ଏବଂ ବିସ୍ମୟକର। କିନ୍ତୁ ତୁମ ନିଜ ଭିତରେ ଲୁଚିଥିବା ସ୍ୱର୍ଗ ହେଉଛି ଅଧିକ ମହାନ୍ ଓ ବିସ୍ମୟଜନକ। ସେହିସବୁ ସ୍ୱର୍ଗର ନନ୍ଦନକାନନ ଦିବ୍ୟ ଉଦ୍ୟାନରକ୍ଷକମାନଙ୍କ କାର୍ଯ୍ୟ ଲାଗି ଅପେକ୍ଷାରତ। -ଶ୍ରୀଅରବିନ୍ଦ

# ମହୁ ଅପମିଶ୍ରଣ



ମାନେକା ଗାନ୍ଧୀ

ଯେଉଁ ଶସ୍ୟ ଉପରେ କୀଟନାଶକ ପ୍ରୟୋଗ କରାଯିବ ନାହିଁ ବୋଲି ମୋନସାଣ୍ଟୋ କମ୍ପାନୀ ଭାରତୀୟ କୃଷକମାନଙ୍କୁ ପ୍ରତିଶ୍ରୁତି ଦେଇଥିଲା, ୨୦୧୩ରେ ଭାରତ ସେହି ଶସ୍ୟକୁ ରକ୍ଷା କରିବା ପାଇଁ ନେଓନିକୋଟିନୋଏଡ୍ କୀଟନାଶକର ବ୍ୟବହାର ଆରମ୍ଭ କରିଦେଲା। ଏହି କୀଟନାଶକ ବିଶ୍ୱର ସବୁଠୁ ବିପଜ୍ଜନକ। ଏହା ପୃଥିବୀର କୋଟି କୋଟି ମହୁମାଛିଙ୍କ ମୃତ୍ୟୁର କାରଣ ହେଉଛି ବୋଲି ଅଭିଯୋଗ ହୋଇଆସୁଛି। ୨୦୧୪ରେ ଉକ୍ତ କୀଟନାଶକକୁ ବନ୍ଦ କରିବା ଲାଗି ମୁଁ ଆଇସିଏଆର୍‌ର ଏକ ବୈଠକ ଡାକିଥିଲି। କିନ୍ତୁ ଆଇସିଏଆର ମନା କରିଦେଲା, ଯଦିଓ ସେମାନେ ମହୁମାଛି ସଂଖ୍ୟା ଶୀଘ୍ର କମିଯାଉଛି ବୋଲି ସ୍ୱୀକାର କରିଥିଲେ। ଫଳ, ଶସ୍ୟ ଏବଂ ଫୁଲଠାରୁ କପା ଅଧିକ ଗୁରୁତ୍ୱପୂର୍ଣ୍ଣ, ଏହା ଥିଲା ସେମାନଙ୍କ ମତ। ଯଦି ମହୁମାଛି ସଂଖ୍ୟା ବହୁତ କମିଯିବ, ତେବେ ମହୁ ଉତ୍ପାଦନ କେମିତି ତିନିଗୁଣ ହେବ? ୨୦୧୩ ଯାଏ ମହୁ ଉତ୍ପାଦନର ଅଭିବୃଦ୍ଧି ହାର ଥିଲା ମାତ୍ର ୦-୪%। ୨୦୧୩ରୁ ୨୦୧୪ ମଧ୍ୟରେ ଏହା ତୀବ୍ର ଭାବେ ବଢ଼ି ୫.୩%ରୁ ୧୧.୧% ରେ ପହଞ୍ଚିଥିଲା! ବାସ୍ତବରେ ଏହା କେବେ ବି ହୋଇ ନ ଥିବ। କେମିତି ଶହ ଶହ ମହୁ କମ୍ପାନୀ ବଜାରକୁ ଆସିଛନ୍ତି? ଏହି ପ୍ରଶ୍ନ ସବୁବେଳେ ମୋତେ ଦ୍ୱନ୍ଦ୍ୱରେ ପକାଉଛି। ତେବେ ଗତ ମାସରେ ପରିବେଶ ପତ୍ରିକା 'ଡାଉନ ଟୁ ଆର୍ଥ' ମାସ ମାସ ଧରି ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ପରେ ଏହି ପ୍ରଶ୍ନର ଉତ୍ତର ଉପସ୍ଥାପନ କରିଛି। ତୁମେ ଏହାକୁ ପଢ଼ିବା ଦରକାର। ଆମେ ଖାଦ୍ୟ ଅପମିଶ୍ରଣକୁ ଗୁରୁତ୍ୱ ଦେଉନାହୁଁ। ଯେହେତୁ ଏହା ଏକ ବଡ଼ ଧରଣର ଦୁର୍ନୀତି , ସେଥିପାଇଁ ଏହା ଉପରେ ମୃତ୍ୟୁଦଣ୍ଡର ବ୍ୟବସ୍ଥା ହେବା ଉଚିତ।

ଖାଦ୍ୟ ମାନକ ନିର୍ଦ୍ଧାରଣ କରିବା ଦାୟିତ୍ୱରେ ସରକାରୀ ସଂସ୍ଥା ଦି ଫୁଡ୍ ସେଫ୍ଟି ଆଣ୍ଡ୍ ଷ୍ଟାଣ୍ଡାର୍ଡସ ଅଥରିଟି ଅଫ୍ ଇଣ୍ଡିଆ (ଏଫ୍ଏସ୍ଏସ୍ଏଆଇ) ରହିଛି। ମହୁରେ ମକା, ଆଖୁ, ରାଇସ ଏବଂ ବିଟରୁଟ୍ ସିରପ ଅପମିଶ୍ରଣ ଉପରେ ସି୩ ଏବଂ ସି୪ ଟେଷ୍ଟ ବା ପରୀକ୍ଷା ହେବା ଦରକାର ବୋଲି ୨୦୧୭ରେ ଏଫ୍ଏସ୍ଏସ୍ଏଆଇ ନିର୍ଦ୍ଦେଶ ଦେଇଥିଲା। ଏଗୁଡ଼ିକ ଥିଲା ଆଇସୋଟୋପ ଟେଷ୍ଟ, ଏସ୍ଏମ୍ଆର, ଟିଏମ୍ଆର, ଫରେନ ଓଲିଗୋସାକାରିଡେସ ଟେଷ୍ଟ ଏବଂ ପୋଲେନ କାଉଣ୍ଟ ବା ପରାଗ ଗଣନା ଟେଷ୍ଟ। ୨୦୧୯ରେ ଏଫ୍ଏସ୍ଏସ୍ଏଆଇ ଆଶ୍ଚର୍ଯ୍ୟଜନକ ଭାବେ ପରୀକ୍ଷା ସମ୍ପର୍କୀତ ମାନଦଣ୍ଡକୁ ସଂଶୋଧିତ ଓ କୋହଳ କରି ଏକ ନିୟମ ଆଣିଲା ଯାହା ଅପମିଶ୍ରଣକୁ ପ୍ରୋତ୍ସାହିତ କଲା। ଏହି ନିୟମ ବି ଅପମିଶ୍ରଣକୁ ଠାବ କରିପାରିଲା ନାହିଁ। ନ୍ୟାଶନାଲ ବି'ବୋର୍ଡର ନିର୍ଦ୍ଦେଶକ ଡାଉନ ଟୁ ଆର୍ଥକୁ କହିଥିଲେ ଯେ, ପୋଲେନ କାଉଣ୍ଟ ଟେଷ୍ଟ କମାଇ ଏଫ୍ଏସ୍ଏସ୍ଏଆଇ ମହୁ ଅପମିଶ୍ରଣକୁ ଆଇନସମ୍ମତ କରିଛି ଏବଂ ମକା ଓ ରାଇସ ସିରପକୁ ମହୁ ଭାବେ ବିକ୍ରି କରୁଛି। ଏହା ଦର୍ଶାଉଛି ଯେ, ଖାଉଟିଙ୍କୁ ଠକିବା ଏକ ପ୍ରକାର ବିଧିସମ୍ମତ ହୋଇଯାଇଛି। ଏବେ ମହୁ ବିକ୍ରି କରୁଥିବା କମ୍ପାନୀଗୁଡ଼ିକ ସଂଖ୍ୟା ଅତ୍ୟଧିକ ବୃଦ୍ଧି ପାଇଛି। ସେମାନେ ଭାରି କ୍ଷମତାଶାଳୀ ହୋଇଯାଇଛନ୍ତି। ସବୁଠୁ ଆଶ୍ଚର୍ଯ୍ୟର କଥା, ଏହି ମହୁ କମ୍ପାନୀଗୁଡ଼ିକ ଚାଷୀଙ୍କଠାରୁ ମହୁ କିଣିବା ବନ୍ଦ କରିଦେବାରୁ ଚାଷୀମାନେ ଦେବାଳିଆ ହୋଇଯାଇଛନ୍ତି। ଏଥିରୁ ଜଣାପଡୁଛି, ଆମ ଦେଶରେ ଥିବା ମହୁ କମ୍ପାନୀଗୁଡ଼ିକ ପ୍ରକୃତ ମହୁ ବ୍ୟବହାର କରୁନାହାନ୍ତି।

ମହୁ ବୋତଲରେ କ'ଣ ରହିଛି ତାହା ଦେଖିବା। ଚାଇନାରୁ ପ୍ରଚୁର ଫ୍ରୁକ୍ଟୋଜ ଏବଂ ଗ୍ଲୁକୋଜ ସିରପ ଭାରତ ଆମଦାନୀ କରୁଛି। ୨୦୧୪ରେ ୧୦,୦୦୦ ମେଟ୍ରିକ ଟନ୍ ସୁଗାର ସିରପ ଭାରତକୁ ଆସିଥିଲା। ୨୦୧୭ ସୁଦ୍ଧା ଏହା ୪,୩୦୦ ମେଟ୍ରିକ ଟନରୁ ଅଧିକ ରହିଥିଲା। 'ଫ୍ରୁକ୍ଟୋଜ ସିରପ', 'ହନି ବ୍ଲେଣ୍ଡ୍ ସିରପ', 'ଟାପିକୋ ଫ୍ରୁକ୍ଟୋଜ ସିରପ' ଏପରି କି 'ଫ୍ରୁକ୍ଟୋଜ ରାଇସ ସିରପ୍ ଫର୍ ହନି' ନାମରେ ଏହି ସିରପ ଆମଦାନୀ କରାଯାଉଥିଲା। ଭାରତର ଯେ କେହି ଆଲିବାବା, ଓକେମ ଏବଂ ଟ୍ରେଡ଼ହ୍ୱିଲର ମାର୍କେଟିଂ ପୋର୍ଟାଲରୁ ଚାଇନା କମ୍ପାନୀଗୁଡ଼ିକରୁ ଏମାନଙ୍କ ଅର୍ଡରକୁ ଦେଖିପାରିବେ। ଏଫ୍ଏସ୍ଏସ୍ଏଆଇ ସୁଗାର ଆମଦାନୀକାରୀଙ୍କ ପାଇଁ ଯେଉଁ ନିୟମ ଜାରି କରିଥିଲା ସେଥିରୁ ଚାଇନାରୁ ଆମଦାନୀ ହେଉଥିବା ସୁଗାର ମହୁ ଅପମିଶ୍ରଣରେ ବ୍ୟବହାର ହେବାର ପ୍ରମାଣ ବି ମିଳିଥିଲା। ୨୦୨୦ରେ ଏଫ୍ଏସ୍ଏସ୍ଏଆଇ ଘୋଷଣା କରିଥିବା ନ୍ୟୁକ୍ଲିୟାର ମ୍ୟାଗ୍ନେଟିକ ରିସୋନାନ୍ସ ସ୍ପେକ୍ଟ୍ରୋସ୍କୋପି (ଏନ୍ଏମ୍ଆର ) ଟେଷ୍ଟ ଏବେ ମହୁ ରପ୍ତାନିକାରୀ କମ୍ପାନୀଗୁଡ଼ିକ ପାଇଁ ବାଧ୍ୟତାମୂଳକ ହୋଇଛି। ତେବେ ଫ୍ରୁକ୍ଟୋଜ ସିରପ ଆମଦାନୀ ବନ୍ଦ ହେଲା ନାହିଁ, ବରଂ ଏହାର ନାମ ବଦଳିଗଲା। ଭାରତୀୟ କମ୍ପାନୀଗୁଡ଼ିକ ଏହି ସିରପ ଆମଦାନୀ କରୁଛନ୍ତି।

ଡାଉନ ଟୁ ଆର୍ଥ ଚାଇନାର ଦୁଇ ସପ୍ଲାୟର ଉହୁ ଫୁଡ୍ସ ଏବଂ ସିଏନ୍ଏନ୍ ଫୁଡ୍ସରୁ ନମୁନାଗୁଡ଼ିକୁ ଅନ୍‌ଲାଇନରେ ଅର୍ଡର କରିଥିଲା। ସବୁ ପ୍ରକାର ସରକାରୀ ଟେଷ୍ଟରେ ଏହି ସିରପଗୁଡ଼ିକ ପାସ୍ ହେବାକୁ ଚାହାନ୍ତି ବୋଲି ସ୍ୱତନ୍ତ୍ର ଭାବେ କହିଥିଲା। ଦୁଇଟିଯାକ କମ୍ପାନୀ କହିଥିଲେ ଯେ, ସେମାନଙ୍କ ଉତ୍ପାଦ ଯେକୌଣସି ଭାରତୀୟ ଟେଷ୍ଟରେ ସଫଳ ହୋଇପାରିବ। ଏପରି କି ଅପମିଶ୍ରଣ ସ୍ତର ୮୦% ଯାଏ ଥିଲେ ବି ଏହା ସମ୍ଭବ ହେବ। ଏହା ସହ ସେମାନେ ଜଣାଇଥିଲେ ଯେ, ଭାରତୀୟ ଆମଦାନୀକାରୀମାନେ ଏହି ସମାନ ପ୍ରତିଶତ ସେମାନଙ୍କ ମହୁରେ ବ୍ୟବହାର କରୁଛନ୍ତି। 'ଡାଉନ ଟୁ ଆର୍ଥ ' ଶୁଦ୍ଧ ମହୁ ନେଇ ତାହାକୁ ଚାଇନା ଓ ଭାରତର ଅପମିଶ୍ରଣକାରୀ ଉପାଦାନ ସହ ବିଭିନ୍ନ ଅନୁପାତରେ ୨୫%ରୁ ୭୫% ଯାଏ ମିଶାଇଥିଲା। ପରେ ଏହାକୁ ନ୍ୟାଶନାଲ ଡାଇରୀ ଡେଭଲପ୍‌ମେଣ୍ଟର ଗୁଜରାଟସ୍ଥିତ ସେଣ୍ଟର୍ ଫର୍ ଆନାଲିସିସ୍ ଆଣ୍ଡ୍ ଲର୍ଣ୍ଣିଂ ଇନ୍ ଲାଇଭ୍‌ଷ୍ଟକ ଆଣ୍ଡ୍ ଫୁଡ୍ (ସିଏଏଲ୍ଏଫ୍) ପରୀକ୍ଷାଗାରକୁ ପଠାଇଥିଲା। ୭୫% ପର୍ଯ୍ୟନ୍ତ ଅପମିଶ୍ରଣ ହୋଇଥିଲେ ମଧ୍ୟ ଏହା ଟେଷ୍ଟରେ ପାସ୍ କରିଥିଲା। ୨୦୨୦ ଅଗଷ୍ଟରେ ଡାଉନ୍ ଟୁ ଆର୍ଥ ବଜାରରେ ବିକ୍ରି ହେଉଥିବା ୧୩ କମ୍ପାନୀର ମହୁ କିଣି ସେଗୁଡ଼ିକୁ ଏହି ପରୀକ୍ଷାଗାରକୁ ମଧ୍ୟ ପଠାଇଥିଲା। କେବଳ ଏପିସ ହିମାଳୟ ହନି ବ୍ୟତୀତ ଆଉ ସବୁ ବଡ଼ କମ୍ପାନୀ ଟେଷ୍ଟରେ ପାସ୍ କରିଯାଇଥିଲେ। ସମ୍ଭବତଃ ଏପିସ ହିମାଳୟ କମ୍ପାନୀ ୭୫%ରୁ ଅଧିକ ଅପମିଶ୍ରଣ କରୁଛି। ତିନୋଟି ଛୋଟ କମ୍ପାନୀ ଡାବେବ, ହି ହନି ଏବଂ ସୋସାଇଟି ନାଚୁରାଲି ଏହି ପରୀକ୍ଷାରେ ଫେଲ୍ ବା ଅସଫଳ ହେଲେ। ଏପରି କି ସେମାନଙ୍କ ମହୁରେ ୨୦ରୁ ୨୭% ଚିନି ଥିଲା ବୋଲି ସି୩ ଟେଷ୍ଟରୁ ଜଣାପଡିଥିଲା। ଡାଉନ ଟୁ ଆର୍ଥ ଏଇଠି ତା' ଅଭିଯାନ ଅଟକାଇନାହିଁ। ସେମାନେ ସବୁ ବ୍ରାଣ୍ଡର ମହୁକୁ ଏନ୍ଏମ୍ଆର ଟେଷ୍ଟ ପାଇଁ ପଠାଇଲେ। ଏହି ପରୀକ୍ଷା ପାଇଁ ମୁମ୍ବାଇରେ କେବଳ ଗୋଟିଏ ସ୍ଥାନ ଏକ୍ସପୋର୍ଟ ଇନ୍ସପେକ୍ସନ କାଉନ୍‌ସିଲ୍ (ଇଆଇସି) ରହିଛି। ସେମାନେ ପରୀକ୍ଷା କରିବା ଲାଗି ମନା କରିଦେଲେ। ଏଣୁ ଡାଉନ୍ ଟୁ ଆର୍ଥ ଜର୍ମାନୀସ୍ଥିତ ଏକ ଜଣାଶୁଣା ପରୀକ୍ଷାଗାର ସହ ଯୋଗାଯୋଗ କରି ଏନ୍ଏମ୍ଆର ଟେଷ୍ଟ ପାଇଁ ଗୁଜରାଟରେ ନମୁନା ଟେଷ୍ଟରେ ପାସ କରିଥିବା ମହୁକୁ ପଠାଇଲେ। ୧୩ କମ୍ପାନୀର ୧୭ଟି ନମୁନା ପଠାଗଲା। ଏଗୁଡ଼ିକ ମଧ୍ୟରୁ କେବଳ ସାଫୋଲା, ମାର୍କଫେଡ ସୋହନା ଏବଂ ନେଚର୍ସ ନେକ୍ଟର କମ୍ପାନୀ ପରୀକ୍ଷାରେ ପାସ କଲେ। ଆଉ ସବୁ ଫେଲ୍ ହେଲେ। ଏପରିକି ଏନ୍ଏମ୍ଆର ଟେଷ୍ଟରେ ପାସ କରିଥିବା ସୂଚନା ଦେଇଥିବା ଡାବର କମ୍ପାନୀ ବି ଏଥିର ସାମିଲ ଥିଲା।

ଅନ୍ୟ କୌଣସି ଦେଶରେ ଅପମିଶ୍ରଣକାରୀଙ୍କୁ ଜେଲ୍‌ରେ ରଖାଯିବା ସହ କମ୍ପାନୀଗୁଡ଼ିକୁ ବନ୍ଦ କରିଦିଆଯାଇଥାଆନ୍ତା। ଡାଉନ ଟୁ ଆର୍ଥ ଅତି ସତର୍କତାର ସହ ଏହି ଗୁପ୍ତ ରହସ୍ୟ ପ୍ରକାଶ କରିଛି। କିନ୍ତୁ ଏଫ୍ଏସ୍ଏସ୍ଏଆଇ ଏହାକୁ ଅଣଦେଖା କରିଛି। ମହୁ କମ୍ପାନୀଗୁଡ଼ିକ ଅପମିଶ୍ରଣର ସର୍ବନିମ୍ନ ମାନକ ପୂରଣ କରିବାରେ ବି ଫେଲ୍ ହୋଇଛନ୍ତି। କିନ୍ତୁ ଏମାନଙ୍କ ବିରୋଧରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। କୋଭିଡ୍ ମହାମାରୀ ଲକ୍‌ଡାଉନ ସମୟରେ ଲୋକମାନେ ସ୍ୱାସ୍ଥ୍ୟରେ ଉନ୍ନତି ପାଇଁ ସବୁକିଛି ପଦକ୍ଷେପ ଗ୍ରହଣ କଲେ। ମାର୍ଚ୍ଚ ୨୦୨୦ରୁ ମହୁ ବିକ୍ରି ୩୫% ବଢ଼ିଗଲା। କିନ୍ତୁ ଲୋକମାନେ ଶରୀରକୁ ସୁସ୍ଥ ରଖିବା ପାଇଁ ମହୁ ବଦଳରେ ପ୍ରତିଦିନ ଚାମଚେ ସୁଗାର ସିରପ୍ ବା ବିଷରୁ ସେମାନଙ୍କ ଦିନ ଆରମ୍ଭ କରୁଥିଲେ। ଏ ସମ୍ପର୍କରେ ଜାଣିବା ପରେ ଯଦି ଆପଣମାନେ କ୍ରୋଧିତ ଏବଂ ଏଥିରେ କିଛି ପରିବର୍ତ୍ତନ ଆଣିବା ଲାଗି ଚାହୁଁଛନ୍ତି, ତେବେ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଇ-ମେଲ କିମ୍ବା ଟୁଇଟ୍ କରି ଜଣାନ୍ତୁ। ଚାଇନାରୁ ଆମଦାନୀ ହେଉଥିବା ସବୁ ସିରପ ଉପରେ ପ୍ରତିବନ୍ଧକ ଲଗାଇବା ସହ ଆମଦାନୀକାରୀ କମ୍ପାନୀଗୁଡ଼ିକୁ ବନ୍ଦ କରିବାକୁ କୁହନ୍ତୁ। ପ୍ରତ୍ୟେକ ମହୁ କମ୍ପାନୀ କେଉଁ ମହୁଚାଷୀ ମାନଙ୍କଠାରୁ ମହୁ କିଣୁଛନ୍ତି ତାହା ପ୍ରକାଶ କରିବା ଦରକାର। ପ୍ରତ୍ୟେକ ମହୁଚାଷୀଙ୍କୁ ଲାଇସେନ୍ସ ପ୍ରଦାନ କରାଯିବା ଉଚିତ। ଏହି ବ୍ୟବସ୍ଥା ୟୁରୋପରେ ଖାଦ୍ୟ ଉତ୍ପାଦଗୁଡ଼ିକ ଲାଗି ବାଧ୍ୟତାମୂଳକ କରାଯାଇଛି। ପରୀକ୍ଷା ପାଇଁ ଆବଶ୍ୟକ ମାନଦଣ୍ଡ, ଯାହାକୁ ଏଫ୍ଏସ୍ଏସ୍ଏଆଇ କମାଇଛି ତାହାକୁ ପୁଣି ଫେରାଇ ଆଣିବା ଦରକାର। ଏନ୍ଏମ୍ଆର ପରୀକ୍ଷାକୁ ବାଧ୍ୟତାମୂଳକ କରାଯିବା ଉଚିତ। ଏଫ୍ଏସ୍ଏସ୍ଏଆଇ ନିକଟରେ ମହୁ ଏବଂ ସିରପ ଉତ୍ପାଦକମାନଙ୍କ ସମ୍ପର୍କରେ କୌଣସି ତଥ୍ୟ ନାହିଁ। ପ୍ରଧାନମନ୍ତ୍ରୀଙ୍କ ଇକୋନୋମିକ୍ କାଉନ୍‌ସିଲ ଅଧୀନରେ ଥିବା ବି'କିପିଙ୍ଗ୍ ଡେଭଲପ୍‌ମେଣ୍ଟ କମିଟି ପାଖରେ ମହୁ ଉତ୍ପାଦନ, ବିକ୍ରି କିମ୍ବା ମହୁଚାଷୀମାନଙ୍କ ବିଷୟରେ କିଛି ବି ତଥ୍ୟ ନାହିଁ!

Email: gandhim@nic.in

## ଏଇ ଭାରତରେ

୨୦୧୦ରୁ ଭାରତରେ ବାୟୁ ପ୍ରଦୂଷଣ ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗିଛି। ଅତ୍ୟଧିକ କାର୍ବନ ନିର୍ଗମନ ହେତୁ ଏଭଳି ପରିସ୍ଥିତି ଉପୁଜିଛି। ଏହାକୁ ରୋକିବା ପାଇଁ ସରକାରୀ ସ୍ତରରେ ଯାହା ପଦକ୍ଷେପ ନିଆଯାଇଥାଉ ନା କହିଁକି, ବ୍ୟକ୍ତିଗତ ସ୍ତରରେ ତେଜସ ସିଦନଲଙ୍କ ଭୂମିକା ପ୍ରଶଂସନୀୟ। ତେଜସ ମୁମ୍ବାଇରେ କାର୍ବନ କ୍ରାଫ୍ଟ ଡିଜାଇନ ଷ୍ଟାର୍ଟଅପ ପ୍ରତିଷ୍ଠା କରି ପ୍ରଦୂଷିତ ବାୟୁରୁ ଟାଇଲ ପ୍ରସ୍ତୁତ କରୁଛନ୍ତି। ୨୦୧୯ରେ ସେ ଏହି ଷ୍ଟାର୍ଟଅପ ପ୍ରତିଷ୍ଠା କରିଥିଲେ। ତିନୋଟି ସୋପାନରେ ସେ ଏହି ଟାଇଲ ନିର୍ମାଣ କରୁଛନ୍ତି। ପ୍ରଥମେ ପ୍ରଦୂଷିତ ବାୟୁର ଘନ ଧୂଆଁରୁ କାର୍ବନକଣିକା ସଂଗ୍ରହ କରାଯାଉଛି। ତାହାକୁ ପ୍ରୋସେସ କରାଯାଇ ଶେଷରେ ଟାଇଲ ତିଆରି ହେଉଛି। ଅନ୍ୟସବୁ ଟାଇଲ ନିର୍ମାଣରେ ଯେତିକି ଶକ୍ତି ଉପଯୋଗ ହେଉଛି ତା' ତୁଳନାରେ ଏଥିରେ ୫ ଭାଗରୁ ଭାଗେ ଶକ୍ତି ଆବଶ୍ୟକ ପଡୁଛି। ଗୋଟିଏ ଟାଇଲ ତିଆରି କରିବା ଯୋଗୁ ପ୍ରଦୂଷିତ ବାୟୁରୁ ୩୦,୦୦୦ଲିଟର କାର୍ବନ କମାଯାଇପାରୁଛି। ଏହି ପଦ୍ଧତି ସମ୍ପୂର୍ଣ୍ଣ ବର୍ଜ୍ୟମୁକ୍ତ। ଟାଇଲ୍ ନିର୍ମାଣରେ ତେଜସ ବହୁ ଲୋକଙ୍କୁ ମଧ୍ୟ ନିଯୁକ୍ତି ଦେଇଛନ୍ତି। ବିଶ୍ୱର ସବୁଠୁ ପ୍ରଦୂଷିତ ୨୦ଟି ସହର ମଧ୍ୟରେ ଭାରତର ୧୪ଟି ସହର ରହିଛି। ଏଣୁ ତେଜସଙ୍କ ପଦ୍ଧତିକୁ ବ୍ୟାପକ କରାଗଲେ ଭାରତର ସହରଗୁଡ଼ିକରୁ ବହୁମାତ୍ରାରେ ପ୍ରଦୂଷଣ କମାଯାଇପାରିବ।

## ୨୫ ବର୍ଷ ତଳର ଧରିତ୍ରୀ

୪ ଫେବୃୟାରୀ ୧୯୯୬

- ଖଣି କ୍ଷେତ୍ରକୁ ଅଧିକ ସରକାରୀ ସହାୟତା ଦିଆଯିବା ନେଇ ରୁଷ ସରକାରଙ୍କ ଘୋଷଣା ପରେ ପ୍ରସ୍ତାବିତ ଶ୍ରମିକ ଧର୍ମଘଟ ପ୍ରତ୍ୟାହୃତ।
- ଦରମା ସଂଶୋଧନ ଦାବିକରି ପଶ୍ଚିମ ଆଫ୍ରିକା ରାଷ୍ଟ୍ର ଗିନିର ଅସନ୍ତୁଷ୍ଟ ସୈନ୍ୟମାନେ ରାଷ୍ଟ୍ରପତି ଲାନସାନା କୋଣ୍ଟେଙ୍କୁ ଗାଦିଚ୍ୟୁତ କରିବାକୁ ଉଦ୍ୟମ କରି ରାଷ୍ଟ୍ରପତି ଭବନରେ ନିଆଁ ଲଗାଇ ଦେଇଛନ୍ତି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | C | | | | | | | | | 4 | |
| 9 | 7 | B | | E | D | | | A | | | | | | |
| | C | | | 6 | | 5 | 2 | | | | 1 | | 3 | |
| | 1 | | | | 8 | | | | A | D | | | C | |
| | | | | | | | D | | 7 | | | 9 | E | 2 |
| | | | | | E | | | 0 | 8 | 1 | C | 5 | | |
| E | 3 | | | | C | 7 | 6 | 5 | D | | | | | 8 |
| 7 | | | | | 2 | | B | | | | 4 | 3 | | |
| | | | | | | 1 | 3 | | 0 | 6 | | 4 | | A |
| 4 | | A | | | 7 | | | | 9 | | | | 0 | |
| | | | B | | 1 | | 0 | 8 | | 4 | | 2 | | 9 |
| | | | | | | | | D | | | B | 8 | 5 | |
| 8 | | | | | 9 | | | | | 7 | | 1 | | |
| A | | 6 | | 8 | | | | | 3 | | 9 | | D | E |
| | 4 | | | | | 2 | E | B | | C | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 6 | C | 2 | 9 | 4 | A | 7 | 5 | 3 | E | D | 8 | B | 0 |
| B | 2 | 7 | 0 | C | D | 4 | 3 | 8 | 9 | 1 | A | 5 | 6 | E |
| E | 3 | A | 6 | 5 | 7 | B | 9 | C | 8 | 4 | 0 | D | 1 | 2 |
| 8 | 4 | 0 | 3 | 1 | A | E | 2 | D | B | 6 | 5 | C | 7 | 9 |
| 5 | 9 | D | B | E | 8 | 0 | 1 | 6 | C | 7 | 2 | 3 | 4 | A |
| 6 | C | 2 | D | 8 | 5 | 9 | B | 1 | 0 | A | 7 | 4 | E | 3 |
| 3 | 5 | 1 | C | A | E | 6 | 8 | 0 | 2 | B | 4 | 7 | 9 | D |
| 7 | 0 | B | 4 | 6 | 9 | 5 | D | A | 1 | 3 | E | 2 | 8 | C |
| A | E | 8 | 7 | 3 | B | 2 | C | 4 | D | 5 | 9 | 1 | 0 | 6 |
| 4 | D | 9 | 1 | 2 | 0 | 3 | E | 7 | 6 | 8 | C | B | A | 5 |
| 9 | 1 | 4 | 8 | 0 | 6 | 7 | A | 2 | 5 | C | 3 | E | D | B |
| 2 | 8 | 6 | A | 4 | 3 | C | 0 | E | 7 | D | B | 9 | 5 | 1 |
| D | A | 3 | 9 | 7 | 1 | 8 | 5 | B | E | 2 | 6 | 0 | C | 4 |
| C | B | 5 | E | D | 2 | 1 | 6 | 9 | 4 | 0 | 8 | A | 3 | 7 |
| 0 | 7 | E | 5 | B | C | D | 4 | 3 | A | 9 | 1 | 6 | 2 | 8 |

ଗତ କାଲିର ଉତ୍ତର

# ସଡ଼କ ନିରାପତ୍ତାର ଆହ୍ୱାନ



ଇପ୍ସିତା ମହାନ୍ତି

ପ୍ରତି ମୁହୂର୍ତ୍ତରେ ଆମ ଦେଶର କୋଣ ଅନୁକୋଣରେ ଘଟିଚାଲିଛି ଛୋଟବଡ଼ ସଡ଼କ ଦୁର୍ଘଟଣା। ବର୍ଷକୁ ବର୍ଷ ଦେଶରେ ଏଥିଜନିତ ସାଧାରଣ ଆହତ, ଗୁରୁତର ଆହତ ଓ ମୃତାହତଙ୍କ ସଂଖ୍ୟା ବି ବୃଦ୍ଧି ପାଇବାରେ ଲାଗିଛି। ପ୍ରଶ୍ନ ହେଉଛି ଏସବୁ ସଡ଼କ ଦୁର୍ଘଟଣା କ'ଣ ଭାରତୀୟଙ୍କ ପାଇଁ ନିୟତିର ଖେଳ ନା ଭାଗ୍ୟର ବିଡ଼ମ୍ବନା ? ଟ୍ରାଫିକ ନିୟମକୁ ଅବମାନନା କରିବାର ଅଭ୍ୟାସ ଏକ ପ୍ରକାରର ମନୋରଞ୍ଜନର କ୍ଷେତ୍ର ପାଲଟି ଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ଏମାନଙ୍କର ଲଗାମହୀନ ଗାଡ଼ି କେତେବେଳେ ରାସ୍ତା କଡ଼ରେ ଶୋଇଥିବା ପ୍ରବାସୀ ଶ୍ରମିକଙ୍କ ଉପରେ ଚଢ଼ି ଯାଇଥାଏ ତ ଆଉ କେତେବେଳେ ରାସ୍ତାକଡ଼ର ଘର ଭିତରକୁ ଧସେଇ ପଶି ଲୋକଙ୍କ ଜୀବନ ନେଇଯାଇଥାଏ।

ଗମନାଗମନ, ପରିବହନ ସହ ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ଯେଉଁଭଳି ସଡ଼କ ପଥ ଆବଶ୍ୟକ, ତାହା ଏପର୍ଯ୍ୟନ୍ତ ଆମ ଦେଶରେ ନିର୍ମାଣ ହୋଇପାରିନାହିଁ। ସଡ଼କପଥର ସମସ୍ତ ବିଶୃଙ୍ଖଳା ଆମ ସମାଜର ବିଶୃଙ୍ଖଳାକୁ ପ୍ରତିପାଦିତ କରୁଅଛି। ସାରାଦୁନିଆରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁରେ ଭାରତ ସର୍ବାଗ୍ରେ ରହିଛି ବୋଲି ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତା' ରିପୋର୍ଟରେ ପ୍ରକାଶ କରିଛି। ତଦନୁଯାୟୀ ୨୦୧୯ରେ ଆମଦେଶରେ ପ୍ରାୟ ୪.୮୧ ଲକ୍ଷ ସଡ଼କ ଦୁର୍ଘଟଣା ଘଟିଥିଲା ; ଯେଉଁଥିରେ ୧.୫୧ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିଲା। ଏହି ମାମଲାରେ ୨ୟ ସ୍ଥାନରେ ଆମ ପଛକୁ ଚାଇନା ରହିଅଛି। ବିଭିନ୍ନ ସରକାରୀ ଓ ବେସରକାରୀ ସର୍ବେକ୍ଷଣର ତଥ୍ୟ ଅନୁସାରେ ଆମଦେଶରେ ପ୍ରତିବର୍ଷ ସଡ଼କ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଇ ଚାଲିଛି। ଏହାର ଅର୍ଥ ନୁହେଁ ଯେ, ଟ୍ରାଫିକକୁ ନିୟନ୍ତ୍ରଣ କରିବା ପାଇଁ ଆମ ଦେଶରେ ଆଇନକାନୁନ୍‌ର ସେଭଳି କିଛି ଅଭାବ ରହିଛି।

ବାସ୍ତବିକ ସବୁ ସ୍ତରରେ ସମ୍ବେଦନଶୀଳତା ସହ ଆଇନ ପ୍ରତି ସମ୍ମାନର ଅଭାବ ହେଉଛି ସଡ଼କ ଦୁର୍ଘଟଣାର ପ୍ରକୃତ ସମସ୍ୟା। ପୁଣି ଲାଇସେନ୍ସ ପ୍ରଣାଳୀରେ ଘୋର ଅନିୟମିତତା ତଥା ବ୍ୟକ୍ତିଗତ ସ୍ୱଚ୍ଛନ୍ଦତା ଏବଂ ଅନୁଶାସନହୀନତା ମଧ୍ୟ ସଡ଼କ ଦୁର୍ଘଟଣାର ଅନ୍ୟତମ କାରଣ। ସେହିପରି ବେପରୁଆ ଗାଡ଼ି ଚାଳନା ଯଦିଓ ଏକ ପ୍ରମୁଖ କାରଣ ହୋଇପାରେ କିନ୍ତୁ ନାବାଳକ ଚାଳକ, ମଦ୍ୟପାନ କରି ଗାଡ଼ି ଚଳାଇବା, ବୁଲା ଜୀବଜନ୍ତୁ ହଠାତ୍ ଗାଡ଼ି ସମ୍ମୁଖକୁ ଚାଲି ଆସିବା, ତ୍ରୁଟିପୂର୍ଣ୍ଣ ରାସ୍ତା ନିର୍ମାଣ, ଖାଲଖମା ଓ ବିପର୍ଯ୍ୟସ୍ତ ସଡ଼କ ପଥ ମଧ୍ୟ ସଡ଼କ ଦୁର୍ଘଟଣା ଘଟିବାର ଗୋଟିଏ ଗୋଟିଏ ପ୍ରମୁଖ କାରଣ। କିଛି ମାସତଳେ କୋରାପୁଟ ଜିଲାର ଜୟପୁର-ବୋରିଗୁମ୍ମା ଜାତୀୟ ରାଜପଥରେ ଜଣେ ମହିଳା ନିଜ ସ୍ୱାମୀଙ୍କ ମୋଟରସାଇକେଲରେ ବସି ଘରକୁ ଫେରୁଥିଲେ। ଖାଲଖମାରେ ପରିପୂର୍ଣ୍ଣ ଏହି ଜାତୀୟ ରାଜପଥରେ ସନ୍ତୁଳନ ରକ୍ଷା କରି ନ ପାରି ମହିଳା ଜଣକ ମୋଟରସାଇକେଲରୁ ଖସିପଡିବା ଯୋଗୁ ତାଙ୍କର ମୃତ୍ୟୁ ଘଟିଥିଲା କହିଲେ ଦେଖି ଏଭଳି ସଡ଼କ ଦୁର୍ଘଟଣା ପାଇଁ ଆମେ କାହାକୁ ଦାୟୀ କରିବା ? ଚାଳକ, ସ୍ଥାନୀୟ ପ୍ରଶାସନ, ସରକାର, ଜନ ପ୍ରତିନିଧି, ରାଜପଥ କର୍ତ୍ତୃପକ୍ଷ, ସଂପୃକ୍ତ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରୁ ପ୍ରକୃତରେ ଏଥିପାଇଁ କିଏ ଦାୟୀ ? ନା ଠିକ୍ ରୂପେ ବସି ପାରି ନ ଥିବା ସେହି ମହିଳା ଜଣକ ଦାୟୀ। ଏସବୁ ପ୍ରଶ୍ନର ଉତ୍ତର ଖୋଜି ଚାଲିଲେ ସଡ଼କ ଦୁର୍ଘଟଣାର ସମସ୍ତ କାରଣ ନିକଟରେ ଆମେ ପହଞ୍ଚି ଯିବା।

ଟ୍ରାଫିକ ନିୟମ କଡ଼ାକଡ଼ି କରିଦେଲେ ବା ଲକ୍ଷାଧିକ ଟଙ୍କା ଜରିମାନା ସ୍ୱରୂପ ଆଦାୟ କରିଦେଲେ ଯେ ସଡ଼କ ଦୁର୍ଘଟଣା ଥମିଯିବ ଏହାର କୌଣସି ଗ୍ୟାରେଣ୍ଟି ନାହିଁ। ସରକାର ମଦବିକ୍ରି ବନ୍ଦ କରିବା ସହିତ ନିୟମିତ ବ୍ୟବଧାନରେ ସଡ଼କପଥର ମରାମତି ଓ ନିର୍ମାଣ କାର୍ଯ୍ୟ ପ୍ରତି ଗୁରୁତ୍ୱ ଦେଲେ ସଡ଼କ ଦୁର୍ଘଟଣାଜନିତ କ୍ଷୟକ୍ଷତି ଯଥେଷ୍ଟ ପରିମାଣରେ ହ୍ରାସ ପାଇବ। କାରଣ ଏକ ଆକଳନ ଅନୁଯାୟୀ ଆମ ଦେଶର ଅର୍ଦ୍ଧାଧିକ ସଡ଼କ ଦୁର୍ଘଟଣା ମଦ୍ୟପାନ କରି ଗାଡ଼ି ଚାଳନା କରୁଥିବାରୁ ଘଟୁଥିବା ବେଳେ ନିମ୍ନମାନର ସଡ଼କ ପଥ ଯୋଗୁ ପ୍ରାୟ ୨୦ପ୍ରତିଶତ ଦୁର୍ଘଟଣା ଘଟୁଅଛି। ବାରମ୍ବାର ଦୁର୍ଘଟଣା ଘଟୁଥିବା ସ୍ଥାନକୁ ଚିହ୍ନଟ କରି, ସେହି ସ୍ଥାନରେ ସତର୍କ ସୂଚନାର ଫଳକ ଲଗାଇବା ଏବଂ ଆବଶ୍ୟକ ସ୍ଥଳେ ସେହି ରାସ୍ତାର ନିର୍ମାଣ ଢାଞ୍ଚାରେ ପରିବର୍ତ୍ତନ କରିବା ଦ୍ୱାରା ଦୁର୍ଘଟଣାକୁ ରୋକାଯାଇ ପାରିବ।

ଭାରତରେ ପ୍ରତିବର୍ଷ ସଡ଼କ ଦୁର୍ଘଟଣାରେ ୧ଲକ୍ଷ ୩୮ହଜାର ଲୋକ ପ୍ରାଣ ହରାଉଛନ୍ତି ବୋଲି ତତ୍କାଳୀନ ଗୃହସଚିବ ଜି.କେ. ପିଲ୍ଲେ କହିଥିଲେ। ବର୍ତ୍ତମାନ ଏହି ସଂଖ୍ୟା ଦେଢ଼ ଲକ୍ଷ ଡେଇଁ ସାରିଲାଣି ଅର୍ଥାତ୍ ଏଠାରେ ପ୍ରତିଦିନ ପ୍ରାୟ ୩ହଜାର ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। ଏଥିରୁ ସ୍ପଷ୍ଟ ଯେ ସଡକ ଦୁର୍ଘଟଣା ଆମଦେଶର ଏକ ବଡ ସମସ୍ୟା। ତେଣୁ କେନ୍ଦ୍ରୀୟ ମନ୍ତ୍ରଣାଳୟକୁ ସଡ଼କ ଦୁର୍ଘଟଣା ସମ୍ପର୍କରେ ଚିନ୍ତା କରିବା ଆବଶ୍ୟକ। ପ୍ରତିବର୍ଷ ସଡ଼କ ଦୁର୍ଘଟଣାରେ ପ୍ରାୟ ୩୦ଲକ୍ଷ ଲୋକ ଆହତ ହେଉଛନ୍ତି। ଆହତଜନିତ ଅସୁସ୍ଥତା ଓ ଅକର୍ମଣ୍ୟତା ଯୋଗୁଁ ଏମାନଙ୍କ ମଧ୍ୟରୁ ଅନେକଙ୍କୁ କେବଳ ନିଜ ଚାକିରି ହିଁ ନୁହେଁ ଜୀବିକା ବି ହରାଇବାକୁ ପଡୁଛି। ପୁଣି ବୀମା କମ୍ପାନୀକୁ ବୀମାରାଶି ବାବଦରେ ପ୍ରଚୁର ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି। ପିଲ୍ଲେଙ୍କ ମତରେ ଦେଶର ଆର୍ଥିକ ବ୍ୟାପାରରେ ବି ଏହା ଖରାପ ପ୍ରଭାବ ପକାଉଛି। ଏକ ଆକଳନ ଅନୁଯାୟୀ, ଏସବୁ ଦୁର୍ଘଟଣାରେ ଆମଦେଶକୁ ବାର୍ଷିକ ୨୦ବିଲିୟନ ଡଲାରର ଅର୍ଥ ଖର୍ଚ୍ଚ କରିବାକୁ ପଡିଥାଏ। କେବଳ ଦିଲ୍ଲୀର ସଡ଼କରେ ହିଁ ପ୍ରତିବର୍ଷ ୩୮ହଜାର ନୂଆ କାର୍ ଗଡ଼ିଥାଏ। ଏହି ଦୃଷ୍ଟିରୁ ଯେତେ ସଡ଼କପଥ କିମ୍ବା ଫ୍ଲାଏଓଭର ନିର୍ମାଣ କଲେ ମଧ୍ୟ ଟ୍ରାଫିକ ସମସ୍ୟା ହ୍ରାସ ପାଇବ ନାହିଁ। ସଡ଼କ ଦୁର୍ଘଟଣାର ନିୟନ୍ତ୍ରଣ ପାଇଁ ମୋଟରଯାନ ନିୟମକୁ କଡ଼ାକଡ଼ି କରିବାକୁ ଚେଷ୍ଟା କରୁଥିବା କଥା କେନ୍ଦ୍ର ସରକାର କହି ଚାଲିଛନ୍ତି। ଏ କ୍ଷେତ୍ରରେ ଲୋକଙ୍କ ଜୀବନ ରକ୍ଷା ପାଇଁ ପ୍ରବର୍ତ୍ତନ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଥିବା କଥାକୁ ସ୍ୱୀକାର କରିଛନ୍ତି।

ଦୁର୍ଘଟଣାକୁ ରୋକିବା ପାଇଁ ଆଜି ଅନେକ ସଂସ୍ଥା ବୈଷୟିକ ଅନୁସନ୍ଧାନ ଚଳାଇଛନ୍ତି। ତାମିଲନାଡୁର କୋଏମ୍ବାଟୁରରେ ଥିବା ଆନ୍ନା ୟୁନିଭରସିଟି ଅଫ୍ ଟେକ୍ନୋଲୋଜିର ଅନୁସନ୍ଧାନକାରୀ ଦଳ ଏପରି ଏକ କୌଶଳ ପ୍ରସ୍ତୁତ କରିଛନ୍ତି, ଯାହା ଗାଡ଼ି ଚଳାଇବା ସମୟରେ ଫୋନ ଆସିଲେ ମୋବାଇଲକୁ ଜାମ କରିଦେବ। ଏଭଳି କୌଶଳ ନିହାତି ଭାବେ ସଡ଼କ ଦୁର୍ଘଟଣାକୁ ରୋକିବାରେ କିଛି ମାତ୍ରାରେ ସହାୟକ ହୋଇପାରିବ। କିନ୍ତୁ ଯେଉଁଦିନ ଲୋକଙ୍କ ମାନସିକତା ଓ ଚିନ୍ତାଧାରାରେ ପରିବର୍ତ୍ତନ ଆସିଯିବ, ସେହିଦିନ ସଡ଼କ ଦୁର୍ଘଟଣା ଅନେକାଂଶରେ ହ୍ରାସ ପାଇବ। ଏହା ହେଉଛି ସଡ଼କ ଦୁର୍ଘଟଣାକୁ ରୋକିବାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ। ସଡ଼କ ଦୁର୍ଘଟଣାରେ ମହାରାଷ୍ଟ୍ରର ପୂର୍ବତନ ଉପମୁଖ୍ୟ ମନ୍ତ୍ରୀ ଗୋପୀନାଥ ମୁଣ୍ଡେଙ୍କ ମୃତ୍ୟୁ ପରେ ପରେ କେନ୍ଦ୍ର ସରକାର ଏ ଦିଗରେ ଠୋସ ପଦକ୍ଷେପ ନେବା ଆରମ୍ଭ କରିଥିଲେ। ହେଲେ କାର୍ଯ୍ୟକାରିତାର ଅଭାବ ଯୋଗୁ ଏଭଳି ଦୁର୍ଘଟଣା ଆଜି ବି ଆମ ଦେଶର ସଡ଼କ ଉପରେ ଘଟିଚାଲିଛି।

ବୈପାରୀଗୁଡ଼ା, କୋରାପୁଟ,
ମୋ-୬୩୭୦୬୭୯୪୦୫

## ପାଠକ ଶ୍ରେଷ୍ଠ ବିଚାରକ

### ବ୍ୟବସାୟୀଙ୍କ ସ୍ୱାର୍ଥରେ ଆଇନ

ମହାଶୟ,

କେନ୍ଦ୍ର ସରକାର ପ୍ରଣୟନ କରିଥିବା ତିନୋଟି କୃଷି ସଂସ୍କାର ଆଇନକୁ ନେଇ ସମଗ୍ର ଦେଶରେ ବିବାଦ ସୃଷ୍ଟି ହୋଇଛି ଓ ଏହା ଉପରେ ଦୁଇମାସରୁ ଊର୍ଦ୍ଧ୍ୱ ହେବ ଆନ୍ଦୋଳନ ଚାଲିଛି। ତା' ମଧ୍ୟରେ ତୃତୀୟ ଆଇନଟି ହେଉଛି ଏସେନ୍‌ସିଆଲ କମୋଡିଟିସ (ଆମେଣ୍ଡମେଣ୍ଟ) ଆକ୍ଟ ୨୦୨୦ ବା ଅତ୍ୟାବଶ୍ୟକ ସାମଗ୍ରୀ (ସଂଶୋଧନ) ଆଇନ, ୨୦୨୦ । ପ୍ରଥମ ଦୁଇଟି ଆଇନ କୃଷକ ସମ୍ପର୍କିତ ହୋଇଥିବାବେଳେ ତୃତୀୟ ଆଇନଟି କୃଷକ ଓ ଖାଉଟିଙ୍କ ସ୍ୱାର୍ଥ ସମ୍ପର୍କିତ। ଏହି ଆଇନରେ ଥିବା ବ୍ୟବସ୍ଥା ଅନୁସାରେ ଆଳୁ, ପିଆଜ, ଡାଲି ଓ ଖାଇବା ତେଲ ପରି ୧୪ଟି ଅତ୍ୟାବଶ୍ୟକ ସାମଗ୍ରୀକୁ ବ୍ୟବସାୟୀମାନେ ସେମାନଙ୍କ ଭଣ୍ଡାରଘରେ ରଖିବାର ସର୍ବୋଚ୍ଚ ସୀମାକୁ ହଟାଇ ଦିଆଯାଇଛି। ଏ କ୍ଷେତ୍ରରେ ସରକାରଙ୍କ ମଧ୍ୟ କୌଣସି ନିୟନ୍ତ୍ରଣ ରହିବ ନାହିଁ। ଏଭଳି ବ୍ୟବସ୍ଥା କୃଷକ ଓ ଖାଉଟିଙ୍କ ସ୍ୱାର୍ଥ ଅପେକ୍ଷା ବ୍ୟବସାୟିକଙ୍କର ଅଧିକ ସ୍ୱାର୍ଥସାଧନ କରିବ। ଏହାର କାରଣ ବ୍ୟବସାୟୀମାନେ ଅଧିକ ଲାଭ ଆଶାରେ ଜିନିଷ ମହଜୁଦ ରଖି ବଜାରରେ କୃତ୍ରିମ ଅଭାବ ସୃଷ୍ଟି କରିବାରେ ସିଦ୍ଧ ହସ୍ତ। ଗତ କିଛି ମାସ ମଧ୍ୟରେ ଆଳୁ, ପିଆଜ, ଡାଲି ଓ ଖାଇବା ତେଲର ଆକାଶଛୁଆଁ ମୂଲ୍ୟବୃଦ୍ଧି ଘଟି ଏହି ଆଶଙ୍କାକୁ ସତ୍ୟ ପ୍ରମାଣିତ କରସାରିଛି।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

# ମଧୁବାବୁ କାହା ଦୃଷ୍ଟିରେ କିପରି



ଦିଲ୍ଲୀପ ଦାଶଶର୍ମା

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ୧୯୩୪ ମସିହା ଫେବୃୟାରୀ ମାସ ୪ ତାରିଖ ଦିନ ମହାପ୍ରୟାଣ ହୋଇଥିଲା। ସେହି ସମୟରେ ତାଙ୍କର ବହୁ ଭାରତୀୟ ଓ ଇଉରୋପୀୟ ବନ୍ଧୁ, ଉଚ୍ଚ ପଦାଧିକାରୀ ଏବଂ ବିଶିଷ୍ଟ ବ୍ୟକ୍ତି ସେମାନଙ୍କର ଶୋକବାର୍ତ୍ତା ମଧୁବାବୁଙ୍କ ପାଳିତ କନ୍ୟା ଶୈଳବାଳା ଦାସଙ୍କ ନିକଟକୁ ପଠାଇଥିଲେ। ମଧୁବାବୁଙ୍କ ସମ୍ପର୍କରେ କିଛି ସ୍ମୃତିକଥା ଲେଖି ପଠାଇବା ପାଇଁ ଶୈଳବାଳା ସେମାନଙ୍କୁ ଅନୁରୋଧ କରିଥିଲେ। ଅନୁରୋଧ ରକ୍ଷାକରି ସେମାନେ ତାଙ୍କୁ ଯେଭଳି ଜାଣିଥିଲେ ତାହା ଲେଖି ପଠାଇଲେ। ମଧୁବାବୁଙ୍କୁ ବିଶିଷ୍ଟ ବ୍ୟକ୍ତିମାନେ ଯେଭଳି ଜାଣିଥିଲେ ତାହା ପାଠକମାନେ ଜାଣିବା ପାଇଁ ପ୍ରାୟ ୨୧ ବର୍ଷ ପରେ ଏ ସମସ୍ତ ଲେଖାକୁ ଏକ ପୁସ୍ତକ ଭାବରେ ଶୈଳବାଳା ସଙ୍କଳନ କରିଥିଲେ। ଏହି ପୁସ୍ତକର ନାମ ରଖିଥିଲେ 'ଲାଇଫ୍ ଅଫ୍ ମଧୁସୂଦନ ଦାସ ଆଜ୍ ସିନ୍ ବାଇ ମେନି ଆଇଜ୍'। ଏହି ଇଂଲିଶ ପୁସ୍ତକକୁ ୨୦୦୯ରେ ପଦ୍ମଚରଣ ନାୟକ ପ୍ରଥମେ ଓଡ଼ିଆରେ ଅନୁବାଦ କରିଥିଲେ ଓ ଏହି ଓଡ଼ିଆ ପୁସ୍ତକର ନାମ ରଖିଥିଲେ 'ଚିରବନ୍ଦନୀୟ'। ଏହି ପୁସ୍ତକରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ମହାନ୍ ବ୍ୟକ୍ତିମାନେ କିପରି ଜାଣିଥିଲେ ତାହା ଆଲୋଚନା କରିବା।

ମହାତ୍ମା ଗାନ୍ଧୀ ମଧୁସୂଦନ ଦାସଙ୍କୁ ତାଙ୍କ ଶ୍ରଦ୍ଧାଞ୍ଜଳି ପତ୍ରରେ ଜଣେ ମହାନ୍ ଦେଶପ୍ରେମୀ ବୋଲି ବର୍ଣ୍ଣନା କରିବା ସହିତ ମଧୁବାବୁଙ୍କ ସହିତ ମିଶିବାକୁ ତାଙ୍କର ସୌଭାଗ୍ୟ ବୋଲି କହିଥିଲେ। ଭାରତବର୍ଷର ପ୍ରଥମ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ ଲେଖିଥିଲେ ଯେ, ବିହାର ଛାତ୍ର ସମ୍ମିଳନୀ (ଯେଉଁଥିରେ ମଧୁବାବୁ ସଭାପତିତ୍ୱ କରିଥିଲେ)କୁ ରେଳଗାଡି ଓ ଷ୍ଟିମରରେ ଏକାଠି ଯିବା ସମୟରେ ଦୁଇଜଣଙ୍କ ମଧ୍ୟରେ ଯେଉଁ ଆଳାପ ହୋଇଥିଲା ସେଥିରୁ ସେ ମଧୁବାବୁଙ୍କର ବ୍ୟକ୍ତିତ୍ୱ, ବୌଦ୍ଧିକ ଗଭୀରତା, ଭୟଶୂନ୍ୟତା ଓ ଦେଶପ୍ରେମର ପରିଚୟ ପାଇଥିଲେ। କଲିକତା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଶ୍ୟାମା ପ୍ରସାଦ ମୁଖାର୍ଜୀ ନିଜ ଲେଖାରେ ମଧୁସୂଦନ ଦାସ ତାଙ୍କ ପିତା ଆଶୁତୋଷ ମୁଖାର୍ଜୀଙ୍କ ଗୁରୁ ଥିଲେ ବୋଲି ପ୍ରକାଶ କରିବା ସହିତ ମଧୁବାବୁଙ୍କର ସହୃଦୟତାର ଅନୁଭୂତି ବର୍ଣ୍ଣନା କରିଥିଲେ। ବିହାରର ପୂର୍ବତନ ପ୍ରଧାନମନ୍ତ୍ରୀ ମି.ଏମ୍. ୟୁନୁସ୍ ମଧୁବାବୁଙ୍କୁ ଭାରତବର୍ଷର ଜଣେ ମହାନ୍ ଦେଶପ୍ରେମୀ କହିବା, ଶିଳ୍ପର ବିକାଶ ପାଇଁ ଅଶେଷ ତ୍ୟାଗ ସ୍ୱୀକାର କରିବା କଥା ସହ ଉତ୍କଳ ଟ୍ୟାନେରୀ ବିଷୟରେ ବର୍ଣ୍ଣନା କରିଥିଲେ। ଓଡ଼ିଶାର ପୂର୍ବତନ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସ ମଧୁସୂଦନଙ୍କୁ ଆଧୁନିକ ଓଡ଼ିଶାର ସ୍ରଷ୍ଟା ବୋଲି କହିଥିଲେ। ପଣ୍ଡିତ ନୀଳକଣ୍ଠ ଦାସ ମଧୁବାବୁଙ୍କୁ ଜନନେତା ଭାବେ ବର୍ଣ୍ଣନା କରିଥିଲେ। ସେ କହିଥିଲେ ଯେ, ୧୯୦୩ରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନର ସ୍ରଷ୍ଟା ଥିଲେ ମଧୁସୂଦନ ଦାସ।

ଗ୍ରାମୀଣ ଚମଡ଼ା ଶିଳ୍ପ କ୍ଷେତ୍ରରେ ମଧୁସୂଦନ ଦାସ ହିଁ ମୋର ଆଖି ଖୋଲି ଦେଇଥିଲେ ବୋଲି ମାହାତ୍ମା ଗାନ୍ଧୀ କହିଥିଲେ। କୁଟୀରଶିଳ୍ପ ହେଉ କି ସ୍ୱଦେଶୀ ଶିଳ୍ପ, ନାରୀମାନଙ୍କୁ ସ୍ୱାତନ୍ତ୍ର୍ୟ ଓ କ୍ଷମତା ପ୍ରଦାନ କ୍ଷେତ୍ରରେ ମଧୁବାବୁ ସାରା ଦେଶରେ ଆଗରେ ଥିଲେ। ଗୋ ରକ୍ଷା କ୍ଷେତ୍ରରେ ମଧୁବାବୁ ବହୁ ଆଗରୁ ସଫଳ ହୋଇଛନ୍ତି ବୋଲି ମହାତ୍ମା ଗାନ୍ଧୀ ତାଙ୍କ ଭାଷଣରେ କହୁଥିଲେ। ମୋହନ ଦାସ କରମଚାନ୍ଦ ଗାନ୍ଧୀ ତା୧୨।୦୮।୧୯୨୫ ରିଖରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ଦେଇଥିବା ପତ୍ରରେ ଲେଖିଥିଲେ- ଉତ୍କଳରେ ଚରଖାର ପ୍ରସାର କିପରି ହୋଇ ପାରିବ, ମୁଁ ଆପଣଙ୍କଠାରୁ ଅବଶ୍ୟ ଶିକ୍ଷା କରିବି। ମହାତ୍ମା ଗାନ୍ଧୀଙ୍କଠାରୁ ଆରମ୍ଭ କରି ମଧୁବାବୁଙ୍କୁ ଜାଣିଥିବା ସମସ୍ତ ବ୍ୟକ୍ତିଙ୍କର କଥା, ଭାଷଣ କିମ୍ବା ଲେଖା ଦେଖିଲେ ଜଣା ହେବ ଯେ, ମଧୁସୂଦନ ଦାସ କେବଳ ଉତ୍କଳ ଗୌରବ ନ ଥିଲେ ସେ ଥିଲେ ଭାରତ ଗୌରବ। କିନ୍ତୁ ଜାତୀୟ ସ୍ତରରେ ମଧୁବାବୁଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦାନ କରାଯାଇ ନାହିଁ। ଏପରି କି ବାରମ୍ବାର ଦାବି ହେଉଥିଲେ ମଧ୍ୟ ସଂସଦ ପରିସରରେ ମଧୁବାବୁଙ୍କର ପ୍ରତିମୂର୍ତ୍ତିଟିଏ ପ୍ରତିଷ୍ଠା ହୋଇପାରୁ ନାହିଁ। ଏଥିପାଇଁ ହେଉଥିବା ଦାବି ଓଡ଼ିଶା ସୀମା ଡେଇଁ ଦିଲ୍ଲୀ ପର୍ଯ୍ୟନ୍ତ ପହଞ୍ଚିପାରୁଛି କି ନାହିଁ ତାହା ଜଣାପଡୁ ନାହିଁ। ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ସଂସଦ ଭବନ ପରିସରରେ ସ୍ଥାପନା ହୋଇପାରିଲେ ଶ୍ରାଦ୍ଧ ଦିବସରେ ବରପୁତ୍ରଙ୍କୁ ପ୍ରକୃତ ଶ୍ରଦ୍ଧାଞ୍ଜଳି ଜ୍ଞାପନ ହୋଇପାରନ୍ତା।

ମୋ-୮୯୮୪୦୦୭୬୦୦

## ଚିରନ୍ତନୀ

ଆକାଶ ଧରା ଅଭେଦ ସମ
ନୟନେପଥେ ଭାତିଲା ମମ
ସେ ଗୀତ ଆଜି ଦୂରତା ସବୁ
ନିମିଷେ ଦେଲା ନାଶି
ଶରତ-ଧଳା ବଉଦ ସମ ଚକିତେ ଗଲା ଭାସି।
(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ନୃସିଂହନାଥ, ହରିଶଙ୍କରର ସାମଗ୍ରିକ ବିକାଶ ହେବ

ବରଗଡ଼ ଅଫିସ/ବଲାଙ୍ଗୀର ଅଫିସ/ପାଇକମାଲ/ଖପ୍ରାଖୋଲ(ଡି.ଏନ.ଏ.),୩।୨

ନୃସିଂହନାଥ ଓ ହରିଶଙ୍କର ମନ୍ଦିରର ସାମଗ୍ରିକ ବିକାଶ ହେବ। ଶ୍ରୀମନ୍ଦିର ଢ଼ାଞ୍ଚାରେ ନୃସିଂହନାଥ ମନ୍ଦିରର ସମସ୍ତ ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି। ମୁଖ୍ୟ ଶାସନ ସଚିବ ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଅସିତ କୁମାର ତ୍ରିପାଠୀ, ଜଳସମ୍ପଦ ବିଭାଗ ସଚିବ ଅନୁ ଗର୍ଗ, ୫-ଟି ସଚିବ ଭି.କେ. ପାଣ୍ଡିଆନ, ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଆର୍.ଭିନିଲ କ୍ରିଷ୍ଣା ବୁଧବାର ମନ୍ଦିର ପରିଦର୍ଶନ ପରେ ଗଣମାଧ୍ୟମକୁ ଏହା କହିଛନ୍ତି।

ଏହି ଉଚ୍ଚସ୍ତରୀୟ କମିଟି ନୃସିଂହନାଥଙ୍କୁ ଦର୍ଶନ କରି ସେବାୟତଙ୍କ ସହିତ ମନ୍ଦିରର ସୁବିଧା, ଅସୁବିଧା ଉପରେ ସମୀକ୍ଷା କରିଥିଲେ। ପୁରୀ ଶ୍ରୀମନ୍ଦିର ଲିଙ୍ଗରାଜ ମନ୍ଦିର ବିକାଶ ଯେଉଳି ଚାଲିଛି ନୃସିଂହନାଥ ମନ୍ଦିରର ଅନୁରୂପ ବିକାଶ ଏବଂ ସୌନ୍ଦର୍ଯ୍ୟକରଣ କରାଯିବ ବୋଲି ମୁଖ୍ୟ ଶାସନ ସଚିବ ମହାପାତ୍ର ସୂଚନା ଦେଇଥିଲେ। ଆଲୋଚନାବେଳେ ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ, ଏସ୍‌ପି ପଦ୍ମିନୀ ସାହୁ ପ୍ରମୁଖ ପ୍ରମୁଖ ଉପସ୍ଥିତ ଥିଲେ।

ପୂର୍ବାହ୍ନରେ ହରିଶଙ୍କର ପୀଠକୁ ଉଚ୍ଚସ୍ତରୀୟ ଟିମ୍ ପରିଦର୍ଶନ କରିଥିଲେ। ଟିମ୍ ହରିଶଙ୍କର ମନ୍ଦିର ପରିସର, ଠାକୁର ଦର୍ଶନ, ପାପନାଶିନୀ ଝରଣା ଚାରିପାଖ ବୁଲି ଦେଖିଥିଲେ। ପରେ ମନ୍ଦିର ସମ୍ମୁଖ ମଣ୍ଡପରେ ହରିଶଙ୍କର ପୀଠ ବିକାଶ ପାଇଁ ଆଲୋଚନା କରିଥିଲେ। ଆଲୋଚନା ପରେ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ତ୍ରିପାଠୀ ଏହାର ଦୁଇ ପର୍ଯ୍ୟଟନସ୍ଥଳୀର ସ୍ୱତନ୍ତ୍ର ବିକାଶ ପାଇଁ କାମ ହେବ ବୋଲି ଗଣମାଧ୍ୟମକୁ କହିଥିଲେ। ଜିଲାପାଳ ଚଞ୍ଚଳ ରାଣା, ଏସ୍‌ପି ନୀତୀନ କୁଶଲକର, ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଜ୍ୟୋତିର୍ମୟ ରଥ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ଉଚ୍ଚସ୍ତରୀୟ କମିଟି ଲୋୟର ସୁକ୍‌ତେଲ ଡ୍ୟାମ୍ ସାଇଟ୍ ପରିଦର୍ଶନ କରିଥିଲେ। କିଭଳି ଶୀଘ୍ର ପ୍ରକଳ୍ପ କାମ ଆରମ୍ଭ କରାଯାଇ ଶେଷ ହୋଇପାରିବ ସେ ଦିଗରେ ପଦକ୍ଷେପ ନିଆଯିବ। ଖୁବ୍‌ଶୀଘ୍ର ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟଶାସନ ସଚିବ ମହାପାତ୍ର କହିଥିଲେ। ଲୋୟର ସୁକ୍‌ତେଲ ଡ୍ୟାମ ସାଇଟ୍ ସେ ବୁଲି ଦେଖିଥିଲେ। ଏହିସ୍ଥଳକୁ ଗଣମାଧ୍ୟମ ପ୍ରତିନିଧିଙ୍କ ଛଡା ଅନ୍ୟ କୌଣସି ଲୋକଙ୍କୁ ଛଡା ଯାଇ ନ ଥିଲା। ଫଳରେ ବିସ୍ଥାପିତମାନେ ମୁଖ୍ୟ ଶାସନ ସଚିବଙ୍କୁ ସାକ୍ଷାତ୍ କରିପାରି ନ ଥିଲେ। ଏହାକୁ ନେଇ କେତେକ ପ୍ରକଳ୍ପ ପ୍ରଭାବିତ କ୍ଷୋଭ ପ୍ରକାଶ କରିଥିଲେ।


ହରିଶଙ୍କର ପୀଠ ପରିଦର୍ଶନ କରୁଛନ୍ତି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଅସିତ କୁମାର ତ୍ରିପାଠୀ, ୫-ଟି ସଚିବ ଭି.କେ. ପାଣ୍ଡିଆନ ଓ ଅନ୍ୟମାନେ।

## ସଂକ୍ଷେପରେ

### ଜଡ଼ାଫଳ ଖାଇ ୮ ଶିଶୁ ଅସୁସ୍ଥ

**ମାଲକାନଗିରି,୩।୨(ଡି.ଏନ୍.ଏ.):** ମାଲକାନଗିରି ଜିଲାର ଏକ ଅଙ୍ଗନୱାଡି କେନ୍ଦ୍ରର ପାଖରେ ଖେଳୁଥିବା ୮ଜଣ ଶିଶୁ ଜଙ୍ଗଲି ଜଡ଼ାଫଳ ଖାଇ ବୁଧବାର ଗୁରୁତର ହୋଇଛନ୍ତି। ସେମାନଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବରରୁ ଜଣାପଡ଼ିଛି, ଏକ ଅଙ୍ଗନୱାଡି କେନ୍ଦ୍ରକୁ ଲାଗି ରହିଥିବା ଗଛରୁ ଏହି ପିଲାମାନେ ଖେଳୁଥିବା ସମୟରେ ଜଡ଼ାଫଳ ଖାଇ ଦେଇଥିଲେ। ଏହାର କିଛି ଘଣ୍ଟା ପରେ ସେମାନଙ୍କ ମୁଣ୍ଡ ବୁଲାଇବା, ପେଟ ବ୍ୟଥା ସହ ବାନ୍ତି ଲକ୍ଷଣ ଦେଖା ଦେଇଥିଲା। ଆମ୍ବୁଲାନ୍ସରେ ଶିଶୁମାନଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇ ଚିକିତ୍ସା ଜାରି ରହିଛି।

### ହାତୀ ଆକ୍ରମଣରେ ଯୁବକ ମୃତ

**ରାଜଗାଙ୍ଗପୁର, ୩।୨ (ଡି.ଏନ୍.ଏ):** ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବ୍ଲକ ବୁଟୁକୁପଡା ପଞ୍ଚାୟତର ବିଜାଖମନ ଗ୍ରାମରେ ହାତୀ ଆକ୍ରମଣରେ ବୁଧବାର ବନ୍ଧୁ ଏକ୍କା (୩୮) ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମଙ୍ଗଳବାର ରାତିରେ ହାତୀପଲ ଗାଁକୁ ପଶି ବନ୍ଧୁ ଏକ୍କାଙ୍କ ମାଟିଘରକୁ ଭାଙ୍ଗି ଦେଇଥିଲେ। ଫଳରେ ଘରର କାନ୍ଥ ବନ୍ଧୁଙ୍କ ଉପରେ ପଡିବାରୁ ସେ ସେଠାରେ ଅଟକି ଯାଇଥିଲେ। ତାଙ୍କର ସ୍ତ୍ରୀ ଓ ଦୁଇ ପିଲା ସେଠାରୁ ଦୌଡି ପଳାଇଥିଲେ। ହାତୀ ଘର ଭାଙ୍ଗି ବନ୍ଧୁଙ୍କୁ ଆକ୍ରମଣ କରିଥିଲା। ସେ ଗୁରୁତର ହୋଇଥିଲେ। ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା। କିନ୍ତୁ ସେଠାରେ ତାଙ୍କର ବୁଧବାର ମୃତ୍ୟୁ ଘଟିଥିଲା। ବନବିଭାଗ ପକ୍ଷରୁ ମୃତଦେହ ସତ୍କାର ପାଇଁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଛି।

### ୩ ବିଦ୍ୟାଳୟକୁ ପୋଷ୍ୟ କଲେ ତୁଷାରକାନ୍ତି ବେହେରା

**ଭୁବନେଶ୍ୱର, ୩।୨(ବ୍ୟୁରୋ):** କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ୩ଟି ସ୍କୁଲକୁ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି। ଉକ୍ତ ସ୍କୁଲ୍‌ଗୁଡ଼ିକ ହେଲା, ପୁରୀ ଜିଲା ଅନ୍ତର୍ଗତ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ କାକଟପୁର, ବାଲିଡିହ ପ୍ରାଥମିକ ବିଦ୍ୟାଳୟ ଅସ୍ତରଙ୍ଗ ଓ ନିଜେ ପାଠ ପଢୁଥିବା ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ସରକାରୀ ଉଚ୍ଚ ବିଦ୍ୟାଳୟ। ଅପରାହ୍ନରେ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ କାକଟପୁରଠାରେ ଅନୁଷ୍ଠିତ ଏକ ସଭାରେ ଯୋଗଦେଇ ମନ୍ତ୍ରୀ ମୋ ସ୍କୁଲ କାର୍ଯ୍ୟକ୍ରମକୁ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଏହି ଆହ୍ୱାନ ଆଗାମୀ ଦିନରେ ଶିକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବ ବୋଲି କହିଛନ୍ତି।

# ଓଡ଼ିଶା ପାଇଛି ୩୨୦୨ କୋଟି ଜିଏସ୍‌ଟି କ୍ଷତିପୂରଣ

**ନୂଆଦିଲ୍ଲୀ, ୩।୨:** ରାଜ୍ୟଗୁଡିକୁ ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) କ୍ଷତିପୂରଣ ରାଶିର ୧୪ତମ କିସ୍ତି ଭାବେ କେନ୍ଦ୍ର ସରକାର ଆଉ ୬ ହଜାର କୋଟି ଟଙ୍କା ବୁଧବାର ପ୍ରଦାନ କରିଛନ୍ତି। ଏହିବାବଦକୁ ଓଡିଶା ଅଦ୍ୟାବଧି ମୋଟ ୩୨୦୨.୬୯ କୋଟି ଟଙ୍କା ପାଇଲାଣି। ସେହିଭଳି ଏହି ରାଜ୍ୟ ୨୮୫୮ କୋଟି ଟଙ୍କା ଋଣ କରିବା ଲାଗି କେନ୍ଦ୍ର ସରକାର ଅନୁମତିପ୍ରଦାନ କରିଛନ୍ତି। ବର୍ତ୍ତମାନ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡିକୁ ମୋଟ ୮୪ ହଜାର କୋଟି ଟଙ୍କା ଏହି ବାବଦକୁ ପ୍ରଦାନ କରାଯାଇଛି। ଧାର୍ଯ୍ୟ ଜିଏସ୍‌ଟି କ୍ଷତିପୂରଣ ରାଶିର ମୋଟ ୭୬% ଅର୍ଥ ରାଶି ଏବେ ସୁଦ୍ଧା ଦିଆଯାଇଛି। ରାଜ୍ୟଗୁଡିକୁ ୧.୦୬ ଲକ୍ଷ କୋଟି ଟଙ୍କା ଋଣ କରିବାକୁ କେନ୍ଦ୍ର ସରକାର ଅନୁମତି ପ୍ରଦାନ କରିଛନ୍ତି।

# ଜଳ ସମ୍ପଦ ବିଭାଗ ବାକି କାମ ଶେଷ କରୁ

**ବିଧାନସଭା ସବ୍-ମିଶନ କମିଟି ବୈଠକ**

**ଭୁବନେଶ୍ୱର,୩।୨(ବ୍ୟୁରୋ):** ବିଧାନସଭା ସବ୍-ମିଶନ କମିଟି ବୈଠକ ବୁଧବାର ବିଧାନସଭା ପ୍ରକୋଷ୍ଠ ୫୪ରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପ୍ରମୋଦ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ଜଳ ସମ୍ପଦ ବିଭାଗ ଅଧୀନରେ ବକେୟା ଥିବା ପ୍ରକଳ୍ପଗୁଡିକ ସମ୍ପର୍କରେ ବିଶଦ ଆଲୋଚନା ହୋଇଛି। ଯୁଦ୍ଧକାଳୀନ ଭିତ୍ତିରେ ଏହି ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଶେଷ କରିବାକୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଜଳାଶୟ ଏବଂ ଉଠା ଜଳସେଚନ ପ୍ରକଳ୍ପଗୁଡିକର ପୁନରୁଦ୍ଧାର, ବାଲେଶ୍ୱର ଜିଲାର ବିଭିନ୍ନ ନଦୀବନ୍ଧର ମରାମତି ଏବଂ ସ୍ଲୁଇସ୍ ଗେଟ୍ ନିର୍ମାଣ, କୁଶାଙ୍ଗ ଓ ଲୋଇସିଂହା ମଧ୍ୟରେ କୁସୁମୀ ନାଳ ଉପରେ ଚେକ୍ ଡ୍ୟାମ୍ ନିର୍ମାଣ, ଖଣ୍ଡପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମହାନଦୀରେ ପଦ୍ମାବତୀ ବ୍ୟାରେଜ୍ ନିର୍ମାଣ, ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୁଡାରୀ ବ୍ଲକରେ କେନାଲ ନିର୍ମାଣ, ଦଶପଲ୍ଲା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବୃତ୍ତାଙ୍ଗ ଜଳସେଚନ ପ୍ରକଳ୍ପର ଆଧୁନିକୀକରଣ, ଧର୍ମଗଡ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମେଗା ଉଠା ଜଳସେଚନ ପ୍ରକଳ୍ପର ନିର୍ମାଣ ତ୍ୱରାନ୍ୱିତ, କୁଚିଣ୍ଡା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବୋର୍‌ୱେଲ ନିର୍ମାଣ, ପାଲଲହଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମାଙ୍କଡ଼ା କ୍ଷୁଦ୍ର ଜଳସେଚନ ପ୍ରକଳ୍ପକୁ ମଧ୍ୟମ ଜଳସେଚନ ପ୍ରକଳ୍ପରେ ରୂପାନ୍ତରୀକରଣ, ଚିତ୍ରକୋଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସପ୍ତଧାରା ଏବଂ ପାଙ୍ଗାମ ନଦୀରେ ବନ୍ଧ ନିର୍ମାଣ ପ୍ରଭୃତି ପ୍ରସଙ୍ଗରେ ବୈଠକରେ ସବିଶେଷ ଆଲୋଚନା ହୋଇଛି। କାର୍ଯ୍ୟଗୁଡିକର ରୂପାୟନ ଉପରେ ବିଭାଗ ରିପୋର୍ଟ ପ୍ରଦାନ କରିବାକୁ ପରାମର୍ଶ ଦିଆଯାଇଥିଲା। ଜଳ ସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ, ବିଧାନସଭା ସଚିବ ଦାଶରଥୀ ଶତପଥୀ, ଯୁଗ୍ମ ସଚିବ ଦେବାନନ୍ଦ ଦୋରା ଏବଂ ସମ୍ପୃକ୍ତ ବିଭାଗର ଅନ୍ୟ ବିଭାଗୀୟ ପଦାଧିକାରୀ ଉପସ୍ଥିତ ହୋଇ କମିଟି ସପକ୍ଷରେ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଛନ୍ତି।

# ଭୁବନେଶ୍ୱରରେ ହେଲା ସିନ୍ ରିକ୍ରିଏଶନ

ଭୁବନେଶ୍ୱର(ବ୍ୟୁରୋ)/ଯାଜପୁର ଅଫିସ/ରସୁଲପୁର(ଡି.ଏନ୍.ଏ.),୩।୨

**ରମାଦେବୀ ଛାତ୍ରୀ ମୃତ୍ୟୁ ଘଟଣା**
- ରିମାଣ୍ଡର ୨ୟ ଦିନରେ ତନାଘନା ତଦନ୍ତ
- ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ସନ୍ଦେହ

ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଛାତ୍ରୀ ଝରାଫୁଲ ନାୟକଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାକୁ ୮ଦିନ ବିତିଛି। ଯାଜପୁର ପୋଲିସ ଏବଂ କମିଶନରେଟ ପୋଲିସ ଉଭୟ ମାମଲାର ତନାଘନା ଚଳାଇଛନ୍ତି। କୁଆଖିଆ ପୋଲିସ ଏହି ଘଟଣାରେ ଗିରଫ ପ୍ରେମିକ ରାକେଶ ସ୍ୱାଇଁଙ୍କୁ ୩ଦିନିଆ ରିମାଣ୍ଡରେ ଆଣିଛି। ବୁଧବାର ରିମାଣ୍ଡର ଦ୍ୱିତୀୟ ଦିନରେ ରାକେଶଙ୍କୁ ଭୁବନେଶ୍ୱର ଆଣି ସିନ୍ ରିକ୍ରିଏଶନ କରାଇଛି। ବୁଧବାର ପୋଲିସ ପ୍ରଥମେ ଅଭିଯୁକ୍ତ ରାକେଶଙ୍କୁ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲା। ପରେ ତାଙ୍କୁ ତଦନ୍ତ ଅଧିକାରୀ ଏସଡିପିଓ ଚିନ୍ମୟ କୁମାର ନାୟକ ଯାଜପୁର ରୋଡସ୍ଥିତ କାର୍ଯ୍ୟାଳୟକୁ ନେଇଥିଲେ। ସେଠାରେ କିଛି ସମୟ ଜେରା କରିବା ପରେ ଭୁବନେଶ୍ୱର ଅଭିମୁଖେ ବାହାରିଥିଲେ। ଭୁବନେଶ୍ୱରରେ ରାକେଶ ମୃତା ଛାତ୍ରୀ ଝରାଫୁଲଙ୍କୁ ଭେଟିଥିବା ଛକ, ବିରିୟାନି ଦୋକାନ, ଅଭିଯୁକ୍ତଙ୍କ ସୁନ୍ଦରପଦା ଘର, ଖଣ୍ଡଗିରି ଥାନା ଅଞ୍ଚଳର ଧର୍ମବିହାରରେ ଥିବା ଶିବସାଇ ଗେଷ୍ଟ ହାଉସ ଆଦି ସ୍ଥାନକୁ ବୁଲାଇ ଥିଲେ। ବାଣୀବିହାର ବସ୍‌ଷ୍ଟାଣ୍ଡରୁ ଝରାଫୁଲ ଓହ୍ଲାଇବା ପରଠାରୁ ରାକେଶ ତାଙ୍କୁ କେଉଁଠିକୁ ସବୁ ନେଇଥିଲେ, ଏପରି କି ରାତି କିପରି କଟାଇଥିଲେ, ଝରାଫୁଲ ଅସୁସ୍ଥ ହେବା ପରେ ତାଙ୍କୁ ମେଡିକାଲ କାହିଁକି ନିଆଗଲା ନାହିଁ, ଛାତ୍ରୀଙ୍କ ମୃତଦେହ ବୋହିବାରେ ବ୍ୟବହାର ସ୍କୁଟି କେଉଁଠି ରହିଛି, ସ୍କୁଟିରେ ମୃତଦେହ ନେବାରେ ସହଯୋଗୀ କେଉଁଠି ଅଛନ୍ତି ସେନେଇ ପୋଲିସ ଟିକିନିଖି ଜେରା କରିଥିଲେ ସୁଦ୍ଧା ସହଯୋଗୀଙ୍କୁ ଠାବ କରିବାରେ ବିଫଳ ହୋଇଛି। ତେବେ ଉକ୍ତ ଘଟଣାରେ ସମ୍ପୃକ୍ତ ଥିବା ଆଉ ଦୁଇଜଣ ଅଭିଯୁକ୍ତଙ୍କୁ ପୋଲିସ ଚିହ୍ନଟ କରିବାରେ ସଫଳ ହୋଇଥିବା ସୂଚନା ମିଳିଛି। ଛାତ୍ରୀ ମୃତ୍ୟୁ ସନ୍ଦେହଜନକ ବୋଲି କୁହାଯାଉଥିବାବେଳେ ଏହା କ୍ରମଶଃ ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଘଟଣା ଦିନ ରାତିରେ ଘଟିଥିବା ଅନେକ ନୂଆ ତଥ୍ୟ ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ନିଶା ସହ ବଳାତ୍କାର ହୋଇଥାଇପାରେ ବୋଲି ମଧ୍ୟ ପୋଲିସ ସନ୍ଦେହ କରୁଥିବା ତଦନ୍ତ ଟିମ୍‌ରେ ସାମିଲ ଥିବା ଜଣେ ପୋଲିସ ଅଧିକାରୀଙ୍କ ଠାରୁ ସୂଚନା ମିଳିଛି। ଗୁରୁବାର ରିମାଣ୍ଡର ଶେଷଦିନ। ଏହାରି ଭିତରେ ତଦନ୍ତ ଅଧିକାରୀଙ୍କ ହାତରେ ମୃତାଙ୍କ ବ୍ୟବଚ୍ଛେଦ ରିପୋର୍ଟ ଲାଗିଛି ବୋଲି କୁହାଯାଉଥିବାବେଳେ ଭିସାରା ରିପୋର୍ଟ ଆସିବାକୁ ଆଉ ୨ରୁ ୩ ଦିନି ଲାଗି ପାରେ ବୋଲି ଜଣାପଡିଛି। ତେବେ ରିପୋର୍ଟ ଆସିବା ପରେ ପୋଲିସର ତଦନ୍ତ ଓ ରିପୋର୍ଟରୁ ସବୁ କିଛି ସ୍ପଷ୍ଟ ହୋଇପାରିବ ବୋଲି କୁହାଯାଉଛି।


ରାକେଶଙ୍କୁ କ୍ରାଇମ୍ ସିନ୍ ରିକ୍ରିଏଶନ ପାଇଁ ଧର୍ମ ବିହାରସ୍ଥିତ ଗେଷ୍ଟ ହାଉସ୍ ନିଆଯାଉଛି।

# 'କଳା ଭାରତ ଆତ୍ମନିର୍ଭର ଅଭିଯାନ'କୁ ସବୁ ରାଜଧାନୀରେ ପହଞ୍ଚାଅ

ଭୁବନେଶ୍ୱର, ୩।୨(ବ୍ୟୁରୋ)

'କଳା ଭାରତ ଆତ୍ମନିର୍ଭର ଅଭିଯାନ'କୁ ଦେଶର ସବୁ ରାଜ୍ୟର ରାଜଧାନୀ ପର୍ଯ୍ୟନ୍ତ ପହଞ୍ଚାଇବା ପରାମର୍ଶ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ବୁଧବାର ନୂଆଦିଲ୍ଲୀରେ ଖଦି ହମାରା ମନ୍ତ୍ର ଫାଉଣ୍ଡେଶନ ଦ୍ୱାରା ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ସେ ଏପରି ଆହ୍ୱାନ ଦେଇଥିଲେ।

ଭାରତର ସଂସ୍କୃତି ସମୃଦ୍ଧ। ସୃଜନଶୀଳତା, କଳା, ଦକ୍ଷତାରେ ମଧ୍ୟ ବିଶ୍ୱସ୍ତରରେ ଅଜସ୍ର ସମ୍ଭାବନା ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ଥାନୀୟ ସାମଗ୍ରୀକୁ ପ୍ରୋତ୍ସାହନ ଦେବା ଲାଗି 'ଭୋକାଲ ଫର୍ ଲୋକାଲ' ଅଭିଯାନ ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ 'କଳା ଭାରତ ଆତ୍ମନିର୍ଭର ଅଭିଯାନ'କୁ ଦେଶର ସମସ୍ତ ରାଜ୍ୟ ଏବଂ ଏହାର ରାଜଧାନୀ ପର୍ଯ୍ୟନ୍ତ ପହଞ୍ଚାଯାଇ ପାରିଲେ ସ୍ଥାନୀୟ ଲୋକଙ୍କ କଳା ଏବଂ କୌଶଳ ପ୍ରତି ଆଗ୍ରହ ଆସିବ। ଏହି ପଦକ୍ଷେପ ପର୍ଯ୍ୟଟନ କ୍ଷେତ୍ରକୁ ବଢ଼ାଇବ। ଏଥିସହ ଭାରତର ସମୃଦ୍ଧ ଇତିହାସ ଏବଂ ସାଂସ୍କୃତିକ ପରିଚୟ ଦୁନିଆରେ ପ୍ରତିଫଳିତ କରିପାରିବ। 'ଖଦି ହମାରା ଫାଉଣ୍ଡେଶନ' ଆତ୍ମନିର୍ଭର ଭାରତ ଅଭିଯାନକୁ ସଫଳ କରିବା ଦିଗରେ କାମ କରୁଛି। ଏହି ଫାଉଣ୍ଡେଶନ ଦେଶର କାରିଗରଙ୍କ କଳା ଏବଂ ସେମାନଙ୍କ ପ୍ରତିଭାକୁ ବିଶ୍ୱ ବଜାର ପର୍ଯ୍ୟନ୍ତ ପହଞ୍ଚାଇବାରେ ମଧ୍ୟ ସାହାଯ୍ୟ କରୁଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

**The Odisha Small Industries Corporation Ltd.**
( A Government of Odisha Undertaking) )
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
CAD-1180 OSIC GST No. 21AAACO2101M1Z1

**TENDER CALL NOTICE**

Ref No. 537 Dt.02.02.2021

The Managing Director, OSIC Ltd., Cuttack invites sealed tender from experienced & eligible Event Manager for MSME International Trade Fair 2021 to be organized from 05.03.2021 to 09.03.2021. The detailed tender notice can be downloaded from the OSIC website i.e. www.osicltd.in from dt.05.02.2021 to 19.02.2021 up to 4.30 P.M. and shall be submitted in OSIC Tender Box only latest by 5.00 P.M. on 18.02.2021. Authority reserves the right to reject any or all tenders without assigning any reason thereof or cancel the tender process in toto.

OIPR-14073/11/0003/2021 MANAGING DIRECTOR

**OFFICE OF THE CDM & PUBLIC HEALTH OFFICER, NAYAGARH**

**TENDER CALL NOTICE**

Advt. No.67/20-21/NTEP Dt.02.02.2021

Sealed tenders are invited from Firms/Agencies interested FOR SUPPLING OF LAB. REAGENTS/ MATERIALS UNDER NTEP (RNTCP). The details of the terms and conditions can be obtained from the Office of the CDM & PHO at NTEP(RNTCP) Section or can be downloaded from district website: www.nayagarh.nic.in. The Firms/Agencies are to submit their tenders in separate sealed covered envelopes for technical bid and financial bid by superscribing Cover "A" (Technical Bid) & Cover "B" (Financial Bid) and both the sealed covers should be put into a third outer cover, which should be superscribed as "TENDER FOR SUPPLY OF LAB. REAGENTS/MATERIALS UNDER NTEP (RNTCP), NAYAGARH FOR 2020-21" to the Office of the CDM & PHO, Nayagarh by dt.22.02.2021 upto 5 P.M. through speed post/courier only. The tenders will be opened at 3.30 P.M. on dt.23.02.2021. The authority reserves the right to cancel or reject any or all applications without assigning any reason.

Sd./-
CDM & PHO-cum-DMD, Nayagarh

# ବନପାଳଙ୍କ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ


ଭିଜିଲାନ୍ସ ବିଭାଗର ଅଧିକାରୀ ବନପାଳଙ୍କ ବାସଭବନରେ ତନଖି କରୁଛନ୍ତି।

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଚଢାଉ**

**ସୋନପୁର,୩।୨(ନି.ପ୍ର.):** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୁବର୍ଣ୍ଣପୁର ଜିଲା ବିନିକା ବନପାଳ ଜଗବନ୍ଧୁ ବାରିକଙ୍କ ବାସଭବନ ଓ ଅଫିସରେ ଭିଜିଲାନ୍ସ ବିଭାଗ ପକ୍ଷରୁ ବୁଧବାର ଚଢାଉ କରାଯାଇଛି। ସକାଳ ଠାରୁ ଭିଜିଲାନ୍ସ ବିଭାଗର ଟିମ୍ ଜଗବନ୍ଧୁଙ୍କ ସୋନପୁର ସହର ଶାନ୍ତିନଗରସ୍ଥିତ ଦ୍ୱିତଳ କୋଠା, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନିର୍ମାଣାଧୀନ ଦୁଇ ମହଲା କୋଠା ଓ ବିନିକା ବନପାଳଙ୍କ କାର୍ଯ୍ୟାଳୟରେ ଏକକାଳୀନ ଚଢାଉ କରିଥିଲେ। ତନଖି ସମୟରେ ବନପାଳ ଓ ସମ୍ପର୍କୀୟଙ୍କ ନାମରେ ଥିବା ୧ କୋଟି ୪୧ ଲକ୍ଷ ୬୮ ହଜାର ଟଙ୍କାର ସମ୍ପତ୍ତି ଠାବ ହୋଇଛି।

ପ୍ରକାଶ ଯେ, ୨୨ ବର୍ଷ ପୂର୍ବରୁ ଜଗବନ୍ଧୁ ଚାକିରି ଜୀବନ ଆରମ୍ଭ କରିଥିଲେ। କନ୍ଧମାଳ ଓ ସୁବର୍ଣ୍ଣପୁର ଜିଲାର ବିଭିନ୍ନ ଫରେଷ୍ଟ ସେକ୍ସନରେ ଚାକିରି ପରେ ଏବେ ବିନିକାରେ କାର୍ଯ୍ୟରତ ଅଛନ୍ତି। ସେ ବେଆଇନ ଭାବେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ନେଇ ସମ୍ବଲପୁର ଭିଜିଲାନ୍ସ ଏସ୍‌ପିଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏସ୍‌ପି ସାରା ଶର୍ମାଙ୍କ ନିର୍ଦ୍ଦେଶ କ୍ରମେ ସମ୍ବଲପୁର ଭିଜିଲାନ୍ସ ଡିଏସ୍‌ପି ମାରିୟାନ୍ସ ମିଞ୍ଜ୍ ଓ ସୁଜାତା ପଣ୍ଡାଙ୍କ ନେତୃତ୍ୱରେ ଟିମ୍ ଏକକାଳୀନ ସମ୍ପତ୍ତିର ଯାଞ୍ଚ କରିଥିଲେ।

ବିଭାଗ ପକ୍ଷରୁ ପ୍ରଦତ୍ତ ସମ୍ପତ୍ତି ତାଲିକା ଅନୁଯାୟୀ ଜଗବନ୍ଧୁଙ୍କ ସୋନପୁର ଟାଉନରେ ଥିବା ଦୁଇଟି କୋଠାର ମୂଲ୍ୟ ୧ କୋଟିରୁ ଊର୍ଦ୍ଧ୍ୱ ହେବ। ତାଙ୍କ ନାମରେ ବୌଦ୍ଧରେ ୫ଟି ଓ ସୋନପୁରରେ ୨ଟି ପ୍ଲଟ ରହିଛି। ଏହାଛଡା ଅନ୍ୟାନ୍ୟ ସମ୍ପତ୍ତି ମଧ୍ୟ ଠାବ ହୋଇଛି। ଜଗବନ୍ଧୁ କେଉଁ ଉତ୍ସରୁ ଏହି ସମ୍ପତ୍ତିର ଅଧିକାରୀ ହୋଇଛନ୍ତି ବିଭାଗ ପକ୍ଷରୁ ତାହାର ତଦନ୍ତ ଚାଲିଛି।

# ବିଜେଡି ଦୋହରାଇଲା ମହିଳା ସଂରକ୍ଷଣ ପ୍ରସଙ୍ଗ

ଭୁବନେଶ୍ୱର, ୩।୨(ବ୍ୟୁରୋ)

- ବିଲ୍ ପାସ୍ ପାଇଁ ସସ୍ମିତଙ୍କ ଦାବି, ପ୍ରଶଂସା କଲେ ଭେଙ୍କାୟା
- 'ମିଶନ ଶକ୍ତି'କୁ ଜାତୀୟ କାର୍ଯ୍ୟକ୍ରମ ଭାବେ ଅଣାଯାଉ

ମହିଳା ସଂରକ୍ଷଣ ପ୍ରସଙ୍ଗରେ ବିଜେଡିର ସ୍ୱର ପୁଣି ଶାଣିତ ହୋଇଛି। ବୁଧବାର ରାଜ୍ୟସଭାରେ ସଦସ୍ୟ ସସ୍ମିତ ପାତ୍ର ଏ ସଂକ୍ରାନ୍ତ ବିଲ୍‌କୁ ପାର୍ଲାମେଣ୍ଟରେ ଗୃହୀତ କରିବାକୁ ଦାବି କରିଛନ୍ତି। ଶୂନ୍ୟକାଳରେ ସସ୍ମିତ ଓଡ଼ିଆ ଭାଷାରେ ଅଭିଭାଷଣ ରଖି ମହିଳା ସଂରକ୍ଷଣ ବିଲ୍‌କୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରହିଥିବା ଦୀର୍ଘବର୍ଷର ଦାବିକୁ ଦୋହରାଇଛନ୍ତି। ଓଡ଼ିଆ ଭାଷାରେ ସସ୍ମିତ ରଖିଥିବା ଏହି ଦାବିକୁ ପ୍ରଶଂସା କରିଛନ୍ତି ରାଜ୍ୟସଭା ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ।

ଆଲୋଚନାରେ ଅଂଶଗ୍ରହଣ କରି ସସ୍ମିତ କହିଛନ୍ତି, ଭାରତରେ ମହିଳା ସଶକ୍ତୀକରଣର ବହୁଳ ଆବଶ୍ୟକତା ରହିଛି। ବିଶେଷକରି ମହିଳାଙ୍କ ଅର୍ଥନୈତିକ, ସାମାଜିକ ଓ ରାଜନୈତିକ ସଶକ୍ତୀକରଣ ଅତି ଗୁରୁତ୍ୱପୂର୍ଣ୍ଣ। ମୁଖ୍ୟମନ୍ତ୍ରୀ ୨୦୧୯ ଲୋକସଭା ନିର୍ବାଚନରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷଣ ରଖିଥିଲେ। ମହିଳା ସଂରକ୍ଷଣ ବିଲ୍ ପାରିତ ପାଇଁ ବିଜେଡି ଦୃଢ଼ ଦାବି କରିଆସୁଛି। ମହିଳା ସଂରକ୍ଷଣ ବିଲ୍ ଜରିଆରେ ରାଜନୈତିକ ସଶକ୍ତୀକରଣକୁ ସୁନିଶ୍ଚିତ କରାଗଲେ ବାସ୍ତବ ଲକ୍ଷ୍ୟ ହାସଲ ହୋଇପାରିବ। ରାଜ୍ୟ ସରକାରଙ୍କ ମିଶନ୍ ଶକ୍ତି ମଡେଲକୁ କେନ୍ଦ୍ର ସରକାର ଅନୁଧ୍ୟାନ କରିବା ଉଚିତ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ୮୦ ଲକ୍ଷରୁ ଅଧିକ ମହିଳା ସଶକ୍ତ ହୋଇପାରିଛନ୍ତି। ମିଶନ ଶକ୍ତି କାର୍ଯ୍ୟକ୍ରମ ମହିଳାଙ୍କ ଜୀବନ ଏବଂ ଜୀବିକାରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି। ଓଡ଼ିଶାର ମମତା ଯୋଜନାକୁ ଏକ ବେଞ୍ଚମାର୍କ ମଡେଲଭାବେ ବିଚାର କରିବା ପରେ କେନ୍ଦ୍ର ସରକାର ଯେପରି ନ୍ୟାଶନାଲ ମ୍ୟାଟରନିଟି ସ୍କିମ୍ ଆଣିଛନ୍ତି। ଓଡ଼ିଶାର ମିଶନ ଶକ୍ତି କାର୍ଯ୍ୟକ୍ରମକୁ ଏକ ଜାତୀୟ ପ୍ରୋଗ୍ରାମ ଭାବେ ଆଣିବାକୁ ସରକାର ବିଚାର କରନ୍ତୁ। ଏହି ଦୁଇଟି ପ୍ରସ୍ତାବ ଭାରତର ମହିଳାଙ୍କ ରାଜନୈତିକ, ସାମାଜିକ ଏବଂ ଅର୍ଥନୈତିକ ସଶକ୍ତୀକରଣକୁ ନିଶ୍ଚିତ ଭାବେ ଆଗକୁ ନେବ ବୋଲି ସସ୍ମିତ ଆଶାପ୍ରକାଶ କରିଛନ୍ତି। ସସ୍ମିତଙ୍କ ଅଭିଭାଷଣ ଶୁଣିବା ପରେ ରାଜ୍ୟସଭା ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ ପ୍ରଶଂସା କରି କହିଛନ୍ତି 'ତୁମ ଭାଷାରେ ଅତି ସୁନ୍ଦର କହିଲ'।

# ଲୋକାୟୁକ୍ତଙ୍କ ଭିଜିଲାନ୍ସ ତଦନ୍ତ ନିର୍ଦ୍ଦେଶ ଖାରଜ

କଟକ ଅଫିସ, ୩।୨



**ପ୍ରଦୀପ ପାଣିଗ୍ରାହୀଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି**

ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ବିରୋଧରେ ଭିଜିଲାନ୍ସ ଦୁର୍ନୀତି ମାମଲା ରୁଜୁ କରିଛି। ତେଣୁ ଅଭିଯୋଗକାରୀଙ୍କୁ ମାମଲାର ତଦନ୍ତଭାର ଦିଆଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଏଥିସହ ପ୍ରଦୀପଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ ପାଇଁ ଲୋକାୟୁକ୍ତ ଦେଇଥିବା ନିର୍ଦ୍ଦେଶକୁ ମୁଖ୍ୟବିଚାରପତି ଏସ୍. ମୁରଲୀଧର ଏବଂ ବିଚାରପତି ବିଶ୍ୱନାଥ ରଥଙ୍କୁ ନେଇ ଗଠିତ ପୀଠ ଖାରଜ କରିଦେଇଛନ୍ତି ବୋଲି ପ୍ରଦୀପଙ୍କ ପାଇଁ ହାଇକୋର୍ଟରେ ମାମଲା ପରିଚାଳନା କରୁଥିବା ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ବୁଧବାର ସୂଚନା ଦେଇଛନ୍ତି।

ହାଇକୋର୍ଟରେ ପ୍ରଦୀପଙ୍କ ମାମଲା ଶୁଣାଣିବେଳେ ତାଙ୍କ ଓକିଲ ଆଚାର୍ଯ୍ୟ ଯୁକ୍ତି ବାଢ଼ିଥିଲେ ଯେ, ନିୟମ ଅନୁସାରେ ଲୋକାୟୁକ୍ତଙ୍କ ନିକଟରେ କୌଣସି ଅଭିଯୋଗ ଆସିଲେ, ସେ ଏହାର ପ୍ରାଥମିକ ତଦନ୍ତ କରିବେ। ଏଥିସହ ଯେଉଁ ବ୍ୟକ୍ତିଙ୍କ ବିରୋଧରେ ଅଭିଯୋଗ ଆସିଥିବ ତାଙ୍କୁ ପକ୍ଷ ରଖିବାର ସୁଯୋଗ ଦେବେ। ହେଲେ ଏଠାରେ ଲୋକାୟୁକ୍ତ ପ୍ରଦୀପଙ୍କୁ ପକ୍ଷ ରଖିବାର ସୁଯୋଗ ନ ଦେଇ ତାଙ୍କ ବିରୋଧରେ ପ୍ରାଥମିକ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ଭିଜିଲାନ୍ସକୁ ନିର୍ଦ୍ଦେଶ ଦେଇଥିଲେ। ଯାହାକି ଆଇନ ବିରୋଧ ବୋଲି ଆଚାର୍ଯ୍ୟ ଯୁକ୍ତି ବାଢ଼ିଥିଲେ।

ପ୍ରକାଶ ଯେ, ପ୍ରଦୀପଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗର ତଦନ୍ତ ପାଇଁ ଭିଜିଲାନ୍ସ ଡିଏସ୍‌ପି ରଞ୍ଜନ ଦାସ ଲୋକାୟୁକ୍ତଙ୍କ ନିକଟରେ ଆବେଦନ କରିଥିଲେ। ଉକ୍ତ ଆବେଦନକୁ ଗ୍ରହଣ କରି ଗତ ଡିସେମ୍ବର ୧୧ତାରିଖରେ ଲୋକାୟୁକ୍ତ ମାମଲାର ଭିଜିଲାନ୍ସ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ୨ମାସ ମଧ୍ୟରେ ପ୍ରାଥମିକ ତଦନ୍ତ ରିପୋର୍ଟ ପ୍ରଦାନ କରିବାକୁ ଭିଜିଲାନ୍ସକୁ କହିଥିଲେ। ଲୋକାୟୁକ୍ତଙ୍କ ଏହି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ପ୍ରଦୀପ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
OFFICE OF THE SR. GENERAL MANAGER (ELECT), CONSTRUCTION ZONE-I
CIN:U40102OR2004SGC007553
Lifeline of Odisha

No. Sr.GM(TP&VC)\Publication\Gaz\08\(Vol.V)-196 Dated:27.01.2021
CAD-1176

**NOTIFICATION**

In accordance with Section-164 of Indian Electricity Act,2003 and in exercise of the power conferred upon OPTCL vide Department of Energy, Government of Odisha Order No: R&R-II-10\2006\2353 dated 09.03.2006, the following transmission scheme, which are intended to be undertaken by the Odisha Power Transmission Corporation Limited for execution, are published for general information. The Tentative estimated amount is Rs. 14.09 Crores. This will facilitate the un-interupted power supply to the villages covers under the Tahasil of Sadar & Bansapal command area & overall development of Odisha state in general. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the Senior General Manager, (Construction), Zone-I, OPTCL, Technical Building, 1st floor, Bhoi Nagar, Bhubaneswar-751022 within two months from the date of publication of this notification. Details of the scheme and plan may be seen in the office of the DGM(Elect) , EHT (C) Division, Keonjhar on any working day during office hours.

**Name of the Work:-** Construction of proposed 220kV LILO arrangement from CKT-II of existing 220kV TTPS-Joda DC Line to existing 220/33kV GIS substation at Ranki, Keonjhar.

**Name of the Village in which the line will pass:**

**Tahasil:** Sadar:- R.I Circle: Raisuan; Revenue Village: Bhalia Dihi, Danardanpur, Gopinathpur(Nuagaon), Jamunalia, Maligaon. R.I Circle: Sadar-II; Revenue Village: Dhrupada, Keonjhar Nijigada unit-2, Chakra Padi Bandhatala unit-3, Siddha Mattha, Sulei Khamara, Ranki

**Tahasil:** Bansapal:- R.I Circle: Suakathi; Revenue Village: Medinpur, Bhalia dala

(Sakti Prasad Das)
Sr. General Manager (C), Zone-I

FIPR-65/2020-21 OIPR-04011/11/0106/2021

## ଟ୍ରକ୍-ସ୍କୁଟି ଧକ୍କା: ରାସ୍ତା ଜାମ୍

କୁଆଁରମୁଣ୍ଡା,(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ଶଙ୍ଖ ପୋଲ ମଝିରେ ବୁଧବାର ଅପରାହ୍ନରେ ଟ୍ରକ ଓ ସ୍କୁଟି ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ସ୍କୁଟି ଚାଳକ ଗୁରୁତର ଆହତ ହୋଇଛନ୍ତି। ସଙ୍କଟାପନ୍ନ ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବାବେଳେ ଟ୍ରକ ଚାଳକ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛନ୍ତି। ଟ୍ରକଟି ପୋଲ ଉପରେ ଛିଡା ହୋଇଥିବାରୁ ପୋଲର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନର ଲମ୍ବା ଲାଇନ୍ ଲାଗିଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଟ୍ରାଫିକ ସମସ୍ୟାକୁ ନିୟନ୍ତ୍ରଣ କରିବା ସହ ଘଟଣାର ତଦନ୍ତ ଚଳାଇଛି।

**ସଂକ୍ଷେପରେ**

## ଦୋକାନ ଆଗରେ ପାର୍କିଂ ପାଇଁ ଲାଗିବ ଜରିମାନା

**ସମ୍ବଲପୁର, ୩।୨ (ବ୍ୟୁରୋ):** ସମ୍ବଲପୁର ଜିଲା ପୋଲିସ ବେଆଇନ ପାର୍କିଂ ଉପରେ ରୋକ ଲଗାଇବା ପାଇଁ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଛି। ସହରର ବିଭିନ୍ନ ରାସ୍ତା, ଗଳି, ଛକରେ ବେଆଇନ ପାର୍କିଂ କଲେ ଆଇନଗତ କର୍ଯ୍ୟାନୁଷ୍ଠାନ ସ୍ୱରୂପ ଗାଡି ମାଲିକଙ୍କ ନାମରେ ଚାଲାଣ କଟାଯିବ। ସେହିପରି କୌଣସି ଦୋକାନ ସମ୍ମୁଖରେ ବେଆଇନ ପାର୍କିଂ ହୋଇଥିଲେ ଗାଡି ମାଲିକ ସହ ଦୋକାନ ମାଲିକଙ୍କଠାରୁ ଜରିମାନା ଆଦାୟ କରାଯିବ। ଦୋକାନ ମାଲିକ ଏ ନେଇ ସଚେତନ କରାଇବାକୁ ଜିଲା ପୋଲିସ ସତର୍କ କରିଛି । ଜିଲା ପୋଲିସ ପକ୍ଷରୁ ଅଡିଓ ବାର୍ତ୍ତା ଓ ଲିଫ୍‌ଲେଟ ସାହାଯ୍ୟରେ ସଚେତନ କରାଯାଉଛି।

## ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ଉପଭୋକ୍ତା ମଞ୍ଚର ବିକ୍ଷୋଭ

**ସମ୍ବଲପୁର, ୩।୨ (ବ୍ୟୁରୋ):** ରାଜ୍ୟ ସରକାର ୱେସ୍କୋକୁ ପୁନଃ ଘରୋଇକରଣ ବନ୍ଦ କରିବା ଓ ଉପଭୋକ୍ତାଙ୍କୁ ସୁଲଭ ମୂଲ୍ୟରେ ୨୪ ଘଣ୍ଟା ବିଦ୍ୟୁତ୍ ସେବା ଯୋଗାଇଦେବା ଦାବିରେ ପଶ୍ଚିମ ଓଡିଶା ବିଦ୍ୟୁତ୍ ଉପଭୋକ୍ତା ମଞ୍ଚ ବୁଧବାର ସମ୍ବଲପୁର ଜିଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି। ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୨ଦଫା ସମ୍ବଳିତ ଦାବିପତ୍ର ଡେପୁଟି କଲେକ୍ଟର ଜୟଶ୍ରୀ ପାଢ଼ୀଙ୍କୁ ମଞ୍ଚ ପକ୍ଷରୁ ପ୍ରଦାନ କରାଯାଇଛି। ହିନ୍ଦ୍ ମଜଦୁର ସଭାର ଗୋକୁଳ ମେହେର, ଏଆଇଟିୟୁସି ନେତା ନାଟୁ ଗୋପାଳ, ମହେଶ୍ୱର ଷଣ୍ଢ, ରୁଦ୍ରାଣୀ ନାଥ, ବବିତା ବଡପଣ୍ଡା, ସୁଶାନ୍ତ ପଟ୍ଟନାୟକ, ଗଦାଧର କୁଅଁର, ପ୍ରଣୟ କୁମାର ନାୟକ, ଅରବିନ୍ଦ ଦେହୁରି, ସୁଶୀଲ ଶେଖ, ଦିବ୍ୟଲୋଚନ ସାହୁ, ହିମାଂଶୁ ସାହୁ ପ୍ରମୁଖ ଏଥିରେ ସାମିଲ ଥିଲେ।

## ଓଜେୟୁ ଜିଲା ଶାଖା କର୍ମକର୍ତ୍ତା ଚୟନ

**ସମ୍ବଲପୁର, ୩।୨ (ବ୍ୟୁରୋ):** ଓଡିଶା ସାମ୍ବାଦିକ ସଂଘ (ଓଜେୟୁ)ସମ୍ବଲପୁର ଜିଲା ଶାଖା ସାଧାରଣ ପରିଷଦ ବୈଠକ ଓ ନୂତନ କର୍ମକର୍ତ୍ତା ନିର୍ବାଚନ କେନଘାଟିସ୍ଥିତ ଶ୍ରୀରାମ ବାଟିକାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହିମାଂଶୁ ଶେଖର ମିଶ୍ର ସଭାପତି, ରବିନ୍ଦ୍ର ଦାନି କାର୍ଯ୍ୟକାରୀ ସଭାପତି ଓ ସରୋଜ ସାହୁ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ଶଶିଭୂଷଣ ପ୍ରହରାଜ, ସାଂଗଠନିକ ସମ୍ପାଦକ ସଞ୍ଜୀବ ନାୟକ, ପ୍ରାନ୍ତୀୟ ସମ୍ପାଦକ ରମାକାନ୍ତ ବିଶ୍ୱାଳ, ସମ୍ପାଦକ ସୁଶାନ୍ତ ମହାପାତ୍ର, ସୁବାସ ନାୟକ, ସୋନପୁର ଜିଲା ସଭାପତି ମନୋରଞ୍ଜନ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

## ଦୁଲାଲ ଅଲିମ୍ପିକ ସଂଘ ଉପସଭାପତି

**ସମ୍ବଲପୁର, ୩।୨ (ବ୍ୟୁରୋ):** ଓଡିଶା ଅଲମ୍ପିକ୍ ସଂଘର ଉପସଭାପତି ଭାବେ ସମ୍ବଲପୁର ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ ନିର୍ବାଚିତ ହୋଇଛନ୍ତି। ଗତ ଜାନୁୟାରୀ ୩୧ ତାରିଖରେ କଟକ ବାରବାଟୀ ଷ୍ଟାଡିୟମରେ ସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଦୁଲାଲଙ୍କୁ ଉପସଭାପତି ଭାବେ ନିର୍ବାଚିତ କରାଯାଇଥିଲା। ବୁଧବାର ସେ ସମ୍ବଲପୁରରେ ପହଞ୍ଚିବା ପରେ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଜିଲା କ୍ରୀଡା ସଂଘ, ବିଭିନ୍ନ କ୍ଲବ, କ୍ରୀଡାନୁଷ୍ଠାନ, ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସୁନିଲ ସାହୁ, ସୁବୋଧ ସାହୁ, ସୟଦ ଜିନ୍ଦା, ବିକାଶ ମିଶ୍ର, ଅଭିନାଷ ନନ୍ଦ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରିଥିଲେ। ଜିଲା ଆଥଲେଟିକ ଆସୋସିଏଶନ ଅଧକ୍ଷ ସୁନ୍ଦରମଣୀ ବାରିକ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ମାଲତିଯୋର ସ୍ୱର୍ଗଦ୍ୱାରରେ ପ୍ରଥମ ସଂସ୍କାର

**ପଡିଆବାହାଲ, ୩।୨(ଡି.ଏନ.ଏ.):** ବଡତୁରାଙ୍ଗ ଗ୍ରାମର ସନାତନ ମେହେର (୬୭)ଙ୍କ ବୁଧବାର ସକାଳେ ଦେହାନ୍ତ ହୋଇଛି। ଦୀର୍ଘ ଦିନ ହେଲା ସେ ପକ୍ଷାଘାତ ରୋଗରେ ପୀଡିତ ଥାଇ ଚିକିତ୍ସିତ ହେଉଥିଲେ। ମୃତ୍ୟୁଶଯ୍ୟା ନିକଟରେ ଦୁଇ ପୁଅ ବୋହୂ, ଝିଅ, ନାତିନାତୁଣୀ ଉପସ୍ଥିତ ଥିଲେ। ମାଲତିଯୋର କୂଳରେ ନୂତନ ଭାବେ ନିର୍ମିତ ସ୍ୱର୍ଗଦ୍ୱାର ଘାଟରେ ବଡ ପୁଅ ଅଶ୍ୱିନୀ ମୁଖାଗ୍ନି ଦେଇ ଶେଷକୃତ୍ୟ ସମାପନ କରିଛନ୍ତି।

# କେନ୍ଦ୍ର ସରକାରଙ୍କ ଶ୍ରମ ଆଇନକୁ ବିରୋଧ

**ବେଦବ୍ୟାସ, ୩।୨(ଡି.ଏନ୍.ଏ.)**



ସୁନ୍ଦରଗଡ଼ ଜିଲା ଇଣ୍ଡଷ୍ଟ୍ରିଆଲ ମଜଦୁର ୟୁନିୟନ ପକ୍ଷରୁ କେନ୍ଦ୍ର ସରକାରଙ୍କ ଶ୍ରମ ଆଇନକୁ ବିରୋଧ କରାଯାଉଛି।

କେନ୍ଦ୍ର କ୍ଷମତାସୀନ ମୋଦି ସରକାର ଦେଶର ଶ୍ରମିକ, କୃଷକ ଓ ମେହନତୀ ମଣିଷର ହକ ଲୁଟିବାକୁ ଯୋଜନା କରିଛନ୍ତି। ଗୋଟିକ ପରେ ଗୋଟିଏ ଜନବିରୋଧି ବିଲ ଆଣି ଶ୍ରମିକ ଓ କୃଷକଙ୍କ ଅଧିକାର ଛଡାଇ ନେବାକୁ ବସିଛନ୍ତି। ଏହା ଦ୍ୱାରା ଶ୍ରମିକ ଓ କୃଷକଙ୍କ ଜୀବନ ଦୁର୍ବିସହ ହେବାର ଆଶଙ୍କା ରହିଛି। ଦେଶରେ ଅସ୍ଥିରତା ଦେଖାଦେବ। ୪୪ଟି ଶ୍ରମ ଆଇନ ଉଚ୍ଛେଦ କରି ଏହାକୁ ମାତ୍ର ୪ଟି କୋଡରେ ସୀମିତ କରିଛନ୍ତି କେନ୍ଦ୍ର ସରକାର। କରୋନା ସମୟରେ ଦେଶର ୧୬ କୋଟି ଶ୍ରମିକ କାମଧନ୍ଦା ହରାଇ ବେକାର ହୋଇଛନ୍ତି। ଏତିକି ବେଳେ କୃଷି ଆଇନ ଆଣି କୃଷକଙ୍କୁ ଧୋକା ଦେଇଛନ୍ତି ମୋଦି ସରକାର। ଯାହାକୁ ନେଇ ଦେଶରେ ଆନ୍ଦୋଳନ ଜାରି ରହିଛି। ତୁରନ୍ତ ଏହି ଆଇନ ବାତିଲ କରିବାକୁ ଦାବି କରିଛି ସୁନ୍ଦରଗଡ ଜିଲା ଇଣ୍ଡଷ୍ଟ୍ରିଆଲ ମଜଦୁର ୟୁନିୟନ। ସରକାରଙ୍କ ଶ୍ରମ ଆଇନ କପି ପୋଡ଼ିଛନ୍ତି ଶ୍ରମିକ, କର୍ମଚାରୀ। ଜିଲାର ବିଭିନ୍ନ କାରଖାନା ସମ୍ମୁଖରେ ଏକତ୍ରିତ ହୋଇ ସରକାରଙ୍କ ଶ୍ରମିକ ବିଲକୁ ବିରୋଧ କରିଛନ୍ତି ଏମାନେ। ସିଆଇଟିୟୁ ସହବନ୍ଧିତ ସୁନ୍ଦରଗଡ ଇଣ୍ଡଷ୍ଟ୍ରିଆଲ ମଜଦୁର ୟୁନିୟନ ପକ୍ଷରୁ ଜିଲାର ବିଭିନ୍ନ କଳକାରଖାନାରେ କାମ କରୁଥିବା ଶ୍ରମିକମାନେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତୁତ କଳା ଶ୍ରମ ଆଇନ କପି ପୋଡିବା ସହ ପ୍ରତିବାଦ ଜଣାଇଥିଲେ। ଏହି ଅବସରରେ ବେଦବ୍ୟାସ ସ୍ଥିତ ଏସିଆଟିକ ଗ୍ୟାସ, କାଲୁଙ୍ଗା ଠାରେ ଥିବା ଇଷ୍ଟର୍ଣ୍ଣ ଆଲଏଜ, ଇଷ୍ଟର୍ଣ୍ଣ ଇକ୍ୟୁପମେଣ୍ଟ, ଆରଜି ଅଗ୍ରୱାଲ, ସୀତା ସ୍ପଞ୍ଜ, ରାଜଲକ୍ଷ୍ମୀ ଆଇରନ ୱାର୍କର୍ସ, ବଲଣ୍ଡା ଠାରେ ଥିବା ଜୟ ଆଇରନସ, ତାରିଣୀ ସ୍ପଞ୍ଜ, କୁଆଁରମୁଣ୍ଡା ସ୍ଥିତ ଉତ୍କଳ ମୋଲଡର , ସର୍ଭେସ ରିଫ୍ରାକ୍ଟୋରୀ, ରାଜଗାଙ୍ଗପୁର ସ୍ଥିତ ଓସିଏଲ ରିଫ୍ରାକ୍ଟୋରୀ ପ୍ରମୁଖ କାରଖାନା ସମ୍ମୁଖରେ ଏଭଳି ପ୍ରତିବାଦ କରାଯାଇଛି। କାର୍ଯ୍ୟକ୍ରମରେ ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି, ସିଟୁ ସାଧାରଣ ସମ୍ପାଦକ ଜାହାଙ୍ଗୀର ଅଲ୍ଲୀ, ସମ୍ପାଦକ ଯଯାତୀ ସାହୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ଅଶୋକ ରାୟ, ଡିପି ଦାସ, କ୍ଷୀରୋଦ ବେହେରା, ଭାଗିରଥି ନାୟକ, ଅଜିତ ତିର୍କୀ, ଜନାର୍ଦ୍ଦନ ବଳ, କହ୍ନେଇ ବାନାର୍ଜୀ, ସରୋଜ ବାର୍ଲା, ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ରୋଷେଇ ଘରୁ ନାଗସାପ ଉଦ୍ଧାର

**ରାଉରକେଲା ଅଫିସ, ୩।୨**

ଦୁର୍ଗାପୁର ପାହାଡ଼ ରେଲୱେ କଲୋନୀ ବଙ୍ଗାଳି ପଡ଼ା ବସ୍ତିରେ ବାସ କରୁଥିବା ଶୁଖିରାମ ଦତ୍ତାଙ୍କ ଘରୁ ଏକ ନାଗସାପକୁ ଉଦ୍ଧାର କରାଯାଇଛି। ଶୁଖିରାମ ସକାଳ ସାଢ଼େ ୬ଟାରେ ନିଜ କାମକୁ ଯାଇ ୨ଟାରେ ଘରକୁ ଫେରିଥିଲେ। ଘର ରୋଷେଇ ଘରେ ଗ୍ୟାସଟାଙ୍କି ନିକଟରେ ଝାଡୁ ମାରୁଥିବାବେଳେ ଏକ ନାଗସାପକୁ ସେ ଦେଖିଥିଲେ। ସାପ ଫଣାଟେକି ତାଙ୍କୁ ଚୋଟମାରିବା ପାଇଁ ପ୍ରୟାସ କରୁଥିବାବେଳେ ସେ ଘରୁ ଦୌଡ଼ି ପଳାଇ ଯାଇଥିଲେ। ପରେ ପାଖ ପଡ଼ୋଶୀମାନେ ଆସି ଉକ୍ତ ସ୍ଥାନରେ ଭିଡ଼ ଜମାଇଥିଲେ। ପରେ ସ୍ନେକ ହେଲପ ଲାଇନ ବିଭାଗକୁ ଜଣାଇବା ପରେ ଉକ୍ତ ସାପକୁ ରୋଷେଇ ଘରୁ ଉଦ୍ଧାର କରାଯାଇଥିଲା।

## ଯୋଗାଣ ମନ୍ତ୍ରୀଙ୍କୁ ଭେଟିଲା ଜିଲା କୃଷକ ସଂଘ


ଯୋଗାଣ ମନ୍ତ୍ରୀଙ୍କ ସହ ଆଲୋଚନା କରୁଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ।

**ଲଖନପୁର,୩।୨(ଡି.ଏନ୍.ଏ.)**

ଝାରସୁଗୁଡା ଜିଲାରେ ଧାନବିକ୍ରି ଟାର୍ଗେଟ୍ କମ୍ ରହିଥିବାରୁ ଚାଷୀମାନେ ନିଜ ଉତ୍ପାଦିତ ଧାନ ବିକ୍ରିରୁ ବଞ୍ଚିତ ହେଉଛନ୍ତି। ଫଳରେ ସେମାନେ ଅସାଧୁ ବ୍ୟବସାୟୀଙ୍କୁ କମ୍ ମୂଲ୍ୟରେ ଦେବା ପାଇଁ ବାଧ୍ୟ ହେଉଛନ୍ତି। ଏ ନେଇ ଜିଲା କୃଷକ ସଂଗଠନ ଝାରସୁଗୁଡା ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ପରେ ସ୍ୱାସ୍ଥ୍ୟମନ୍ତ୍ରୀ ଦାସଙ୍କ ତତ୍ତ୍ୱାବଧାନରେ ଜିଲା କୃଷକ ସଂଗଠନର ଏକ ପ୍ରତିନିଧି ଦଳ ବୁଧବାର ଭୁବନେଶ୍ୱର ଯାଇ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ଭେଟି ଆଲୋଚନା କରିଥିଲେ। ପରେ ମନ୍ତ୍ରୀ ସ୍ୱାଇଁ ଧାନବିକ୍ରି ଟାର୍ଗେଟ୍ ବୃଦ୍ଧି ପାଇଁ କୃଷକ ସଂଗଠନ ପ୍ରତିନିଧିଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ପ୍ରତିନିଧି ଦଳରେ ଜିଲା କୃଷକ ସଂଗଠନର ମହାସଚିବ ସାଗର କୁମୁରା, କୋଷାଧ୍ୟକ୍ଷ ଲକ୍ଷ୍ମଣ ସାହୁ, ସଦସ୍ୟ ପୁରୁଷୋତ୍ତମ ନାୟକ, ନୃପଲାଲ ପଶାୟତ ପ୍ରମୁଖ ଉପସ୍ଥିତ ଥିଲେ ।

## ଶ୍ରମ କୋଡ୍‌କୁ ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ବିରୋଧ

**ଟେନସା, ୩।୨(ଡି.ଏନ.ଏ)**


ଶ୍ରମ କୋଡକୁ ବିରୋଧ କରି ବିକ୍ଷୋଭ କରାଯାଉଛି।

ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକରେ ବୁଧବାର ନୂତନ ଶ୍ରମ କୋଡକୁ ବିରୋଧ କରାଯାଇଛି। କୋଇଡାରେ ପ୍ରଭାତ କୁମାର ପଣ୍ଡାଙ୍କ ନେତୃତ୍ୱରେ ବିଭିନ୍ନ ଛକରେ କେନ୍ଦ୍ର ସରକାରଙ୍କ ଶ୍ରମ କୋଡ ବାତିଲ କରିବା, ଚଳିତ ବର୍ଷ ବଜେଟ ବିରୋଧରେ ସ୍ଲୋଗାନ ଦେବା ସହ ନିଆଁ ଲଗାଇ ଦେଇଥିଲେ। ସେହିପରି ଖଣି ଅଞ୍ଚଳରେ ଚନ୍ଦ୍ରମଣି, ବାବୁଲି ମୁଣ୍ଡା ଟେନସାରେ ସୁଦର୍ଶନ ପାତ୍ର ଅଧକ୍ଷତାରେ ହୋଇଥିବା ବେଳେ ଜେଏସଡବ୍ଲୁରେ ପ୍ରଭାତ ପାତ୍ର, ମନୋଜଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ତୁରନ୍ତ ଶ୍ରମିକ ବିରୋଧି କୋର୍ଡ ବାତିଲ ଦାବିରେ ସିଆଇଟିୟୁ ପକ୍ଷରୁ କୋଇଡାର ପ୍ରତ୍ୟେକ ଖଣି ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସେହିପରି ଟେନସା ବରସୁଆଁ ଲୌହଖଣି ଫାଟକ ନିକଟରେ ରାଉରକେଲା ମଜଦୂର ସଭା ପକ୍ଷରୁ ପୀତବାସ ସେଠୀ, ନରେଶ ନାୟକ, କୃଷ୍ଣଚନ୍ଦ୍ର ରାଉତ, ରିଣ୍ଟୁ ମିଶ୍ର ପ୍ରତିବାଦ କରି ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ ।

## ରେଳ ମଣ୍ଡଳରେ ରାଜଭାଷା କାର୍ଯ୍ୟାନ୍ୱୟନ କମିଟି ସଭା

**ସମ୍ବଲପୁର, ୩।୨(ବ୍ୟୁରୋ)**

ସମ୍ବଲପୁର ରେଳ ମଣ୍ଡଳରେ ୭୮ତମ ରାଜଭାଷା କାର୍ଯ୍ୟାନ୍ୱୟନ କମିଟି ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। କମିଟି ସଭା କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ରେଳ ଅଧିକାରୀ ଓ କର୍ମଚାରୀ ହିନ୍ଦୀ ଭାଷା ଅଧିକ ବ୍ୟବହାର କରିବା ଉଚିତ। ଏହାଦ୍ୱାରା ରାଜଭାଷାର ପ୍ରଚାରପ୍ରସାର ହୋଇପାରିବ। ପ୍ରମୁଖ ମୁଖ୍ୟ ନିରାପତ୍ତା ଅଧିକାରୀ ଶୈଳେନ୍ଦ୍ର କପିଲ ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଜଭାଷାକୁ ଭାରତୀୟ ସଂସ୍କୃତିର ଆତ୍ମା ବୋଲି କହିଥିଲେ। ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଏଲ୍‌ଭିଏସ୍‌ଏସ୍ ପାତ୍ରୁଡୁ ସମ୍ମାନିତ ଅତିଥି ଥିଲେ। ଏହି ଅବସରରେ ଆୟୋଜିତ ହିନ୍ଦୀ କୁଇଜ୍ ପ୍ରତିଯୋଗିତାରେ ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ଜେଲରେ ମିଳିବ କନ୍ଧମାଳ ହଳଦୀ


ମଣ୍ଡଳ କାରାଗାରରେ ବିକ୍ରୟ ୟୁନିଟ୍ ଉଦ୍‌ଘାଟନ କରାଯାଉଛି।

**ସମ୍ବଲପୁର, ୩।୨ (ବ୍ୟୁରୋ)**

ସମ୍ବଲପୁର ମଣ୍ଡଳ କାରାଗାରରେ ଏଣିକି କନ୍ଧମାଳ ହଳଦୀ ଉପଲବ୍ଧ ହେବ। ବୁଧବାର କାରାଗାର ପରିସରରେ ଏକ କାଉଣ୍ଟର ଖୋଲାଯାଇ ହଳଦୀ ସାଙ୍ଗକୁ ଅଟା, ବେସନ ବିକ୍ରି ଆରମ୍ଭ ହୋଇଛି। ସୁପରିଣ୍ଟେଣ୍ଡେଣ୍ଟ ବୀରେନ ସାହୁ ଏହାକୁ ଉଦ୍‌ଘାଟନ କରି କହିଥିଲେ, ଜେଲ ପରିସରରେ ଅଟା, ହଳଦୀ ଓ ବେସନ ପାଇବା ପାଇଁ ଏକ ୟୁନିଟ୍ ସ୍ଥାପନ କରାଯାଇଛି। ବାହାରୁ କଞ୍ଚା ସାମଗ୍ରୀ କିଣି ନିୟମିତ ଭାବେ ମେଶିନରେ ପେଷାଯିବ। ପରେ ୫ କେଜିଆ ପ୍ୟାକେଟ କରାଯାଇ ସୁଲଭ ମୂଲ୍ୟରେ ବଜାରରେ ବିକ୍ରି ହେବ। ବଜାର ଚାହିଦା ଅନୁସାରେ ଉତ୍ପାଦନ ବୃଦ୍ଧି କରାଯିବ। କେତେକ କଏଦୀ ଏହି ୟୁନିଟ୍‌ରେ କାମ କରି ରୋଜଗାର କରିପାରିବେ। ପୂର୍ବରୁ ଜେଲ ପରିସର ବିକ୍ରୟ କେନ୍ଦ୍ରରେ ଖଦିର ରୁମାଲ, ବ୍ୟାଗ୍, ବେଡଶିଟ୍ ଆଦି ବିକ୍ରି ହୋଇଆସୁଛି।

## ଟ୍ରେନ୍ ଚଳାଚଳ ନେଇ ଡିଆର୍‌ଏମ୍‌ଙ୍କ ସହ ଆଲୋଚନା

**ସମ୍ବଲପୁର, ୩।୨ (ବ୍ୟୁରୋ)**

କରୋନା କଟକଣା ଯୋଗୁ ବିଭିନ୍ନ ଟ୍ରେନ ଚଳାଚଳ ବନ୍ଦ ରହିଥିଲା। ସ୍ଥିତିରେ ସୁଧାର ଆସିଥିଲେ ମଧ୍ୟ ବନ୍ଦ ଥିବା ଟ୍ରେନ ଚାଲିପାରି ନାହିଁ। ଫଳରେ ସମ୍ବଲପୁର ଲୋକେ ଅନ୍ୟ ଜିଲା ଓ ରାଜ୍ୟକୁ ଯିବା ଲାଗି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଭାଜପା ନେତା ତଥା ଜେଡ୍‌ଆର୍‌ୟୁସିସି ସଭ୍ୟ ଗୋବିନ୍ଦ ପ୍ରସାଦ ଅଗ୍ରୱାଲଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବୁଧବାର ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାରଙ୍କ ସହ ଆଲୋଚନା କରିଛନ୍ତି। ପୁରୀ-ସମ୍ବଲପୁର ଇଣ୍ଟରସିଟି, କୋରାପୁଟ-ହାଓଡା ଇଣ୍ଟରସିଟି, ହାଟିଆ-ପୁରୀ ତପସ୍ୱିନୀ ଏକ୍ସପ୍ରେସ ଭାୟା ସମ୍ବଲପୁର ଏବଂ ଟିଟିଲାଗଡ-ହାଓଡା ଇସ୍ପାତ ଏକ୍ସପ୍ରେସ ଚଳାଚଳ କରିବାକୁ ଦାବି କରିଛନ୍ତି। ଏଥିସହ ରେଳ କର୍ତ୍ତୃପକ୍ଷ ହାଟିଆ ୟଶବନ୍ଦପୁର-ଭୁବନେଶ୍ୱର କୁର୍ଲା ଏଲ୍‌ଟିଟି ଏକ୍ସପ୍ରେସରେ ଜରୁରିକାଳୀନ କୋଟା ଲାଗୁ କରିବାକୁ ଦାବିକରି ସ୍ମାରକପତ୍ର ଦେଇଛନ୍ତି। ପ୍ରତିନିଧି ଦଳରେ ଡା. ପ୍ରଭାସ ଦେବତା, ରଞ୍ଜିତ ରଥ ସାମିଲ ଥିଲେ।

## ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ କାର୍ଯ୍ୟାଳୟ ଉଦ୍‌ଘାଟିତ

**ସମ୍ବଲପୁର, ୩।୨(ବ୍ୟୁରୋ)**

ଓଡିଶା ମେଡିକାଲ କର୍ମଚାରୀ ସଂଘର ନୂତନ କାର୍ଯ୍ୟାଳୟ ବୁଧବାର ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବୁର୍ଲାଠାରେ ଉଦ୍‌ଘାଟିତ ହୋଇଯାଇଛି। ସଂଘ ସଭାପତି କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଉପସଭାପତି ଗୋକୁଳ ମେହେର, ସାକିର ଖାଁ, ପୂର୍ଣ୍ଣଚନ୍ଦ୍ର ରାଉତ, ନରେନ୍ଦ୍ର ଟୋପାକ, ବୁର୍ଲା ଶାଖା ସମ୍ପାଦକ ଶିବ କୁମାର ସେନ୍ଦ୍ରୀଆ, ରାଜ୍ୟ ସମ୍ପାଦିକା ବାସନ୍ତି ବେହେରା, ଗୋପାଳ ମେହେର, ଜିତେନ୍ଦ୍ର କୁମାର ଜାନି, ଗୀତାରାଣୀ କଲେତ, କରୁଣାକର ମହାନନ୍ଦ, ପ୍ରମୋଦ କୁମାର ନାଥ ଯୋଗଦେଇ କର୍ମଚାରୀଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ପ୍ରସ୍ତୁତି ବୈଠକ

**ରାଜଗାଙ୍ଗପୁର, ୩।୨ (ଡି.ଏନ.ଏ)**

ଆସନ୍ତା ୧୬ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁନ୍ଦରଗଡ ଗସ୍ତରେ ଆସିବାର କାର୍ଯ୍ୟକ୍ରମ ଥିବାରୁ ବୁଧବାର ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନର ରାଜ୍ୟ ବିଜେଡି ଉପସଭାପତି ମଙ୍ଗଳା କିଷାନଙ୍କ ନେତୃତ୍ୱରେ ରାଜଗାଙ୍ଗପୁର ଡାକ ବଙ୍ଗଳାରେ ବିଜେଡିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାରେ ମଙ୍ଗଳା କିଷାନ ନିଜ ବକ୍ତବ୍ୟରେ ବିଜେଡି କର୍ମୀଙ୍କୁ ଉଦବୋଧନ ଦେଇ କହିଲେ, ମୁଖ୍ୟମନ୍ତ୍ରୀଙ୍କଏହି ଗସ୍ତକୁ ସଫଳ କରାଇବା ପାଇଁ ଯେଉଁ ସ୍ଥାନରେ ପ୍ରୋଜେକ୍ଟର ଲାଗିବ, ଛାତ୍ର, ଯୁବ ଓ ମହିଳାମାନଙ୍କୁ ଏକତ୍ରିତ କରି ଭେଦଭାବ ନକରି ସେମାନଙ୍କୁ ଆଣି ଦେଖାଇବା ଓ ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତାକୁ ଘରେ ଘରେ ପହଞ୍ଚାଇବା । ଏହି ସଭାରେ ପୂର୍ବତନ ପୌରାଧାକ୍ଷା ସୁଶ୍ରୀତା ପାଇକରାୟ, କୁତ୍ରା ବ୍ଲକ ବିଜେଡି ସଭାପତି ପ୍ରସନ୍ନ ବାଗ, ରାଜଗାଙ୍ଗପୁର ବ୍ଲକ ବିଜେଡି ସଭାପତି ରାମଚନ୍ଦ୍ର କୁଜୁର, ପୂର୍ବତନ ଟାଉନ ବିଜେଡି ସଭାପତି ଅମରେଶ ପଣ୍ଡା, ଜିତୁ ଦାସ ନିଜର ବକ୍ତବ୍ୟ ରଖିଥିଲେ । ଜୟନ୍ତ ମହାନ୍ତି, ରାମଚନ୍ଦ୍ର ବେହେରା, ବାସୁ ରାଉତ, ଅଶୋକ ସାହୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ରାଜଗାଙ୍ଗପୁର, କୁତ୍ରା, ଲାଠିକଟା ଅଞ୍ଚଳର ବିଜେଡି ନେତୃବୃନ୍ଦ ଓ କର୍ମୀବୃନ୍ଦ ଉପସ୍ଥିତ ରହିଥିଲେ ।

## ଏନ୍‌ସିସି କ୍ୟାଡେଟ୍ ପ୍ରିନ୍ସଙ୍କୁ ସମ୍ବର୍ଦ୍ଧନା

**ସମ୍ବଲପୁର, ୩।୨(ବ୍ୟୁରୋ)**

ଦିଲ୍ଲୀଠାରେ ଆୟୋଜିତ ୭୨ତମ ସାଧାରଣତନ୍ତ୍ର ଦିବସ ପରେଡରେ ଯୋଗଦେଇଥିବା ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ଛାତ୍ରୀ ସୁଶ୍ରୀ ପ୍ରିନ୍ସ ଯାଦବଙ୍କୁ ବୁଧବାର ମହାବିଦ୍ୟାଳୟ ପରିସରରେ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀମାନେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅଧକ୍ଷ ପ୍ରଫେସର ପ୍ରଫୁଲ୍ଲ ଚନ୍ଦ୍ର ସେଠୀ କହିଥିଲେ, ପ୍ରିନ୍ସଙ୍କ କୃତିତ୍ୱ ଆମ ଲାଗି ସଫଳତା ଆଣି ଦେଇଛି। ସୂଚନାଯୋଗ୍ୟ, ରାଜ୍ୟରୁ ମୋଟ ୨୬ ଜଣ ଏନ୍‌ସିସି କ୍ୟାଡେଟ୍ ପରେଡରେ ଯୋଗଦେଇଥିଲେ। ପ୍ରିନ୍ସ କୋରିଅପ୍ପା ପଡିଆଠାରେ ଆୟୋଜିତ ପ୍ରଧାନମନ୍ତ୍ରୀ ରାଲିରେ ଯୋଗଦେଇଥିଲେ। ଏହାଛଡା ସେ ହଲ୍ ଅଫ୍ ଫ୍ରେମ୍‌ର ବ୍ରିଫିଙ୍ଗ୍ ସେସନ୍‌କୁ ମନୋନୀତ ହୋଇ ଅତିଥିଙ୍କ ଉଦ୍ଦେଶ୍ୟରେ ତଥ୍ୟ ପରିବେଷଣ କରିବା ସୁଯୋଗ ପାଇଥିଲେ।

**ଖେଳ ଖବର**

## ରେଢ଼ାଖୋଲ କପ୍ କ୍ରିକେଟ: ବ୍ରଜରାଜନଗର ଚାମ୍ପିୟନ

**ରେଢାଖୋଲ,୩।୨(ଡି.ଏନ.ଏ.)**


ଖେଳାଳିଙ୍କ ଗହଣରେ ଅତିଥିମାନେ।

ଗତ ୧ ତାରିଖରୁ ସ୍ଥାନୀୟ ମିନି ଷ୍ଟାଡିୟମଠାରେ ଚାଲିଥିବା ରେଢାଖୋଲ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚରେ ଆୟୋଜକ ରେଢାଖୋଲକୁ ହରାଇ ବ୍ରଜରାଜନଗର ଦଳ ଚାମ୍ପିୟନ ହୋଇଛି। ରେଢାଖୋଲ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୩୫ ରନ କରିଥିଲା। ଜବାବରେ ବ୍ରଜରାଜନଗର ଦଳ ୧୫.୨ ଓଭରରେ ୬ ଉଇକେଟ ହରାଇ ୧୩୯ ରନ କରି ବିଜୟୀ ଘୋଷିତ ହୋଇଥିଲା। ଓସିଏ ଅମ୍ପାୟାର ବାଳକୃଷ୍ଣ ସ୍ୱାଇଁ ଓ ଶରତ କୁମାର ରାଉତ ଖେଳ ପରିଚାଳନା କରିଥିଲେ। ସଚିନ ମ୍ୟାନ ଅଫ ଦି ମ୍ୟାଚ ଓ ଲକ୍ଷ୍ମଣ ଦୀପ ମ୍ୟାନ ଅଫ ଦି ସିରିଜ ଘୋଷିତ ହୋଇଥିଲେ। ଉଦ୍‌ଯାପନୀ ସମାରୋହରେ ବିଜେଡି ସମ୍ବଲପୁର ଜିଲା ପର୍ଯ୍ୟବେକ୍ଷକ ତଥା ଅବସରପ୍ରାପ୍ତ ପୂର୍ତ୍ତ ସଚିବ ନଳିନୀକାନ୍ତ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସୁରେନ୍ଦ୍ର ନାରାୟଣ ପ୍ରଧାନ, ନଗର ବିଜେଡି ସଭାପତି ସିଦ୍ଧାର୍ଥ ଶଙ୍କର ପ୍ରଧାନ, ଲୁହାପଙ୍କ ସରପଞ୍ଚ ଅଶ୍ୱିନୀ ପ୍ରଧାନ, ପୂର୍ବତନ କାଉନ୍‌ସିଲର ଲକ୍ଷ୍ମଣ ପ୍ରଧାନ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜକ ଦଳର ନିଶିକାନ୍ତ ଅଗ୍ରୱାଲ,ବାଦଲ ମୁଣ୍ଡା, ଇମ୍ରାନ ଖାନ ପ୍ରମୁଖ ସହଯୋଗ କରିଥିଲେ।

## କ୍ରିକେଟ ଟୁର୍ଣ୍ଣାମେଣ୍ଟ : କୁଚିଣ୍ଡା ଚାମ୍ପିୟନ

**ଦେବଗଡ଼,୩।୨(ଡ଼ି.ଏନ୍.ଏ.)**

ଦେବଗଡ ଜିଲା ତିଳେଇବଣି ସଦର ମହକୁମାସ୍ଥିତ ଖେଳ ପଡିଆରେ ଚାଲିଥିବା କାହ୍ନା ସନମ୍ ନାଥ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ କୁଚିଣ୍ଡା ଓ ବାରକୋଟ ବ୍ଲକର ଦଣ୍ଡାସିଂହା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ଦଣ୍ଡାସିଂହା ପ୍ରଥମେ ବ୍ୟାଟିଂ କରି ୯ ଓଭରରେ ୬୩ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ କୁଚିଣ୍ଡା ଦଳ ୬ ଓଭରରେ ୨ ଉଇକେଟ୍ ହରାଇ ୬୪ ରନ୍ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ରଞ୍ଜିତ ସାହୁ ଓ ମଧୁସୂଦନ ରଣା ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଯୁବନେତା ଯୋଗେଶ ପ୍ରଧାନ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥିଭାବେ ତିଳେଇବଣି ସରପଞ୍ଚ ଶୁକ୍ରୁ ମୁଣ୍ଡା, ସୁଶିଲ କର, ଦଣ୍ଡାସିଂହା ସରପଞ୍ଚ ଅମିତ କୁମାର ଦେହୁରୀ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।


ଅତିଥିଙ୍କଠାରୁ ଚାମ୍ପିୟନ ଦଳର ଖେଳାଳିମାନେ ଟ୍ରଫି ଗ୍ରହଣ କରୁଛନ୍ତି।

## ଆର୍‌ଏସ୍‌ପି ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରିଛି: ସେଲ୍ ଅଧ୍ୟକ୍ଷ ସୋମା ମଣ୍ଡଳ

**ରାଉରକେଲା ଅଫିସ,୩।୨**

ମନ୍ଥନ ସମ୍ମିଳନୀ କକ୍ଷଠାରେ ସେଲର ବିଭିନ୍ନ ବରିଷ୍ଠ ଅଧିକାରୀଙ୍କ ସହ ସେଲ ଅଧ୍ୟକ୍ଷ ସୋମା ମଣ୍ଡଳଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଆରଏସ୍‌ପିର ସିଇଓ ଦୀପକ ଚଟ୍ଟରାଜ, କାର୍ମିକ ଓ ପ୍ରଶାସନିକ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ରାଜବୀର ସିଂହ, ଇଡ଼ି ୱାର୍କ୍ସ ପ୍ରକଳ୍ପ ବିଭାଗର ନିର୍ବାହୀ ଅଧିକାରୀ ପଙ୍କଜ କୁମାରଙ୍କ ସହ ବହୁ ମୁଖ୍ୟ ମହାପ୍ରବନ୍ଧକ ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଉକ୍ତ ବୈଠକରେ ସେଲ ଅଧ୍ୟକ୍ଷ ଶ୍ରୀମତୀ ମଣ୍ଡଳ କହିଥିଲେ, ସମସ୍ତ କ୍ଷେତ୍ରରେ ନିରବଚ୍ଛିନ୍ନ ଉନ୍ନତି ସାଧନ ଯୋଗୁ ଆରଏସ୍‌ପି ସର୍ବୋତ୍କୃଷ୍ଟ ପ୍ରଦର୍ଶନ ହାସଲ କରି ନିଜକୁ ଅନ୍ୟମାନଙ୍କ ଠାରୁ ଭିନ୍ନ ପ୍ରତିପାଦିତ କରିଛି। ସେଲ ଅଧ୍ୟକ୍ଷ ମଣ୍ଡଳ ଇସ୍ପାତ ଜେନେରାଲ ହସ୍ପିଟାଲ ପରିଦର୍ଶନ କରିବା ସହିତ ପ୍ରକଳ୍ପର ଅଗ୍ରଗତିର ସମୀକ୍ଷା କରିଥିଲେ।

**ଭଜନ ମଣ୍ଡଳୀର ବାର୍ଷିକ ମହୋତ୍ସବ**

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ଯୋଗୀସର୍ଡା ଯୋଗେଶ୍ୱର ଭଜନ ମଣ୍ଡଳୀର ୪୫ତମ ବାର୍ଷିକ ମହୋତ୍ସବ ସ୍ଥାନୀୟ ଯୋଗେଶ୍ୱର ଧାମପୀଠ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ସମ୍ପତି ପଧାନ, ସମ୍ପାଦକ ଜିତେନ୍ଦ୍ର ତ୍ରିପାଠୀ ଓ କୋଷାଧ୍ୟକ୍ଷ ଭରତ ସାହୁଙ୍କ ତତ୍ତ୍ୱାବଧାନରେ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ମହିଳା ଗାୟିକା ସୁଶ୍ରୀ ପ୍ରାପ୍ତି ଆଚାର୍ଯ୍ୟ ସୁନ୍ଦରାକାଣ୍ଡ ପାରାୟଣ କରିଥିଲେ ।



## ସଂକ୍ଷେପରେ

### ସିଶକେଲାରେ ବିଜେଡି କର୍ମୀ ସମ୍ମିଳନୀ

ସଇଁତଲା, ୩।୨(ଡି.ଏନ.ଏ.) : ସଇଁତଲା ବ୍ଲକ ଶିସକେଲା ଗ୍ରାମ ଖେଳ ପଡ଼ିଆରେ ବୁଧବାର ୩୧ ନଂ ଜିଲା ପରିଷଦ ଜୋନର କର୍ମୀଙ୍କୁ ନେଇ ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ମନ୍ତ୍ରୀ ସୁଶାନ୍ତ କୁମାର ସିଂ ବକ୍ତବ୍ୟ ରଖି ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସଇଁତଲା ପଞ୍ଚାୟତ ସମିତିକୁ ବିଜେଡି ଦଖଲ କରିବା ଦିଗରେ କର୍ମୀମାନେ କାମ କରିବାକୁ ଆହ୍ୱାନ ଦେଇଥିଲେ। ଟିଟିଲାଗଡ ବିଧାୟିକା ତଥା ମହିଳା ଶିଶୁ ବିକାଶ ଓ ମହିଳା ସଶକ୍ତିକରଣ ମନ୍ତ୍ରୀ ଟୁକୁନି ସାହୁ ଯୋଗଦେଇ ନବୀନ ପଟ୍ଟନାୟକଙ୍କ ସରକାରର ଉପଲବ୍ଧି ଜନସାଧାରଣଙ୍କ ନିକଟରେ ପହଞ୍ଚାଇ ପାରିଲେ ଦଳର ଗ୍ରହଣୀୟତା ବ୍ୟାପକ ହୋଇ ପାରିବ ବୋଲି କହିଥିଲେ। ଜିଲା ବିଜେଡି ଉପସଭାପତି ସୁରେନ୍ଦ୍ର ସାହୁ, ଦିଲୀପ ରାଜପାଲିଆ, ପ୍ରମୋଦ ପଧାନ, ଚନ୍ଦ୍ରବଦନ ପୁରୋହିତ, ରାଜକିଶୋର ଡ଼ାଙ୍ଗ, ବ୍ଲକ ଅଧକ୍ଷ ରମାକାନ୍ତି ପୁଟେଲ ପ୍ରମୁଖ ଉପସ୍ଥିତ ଥିଲେ ।

### ପୂର୍ଣ୍ଣାଙ୍ଗ ସ୍ୱାସ୍ଥ୍ୟସେବା ନ ମିଳିଲେ ଆନ୍ଦୋଳନ

ବରଗଡ଼ ଅଫିସ୍,୩।୨: ବରଗଡ଼ ସହରରେ ଥିବା ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନା(ବର୍ତ୍ତମାନର ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର)ରେ ପୂର୍ଣ୍ଣାଙ୍ଗ ସ୍ୱାସ୍ଥ୍ୟସେବା ଯୋଗାଇବା ଦାବି ପୁଣି ଜୋର୍ ଧରିଛି। ବୁଧବାର ଭାଜପା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ଆସିଷ୍ଟାଣ୍ଟ କଲେକ୍ଟର ସୁମତୀ ପଣ୍ଡା ସ୍ମାରକପତ୍ର ଗ୍ରହଣ କରିଥିଲେ। ଗତବର୍ଷ ଜିଲା ମୁଖ୍ୟ ଡାକ୍ତରଖାନାକୁ ସହର ମଧ୍ୟରୁ ଖେଦାପାଲିକୁ ସ୍ଥାନାନ୍ତର କରିବା ସମୟରେ ଜନ ଆନ୍ଦୋଳନ ଦେଖାଯାଇଥିଲା। ପରେ ମୁଖ୍ୟମନ୍ତ୍ରୀ ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଭାବେ ଘୋଷଣା କରିଥିଲେ। ମାତ୍ର ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ସଂଖ୍ୟକ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ନ ଥିବାବେଳେ ଆନୁସଙ୍ଗିକ ବ୍ୟବସ୍ଥାର ମଧ୍ୟ ଅଭାବ ଥିବା ଭାଜପା ଅଭିଯୋଗ କରିଛି। ବିହିତ ପଦକ୍ଷେପ ନେବା ସହିତ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ଏବଂ ଅନ୍ୟସବୁ ଆନୁସଙ୍ଗିକ ବ୍ୟବସ୍ଥା କରିବାକୁ ଦାବି ହୋଇଛି।

### ସ୍କୁଲର ଉନ୍ନତି ପାଇଁ ସଂକଳ୍ପ ନେଲେ ପୁରାତନ ବିଦ୍ୟାର୍ଥୀ

ବିନିକା,୩।୨(ଡି.ଏନ୍.ଏ.): ବିନିକା ବ୍ଲକ ସିଂଘିଯୁବା ସରକାରୀ ଉପ୍ରା ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ ମାଧମରେ ବିଦ୍ୟାଳୟର ଉନ୍ନତି , ଶିକ୍ଷାର ମାନରେ ଅଗ୍ରଗତି ଉଦ୍ଦେଶ୍ୟ ନେଇ ଗାଁର ପୁରାତନ ଛାତ୍ର ଆଗେଇ ଆସିଛନ୍ତି। ବୁଧବାର ପ୍ରଧାନ ଶିକ୍ଷକ ଦୟାସାଗର ପଧାନଙ୍କ ତତ୍ତ୍ୱାବଧାନରେ ମୋ ସ୍କୁଲ ଅଭିଯାନକୁ ନେଇ ଏକ ୧୧ ଜଣିଆ ପୁରାତନ ଛାତ୍ର କମିଟି ଗଠନ ହୋଇଛି। କାର୍ଯ୍ୟକ୍ରମରେ ସିଂଘିଯୁବାର ସୁରେଶ ଦାଶ ଯୋଗଦେଇ ଅଭିଯାନର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ପୁରାତନ ଛାତ୍ର ନିରାକାର କର୍ଣ୍ଣଙ୍କୁ ସଭାପତି, ଉପଦେଷ୍ଟା ସଭ୍ୟ ଭାବେ ବିପ୍ଳବ ରଞ୍ଜନ ଦାଶ, ସୁବ୍ରତ ମିଶ୍ର ମନୋନୀତ ହୋଇଥିଲେ ।

# ଟଙ୍କା ପୈଠ ହୋଇଛି, ଖନନ ହେଉନି

ଲୋଇସିଂହା,୩।୨(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ଗାଁର ୧୧ଜଣ ଚାଷୀ ବର୍ଷକ ତଳେ ଗଭୀର ନଳକୂପ ଖନନ ସକାଶେ ବିଭାଗ ନିକଟରେ ୨୦ ହଜାର ଟଙ୍କା ଲେଖାଏ ଜମା କରିଥିଲେ। ହେଲେ ସେମାନଙ୍କ ଜମିରେ ନଳକୂପ ଖନନ କରାଯାଇନାହିଁ। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବୁଧବାର ୧୧ ଜଣ ଚାଷୀ ବଲାଙ୍ଗୀର ବିଭାଗୀୟ କାର୍ଯ୍ୟାଳୟକୁ ଯାଇ ଘେରାଉ କରିଥିଲେ । ଖବର ପାଇ ବିଭାଗୀୟ ଏସଇ ଘଟଣାସ୍ଥଳକୁ ଆସି ଖନନ ଦାୟିତ୍ୱରେ ଥିବା ଠିକାଦାରଙ୍କୁ ହଟାଇ ଅନ୍ୟ ଠିକାଦାରକୁ ଦାୟିତ୍ୱ ଦିଆଯିବ ବୋଲି କହିଥିଲେ। ଦୁଇଦିନ ମଧ୍ୟରେ ଏ ନେଇ ଚାଷୀମାନେ ସୂଚନା ପାଇବେ ବୋଲି କହିବା ପରେ ଚାଷୀମାନେ ଆନ୍ଦୋଳନରୁ ଓହରିଥିଲେ ।

ସୂଚନା ଅନୁଯାୟୀ, ସରକାରଙ୍କ ଉଠା ଜଳସେଚନ ବିଭାଗ ଦ୍ୱାର କାର୍ଯ୍ୟକାରୀ ହେଉଥିବା ନିଜ ଜମିରେ ଗଭୀର ନଳକୂପ ଖନନ ପାଇଁ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ସଦର ଗାଁର ୨୧ଜଣ ଚାଷୀ ନଳକୂପ ଖନନ ପାଇ ଫର୍ମ ଆବେଦନ



ଗଭୀର ନଳକୂପ ଖନନରୁ ବଞ୍ଚିତ ବାଦିବାହାଲ ଗାଁର ଚାଷୀମାନେ।

**■ଗଭୀର ନଳକୂପ ସୁବିଧା ପାଇ ପାରିଲେନି ୧୧ଚାଷୀ**
**■ଉଠା ଜଳସେଚନ କାର୍ଯ୍ୟାଳୟ ଘେରିଲେ**

କରିଥିଲେ। ସେଥିରୁ ୨ ଚାଷୀଙ୍କ ଫର୍ମ ଖାରଜ ହୋଇଯାଇଥିଲା। ବାକି ୧୯ ଜଣଙ୍କ ମଧ୍ୟରୁ ୮ ଚାଷୀଙ୍କ ଜମିରେ ବଭାଗ ପକ୍ଷରୁ ଠିକାଦାରଙ୍କ ଜରିଆରେ ନଳକୂପ ଖନନ କରାଯାଇଥିଲା। ବିଶ୍ୱନାଥ ନାଏକ, ମୀନକେତନ ଭୋଇ, ସେନାପତି ପଧାନ, ରାଜକୁମାର ପଶାୟାତ, ପ୍ରଫୁଲ୍ଲ ମେହେର, ନାରାୟଣ ମେହେର, ଅବଧୂତ ସା, କୁଞ୍ଜବିହାରୀ ରଣା, ଝାରୁ ରଣା, ଅଲେଖ ଧରୁଆ ପ୍ରମୁଖ ୧୧ ଚାଷୀଙ୍କ ଜମିରେ ଗଭୀର ନଳକୂପ ଖନନ ହୋଇପାରିନାହିଁ । ଏ ନେଇ ସମ୍ପୃକ୍ତ ଚାଷୀମାନେ ଅନେକ ଥର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ନିରାଶ ହୋଇ ପଡିଛନ୍ତି। ଗତ ମାସ ୫ ତାରିଖ ଦିନ ବଲାଙ୍ଗୀର ଉଠାଜଳସେଚନ କାର୍ଯ୍ୟାଳୟରେ ଚାଷୀମାନେ ଧାରଣା ଦେଇଥିଲେ । ସେତେବେଳେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ରଞ୍ଜିତ ଗାଣ ଫେବୃୟାରୀ ୧ତାରିଖ ମଧରେ ନଳକୂପ ଖନନ କରିବାକୁ ଚାଷୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ବିଭାଗୀୟ ଅଧିକାରୀ କିମ୍ବା ଦାୟିତ୍ୱରେ ଥିବା ଠିକାଦାର ପ୍ରତିଶ୍ରୁତି ରକ୍ଷା କରି ନ ଥିଲେ। ଚାଷୀମାନଙ୍କ ପ୍ରତି ଖାମଖିଆଲି ମନୋଭାବ ଯୋଗୁ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ସୁରେନ୍ଦ୍ର ଧରୁଆଙ୍କ ନେତୃତ୍ୱରେ ୧୧ଜଣ ଚାଷୀ ବଲାଙ୍ଗୀର ସ୍ଥିତ କାର୍ଯ୍ୟାଳୟକୁ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିବା ଚାଷୀ ବିଶ୍ୱନାଥ ନାୟକ ସୂଚନା ଦେଇଛନ୍ତି।

# ସହାୟତା ଅପେକ୍ଷାରେ କ୍ୟାନ୍ସର ପୀଡ଼ିତ ଶୁକ୍ରୁ

ଲୋଇସିଂହା,୩।୨(ଡି.ଏନ.ଏ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବଡଟିକା ପଞ୍ଚାୟତ ବୁରୋଭାଡି ଗାଁର ଶୁକ୍ରୁ ପଧାନ(୩୪) । ଗତ ଦେଢବର୍ଷ ହେଲା ସେ ମୁଖକର୍କଟ ରୋଗରେ ପୀଡିତ। ଚକିତ୍ସା ବାବଦକ ବହୁ ଟଙ୍କା ଖର୍ଚ୍ଚ କରି ସାରିଛନ୍ତି। ଏବେ ହାତାରେ କିଛିନାହିଁ। ଏଭଳି ସ୍ଥିତିରେ ଏହି ରୋଗରୁ ମୁକ୍ତି ପାଇବା ପାଇଁ ସରକାରୀ ସହାୟତା ନିବେଦନ କରିଛନ୍ତି। ତାମିଲନାଡୁରେ ଦାଦନ ଖଟୁଥିବା ବେଳେ ଶୁକ୍ରୁ ମୁଖର୍କକଟ ରୋଗର ଶିକାର ହୋଇଥିଲେ । ଲକ୍‌ଡାଉନ ସମୟରେ ଗାଁକୁ ଫେରି ଆସ ଚିକିତ୍ସା କରିଥିଲେ । ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିଥିଲେ ସୁଦ୍ଧା ସୁଫଳ ମିଳିନାହିଁ। ଗତ ୩ ମାସ ହେଲା ଟଙ୍କା ଅଭାବରୁ ଔଷଧ ଖାଇବା ସେ ବନ୍ଦ କରି ଦେଇଛନ୍ତି। ଫଳସ୍ୱରୂପ ଅବସ୍ଥା ଜଟିଳ ହେବାରେ ଲାଗିଛି । ଗରିଷ୍ଠ ଖାଦ୍ୟ ଖାଇ ନ ପାରି କେବଳ ପାନୀୟ ଖାଦ୍ୟ ଗ୍ରହଣ କରୁଛନ୍ତି। ଏବେ ଠିକ୍‌ଭାବେ କଥା କହି ପାରୁନାହାନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଲେ ଶୁକ୍ରୁଙ୍କ ଚିକିତ୍ସା କରାଯାଇ ପାରନ୍ତା ବୋଲି ତାଙ୍କ ଭଉଣୀ ସ୍ମିତା କହିଛନ୍ତି।

# ହୃଦରୋଗ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବ



ଜୟ ପ୍ରକାଶ ମେଡିକାଲ ହଲରେ ହୃଦରୋଗ ସମ୍ପର୍କରେ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଡ଼ାକ୍ତର।

ରାଉରକେଲା ଅଫିସ, ୩।୨

ଦାଣ୍ଡିଆପାଲିସ୍ଥିତ ଜୟ ପ୍ରକାଶ ମେଡିକାଲ ହଲରେ ହୃଦରୋଗ ସମ୍ପର୍କରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି ସମ୍ମିଳନୀରେ ହୃଦରୋଗ ବିଶେଷଜ୍ଞ ଡା ଆର.ପ୍ରଦୀପ କୁମାର, ଶଲ୍ୟ ବିଭାଗ ଡାକ୍ତର ସମୀର ପାଣିଗ୍ରାହୀ, ବିଶ୍ୱଜିତ ମହାପାତ୍ର, ତ୍ରିଲୋଚନ ଅଗ୍ରୱାଲ, ମାନେଜିଙ୍ଗ ନିର୍ଦ୍ଦେଶକ ଚନ୍ଦନ ବଂସଲ, ଆଇସିୟୁ ସ୍ପେଶାଲିଷ୍ଟ ପ୍ରବୀର ରାୟ, ଶଲ୍ୟ ଚିକିତ୍ସକ ଦେବାଶିଷ ପଟ୍ଟନାୟକ, ଡାକ୍ତର ଅମରେଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜୟ ପ୍ରକାଶ ହସ୍ପିଟାଲ ରାଉରକେଲାରେ ଆଗାମୀ ଦିନରେ ନିଃଶୁଳ୍କ ସରକାରଙ୍କ ପ୍ରମୁଖ ସ୍ୱାସ୍ଥ୍ୟ ଯୋଜନା ଅଧୀନ ଯଥା ବିଏସ୍‌କେୱାଇ, ଆରଏସ୍‌ବିୱାଇ, ବିପିଏଲ କାର୍ଡ଼ ଭଳି ବିଭିନ୍ନ କାର୍ଡଧାରୀଙ୍କୁ ହୃଦରୋଗ, କାର୍ଡ଼ିଓଥୋରାପିସ ଓ ଭାସ୍କୁଲାର ସର୍ଜରୀ, କାନ,ନାକ, ଗଳା, ଚକ୍ଷୁ ଜନିତ ଚିକିତ୍ସା ଭଳି ବଡ଼ବଡ଼ ରୋଗର ଚିକିତ୍ସା କରିବ । ଏଥିସହ ରାଉରକେଲା ତଥା ଆଖାପାଖ ତଳି ଅଞ୍ଚଳରେ ବସବାସ କରୁଥିବା ଗରିବ ଶ୍ରେଣୀର ରୋଗୀମାନଙ୍କୁ ଅଧିକ ସଚେତନ ପାଇଁ ବିଭିନ୍ନ କ୍ୟାମ୍ପ ମାଧ୍ୟମରେ ହୃଦରୋଗ ସମ୍ପର୍କିତ କର୍ମଶାଳା କରି ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଇବ ବୋଲି ହୃଦରୋଗ ବିଶେଷଜ୍ଞ ତ୍ରିଲୋଚନ ଅଗ୍ରୱାଲ ସୂଚନା ଦେଇଥିଲେ। ଉକ୍ତ ଡାକ୍ତରଖାନାରେ ସମସ୍ତ ରୋଗପାଇଁ ଆସୁଥିବା ଲୋକଙ୍କୁ କିଭଳି ସମସ୍ତ ସ୍ୱାସ୍ଥ୍ୟସେବା ମିଳିପାରିବ ସେନେଇ ବିଭିନ୍ନ ଡାକ୍ତର ନିଜସ୍ୱ ମତ ରଖିଥିଲେ। ଶେଷରେ ଏମ୍‌ଡ଼ି ଚନ୍ଦନ ବଂସଲ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ



ମୃତଦେହ ରଖି ବଲାଙ୍ଗୀର-ନୂଆପଡା ରାସ୍ତା ଅବରୋଧ କରାଯାଇଛି।

ଲାଠୋର, ୩।୨(ଡି ଏନ ଏ.)

**ତେଲଙ୍ଗାନାରେ ମୃତ ଦାଦନ ଶ୍ରମିକଙ୍କ ମୃତଦେହ ପହଞ୍ଚିଲା**

ତେଲଙ୍ଗାନାରେ ଏକ ଇଟାଭାଟିରେ ଦାଦନ ଶ୍ରମିକଭାବେ କାମ କରୁଥିବା ବଲାଙ୍ଗୀର ଜିଲା ଲାଠୋର ଥାନା ତଳିପଡାର ଦାଦନ ଶ୍ରମିକ କାର୍ତ୍ତିକ ପୁଟେଲ(୪୫)ଙ୍କ ଟ୍ରାକ୍ଟର ଚାପାରେ ମଙ୍ଗଳବାର ମୃତ୍ୟୁ ଘଟିଥିଲା। ବୁଧବାର ତାଙ୍କ ମୃତଦେହ ଏଠାରେ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତ ଦାଦନ ଶ୍ରମିକଙ୍କ ପରିବାରକୁ ୨୫ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରି ଲାଠୋର ଡେଭଲପମେଣ୍ଟ ଆସୋସିଏଶନ(ଏଲଡିଏ)ର ଲବ ସୁନାଙ୍କ ନେତୃତ୍ୱରେ ବଲାଙ୍ଗୀର-ନୂଆପଡା ମୁଖ୍ୟ ରାସ୍ତାର ଲାଠୋର କଲେଜ ଛକରେ ମୃତଦେହ ରଖି ଅବରୋଧ କରାଯାଇଥିଲା। ମୃତକଙ୍କ ପିଲାଙ୍କୁ ଶିକ୍ଷାଗତ ଥାଇଥାନ, ୪ ଡିସମିଲ ଘର ଡିହ, ବାସଗୃହ, ବିଧବା ଭତ୍ତା, ଏବଂ ପରିବାର ମଙ୍ଗଳ ଯୋଜନାରେ ତୁରନ୍ତ ୨୦ହଜାର ଟଙ୍କା ପ୍ରଦାନ, ମାଲିକ ଏବଂ ସର୍ଦ୍ଦାରଙ୍କ ଲାଇସେନ୍ସ ରଦ୍ଦ ସହ ମାମଲା ରୁଜୁ କରିବାକୁ ଦାବି କରାଯାଇଥିଲା। ଫଳରେ ଦୁଇଘଣ୍ଟା ଧରି ସମ୍ପୃକ୍ତ ରାସ୍ତାରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ଲାଠୋର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ସରପଞ୍ଚ ପ୍ରବୀଣ ଅଗ୍ରୱାଲ ରାସ୍ତାରୋକୋସ୍ଥଳରେ ପହଞ୍ଚି ହରିଶ୍ଚନ୍ଦ୍ର ଯୋଜନାରେ ୨ହଜାର ଟଙ୍କା ଓ ରେଡକ୍ରସରୁ ୧୦ହଜାର ଟଙ୍କା ଦିଆଯିବାର ପ୍ରତିଶ୍ରୁତି ପରେ ରାସ୍ତାରୋକୋ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଲାଠୋର ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୧/୨୧)ରୁଜୁ କରି ବ୍ୟବଚ୍ଛେଦ ପାଇଁ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇ ଥିବା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି।

ସୂଚନା ଅନୁସାରେ କଣ୍ଟାବାଞ୍ଜି ଥାନା ଚଟୁଅନଖା ଗ୍ରାମର ଦାଦନ ସର୍ଦ୍ଦାର ଦିଲୀପ ତାଣ୍ଡିଙ୍କଠାରୁ ଅଗ୍ରୀମ ନେଇ କାର୍ତ୍ତିକ ପୁଟେଲ, ତାଙ୍କ ସ୍ତ୍ରୀ କଳାବତୀ, ଝିଅ ଲିପି (୧୧), କାମିନୀ (୯), ହସିନା (୭), ପୁଅ ଶିବା (୪) ଏବଂ ଅରୁପ (୨)ଙ୍କୁ ତେଲଙ୍ଗାନା ରାଜ୍ୟ ନାଲଗୋଣ୍ଡା ଜିଲା ଚୋଟୋପାଲର ଏଙ୍କା ରାଓଙ୍କ ଇଟାଭାଟରେ କାମ କରୁଥିଲେ। ଗତ ୧୮ତାରିଖ ସେଠାରେ କାର୍ତ୍ତିକ କେଚବଲ ଯୋଗେ ମାଟି ମିଶାଉ ଥିବା ବେଳେ ଟ୍ରାକ୍ଟର ତାଙ୍କ ଉପରେ ଓଲଟି ପଡିଥିଲା। କିଛିଦିନ ଚିକିତ୍ସିତ ହେବା ପରେ ଗତ ୩୦ତାରିଖରେ ଇଟାଭାଟି ମାଲିକ ଏକ ଗାଡି କରି ତାଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ରାତିରେ କାର୍ତ୍ତିକଙ୍କ ମୃତ୍ୟୁ ହୋଇଥିଲା।

# ଅଧୀକ୍ଷକଙ୍କୁ ୧୦ଦଫା ଦାବିପତ୍ର

**ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ**

ବଲାଙ୍ଗୀର ଅଫିସ, ୩।୨

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସା ସେବା ଅବ୍ୟବସ୍ଥିତ ହୋଇପଡିଛି। ଏଠାରେ ଏଣ୍ଡୋସ୍କୋପି ପରୀକ୍ଷା ବ୍ୟବସ୍ଥା ଉପଲବ୍ଧ ହୋଇନାହିଁ। ଫଳରେ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଭଳି କିଛି ସମସ୍ୟାକୁ ନେଇ ହସ୍ପିଟାଲ ଅଧୀକ୍ଷକ ଡା ମହେନ୍ଦ୍ର କୁମାର ନାୟକଙ୍କୁ ୧୦ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ହସ୍ପିଟାଲ ପାଇଁ ଅତିକମ୍‌ରେ ଆଉ ଦୁଇଟି ଆମ୍ବୁଲାନ୍ସ ଶୀଘ୍ର ଯୋଗାଇ ଦେବାକୁ ଦାବି କରାଯାଇଛି। ମେଡିକାଲ କଲେଜ ହସ୍ପିଟାଲ ଘୋଷଣା କରାଯାଇଥିଲେ ମଧ ଏଠାରେ ବିଭିନ୍ନ ବିଭାଗରେ ଅସ୍ତ୍ରୋପଚାର କରାଯାଉନାହିଁ। ସାଧାରଣ ସମସ୍ୟା ଥିଲା ରୋଗୀଙ୍କୁ ଅନ୍ୟତ୍ର ପଠାଇ ଦିଆଯାଉଛି। ରାତିରେ ପ୍ରସୂତୀ ବିଭାଗରେ ଡାକ୍ତର ରହୁନାହାନ୍ତି ଓ ଠିକ୍ ସମୟରେ ଆଉଟ୍ ଡୋରରେ ମଧ ଡାକ୍ତର ରହୁ ନ ଥିବା ଅଭିଯୋଗ କରାଯାଇଛି । ଅଧିକ ହ୍ୱିଲ୍‌ଚେୟାର ଓ ଷ୍ଟ୍ରେଚର ନଥିବାରୁ ବିଭିନ୍ନ ବିଭାଗର ରୋଗୀଙ୍କୁ ଅପେକ୍ଷା କରିବାକୁ ପଡୁଛି। ଏଦିଗରେ ତୁରନ୍ତ ଧ୍ୟାନ ଦେଇ ଉଚିତ୍ ବ୍ୟବସ୍ଥା କରିବାକୁ ଯୁବ ସ୍ୱେଚ୍ଛାସେବୀ ଗୋବିନ୍ଦ ଶତପଥୀ ଓ ତାଙ୍କ ସହଯୋଗୀମାନେ ଅଧୀକ୍ଷକ ଡା ନାୟକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏଦିଗରେ ପଦକ୍ଷେପ ଗ୍ରହଣ କରିବେ ବୋଲି ଡା. ନାୟକ ପ୍ରତିଶ୍ରୁତି ଦେଇଛନ୍ତି।

# ୫୦୦ ଘର ଡେଲକି ଖଡିଆ ସମାଜ ଆଞ୍ଚଳିକ ବୈଠକ

ସୁନ୍ଦରଗଡ, ୩।୨ (ଡି.ଏନ୍.ଏ)

୫୦୦ ଘର ଡେଲକି ଖଡିଆ ସମାଜର ଆଞ୍ଚଳିକ ବୈଠକ ତଳସରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ତଳସରା ଗ୍ରାମରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବୈଠକର ଆବାହକ ମୁଖ୍ୟ ତଥା ରାଜ୍ୟ ସଭାପତି ଧନେଶ୍ୱର ନାଏକ, ପ୍ରାରମ୍ଭିକ ଅଭିଭାଷଣରେ ଜାତିର ଏକତା, ସଙ୍ଗଠନ, ଶୃଙ୍ଖଳା ଏବଂ ରୋଗ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ । ମୁଖ୍ୟ ଅତିଥି ମନୋଜ ବରୁଆ ବ୍ଲକ ଚେୟାରମ୍ୟାନ ସବଡେଗା, ସମ୍ମାନିତ ଅତିଥି କୁଲଡାଭିଡ୍ରିଆ, ମୋହନ ମାଝୀ, ବୀରକିଶୋର ନାଏକ, ଗୁଲ ବଦନ ଚାର, ଜଲଧର ଡନସନା ପ୍ରମୁଖ ଉଦ୍‌ବୋଧନ ଦେଇ ସମାଜର କୁସଂସ୍କାର, ଅନ୍ଧବିଶ୍ୱାସ ଦୂରୀକରଣ ସାମାଜିକ ଏକତା ସମାଜରେ ଶିକ୍ଷାର ପ୍ରସାର, ସମାଜିକ, ସାଂସ୍କୃତିକ ଓ ସ୍ୱଧର୍ମରକ୍ଷା ଉପରେ ଆଲୋକପାତ କରିଥିଲେ। ବୈଠକରେ ତିନିଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମାଜ ତରଫରୁ ପୁରସ୍କୃତ କରାଯାଇଥିଲା। ବୈଠକକୁ ପରିଚାଳନା ପାଇଁ କାର୍ଯ୍ୟକାରୀ ସଭାପତି ତ୍ରିଲୋଚନ ପ୍ରଧାନ, ବଳରାମ ନାଏକ, ଜତନ ବରିହା, କବୀର ପ୍ରଧାନ, ସୁରେଶ ପ୍ରଧାନ ଏବଂ ସ୍ଥାନୀୟ ଉତ୍ସାହୀ ଯୁବକବୃନ୍ଦ ସହଯୋଗ କରିଥିଲେ । ଝାଡ଼ଖଣ୍ଡ, ଛତିଶଗଡ ଏବଂ ଓଡିଶା ରାଜ୍ୟର ମିଳନ ସ୍ଥଳ ତଳସରା ଗ୍ରାମରେ ଛକପାଖରେ ସମାଜ ପାଇଁ ଏକ ସ୍ୱତନ୍ତ୍ର ବୈଠକ ହଲର ଆବଶ୍ୟକତା ଥିବାରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପରିଶେଷରେ ତ୍ରିଲୋଚନ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଏମ୍‌ସିଏଲ୍ ଅଧିକାରୀଙ୍କ ନାମରେ ଯୌନ ଉତ୍ପୀଡନ ଅଭିଯୋଗ

ଲଖନପୁର,୩।୨(ଡି.ଏନ୍.ଏ.)

**ତଦନ୍ତ ପାଇଁ ୪ଜଣିଆ ଇସିସି କମିଟି ଗଠନ**

ମହାନଦୀ କୋଲ୍ ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ଲଖନପୁର ଖୋଲାମୁହଁ କୋଇଲାଖଣିର ଜଣେ ଅଧିକାରୀଙ୍କ ନାମରେ ଯୌନ ଉତ୍ପୀଡନ ଅଭିଯୋଗ ଆଣିଛନ୍ତି ତାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଜନୈକା ମହିଳା ଅଧିକାରିଣୀ। ଏ ନେଇ ସେ କମ୍ପାନୀର ଉଚ୍ଚପଦସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ କମ୍ପାନୀର ଇଣ୍ଟରନାଲ କମ୍ପ୍ଲେନ କମିଟି (ଇସିସି)କୁ ଲିଖିତ ଭାବେ ଜଣାଇଛନ୍ତି। ଘଟଣାର ତଦନ୍ତ ପାଇଁ ଏକ ୪ଜଣିଆ ଇସିସି କମିଟି ଗଠନ କରାଯାଇଛି। ଏଥିରେ କମ୍ପାନୀର ୨ଜଣ ଅଧିକାରିଣୀ, ଜଣେ ଅଧିକାରୀ ଓ ଅନ୍ୟଜଣେ ଅଣ ଏମ୍‌ସିଏଲ୍ ମହିଳା ସଦସ୍ୟା ରହିଥିବା ଜଣାପଡିଛି।

ଲଖନପୁର କ୍ଷେତ୍ର ମହାପ୍ରବନ୍ଧକ ଅନିଲ କୁମାର ସିଂହ କହିଛନ୍ତି, ମହିଳା ଅଧିକାରିଣୀ ଜଣେ ଅଧିକାରୀଙ୍କ ନାମରେ ଯୌନ ଉତ୍ପୀଡନ ଅଭିଯୋଗ ଆଣିଛନ୍ତି। ଏ ସମ୍ପର୍କରେ କମ୍ପାନୀର ସ୍ୱତନ୍ତ୍ର ଇସିସି କମିଟି ତଦନ୍ତ ଆରମ୍ଭ କରିଛି। ତଦନ୍ତ ରିପୋର୍ଟ ଆସିବା ପରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସମ୍ପୃକ୍ତ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍‌ରେ କିଛି କହିପାରିବେ ନାହିଁ ବୋଲି ମନା କରିଥିଲେ। ପୀଡିତା ମହିଳା ଅଧିକାରୀ ଇସିସି କମିଟି ନିକଟରେ କରିଥିବା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି, ଗତ ଜାନୁୟାରୀ ୫ତାରିଖରେ ସେ ସମ୍ପୃକ୍ତ ଅଧିକାରୀଙ୍କ କାର୍ଯ୍ୟାଳୟକୁ କୌଣସି କାମରେ ଯାଇଥିଲେ । ସେଠାରେ ଏକାକୀ ପାଇ ଅଧିକାରୀ ଜଣକ ତାଙ୍କୁ ଜୋର୍ ଜବରଦସ୍ତ ଧରି କିସ୍ ଦେଇଥିଲେ। ଏହାକୁ ପୀଡିତା ବିରୋଧ କରି ସେଠାରୁ ଚାଲିଆସିଥିଲେ। ପରେ ଅଧିକାରୀ ଜଣକ ତାଙ୍କୁ ବାରମ୍ବାର ଫୋନ୍ କରିଥିଲେ। ହେଲେ ସେ ତାଙ୍କ ଫୋନ୍ ଉଠାଇ ନ ଥିଲେ। ପରେ ଅଧିକାରୀ ବ୍ୟସ୍ତ ହୋଇ ପୀଡିତାଙ୍କ କ୍ୱାର୍ଟର୍ସରେ ପହଞ୍ଚି କ୍ଷମାପ୍ରାର୍ଥନା କରିଥିଲେ। ଘଟଣା ଆଗକୁ ନ ବଢେଇବା ପାଇଁ ଅନୁରୋଧ କରିଥିଲେ । ପରିବାର ଲୋକେ ଜାଣିବା ପରେ ପୀଡିତା ମାନସିକ ଚାପରେ ରହିଥିଲେ । ଅଧିକାରିଣୀ ଜଣଙ୍କ ପ୍ରଥମେ ମହାପ୍ରବନ୍ଧକ ଓ ଏପିଏମ୍ ଏବଂ ପରେ ଇସିସି କମିଟି ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଇତିମଧ୍ୟରେ ପୀଡିତା ମହିଳା ଅଧିକାରୀଙ୍କୁ ଲଖନପୁର ପ୍ରକଳ୍ପ କାର୍ଯ୍ୟାଳୟରୁ ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିନ୍ଦା କରିଛି।

# ନିଷ୍ଠା, ଏକାଗ୍ରତା ସଫଳତା ଆଣେ

ବରଗଡ଼ ଅଫିସ୍,୩।୨

ବରଗଡ଼ ଜିଲା ଶିକ୍ଷାବିଭାଗ ଆନୁକୂଲ୍ୟରେ ବୁଧବାର ସ୍ଥାନୀୟ ଜର୍ଜ ହାଇସ୍କୁଲ ପରିସରରେ ଜିଲାସ୍ତରୀୟ ପରୀକ୍ଷା ଦର୍ପଣ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାଯର୍ୟ ମୁଖ୍ୟଅତିଥିଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ନିଷ୍ଠା ଓ ଏକାଗ୍ରତା ସଫଳତା ଆଣେ ଏବଂ ପରୀକ୍ଷାର୍ଥୀଙ୍କ ପାଇଁ

**ଶିକ୍ଷା ଦର୍ପଣ ବଣ୍ଟନ ଶୁଭାରମ୍ଭ କାର୍ଯ୍ୟକ୍ରମରେ ବକ୍ତାଙ୍କ ମତ**

ପରୀକ୍ଷା ଦର୍ପଣ ବେଶ ସହାୟକ ହେବ ବୋଲି ବିଧାୟକ ଆଚାର୍ଯ୍ୟ କହିଥିଲେ। ଜିଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଜର୍ଜ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଅମୃତା ସାହୁ ସଂଯୋଜନା କରିଥିଲେ। ବରଗଡ଼ ବ୍ଲକ ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ, ଜିଲା ବିଜ୍ଞାନ ନିରୀକ୍ଷକ ଡଃ ମନୋଜ ସାହୁ, ବରଗଡ଼ ସରକାରୀ ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁଧାଂଶୁ ମିଶ୍ର ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ବରଗଡ଼ ଶିକ୍ଷାଜିଲା ପାଇଁ ୧୮ହଜାର ୫୭୫ ଶିକ୍ଷା ଦର୍ପଣର ଆବଶ୍ୟକତା ରହିଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୧୨ହଜାର ଛାତ୍ରୀଛାତ୍ରଙ୍କ ପାଇଁ ତାହା ଆସିଛି। ପର୍ଯ୍ୟାୟକ୍ରମେ ଆବଶ୍ୟକ ଶିକ୍ଷା ଦର୍ପଣ ଛାତ୍ରୀଛାତ୍ରଙ୍କୁ ଯୋଗାଇ ଦିଆଯିବ ବୋଲି ଜିଲା ଶିକ୍ଷା ଅଧିକାରୀ କଚ୍ଛପ ସୂଚନା ଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ଜର୍ଜ ହାଇସ୍କୁଲର ନୂତନ ପୁସ୍ତକାଳୟ ଓ ପଠନ ଗୃହକୁ ମଧ୍ୟ ଉଦ୍‌ଘାଟନ କରିଥିଲେ। ଶିକ୍ଷକ ଡ ଡୋଲାମଣି ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।



ଛାତ୍ରଙ୍କୁ ମୁଖ୍ୟଅତିଥି ଶିକ୍ଷା ଦର୍ପଣ ପ୍ରଦାନ କରୁଛନ୍ତି ।

# 'ଚିତ୍ର': ପ୍ରଥମ ଓଡ଼ିଆ ଗଳ୍ପ ବହି



ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ

**ଚନ୍ଦ୍ରଶେଖର ନନ୍ଦ** (୧୮୬୮-୧୯୩୨)ଙ୍କ ଜନ୍ମ କଟକ ନିକଟସ୍ଥ ସିଦ୍ଧେଶ୍ୱରପୁର ବ୍ରାହ୍ମଣସାହିରେ। ୧୮୮୯ରେ ସେ କଟକ ଟାଉନ ସ୍କୁଲ୍‌ରୁ ପ୍ରଥମଶ୍ରେଣୀରେ ମାଇନର ପାସ୍‌କରି ବୃତ୍ତି ଲାଭ କରିଥିଲେ। କଟକ ରେଭେନ୍ସା କଲେଜିଏଟ୍ ସ୍କୁଲ୍‌ରୁ ପ୍ରଥମଶ୍ରେଣୀରେ ହାଇସ୍କୁଲ୍ ଓ ୧୮୯୬ରେ ଏଫ୍.ଏ. ପାସ୍ କରିଥିଲେ। ପରେପରେ ମଧୁସୂଦନ ରାଓଙ୍କ ପ୍ରତିଷ୍ଠିତ ସ୍କୁଲ୍‌ରେ ଶିକ୍ଷକତା କରି ୧୮୯୭ରେ କଟକ ସର୍କଲ ଶିକ୍ଷା ବିଭାଗର ଇନ୍ସପେକ୍ଟର ଭାବେ କାର୍ଯ୍ୟରେ ଯୋଗଦେଇଥିଲେ। ତାଙ୍କର ଅନେକ ପ୍ରବନ୍ଧ, ଗଳ୍ପ ଓ କବିତା ଉତ୍କଳ ସାହିତ୍ୟ, ମୁକୁର, ସୁଧା, ପ୍ରଜାବନ୍ଧୁ, ପ୍ରଚାର ପ୍ରଭୃତି ପତ୍ରିକାରେ ପ୍ରକାଶିତ। ପ୍ରଭାତ (୧୯୦୫), ସାହିତ୍ୟ (୧୯୦୭) ପ୍ରଭୃତି ପ୍ରବନ୍ଧ ପୁସ୍ତକ, ଅର୍ଚ୍ଚନା (କବିତା ସଂକଳନ), ସତୀ ଓ ଶାନ୍ତି (ଉପନ୍ୟାସ), ରାମାୟଣ କଥା ସହିତ ସେ ଅନେକ ପାଠ୍ୟପୁସ୍ତକ ରଚନା କରିଥିଲେ, ଯହିଁରେ ଅନ୍ତର୍ଭୁକ୍ତ 'ନୂଆ ଅଙ୍କ', 'ନୂଆ ଶିଶୁଗୀତ', 'ନୂଆ ବର୍ଣ୍ଣବୋଧ', 'ନୂଆ ସଚିତ୍ର ବର୍ଣ୍ଣମାଳା' ଓ 'ୱାର୍ଡବୁକ୍'। ଏତଦ୍‌ବ୍ୟତୀତ ବିନାୟକ ବ୍ରତ ଓ ଗୌରୀବ୍ରତ ପୁସ୍ତକର ମଧ ସେ ରଚୟିତା।

ଚନ୍ଦ୍ରଶେଖର ନନ୍ଦଙ୍କ ଗଳ୍ପ ସଂକଳନ 'ଚିତ୍ର' ଓଡ଼ିଆ ଭାଷାର ପ୍ରଥମ ଗଳ୍ପ ସଂକଳନ। ଫକୀରମୋହନଙ୍କ 'ରେବତୀ' ୧୮୯୮ରେ ପ୍ରକାଶ ପାଇଥିଲେ ମଧ ୧୯୧୨ରେ ପ୍ରକାଶିତ 'ଡାକମୁନ୍‌ସୀ' ତାଙ୍କୁ ଗାଳ୍ପିକର ସିଦ୍ଧି ଆଣିଦେଇଥିଲା। ଅନ୍ୟପକ୍ଷରେ ଚନ୍ଦ୍ରଶେଖରଙ୍କ 'ସୌଦାମିନୀ' (୧୯୦୧)ଠାରୁ 'ଭୀଲବାଳକ' ପର୍ଯ୍ୟନ୍ତ ଦଶଟି ଗଳ୍ପ ୧୯୦୭ ମଧରେ ପ୍ରକାଶ ପାଇ ତାଙ୍କୁ ଗାଳ୍ପିକ ରୂପେ ପ୍ରତିଷ୍ଠିତ କରାଇଥିଲା। ଦଶଟି ଗଳ୍ପକୁ ନେଇ ତାଙ୍କର 'ଚିତ୍ର' ପୁସ୍ତକ ୧୯୦୭ରେ କଟକ ସମ୍ମିଳନୀ ପ୍ରେସ୍ ଦ୍ୱାରା ପ୍ରକାଶ ଲଭିଥିଲା। ଅନେକ ଆଲୋଚକ ଏହି ପୁସ୍ତକ ନ ଦେଖି ଗଳ୍ପସଂଖ୍ୟା ଓ ପ୍ରକାଶକାଳ ସମ୍ପର୍କରେ ଭ୍ରାନ୍ତ ମତପୋଷଣ କରନ୍ତି। ''ଚିତ୍ର''ରେ ସ୍ଥାନିତ ଗଳ୍ପଗୁଡ଼ିକ ହେଲା- 'ତେଜସ୍ୱୀ ଛାତ୍ର', 'ଜଗୁ ଚୌକିଦାର', 'ଛୋଟା ରାମଦାସ', 'ପ୍ରତିଶୋଧ', 'ସଂଯମ', 'ଗଦା ଡକାଏତ', 'ସୌଦାମିନୀ', 'ଭୀଲବାଳକ', 'ମା ମୁଁ ଜମା ସେଥିରେ ହାତ ଦେଇନାହିଁ' ଓ 'ବିସର୍ଜନ'।

ପୁସ୍ତକରେ ସଂଯୋଜିତ ରାଧାନାଥଙ୍କ ଅଭିମତ ବେଶ୍ ଉଲ୍ଲେଖଯୋଗ୍ୟ- ''ଭାରତୀୟ ଭାଷାମାନଙ୍କରେ ଏ ଶ୍ରେଣୀର ପୁସ୍ତକ ସଂଖ୍ୟା ଅଙ୍ଗୁଳି ଗଣନୀୟ ମାତ୍ର। ଅପେକ୍ଷାକୃତ ଉନ୍ନତତର ବଙ୍ଗଭାଷାରେ ସୁଦ୍ଧା ଏଭଳି ପୁସ୍ତକ ୮/୧୦ ଖଣ୍ଡ ଅଛି କି ନାହିଁ ସନ୍ଦେହ। ଉତ୍କଳ ସାହିତ୍ୟ ସଂସାରରେ ଶ୍ରୀଯୁକ୍ତ ବାବୁ ଚନ୍ଦ୍ରଶେଖର ନନ୍ଦ ମହାଶୟ ଏ ଶ୍ରେଣୀର ରଚନାର ପ୍ରଥମ ପ୍ରବର୍ତ୍ତକ ହୋଇ ଆମ୍ଭମାନଙ୍କର ଧନ୍ୟବାଦାର୍ହ ହୋଇଅଛନ୍ତି।'' ଦଶବର୍ଷ ପରେ ଏହି ପୁସ୍ତକର ଦ୍ୱିତୀୟ ସଂସ୍କରଣ ଉତ୍କଳସାହିତ୍ୟ ପ୍ରେସ୍‌ରୁ ଏଗାରଟି ଗଳ୍ପକୁ ନେଇ ପ୍ରକାଶପାଏ। ପୂର୍ବୋକ୍ତ ଗଳ୍ପ ସହିତ 'ଦୁଇଭାଇ' ଗଳ୍ପଟି ଏଥିରେ ନୂତନଭାବେ ସଂଯୋଜିତ। ଏହା ବ୍ୟତୀତ ନନ୍ଦଙ୍କ ରଚିତ ଓଡ଼ିଆ ସମାଜ ଜୀବନ, ଧର୍ମ ପରମ୍ପରା, କିମ୍ବଦନ୍ତୀ ଓ ନୀତିଶିକ୍ଷାମୂଳକ ପ୍ରାୟ ୩୦ଟି ଗଳ୍ପ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ।

ଲେଖକଙ୍କ ସମକାଳରେ ବିଭିନ୍ନ ପତ୍ରିକାରେ ପ୍ରକାଶିତ ଅନ୍ୟ କେତେକ ସ୍ରଷ୍ଟାଙ୍କ ଗଳ୍ପ ପୁସ୍ତକାକାରରେ ପ୍ରକାଶ ପାଇବାର ଦୃଷ୍ଟାନ୍ତ ମଧ ଉପଲବ୍ଧ। ଶ୍ରୀମତୀ ଗେହ୍ଲାମଣି (୧୮୯୧, ବାମଣ୍ଡା ପ୍ରେସ୍), ରେବତୀ (୧୮୯୮ ଏସ୍. ରାୟ ପ୍ରେସ୍, କଟକ), ଶକୁନ୍ତଳା (୧୯୦୪, ଉତ୍କଳ ସାହିତ୍ୟ ପ୍ରେସ୍, କଟକ) ପ୍ରଭୃତି ଏକକ ଗଳ୍ପ ପୁସ୍ତକାକାରରେ ପ୍ରକାଶ ପାଇଥିଲେ ହେଁ ସଂକଳନ ଭାବରେ 'ଚିତ୍ର' ହିଁ ଓଡ଼ିଶାର ପ୍ରଥମ ଗଳ୍ପ ପୁସ୍ତକ।

'ଚିତ୍ର'ରେ ସଂକଳିତ ଗଳ୍ପସମୂହ ଓଡ଼ିଆ ଭାଷାର ଅନେକ ପ୍ରସଙ୍ଗର ପ୍ରାରମ୍ଭିକ ସଂରଚନା। 'ଗଦା ଡକାଏତ' ଗଳ୍ପ ଓଡ଼ିଆ ସାହିତ୍ୟରେ ଶୋଷିତ ମଣିଷର ଶୋଷକ ସଂପ୍ରଦାୟ ବିରୋଧରେ ପ୍ରଥମ ରକ୍ତାକ୍ତ ପ୍ରତିବାଦ। 'ଭୀଲବାଳକ' ପ୍ରଥମ ଆଦିବାସୀ ସଂସ୍କୃତି ସମ୍ବଳିତ ଗଳ୍ପ। ଚନ୍ଦ୍ରଶେଖରଙ୍କ ଗଳ୍ପରେ ସମକାଳୀନ ସମାଜଚିତ୍ର ସୁନ୍ଦର ଭାବେ ପ୍ରତିଫଳିତ। ଗଳ୍ପଗୁଡ଼ିକ କାହାଣୀଧର୍ମୀ ଓ ଶିକ୍ଷଣୀୟ। ସମାଜ ଜୀବନକୁ ମହତ୍ତର କରି ଗଢ଼ିତୋଳିବା ତାଙ୍କ ପ୍ରତିଟି ଗଳ୍ପର ଲକ୍ଷ୍ୟ। 'ସୁଧା' (୧୯୦୭) ପତ୍ରିକା ସମ୍ପାଦନା ଓଡ଼ିଆ ସାହିତ୍ୟକୁ ତାଙ୍କର ଅନ୍ୟତମ ଅବଦାନ। ଉତ୍କଳ ସାହିତ୍ୟ (୮/୨) ୧୯୦୪ରେ ପ୍ରକାଶିତ ତାଙ୍କ ନିବନ୍ଧ 'ସାହିତ୍ୟରେ କ୍ଷୁଦ୍ରଗଳ୍ପ'ରେ ସେ ଗଳ୍ପର ତାତ୍ତ୍ୱିକ ବ୍ୟାଖ୍ୟା କରିଛନ୍ତି।

ମୋ: ୯୪୩୭୨୫୬୧୭୬

### ଅତୀତର ବହି



ଚନ୍ଦ୍ରଶେଖର ନନ୍ଦ


THE CHITRA
BY
...NDRASEKHAR NANDA
...tor of 'The Prabhata' & 'The Satee.'
ଚିତ୍ର
ଶ୍ରୀ ଚନ୍ଦ୍ରଶେଖର ନନ୍ଦ
ପ୍ରଣୀତ।
PRINTED AT THE
CUTTACK SAMMILANI PRESS.
1907.

## ପୁସ୍ତକ ପରିଚୟ

### କୂଳ କିନାରା

**ଲେଖକ:** ନୀଳମଣି ସାହୁ
**ପ୍ରକାଶକ:** ଫ୍ରେଣ୍ଡ୍‌ସ ପବ୍ଲିଶର୍ସ, ବିନୋଦବିହାରୀ, କଟକ
**ପ୍ରଥମ ପ୍ରକାଶ:** ୨୦୧୯, **ମୂଲ୍ୟ:** ଟ.୨୫୦/-




୨୮୬ ପୃଷ୍ଠାର ଏହି ଉପନ୍ୟାସଟିରେ ଲେଖକ ଜୀବନରେ ଭେଟିଥିବା ବହୁ ଚରିତ୍ରକୁ ନିଜ ଅନୁଭବରେ ଆତ୍ମସାତ୍ କରି ତା'ର ଚିତ୍ର ଆଙ୍କିବାର ଚେଷ୍ଟା କରିଛନ୍ତି। ସେ ଉପନ୍ୟାସରେ ପ୍ରୟୋଗ କରିଥିବା ଭାଷା ଚରିତ୍ରମୁଖୀ ଓ ଏଥିରେ ବୌଦ୍ଧିକ ଜଟିଳତା ସୃଷ୍ଟି କରିବାର ପ୍ରୟାସ ସେ କୁତ୍ରାପି କରିନାହାନ୍ତି। ଜୀବନ ମଣିଷକୁ ନାନା ସଂକଟ ଓ ସମସ୍ୟାର ସମ୍ମୁଖୀନ କରାଏ, କିନ୍ତୁ ତାକୁ ଅତିକ୍ରମି ଯିବାର ସାହସ ଆୟତ୍ତ କରିପାରିଥିବା ଜୀବନ ହିଁ ସୁଖକର ଓ ସୁଗମ ହୋଇଥାଏ। ଖବରକାଗଜ ବିକି ପେଟ ପୋଷୁଥିବା ମଣିଷଟି ଯେତେବେଳେ ''କ'ଣ ବନମାଳୀ, ଭଲ ଅଛ ତ?'' ଭଳି ପ୍ରଶ୍ନର ସାମ୍ନା କରେ, ସେତେବେଳେ ସେ ସହଜ ଓ ସ୍ୱାଭାବିକ ଉତ୍ତର ଦିଏ: ''ହଁ, ସାର୍ ଭଲ ଅଛି। ଈଶ୍ୱରଙ୍କ ଦୟାରୁ ଏଇ ଖବରକାଗଜ ବିକି ଯାହା ଦି'ପଇସା ମିଳେ, ସେଥିରେ ଘରଭଡ଼ା, ପିଲାଙ୍କ ପାଠପଢ଼ା ଖର୍ଚ୍ଚ ଯାଇ ଯାହା ବଳେ ସେଥିରେ ଦୁଇଓଳି ଦୁଇମୁଠା ଖାଇବାକୁ ମିଳିଯାଉଛି। ବାସ୍, ତା'ଠୁ ଅଧିକ କ'ଣ ଆଶା କରିବି ଯେ! ସେତିକି ମୋ' ପାଇଁ ଯଥେଷ୍ଟ।'' ଏପରି ଖୁସିବାସିଆ ଉତ୍ତର ଭିତରେ ଜୀବନର ସବୁ ଅସନ୍ତୋଷ ଓ ଅପ୍ରାପ୍ତି ଲୁଚିଯାଏ। ଉପନ୍ୟାସଟି ପାଠକୀୟ ଆଦୃତି ପାଇବ ବୋଲି ଆଶା। କିନ୍ତୁ ଆପତ୍ତି ଏତିକି ଯେ, ବହି ନାଁଟିର ବନାନ ଭିତରେ ଠିକ୍ ଥିବାବେଳେ ପ୍ରଚ୍ଛଦରେ ଭୁଲ୍ କାହିଁକି?

### ଭିକାରୀ ଧଳଙ୍କ ଅନେକ କବିତା ଏକତ୍ର

**ସଂକଳକ:** ଶାଶ୍ୱତ ଧଳ
**ପ୍ରକାଶକ:** ଲିପିକା, ନିଜିଗଡ଼ କୁରୁଖୀ, ଜଟଣୀ, ପୁରୀ-୫୦
**ପ୍ରଥମ ପ୍ରକାଶ:** ୨୦୧୮, **ମୂଲ୍ୟ:** ଟ.୩୦୦/-




କବି ଭିକାରୀ ଧଳ ସମକାଳରେ ନିରବଚ୍ଛିନ୍ନ ଭାବେ କବିତା ଲେଖି ଚାଲିଥିବା କବିମାନଙ୍କ ମଧ୍ୟରେ ଅନ୍ୟତମ। ତାଙ୍କର ପାଞ୍ଚଟି କବିତା ପୁସ୍ତକରୁ କେତେକ ନିର୍ବାଚିତ କବିତା ନେଇ ଏ ବହିଟିର ସଂପାଦନା କରିଛନ୍ତି ଭିକାରୀଙ୍କ ସୁପୁତ୍ର ଶାଶ୍ୱତ ଧଳ। ଯେଉଁ ବହିରୁ କବିତାଗୁଡ଼ିକୁ ଶାଶ୍ୱତ ନେଇଛନ୍ତି, ସେଇ ବହିଗୁଡ଼ିକ ହେଲା- 'ସମୟର ସ୍ୱର', 'ଏକାଏକା ସବୁଦିନ', 'ସମୟ ଭଲନାହିଁ', 'ପକ୍ଷୀର ସକାଳ ଗୀତ' ଓ 'ଦେଖ ମୁଁ ଆସୁଛି ଫେରି'। ଆଲୋଚ୍ୟ ବହିର କବିତା ସଂଖ୍ୟା ୧୭୩। ବହିରୁ ଦୁଇଟି ଉଦ୍ଧୃତି ଆମେ ନେବା: ୧. ''ଥରେ ନୁହେଁ ଅନେକଥର/ ହାରିଯିବାକୁ ପଡ଼ିଛି ଏବଂ/ ପଡ଼ିପାରେ କେବଳ ତୁମରିମାନଙ୍କ ପାଇଁ/ ହେ ନୀଳବର୍ଣ୍ଣ ଶୃଗାଳମାନେ!'' (ଦୁଇଟି କବିତା, ପୃ:୩୪), ୨. ''ହୃଦୟକୁ ଖୋଜିବାରେ ବେଳ ସରେ/ ଗଦାଗଦା ଲେଖା ଅଛି ବହି,/ ସହରରେ ହଜାର ହଜାର ଲୋକ/ କେହି କିଛି କହୁନାହିଁ।'' (ନିରୁଦ୍ଦିଷ୍ଟ ଏକ ହୃଦୟ, ପୃ:୨୭୧)। ଭିକାରୀଙ୍କ କବିତାରେ ଥାଏ ଭାଷାର ସ୍ୱଚ୍ଛତା ଓ ପରିଚ୍ଛନ୍ନତା। ଅଳ୍ପରେ ଅନେକକୁ ବ୍ୟକ୍ତ କରିବାର ଅଭିଳାଷରେ ତାଙ୍କ ଶବ୍ଦ ଓ ଶବ୍ଦାନ୍ୱୟ ସ୍ପନ୍ଦିତ ହୋଇ ରହିଥାଏ ବରାବର। କିନ୍ତୁ ଭିକାରୀଙ୍କ କବିତାକୁ ମନଦେଇ ନା ପଢ଼ାଗଲା ନା ବୁଝି ବୁଝେଇବାର ପ୍ରଚେଷ୍ଟା ହେଲା ସମକାଳୀନ ସମାଲୋଚନା-ସାହିତ୍ୟରେ! ଆଶା, ଏ ବହିଟି କବିଙ୍କୁ ଅଧିକରୁ ଅଧିକ ପାଠକ ଓ ସମାଲୋଚକଙ୍କ ପାଖରେ ପହଞ୍ଚାଇବ।

## କାଳକାଳକୁ

**''ଜୀବନରେ ତିନି ପ୍ରକାର ଲୋକଙ୍କୁ ତୁମେ କଦାପି ଭୁଲନାହିଁ: ୧. ଅସୁବିଧାରେ ଯିଏ ସାହାଯ୍ୟ କରିଛନ୍ତି, ୨. ଅସୁବିଧାରେ ଯିଏ ଛାଡ଼ି ଚାଲିଯାଇଛନ୍ତି ଓ ୩. ଅସୁବିଧାରେ ଯିଏ ପକାଇଛନ୍ତି।''**

**- ରବର୍ଟ କୀ**



ରବର୍ଟ କୀଙ୍କ ଜନ୍ମ ୫ ଅକ୍ଟୋବର ୧୯୧୯ରେ, କୋଲକାତାରେ ଓ ପରଲୋକ ୧୧ ଜାନୁୟାରୀ ୨୦୧୩ରେ, ଲଣ୍ଡନରେ। ସେ ଏକାଧାରରେ ଥିଲେ ଘୋଷକ, ଖବରଦାତା ଓ ଲେଖକ। ଦୁଇଟି ବହି ପାଇଁ ସେ ବହୁଜନବିଦିତ ହୋଇପାରିଥିଲେ। ଗୋଟିଏ ହେଲା: "Ireland, A History" (୧୯୮୦) ଓ ଅନ୍ୟଟି "A Crowd Is Not Company" (୧୯୪୭)। ଦ୍ୱିତୀୟଟି ପ୍ରଥମେ ଉପନ୍ୟାସ ଭାବେ ପ୍ରକାଶ ପାଇଥିଲେ ବି ପରେ ସ୍ପଷ୍ଟ ହୋଇଥିଲା ଯେ ଏହା ତାଙ୍କର ଆତ୍ମଜୀବନୀ, ଯେଉଁଥିରେ ବର୍ଣ୍ଣିତ ହୋଇଥିଲା ଯୁଦ୍ଧବନ୍ଦୀ ଭାବେ ତାଙ୍କ ଜୀବନ କାହାଣୀ। 'The Times' ପତ୍ରିକା ମତରେ ଯୁଦ୍ଧବନ୍ଦୀ ଜୀବନ ଆଧାରିତ ପୁସ୍ତକ ମଧ୍ୟରେ ଏହା ଥିଲା ସର୍ବୋତ୍ତମ।

## କବିତା

### ଯଥା ଶରୀରାଣିଃ

ଶୁଭଶ୍ରୀ ଶୁଭସ୍ମିତା ମିଶ୍ର



ମୁଁ ଗୋଟେ ଅସ୍ତିତ୍ୱ ନଥିବା ଅଶରୀରୀ!

କୋଉ ଗୋଟେ ନୂଆ କଥା ଯେ'
ଦିନର ଫର୍ଚ୍ଚା ଆଲୁଅରେ ବି ମୁଁ କାହାକୁ ଦିଶେନା,
ପାଦଘଷା ଡୁଠର ପଥର, ଘରର ପିକଦାନି
ପିଲିସଜର ବାକ୍ସ ବି
ମୋତେ ଖତେଇ ହୁଏ ଜିଭ ଦେଖେଇ।

ଘରର ଡିଙ୍କି, ଚକି, ଶିଳ,
ଆଉ ଚୁଲିକାଠରେ ମୁଁ ଅତି ଆସ୍ତେ ହାତ ଦେଇ
ଆଉଁଶି ଦେଉଥାଏ, ରାତି ଅଧରେ!
ନିଜକୁ ଆଉଁଶି ଦେବାକୁ ଲାଜ ମାଡ଼େ!

ମୋ' ଦେହ ବୋଇଲେ କେବଳ କିଛି ଅଙ୍ଗ
ଆଉ ଏତେ ଅଳ୍ପ ଅଙ୍ଗ ନେଇ ତ ଦେହଟେ ହୁଏନା,
ଗୋଟେ ଢପ ବାହାରେ ମୁଁ ବାରମ୍ବାର
କ୍ଷତାକ୍ତ ହେଉଥାଏ, ସେ ଢପଟେ ହିଁ
ମୋତେ ଯଜ୍ଞ ଅନଳରେ ତିଳତିଳ କରି
ଜାଳୁଥାଏ, ସେ ଢପକୁ ମୋ' ଢୋ'।

ନା, ହୁଏନା!
ମୋ' ସର୍ବଂସହା ହେବାର ଅହଂକାର ହିଁ
ମୋ' ଅସ୍ତିତ୍ୱର ହତ୍ୟାକାଣ୍ଡ ଭିଆଏ...
ମୁଁ ଚୁପ୍ ରହିବାକୁ ବାଧ।

ଜନ କହିଲେ ପୁଂଲିଙ୍ଗ, ଗଣ କହିଲେ ପୁଂଲିଙ୍ଗ
ଆଉ ମନ, ଧେତ୍!
ସେଇଟା ଯେ' ମୋର ଥାଏ, ଅଛି ବା ଥିଲା
ଏ କଥା କ'ଣ କେବେ ବୁଝେ କି
ପ୍ରିୟଜନଠୁ ନେଇ ସମାଜ?

ସମାନତା ଏକ ସ୍ୱପ୍ନ
କେବଳ ସହଭାଗରେ ତ ରହେ ଆଗ!
ମୁଁ ଅସ୍ତିତ୍ୱ ବିହୀନ ଏକ ଅଶରୀରୀ
ଏଇଟା ସତ ନୁହେଁ, କହୁନ?

ମୋ: ୯୮୬୧୪୮୦୯୯୯

### ନୂଆ ବର୍ଷ

ମନୋରଞ୍ଜନ ମିଶ୍ର

୧॥ହେ ନୂତନ ବର୍ଷ!
ତୁମକୁ ମୁଁ ସ୍ୱାଗତ କରୁଛି,
କିଛି ଫୁଲ, ଗୋଟେ କ୍ୟାଲେଣ୍ଡର
ଓ ଏକ ଡାଏରି ସାଥେ...
ନ ଥାଉ ପଛେ
ସ୍ନେହ ଓ ମମତା,
ଏ ତ ଆଜିର ସଭ୍ୟତା।

୨॥ଗୋଲାପ ହସେ
ଭଅଁର ଆସେ
ନୂଆ ବରଷେ।
ତୋ' ମନ ହସେ
ମୋ' ମନ ହସେ,
ନୂଆ ବରଷର ପ୍ରୀତି ପରଶେ।

ମୋ: ୯୪୩୭୦୯୦୫୮୫

# ଏକ ଫଟା ଶାର୍ଟର କାହାଣୀ



ଡ. ସୁନୀତି ଦେବୀ

ଗଳ୍ପ

ମୋ' ଘର ବାଲ୍‌କୋନିରୁ ମୁଁ ସେମାନଙ୍କୁ ପୂରା ଦେଖିପାରୁଛି। ବୁଢ଼ାବୁଢ଼ୀ ଦି'ଜଣ ସେ ଘରେ ଚଳପ୍ରଚଳ ହୁଅନ୍ତି। ପ୍ରଶସ୍ତ ବାରଣ୍ଡାରେ ସେମାନଙ୍କ ଆଡ୍ଡା ଜମେ। ବୁଢ଼ୀ ଘରର ଯାବତୀୟ କାମ ନିଜେ କରେ। ବୁଢ଼ା ବଜାର ଗଲେ ବ୍ୟାଗ୍ ବଢ଼ାଏ, ଗାଧୋଇବା ପାଇଁ ତଉଲିଆ, ତେଲଟିକେ ମାଖିବା ପାଇଁ। ଗାଧୋଇ ଆସିଲେ ବୋଧହୁଏ ବୁଢ଼ା ମୋତେ ଅଳପ ଦିଶୁଥିବା ଠାକୁର ଘରେ ପଶେ। ଘଣ୍ଟି ଶବ୍ଦ ମୋତେ ଶୁଭେ। ତା'ପରେ ବୁଢ଼ୀ ବାରଣ୍ଡାରେ ପକାଏ ପିଢ଼ା। ବାଢ଼ିଦିଏ ଭାତ। ତାଳପତ୍ର ପଙ୍ଖା ଧରି ଭାତଥାଳିରୁ ମାଛି ଉଡ଼ାଏ।

ବାରଣ୍ଡାରେ ପଡ଼ିଥିବା ଖଟରେ ବୁଢ଼ା ଗଡ଼ପଡ଼ ହୁଏ। ବୁଢ଼ୀ ତା' ପାଦ ଆଉଁଶେ। ଏସବୁ ଦୃଶ୍ୟ ମୋତେ କାହିଁକି ଦେଖିବାକୁ ଭଲଲାଗେ କେଜାଣି! ମନେପଡ଼େ ମୋ' ବୋଉ କଥା। ସିନ୍ଦୂର ବାଲୁବାଲୁ, ମୁହଁ ଝାଳ ସରସର। ସେଥିକି ତା'ର ନିଘା ନ ଥାଏ। ବାପା ଗାଁମୁଣ୍ଡରୁ ନିଶାପ ସାରି ଫେରିଲେ ବୋଉ ତରତର ହେଇ ବାପାଙ୍କ ପାଇଁ ଦିନ ଖାଇବାଟା ବାଢ଼ି ଠାଆ ସଜାଡ଼ିଦିଏ। ବାପା ଅଗଣାର କୂଅମୂଳେ ଗୋଡ଼ ଧୋଉଧୋଉ ରଡ଼ିପକାନ୍ତି, ଏ କାମିନୀ! ଆହା କି ନିଆରା ଏ ଦୃଶ୍ୟ! ଆଜିକାଲି ସେ ଦୃଶ୍ୟ କୋଉଠି ଦେଖିବାକୁ ମିଳିବ! ପିଲାମାନେ ତ ଆମର ବାବୁ ବନିଗଲେ। ବୋହୂମାନେ ତ ଚାକର, ପୂଜାରୀ ରଖିଲେ। ସେମାନେ ଯାହା ବାଢ଼ିଦେବେ ପୁଅବୋହୂ ଏକାଠି ଖାଇ ଅଫିସ୍ ଚାଲିଯିବେ। ପିଲାମାନେ ଛୋଟ ହେଇଥିଲେ ଆୟା ନ ହେଲେ କ୍ରେଚ୍‌ରେ ଛାଡ଼ିଦେବେ। ଆଉ ବୁଢ଼ାବୁଢ଼ୀ ଥିଲେ ଆଲ୍‌ସିସିଆନ୍ ଡଗ୍ ପରି ଘର ଜଗିଥିବେ। ସବୁଦିନ ନିର୍ଦ୍ଦିଷ୍ଟ ସମୟରେ ମୁଁ ବାଲ୍‌କୋନିରୁ ଟାକି ବସେ। ବୁଢ଼ୀ ଅନେକ ସମୟରେ କ'ଣ ସବୁ ସିଉଁଥାଏ। ତାକୁ ଦେଖିବାକୁ ମୋର ଭାରି ମନହୁଏ। ଉଣ୍ଡେ ମୋ' ବାଲ୍‌କୋନିରୁ, ନ ଦିଶିଲେ ଛାତ ଉପରକୁ ଚଢ଼ିଯାଏ। ଅନୁମାନ କରେ କ'ଣ ଫଟା ଚିରା ସିଉଁଥିବ। ମୁଁ ଚାକିରି ବା କୋଉ କରୁଛି ଯେ ସବୁଥିରେ ତରତର ହେବି। ଚାକିରି ଗଲାଣି କୋଉକାଳୁ। ମାନେ ନିଜକୁ ସେ ବୁଢ଼ା ସଙ୍ଗେ ତୁଳନା କଲେ ମୋତେ ମୁଁ ବୁଢ଼ା ବୋଲି କହିବି ନାହିଁ। ତାକୁ ସତୁରି ଧଇଲାଣି। ମୋତେ ବାଷଠି ଖଣ୍ଡେହବ। ସ୍ତ୍ରୀ ନାହିଁ। ପୁଅ ଅଛି ବିଲାତରେ। ସେ ଯାଇଛି ମୋ' ନାତିକୁ ଜଗିବାକୁ। ମୋର ଭାରି ମନ ସେଇ ବୁଢ଼ା ଘରକୁ ଯାଇ ଦି'ପଦ କଥା ହେବାକୁ!

ଏମିତି ଭାବୁଭାବୁ ଦିନେ ସିଧା ପଶିଗଲି ତାଙ୍କ ଘର ଭିତରେ। ମାଉସୀଙ୍କୁ ନମସ୍କାର କଲି, ବୁଢ଼ାଙ୍କୁ ବି। କହିଲି, ତମ ପଡ଼ୋଶୀ ମୁଁ। ଟିକେ ଗପସପ କରିବାକୁ ଆସିଛି। ବୁଢ଼ାର ଫଟା ଶାର୍ଟରେ ଆଠ ଦଶ ତାଳି। ବୁଢ଼ୀ ସେଇଆକୁ ମରାମତି କରୁଛି। ଘର ଭିତରକୁ ଅନେଇଲି। ସଫାସୁତୁରା। ଥିଲା ଘର ପରି ଦିଶୁଛି। ବୁଢ଼ୀ ବି ସୁନା ଚେନ୍ ନାଇଛି ବେକରେ। ହେଲେ ବୁଢ଼ାର ଫଟା ଶାର୍ଟକୁ ସିଉଁଛି କାହିଁକି! ତା'ର କ'ଣ ଆଉ ନାହିଁ। ଏକ ଅପୂର୍ବ, ଅଦ୍ଭୁତ ବେଦନା ମୋତେ କାହିଁକି ଗ୍ରାସକଲା ମୁଁ ଜାଣିନି। ଭାବିଲି କେମିତି କଥାଟା ଆରମ୍ଭ କରିବି। ଘରେ କିଏ ଅଛନ୍ତି ବୋଲି ପଚାରିବି ଭାବୁଛି- ସେ କହିଲେ, ତୁମେ ଆସିଲ ଭଲ କଲ। ନ ହେଲେ ଆମ ବୁଢ଼ାବୁଢ଼ୀଙ୍କ ଗପସପରେ ପାଟି ବିନ୍ଧି ଧଇଲାଣି, ତଥାପି ଆମ କଥା ସରୁନି।

- ତୁମ ନାଁ? ବୁଢ଼ା ପଚାରିଲେ।

- ବିଜେନ୍ଦ୍ର ନାଥ! ମୋତେ ବିଜୁ ବୋଲି ଡାକିପାରନ୍ତି।

- ଘରେ ଆଉ କିଏ କିଏ ଅଛନ୍ତି?

- କେହି ନାହାନ୍ତି ଆଜ୍ଞା। ସ୍ତ୍ରୀ ବିଦେଶରେ ଏକମାତ୍ର ନାତିକୁ ଜଗିବାକୁ ଯାଇଛି।

- କେବେ ଫେରିବେ?

- ଆଉ ଫେରିବନି! ଆଶା ଛାଡ଼ିଦେଇଛି। କେବେ ଫେରିବ ତୋ' ବୋଉ ବୋଲି ପୁଅକୁ ପଚାରିବାରୁ ପୁଅ କହିଲା- ତମେ ରାନ୍ଧିବାଢ଼ି ନିଜେ ଖାଇବା ଅଭ୍ୟାସ କର। ବୋଉ ଆଉ ଯିବନି। ବୋଉ ଗଲେ ପୁଅକୁ ରଖିବ କିଏ? ଆମେ ଦି'ଜଣ ଚାକିରିଆ ତମେ ସବୁ ଜାଣି ଏମିତି କ'ଣ ପଚାରୁଚ!

- ମାନେ!

ଗୋଟେ ଦୃଷ୍ଟିରୁ ଭଲହେଲା ଆଜ୍ଞା! ମୋ' ମାଆ ଥିଲାବେଳେ ସବୁବେଳେ କଜିଆ କରେ। କହେ ତାକୁ ଗାଁରେ ଛାଡ଼ିଦେଇ ଆସ! ନ ହେଲେ ମୁଁ ବାପଘରକୁ ପଳେଇବି!

- ମୁଁ ଭାବୁଛି ସେ ନ ଆସିଲେ ଭଲ। ମୋ' ମନ କଥା ସତେଯେମିତି ବୁଢ଼ା ଜାଣିନେଇଛନ୍ତି, ଭାବି ହସିହସି ଗଡ଼ିଗଲେ।

ସେ ହସ ଭିତର ବେଦନାର ଆର୍ତ୍ତନାଦ ମୋ' ବେଦନା ସହ ସଂଯୁକ୍ତ ହୋଇ ଯେମିତି ଅଙ୍ଗପ୍ରତ୍ୟଙ୍ଗରେ ସଞ୍ଚରିଗଲା। କାରଣ ପୁଅବୋହୂଙ୍କ ବିଷୟରେ କହୁଥିବା କଥା ଶହେରୁ ଶହେ ଠିକ୍। ମୋତେ ଲାଗିଲା ତାଙ୍କ ବେଦନା ବିଧୂର ଚାହାଣିରୁ ମୁଁ ଆଉ ମୁକୁଳି ପାରିବି ନାହିଁ।

ବୁଢ଼ୀର ଫଟା ଶାର୍ଟ ସିଇଁବା ସରିଆସୁଥିଲା। ବୁଢ଼ା ପୁଣି ପଚାରିଲେ- ପୁଅ ଚିଠି ଦଉଛି, ଫୋନ୍ କରୁଛି?

- କେବେକେବେ! ଏଇ ସତ କଥାଟା ଓଠ ଡେଇଁ ବାହାରି ଆସିଲା।

- ଆଜିକାଲି ଭଲ ପାଇବା, ଶ୍ରଦ୍ଧା କରିବା, ନିଜ ଲୋକଙ୍କ ପାଖେ ଏତେ ଜରୁରୀ ନୁହେଁରେ ବାବୁ! ପର ଲାଗିଲା, ଉଡ଼ିଗଲେ। ତମର ପ୍ରତ୍ୟାଶା ଥିଲେ ସେଇଟା ଭିଡ଼ି ଧରୁଥିବ ପଛରୁ। ନାଇଁ ତ ନାଇଁ। ଆଶା ବି ନାଇଁ।

- ମୁଁ ଭାବିଲି, ସେ କ'ଣ ମୋ' କଥା ଜାଣନ୍ତି? ସେତେବେଳେ କି ଅସନ୍ତୁଳିତ ମୋ' ମନ ହେଲା ମୁଁ ଜାଣେ। କେବଳ ଲାଗିଲା, ମୁଁ ଯେମିତି ଏଠିକି ମୋ' ଭିତରର ଫଟୋ ଦେଖିବାକୁ ଆସିଛି।

ସେ ହସିଲେ। କହିଲେ, ତୁମର ବି ବୟସ ହେଲାଣି। ଏବେ ତମେ ମୁକ୍ତି ଚାହଁ ନା ବନ୍ଧନ!

- ପାରିବାରିକ ଧକ୍କା ସହି ମଣିଷ ବଞ୍ଚେ। ମୁଁ ବଞ୍ଚିଛି। ଏବେ ବି ଚାହିଁ ପାରୁନି ମୁକ୍ତି। ସତ କହିଲି ବୁଢ଼ାଙ୍କୁ।

ସେ ମୋତେ ଘର ଭିତରକୁ ଡାକିନେଲେ। ଭଙ୍ଗଅମଳର ପେଡ଼ି ଖୋଲିଲେ। ତା' ଭିତରେ ତାଙ୍କର ବହୁ ମୂଲ୍ୟବାନ୍ ପୋଷାକ ଦେଖିଲି। ସେ କହିଲେ, ଏସବୁ ବର୍ତ୍ତମାନ ମୋ' ପାଇଁ ମୂଲ୍ୟହୀନ।

ମୁଁ ମୋର କୌତୂହଳ ଚାପି ନ ପାରି ପଚାରିଲି, ଏତେ ପୋଷାକ ଥାଉଥାଉ ଆପଣ ଫଟା ଦଦରା ଶାର୍ଟ କାହିଁକି ପିନ୍ଧୁଛନ୍ତି? ମାଉସୀ ତାକୁ ତାଳି ପକାଇବାରେ ଲାଗିଛନ୍ତି।

ସେ କହିଲେ, ଆମ ସମସ୍ତଙ୍କ ତାଳିପକା ଜୀବନ ବାପ। କିଏ ଲୁଚାଏ, କିଏ ଦେଖାଏ। ଏ ଦେହ ହିଁ ସବୁ ଦୁଃଖର କାରଣ। ପ୍ରତି ମୁହୂର୍ତ୍ତରେ ଛାତି ଭିତରେ ଗୋଟେ ଭୂକମ୍ପ ହଉଛି। କବାଟ କିଏ ବାଡ଼େଇଲେ ଆମେ ଭାବୁଛୁ ସେ ଆସିଲାକି! ଏକାବେଳକେ ତିନିଖଣ୍ଡ ଶାର୍ଟ କିଣି ଆଣିଥିଲା, ମୋ' ବାପା ପିନ୍ଧିବ। ଦେଇଗଲା ଯେ ଦେଇଗଲା! ଆଉ ଫେରିଲାନି।

ଫଟୋଟିଏ ଟଙ୍ଗା ହେଇଛି କାନ୍ଥରେ। ମୁଁ କିଛି ବି ବୁଝିପାରିଲିନି। ବୁଢ଼ୀର ଚଷମା ଦେଇ ଲୁହ ଟୋପା ଖସୁଥିଲା ନିର୍ଦ୍ୱନ୍ଦ୍ୱରେ। ପଦେ କହିଲେ, ପୁଅ ଏ ଜନ୍ମରେ। ସମୟ ଅସମୟରେ ସବୁବେଳେ ଆମେ ତାକୁ ଭଲ ହିଁ ପାଇଛୁ। କିଛି ଆଶା କରିନୁ। ଚାଲିଗଲା ସ୍ତ୍ରୀ ପିଲାପିଲିଙ୍କୁ ଧରି ଏକାବେଳକେ ସାଗର ସେପାରେ। ଆଉ ଖୋଜିଲେ କାହୁଁ ମିଳିବ! ଏଇ ଫଟା ଶାର୍ଟ ହିଁ ଆମର ଏକମାତ୍ର ସମ୍ବଳ। ଏଇ ଶାର୍ଟ ଥିବାଯାଏଁ ବଞ୍ଚିଥିବୁ ଆମେ। ମୁଁ ବି ଏଇ ସତ୍ୟକୁ ନିରୋଳାରେ ଝୁଣ୍ଟୁଥାଏ ବାରବାର! ବାରମ୍ବାର ଲହୁଲୁହାଣ ହୁଏ। ମୋତେ ଲାଗିଲା ଏକେଇ ସତ୍ୟ ଆମ ବୟସର ସବୁ ବୁଢ଼ାବୁଢ଼ୀଙ୍କୁ କାବୁ କରିଛି।

ମୋ: ୯୪୩୭୨୭୨୬୨୮





**ନାବାଳକର ଗଳା କାଟିଲେ ଦୁର୍ବୃତ୍ତ**

**କେନ୍ଦ୍ରାପଡା ଅଫିସ:** କେନ୍ଦ୍ରାପଡା ଜିଲା ସଦର ଥାନା ଅଧୀନ ହଜାରୀ ଛକ ନିକଟ ଏକ ଅଙ୍ଗନୱାଡି କେନ୍ଦ୍ର ନିକଟରୁ ଜଣେ ୮ବର୍ଷ ନାବାଳକଙ୍କୁ ରାତି ପ୍ରାୟ ୮ଟା ସମୟରେ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି। ତାଙ୍କ ଗଳାକୁ କୌଣସି ଦୁର୍ବୃତ୍ତ କାଟି ଦେଇଥିବା ବେଳେ ହାତ ଅଙ୍ଗୁଳିକୁ ଛେଚି ଦିଆଯାଇଛି। ତାଙ୍କୁ ମାର୍ଶାଘାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସଦର ଥାନା ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଆହତ ନାବାଳକଙ୍କ ଅଧିକ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର ବ୍ୟବସ୍ଥା କରିଛନ୍ତି। ତାଙ୍କ ପରିଚୟ ମିଳିନାହିଁ।

# ଅଫିସ୍‌ରେ ଟିକା ନେବେ ସମ୍ମୁଖ ଯୋଦ୍ଧା

ଭୁବନେଶ୍ୱର, ୩।୨(ବ୍ୟୁରୋ)

- ୬ରୁ ଆରମ୍ଭ, ୩ ସପ୍ତାହରେ ସାରିବାକୁ ଲକ୍ଷ୍ୟ
- ବିକଳ୍ପ ଟିକା କର୍ମୀଙ୍କୁ ନିଯୁକ୍ତି ନିର୍ଦ୍ଦେଶ
- ପହଞ୍ଚିଲା ଆଉ ୧,୪୬,୫୯୦ ଡୋଜ୍ ଟିକା

ଏଣିକି ଅଫିସ୍‌ରେ କରୋନା ଟିକାକରଣ ହେବ। କରୋନା ଲଢ଼େଇର ସମ୍ମୁଖ ଯୋଦ୍ଧାଙ୍କୁ ନିଜ ଅଫିସରେ ଟିକା ଦିଆଯିବ। ଏଥିପାଇଁ ଅଫିସ୍‌ରେ ସ୍ୱତନ୍ତ୍ର ଟିକା ରୁମ୍ ଖୋଲାଯାଇ ଆସନ୍ତା ୬ ତାରିଖରୁ ଏହି ଟିକାକରଣ ଆରମ୍ଭ ହେବ। ପ୍ରଥମ ଫେଜ୍‌ରେ ଗୃହ ଓ ନଗର ଉନ୍ନୟନ ବିଭାଗ, ରାଜସ୍ୱ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କୁ ଟିକା ଦିଆଯିବ। ୩ ସପ୍ତାହ ମଧ୍ୟରେ ସମ୍ମୁଖ ଯୋଦ୍ଧାଙ୍କୁ ଟିକାକରଣ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ସୁଦ୍ଧା ୧ ଲକ୍ଷ ୯୨ ହଜାର ଜଣଙ୍କ ଡାଟା ବେସ୍ ପ୍ରସ୍ତୁତ ହୋଇସାରିଛି। କାର୍ଯ୍ୟକ୍ଷେତ୍ର ସ୍ଥଳରେ ଟିକାଦାନ କେନ୍ଦ୍ରକୁ ଅଗ୍ରାଧିକାର ଦେବାକୁ କୁହାଯାଇଛି। ଅନ୍ୟପକ୍ଷରେ ଏହି ଟିକାକରଣରେ ସ୍ୱାସ୍ଥ୍ୟ କର୍ମୀଙ୍କୁ ଛାଡ଼ି ଅନ୍ୟ ଟିକାଦାତା ବା ବିକଳ୍ପ ଟିକାକର୍ମୀଙ୍କୁ ଚିହ୍ନଟ ସହ ତୁରନ୍ତ ନିଯୁକ୍ତି ଦେବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଠିକା ଟିକା କର୍ମୀଙ୍କୁ ଦୈନିକ ୫ଶହ ଭତ୍ତା ଦେବା ପାଇଁ ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି। ଟିକା ଯେପରି ଅପଚୟ ନ ହେବ, ସେଥିପାଇଁ ଆଗୁଆ ଟ୍ରେନିଂ ଦେବାକୁ ସ୍ୱାସ୍ଥ୍ୟ ବିଭାଗ ପରାମର୍ଶ ଦେଇଛି।

ଏପଟେ ଓଡ଼ିଶାକୁ ବୁଧବାର ଆଉ ୧,୪୬,୫୯୦ ଡୋଜ୍ କରୋନା ଟିକା ଆସିଛି। ସେଥିମଧ୍ୟରେ ୬୩,୦୯୦ ଡୋଜ୍ କୋଭିଶିଲ୍ଡ ଓ ୮୩,୫୦୦ କୋଭାକ୍ସିନ ଟିକା ରହିଛି। ବର୍ତ୍ତମାନ ସୁଦ୍ଧା ୨ ଲକ୍ଷ ୮ ହଜାର ୨୦୫ ଜଣଙ୍କୁ ଟିକା ଦିଆଯାଇଛି, ଯାହା ୬୨ ପ୍ରତିଶତ। ୧୦ ତାରିଖ ଭିତରେ ପ୍ରଥମ ଫେଜ୍ ଟିକାକରଣ ସାରିବାରୁ ଲକ୍ଷ୍ୟ ରଖାଯାଇଛି। ଫେବୃୟାରୀ ୧୫ରୁ ଦ୍ୱିତୀୟ ଫେଜ୍ ଡୋଜ୍ ଦିଆଯିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, କେନ୍ଦ୍ର ସରକାର ପୂର୍ବରୁ ଓଡ଼ିଶାକୁ ୮ ଲକ୍ଷ ୧୧ ହଜାର ଟିକା ଯୋଗାଇ ଦେଇସାରିଛନ୍ତି।

# ଦେଶରେ ସ୍ୱଚ୍ଛତାର କ୍ରାନ୍ତି ଆଣିବା ଲକ୍ଷ୍ୟ: ଧର୍ମେନ୍ଦ୍ର

ଭୁବନେଶ୍ୱର,୩।୨(ବ୍ୟୁରୋ)

**ଗୋବର୍ଦ୍ଧନ ଯୋଜନାର ଏକୀକୃତ ପୋର୍ଟାଲର ଶୁଭାରମ୍ଭ**

ଭାରତବର୍ଷର କୃଷକଙ୍କ ଅତିରିକ୍ତ ଆୟ ବଢ଼ାଇବା ଓ ଦେଶର କୋଣ ଅନୁକୋଣରେ ସ୍ୱଚ୍ଛତାର କ୍ରାନ୍ତି ଆଣିବା ଦିଗରେ ବୁଧବାର ଗୋବର୍ଦ୍ଧନ ଯୋଜନାର ଏକୀକୃତ ପୋର୍ଟାଲର ଶୁଭାରମ୍ଭ କରାଯାଇଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ନୂଆଦିଲ୍ଲୀଠାରେ ଧର୍ମେନ୍ଦ୍ରଙ୍କ ସମେତ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାର, କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଏବଂ କେନ୍ଦ୍ରମନ୍ତ୍ରୀ ରତନଲାଲ୍ କଟାରିଆଙ୍କ ଉପସ୍ଥିତିରେ ଏହି ଗୋବର୍ଦ୍ଧନ ଯୋଜନାର ଏକୀକୃତ ପୋର୍ଟାଲ HTTP://SBM.GOV.IN/GBDW20/ର ଶୁଭାରମ୍ଭ କରାଯାଇଛି।

ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୱେଷ୍ଟ ଟୁ ୱେଲ୍‌ଥ ମନ୍ତ୍ରକୁ ଫଳପ୍ରଦ କରିବା ସହ ଅନ୍ନଦାତାଙ୍କୁ ଊର୍ଜାଦାତା କରିବା ପାଇଁ ଭାରତ ସରକାର ଦେଶର କୃଷକ ଏବଂ ସ୍ୱଚ୍ଛ ଊର୍ଜା ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବେ। ଏଥିଲାଗି ବିଭିନ୍ନ ପଦକ୍ଷେପ ନେଇଛନ୍ତି। ଏହି ଗୋବର୍ଦ୍ଧନ ପୋର୍ଟାଲ ମାଧ୍ୟମରେ ଏହାକୁ ଠିକ୍ ସମୟରେ ନଜର ରଖାଯାଇପାରିବ। ବର୍ଜ୍ୟବସ୍ତୁରୁ ଧନସମ୍ପତ୍ତି ଏବଂ ସ୍ୱଚ୍ଛ ଇନ୍ଧନ ପାଇବା ଅଭିଯାନରେ ଗୋବର୍ଦ୍ଧନ ଯୋଜନା କେବଳ ଊର୍ଜା କ୍ଷେତ୍ରକୁ ଆତ୍ମନିର୍ଭର କରିବ ନାହିଁ ବରଂ ଦେଶର ଊର୍ଜା ଆମଦାନୀକୁ ମଧ୍ୟ ହ୍ରାସ କରିବ। ଆସନ୍ତା କିଛିବର୍ଷରେ ଗୋବର୍ଦ୍ଧନ ଯୋଜନା ଏବଂ ସାମନ୍ତରାଳ ପ୍ରକଳ୍ପ ମାଧ୍ୟମରେ ଦେଶରେ ସିବିଜି, ଇଥାନଲ ଏବଂ ଜୈବ ଇନ୍ଧନ ଭଳି ସ୍ୱଚ୍ଛ ଇନ୍ଧନର ଉତ୍ପାଦନ ଦେଶରେ ଊର୍ଜା କ୍ଷେତ୍ରର ଆତ୍ମନିର୍ଭରତା ବଢ଼ାଇବା ସହ ଏହାଦ୍ୱାରା ଦେଶର କୃଷକମାନେ ଅତିରିକ୍ତ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ପାଇପାରିବେ। ବର୍ଜ୍ୟବସ୍ତୁରୁ ଇନ୍ଧନ ତିଆରି କରିବା ଦିଗରେ ମଧ୍ୟପ୍ରଦେଶର ଇନ୍ଦୋର ବର୍ତ୍ତମାନ ଦେଶ ପାଇଁ ଉଦାହରଣ ତିଆରି କରିଛି। ଏହି ସଫଳତାକୁ ଦେଶର କୋଣ ଅନୁକୋଣ ପର୍ଯ୍ୟନ୍ତ ପହଞ୍ଚାଇବା ସରକାରଙ୍କ ଲକ୍ଷ୍ୟ ଥିବାବେଳେ ଏହାଦ୍ୱାରା ଆମର ଗ୍ରାମୀଣ ଅର୍ଥ ବ୍ୟବସ୍ଥାରେ ଅଭୂତପୂର୍ବ ଉନ୍ନତି ପରିଲକ୍ଷିତ ହୋଇପାରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

## BHUBANESWAR MUNICIPAL CORPORATION

*Progress through Partnership for better Bhubaneswar*

**No. 7120/BMC, BBSR** **Date: 02.02.2021**

**CORRIGENDUM - I**

**RFP No. 4547 / Dated21.01.2021**

No. C-378: With reference to the RFP No. 4547 Dtd.21.01.2021 is hereby cancelled and the Revised RFP shall be floated in website portal **www.bmc.gov.in**. The revised RFP document shall be available for downloading from **04.02.2021 to 25.02.2021 upto 3.00 P.M.**

For any queries please contact **ee1.bmc@gov.in**.

**Sd./- Executive Engineer, BMC Division - 1**

**OIPR-13002/11/0089/2021**

## DRDA, MAYURBHANJ

**TENDER CALL NOTICE**

No. CAD-1179: Sealed quotations are invited from interested Suppliers/Dealers/Firms/Agencies for Supply of BPGY, PMAY(G)-BPGY, NSPGY, IAY and PGY (Mining) Logos tiles for Mayurbhanj District under Rural Housing. The last date and time for receipt of quotation by 5.00 P.M. of 15.02.2021 through Registered Post/Speed Post only. Detail notice is available in the district website: **www.mayurbhanj.nic.in**. If any Corrigendum/Addendum arises it would be uploaded in the district website.

**Sd./- Project Director**
**DRDA, Mayurbhanj**

**OIPR-19082/11/0002/2021**

# ଆଇଟିଆଇ ହଷ୍ଟେଲର ୯ ମାସର ଫି' ଛାଡ଼

ଭୁବନେଶ୍ୱର, ୩।୨(ବ୍ୟୁରୋ)

**ଉପକୃତ ହେବେ ୩୦ହଜାର ଛାତ୍ରୀଛାତ୍ର**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ସମସ୍ତ ସରକାରୀ ଆଇଟିଆଇରେ ପଢୁଥିବା ଛାତ୍ରୀଛାତ୍ରଙ୍କ ୯ ମାସର ହଷ୍ଟେଲ ଫି' ଛାଡ଼ କରାଯାଇଛି। ଏହାଦ୍ୱାରା ସରକାରୀ ଆଇଟିଆଇରେ ପଢୁଥିବା ରାଜ୍ୟର ୩୦ହଜାର ଛାତ୍ରୀଛାତ୍ର ଉପକୃତ ହେବେ। ନିର୍ଦ୍ଦେଶ ଅନୁଯାୟୀ, ୨୦୨୦ ଏପ୍ରିଲରୁ ଡିସେମ୍ବର ପର୍ଯ୍ୟନ୍ତ ହଷ୍ଟେଲ ଫି' ଛାଡ଼ କରାଯାଇଛି। କୋଭିଡ୍ ଯୋଗୁ ଏହି ସମୟରେ ଛାତ୍ରୀଛାତ୍ର ହଷ୍ଟେଲରେ ରହୁ ନ ଥିଲେ। ଆଇଟିଆଇ ହଷ୍ଟେଲରେ ରହୁଥିବା ଛାତ୍ରୀଛାତ୍ରମାନେ ଦେୟ ବାବଦରେ ମାସିକ ୧୨୫ ଟଙ୍କା ଦେଇଥାନ୍ତି। ତେଣୁ ପ୍ରତ୍ୟେକ ଛାତ୍ରୀଛାତ୍ର ୯ ମାସରେ ୧,୧୨୫ ଟଙ୍କା ହଷ୍ଟେଲ ଫି' ଛାଡ଼ ପାଇବେ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସେଲ୍ ଅଧ୍ୟକ୍ଷ

ଭୁବନେଶ୍ୱର,୩।୨(ବ୍ୟୁରୋ)

ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ ଲିଃ(ସେଲ୍)ର ଅଧ୍ୟକ୍ଷ ସୋମା ମଣ୍ଡଳ ବୁଧବାର ସନ୍ଧ୍ୟାରେ ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତ ଆଲୋଚନା ସମୟରେ ରାଉରକେଲା ଏବଂ ସୁନ୍ଦରଗଡଠାରେ ସେଲ୍ ପକ୍ଷରୁ ଚାଲିଥିବା କାର୍ଯ୍ୟ ସିଏସଆର ଆକ୍ଟିଭିଟି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ଯଦି କୌଣସି ଆବଶ୍ୟକତା ପଡେ ତେବେ ସବୁକିଛି ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି। ଅନ୍ୟପଟେ ସେଲ୍ ଅଧ୍ୟକ୍ଷ ଓଡିଶାରେ ଚାଲିଥିବା କାର୍ଯ୍ୟକ୍ରମ ସମ୍ପର୍କରେ ବୀବରଣୀ ପ୍ରଦାନ କରିଛନ୍ତି।

## ରାସ୍ତା, ପାଇପଲାଇନରେ ପରିବେଶ ଅନୁମତି ଦରକାର ନାହିଁ

ଭୁବନେଶ୍ୱର,୩।୨(ବ୍ୟୁରୋ): ରାସ୍ତା ନିର୍ମାଣ ସହିତ ପାଇପଲାଇନ ଯିବା ପାଇଁ ମାଟି ଖୋଳା ଲାଗି ଏଣିକି ପରିବେଶ ଅନୁମତି ଦରକାର ପଡିବ ନାହିଁ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଜାନୁଆରୀ ୭ ତାରିଖରେ ଏଥିପାଇଁ ବିଧିବଦ୍ଧ ଅନୁମୋଦନ ଦେବାପରେ ବୁଧବାର ସବୁ ଜିଲାପାଳଙ୍କୁ ଏନେଇ ଅବଗତ କରାଯାଇଥିବା ଜଣାପଡିଛି।

## GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS CIRCLE, CUTTACK

**No. O-1012** **No. Tender Online - RWC - 02/21 (RRNMU)** **Letter No.** **Date: 02.02.2021**

| | | | |
|---|---|---|---|
| 1. | Name of the Work | : | Procurement of Supply, Delivery and Installation of Equipment for RRNMU at Cuttack in the State of Odisha |
| 2. | Total No. of Lots | : | 8 Lots |
| 3. | Class of Bidder | : | "D" Class and above for each lot |
| 4. | Period of Completion | : | 03 Calendar Months |
| 5. | Other details | : | |

| Procurement Officer | Bid Identification No. | No of Lots | Availability of Tender Online for Bidding | |
|---|---|---|---|---|
| | | | From | To |
| Superintending Engineer, Rural Works Circle, Cuttack | Tender Online - RWC-02/21 (RRNMU), Dt.25.01.2021 | 8 Lots | 05.02.2021 11.00 hrs. | 22.02.2021 upto 17.00 hrs. |

Other details can be seen in the bidding documents which is available in website **www.pmgsytenders.gov.in**.
Any other changes/corrigendums may be seen only in website **www.pmgsytenders.gov.in**.

**Sd./- Superintending Engineer, Rural Works Circle, Cuttack**

**OIPR-25097/11/0012/2021**

## MARKFED-ODISHA

**(THE ODISHA STATE CO-OPERATIVE MARKETING FEDERATION LTD.)**

**(Old Station Road, Bhubaneswar-751006)**

**Ref. No.380** **Date: 02.02.2021**

**REQUEST FOR PROPOSAL (RFP)**

No. CAD-1175: The Odisha State Co-operative Marketing Federation Ltd.(MARKFED-Odisha), Old Station Road, Bhubaneswar-6 intends to let out its Multi Commodity Cold Storage (as is where is basis) located at Rayagada having capacity of 5000 MT on lease rent basis. Interested Professionals/Societies/Govt. Agencies having experience in the Management / operation of Cold Storage may apply in sealed cover super-scribing the name of the Cold Storage along with the RFP number and date addressing to "Managing Director, MARKFED-Odisha" so as to reach the same by Speed Post/Registered Post on or before 2.00 PM dt.22.02.2021 .

For details please visit Government of Odisha tender website **(www.odisha.Gov.in)** and MARKFED-Odisha website **(www.coopodisha.gov.in)**.

Interested parties are advised to visit the aforementioned website for details and other conditions.

Interested bidders are requested to visit tender portal for update information of tender (Corrigendum/addendum etc.).

**Sd./- Managing Director**

**OIPR-39017/11/0011/2021**

## Department of Water Resources
## Odisha Community Tank Development Management Society

**ODISHA INTEGRATED IRRIGATION PROJECT FOR CLIMATE RESILIENT AGRICULTURE (OIIPCRA)**

**(WORLD BANK PROJECT ID: P163533)**

7th Floor, Rajiv Bhawan, Bhubaneswar-751001, Ph. 0674-2542421, E-Mail: spuoiipcra.od@gov.in

**Invitation for Expression of Interest for Engagement of Consultancy Services**

**Date: 01/02/2021** **OIIPCRA-EoI-01/2021**

**No. A-535:-** Project Director, Odisha Community Tank Development and Management Society (OCTDMS) DoWR invites Expression of Interest from eligible Consultancy Firms for the following consultancy services for Odisha Integrated Irrigation for Climate Resilient Agriculture (OIIPCRA) project.

1. **Preparation of a Management and Development Plan in the Kharakhari sub-Basin in the Rushikulya River Basin for OIIPCRA project.**

Eligible consultancy firms with desired qualification and experience as per details of "EoI" & Terms of Reference (ToR) available in Govt. website www.odisha.gov.in and www.dowrodisha.gov.in under the link advertisement may apply. "EoI" document must be delivered in the address given below by Speed Post/Registered Post/Courier Serives addressed to Project Director, OCTDMS, 7th Floor, Rajiv Bhawan, Bhubaneswar-751001, Odisha. Submission of "EoI" in any other mode is not acceptable. The consultancy firms may participate for the consultancy services based on their eligibility criteria set forth in ToR. The last date for receipt of is **05.03.2021 upto 15.00 hours**. It will be opened on the same day **at 15.30 hours.** The Selection Procedure will be governed by World Bank Procurement guidelines of QCBS method.

The authority reserves the right to cancel the process of selection of consultants without assigning any reason therof. The authority in no way will be responsible for any postal delay.

OIPR-32234/11/0006/2021 **Project Director, OCTDMS**

## ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, ଚମ୍ପୁଆ

**ବିଜ୍ଞାପନ ନଂ. ୧୮୬** **ତାରିଖ: ୦୨।୦୨।୨୦୨୧**

ଏତଦ୍ୱାରା ନିୟନ୍ତ୍ରିତ ବଜାର କମିଟି, ଚମ୍ପୁଆର ତଥା ଚମ୍ପୁଆ ଉପଖଣ୍ଡ ଅଞ୍ଚଳର ସମସ୍ତ ଚାଷୀ, କୃଷିଜାତ ଦ୍ରବ୍ୟର ବ୍ୟବସାୟୀ ଓ କୃଷିଭିତ୍ତିକ ଦ୍ରବ୍ୟର ବ୍ୟବସାୟୀ ଏବଂ ସର୍ବସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚମ୍ପୁଆ ନିୟନ୍ତ୍ରିତ ବଜାର କମିଟିର ''ଚମ୍ପୁଆ ଉପକାରାଗାର ସମ୍ମୁଖରେ ନିର୍ମିତ ହେବାକୁ ଥିବା ୨୭ଗୋଟି ଦୋକାନ ଗୃହ ମଧ୍ୟରୁ ବଳକା ୧୦ଗୋଟି ଦୋକାନ ଗୃହ (ବିପଣନ ଗୃହ)'' ପାଇଁ ବିଜ୍ଞାପନ ନଂ. ୧୬୦, ତା୨୧।୦୧।୨୦୨୧ରିଖ ଅନୁଯାୟୀ ଦରଖାସ୍ତ ଆହ୍ୱାନ କରାଯାଇଅଛି। ସେହି ସ୍ଥାନରେ ପୂର୍ବରୁ ୧୭ଟି ଉଠା ଦୋକାନ ଥିବା ଦୋକାନୀମାନଙ୍କୁ ମଧ୍ୟ ଦୋକାନ ଗୃହ ଆବଣ୍ଟନ କରିବା ପାଇଁ ଦରଖାସ୍ତ ଆବେଦନ କରିବାକୁ ନୋଟିସ ଦ୍ୱାରା ଜଣାଇ ଦିଆଯାଇଅଛି। ଏହି ସ୍ଥାନରେ ପୂର୍ବରୁ ଉଠା ଦୋକାନ ଥିବାର ଅଭିଯୋଗ ପାଇଁ ଉପ-ଜିଲ୍ଲାପାଳ ଚମ୍ପୁଆ ତଥା ଅଧ୍ୟକ୍ଷ ନିୟନ୍ତ୍ରିତ ବଜାର କମିଟି, ଚମ୍ପୁଆଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଅଛି। ଏ ସମ୍ବନ୍ଧୀୟ କୌଣସି ଅଭିଯୋଗ ଥିଲେ ନିୟନ୍ତ୍ରିତ ବଜାର କମିଟି, ଚମ୍ପୁଆ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସରେ ଆସନ୍ତା ତା୦୫।୦୨।୨୦୨୧ରିଖଠାରୁ ତା୧୫।୦୩।୨୦୨୧ରିଖ ସୁଦ୍ଧା ଲିଖିତ ଅଭିଯୋଗ ଦାଖଲ କରିପାରିବେ। ଏ ବାବଦରେ କମିଟିର ନିଷ୍ପତ୍ତି ଚୂଡ଼ାନ୍ତ ଅଟେ।

ସ୍ୱା./- ଉପଜିଲ୍ଲାପାଳ, ଚମ୍ପୁଆ ତଥା ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, ଚମ୍ପୁଆ

## GOVERNMENT OF ODISHA
## "e" PROCUREMENT NOTICE

**OFFICE OF THE EXECUTIVE ENGINEER, NAYAGARH (R&B) DIVISION, NAYAGARH**
**WORKS DEPARTMENT**

**TENDER CALL NOTICE**

**E-mail: pwdoffngd34@gmail.com**

**Bid Identification No. EE-Nayagarh (R&B) Division-Online 03/2020-21**

No.B-703:- The Executive Engineer, Nayagarh (R&B) Division, Nayagarh on behalf of Governor of Odisha inviting percentage rate bid in Single/ Double cover system in ONLINE MODE from eligible contractors for construction of Building & Road works as detailed in the table below.

1. Nature of work : Road/Building works.
2. No. of work : 2 Nos.
3. Tender cost : To be remitted online through a process as mentioned in DTCN
4. Class of cotractor : As mentioned in DTCN
5. Available of bid document in the website : From Dt.05.02.2021, 10.00 A.M. to Dt.11.02.2021 upto 5.00 P.M.
6. Date of opening of bid : Dt.12.02.2021 at 11.00 A.M.
7. The bidders have to participate in ONLINE bidding only. Further details can be seen from the Website: https://tenderodisha.gov.in. Any addendum/corrigendum/cancellation of tender can also be seen in the said website.

**Executive Engineer, Nayagarh (R&B) Division, Nayagarh**

OIPR-34138/11/0005/2021

## NOTIFIED AREA COUNCIL, KANTABANJI

**Email Id: nackantabanji@gmail.com**

**E-Procurement Notice**

No. C-381: Bid Documents consisting of Work, Estimated Cost, Cost of Tender Paper, EMD, Time of Completion, Class of contractors and the set of terms and conditions of contract and other necessary documents can be seen in Govt. website i.e. **www.tendersorissa.gov.in**.

1. Tender Reference No : 199_02_02_2021_NACKBJ
2. Name of the work : Civil works as mentioned in DTCN
3. No. of works : 05 Nos. works
4. Estimated cost : As per DTCN
5. Period of completion : As per DTCN
6. Date & Time of Bidding : 04.02.2021 to 15.02.2021 up to 5 P.M.
7. Last date & time for receipt of bids in the portal : 15.02.2021 up to 5 P.M.
8. Opening of Price Bid Online : 17.02.2021 at 11 A.M.
9. Name and address of the Officer inviting Bid : Executive Officer, NAC Kantabanji

Further details can be seen from the procurement portal i.e. https://www.tendersorissa.gov.in

**Sd./- Executive Officer**
**NAC, Kantabanji**

**OIPR-13111/11/0001/2021**

## GOVERNMENT OF ODISHA
## DEPARTMENT OF WATER RESOURCES

**Office of the Executive Engineer**
**Mechanical Division, Ambaguda**

**No.531-A:-** Email Address: eemda2013@gmail.com

**e-Procurement Notice- Bid Identification No.- EE/MDA-02/2020-21 dt.30.01.2021**

1. Name of the Work : Mechanical Gate Works
2. No. of Works : 03 (Three)
3. Category of executors : SSI Units registered under DIC/ NSIC/MSME for Irrigation Shutters/ Hydro mechanical gates.
4. Bid Identification No. : EE/MDA-02/2020-21 dt.30.01.2021
5. Estimated Cost : Rs.5,63,531.00, Rs.5,48,103.00, Rs.5,24,624.00 (Excl. GST)
6. Period of Completion : 01 (One) calendar month
7. Date & time of availability of bid documents in the Portal : From dt.08.02.2021 (11.00 AM) to dt.17.02.2021 (5.00 PM)
8. Last date/time for receipt of bid in the Portal : **Dt.17.02.2021 (up to 5.00 PM)**
9. Date and Place of opening of online bids : dt.18.02.2021 (11.00 AM onwards in the O/o the undersigned)
10. Name of the Officer inviting bid : Executive Engineer, Mechanical Division, Ambaguda

Further details can be seen from the e-procurement portal **https://tendersodisha.gov.in**

**Sd./- Executive Engineer, Mechanical Division, Ambaguda**

**OIPR-32241/11/0001/2021**

## OFFICE OF THE SUPERINTENDING ENGINEER RURAL WORKS CIRCLE, BALASORE

**E-Mail ID: serw_balasore@yahoo.in, Ph. No. - 06782-260318, Balia, Balasore**

**No.O-1007:-** **"e" Procurement Notice for Road Work**

**Identification No.- Online Tender - Road N.C.B. No. 282 for 2020-21.**

**Letter No. 385/WE** **Date 01.02.2021**

1. Name of the work :- Road Work
2. Total No. of work :- 01 No. (One)
3. Estimated Cost :- Rs.109.91 lakhs (Approximately)
4. Eligible Class of Contractor :- 'B' Class & 'A' Class (of Odisha P.W.D.) or relevant Class of other licensing authorities (as per annexure).
5. Period of Completion :- 9 (Nine) Calendar months for the work.
6. Other details :-

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender clarification. | Date & time of Opening of Tender in O/o S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Balasore | NCB No.-282 | 05.02.2021 at 11.00 A.M. | 22.02.2021 Up to 5.00 P.M. | 21.02.2021 Up to 5.00 P.M. | 23.02.2021 at 11.00 A.M. | Will be intimated later |

- **Further details can be seen from the website: www.tendersodisha.gov.in**

**OIPR-25105/11/0017/2021** **Sd./- Er. P.K. Sahoo, Superintending Engineer, R.W. Circle, Balasore**

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, ANANDAPUR BARRAGE PROJECT, SALAPADA

**(E-mail id: cceabp-eicwr.od@nic.in/loabp-eicwr.od@nic.in)**

**No. A-532:-** **E-procurement Notice No. CCEABP-05 of 2020-21**

| E-Procurement Officer | Name of the work | Bid Id No. | Tender cost in Lakhs (Appx) | Bid security in Lakh (online) | Cost of Bid Document (Online) | Class of contractor | Period of completion | Availability of tender online for bidding | | Date of opening of technical Bid (Cover-1) |
|---|---|---|---|---|---|---|---|---|---|---|
| | | | | | | | | From | To | |
| Chief Construction Engineer, A.B. Project, Salapada | Excavation, Cement Concrete lining of Baitarani Left Bank Canal (BLBC) from RD 0.00km to RD 13.50 Km including construction of structures and service Road. (Balance Work) | ABP-ABD-02/5 of 2020-21 | 7821.00 | 78.21 | 10,000/- | Super Class | 18 calendar months | 05.02.21 11.30 AM | 20.02.21 5.00 PM | 23.02.21 11.30 AM |

Further details can be seen from the Govt. website www.tendersorissa.gov.in/www.dowrodisha.gov.in. Addendum/corrigendum/cancelletion if any required will be published in Govt. website only.

**OIPR-32180/11/0004/2021** **Sd./- Chief Construction Engineer, Anandapur Barrage Project, Salapada**

## OFFICE OF THE EXECUTIVE OFFICER
## NOTIFIED AREA COUNCIL, BELLAGUNTHA, GANJAM, ODISHA, PIN - 761119

**Phone No. 06821-258244, E-mail ID: eonacbellaguntha@gmail.com**

**L No. 150** **Date: 2.2.21**

**TENDER CALL NOTICE**

No. C-376: Urgent sealed tenders in the prescribed schedule in conformity with details item wise tender are invited from the registered contractors for the works as noted below. Tender must accompany with 1% EMD as mentioned in the list in shape of Bank Draft/Cash duly pledged in favour of the Executive Officer, NAC, Bellaguntha. The details of tender schedule can be purchased from the Office of the Executive Officer, NAC, Bellaguntha during the office hours of the working days from 03.02.2021, 11.00 A.M. to 5 P.M. of Dtd. 11.02.2021. Tender schedule alongwith relevant documents duly filled in will be received in the NAC Office in a sealed cover upto 11 A.M. on 12.02.2021 and will be opened in the Office of the Executive Officer, NAC, Bellaguntha at 3.00 P.M. on the same day i.e. 12.02.2021. If possible in the presence of the tenderer or their authorized representatives who may be present at the time of opening. Tender with unpledged EMD and those received beyond schedule date and as well as conditional tender shall be automatically rejected. Any other information relating to the tender can be had from the Office of the undersigned during the office working days and working hours. The authority reserves the right to reject any or all the tenders without assigning any reason thereof.

| Sl. No. | Name of the Work | Estimated Cost (in Rs.) | EMD 1% (in Rs.) | Cost of Tender paper (in Rs.) | Time of Completion of the work |
|---|---|---|---|---|---|
| 01 | Balance Work Construction of RCC Road inside New Bus Stand in Ward - 05. | Rs.1,99,393/- | Rs.1994/- | Rs.1000/- | 30 Days |
| 02 | Paver Block Filling infront of Public Toilet at Bus Stand in Ward - 05 | Rs.1,98,600/- | Rs.1986/- | Rs.1000/- | 30 Days |
| 03 | Civil Work in front of Biju Pattanayak Youth Club | Rs.1,73,600/- | Rs.1736/- | Rs.1000/- | 30 Days |

**Sd./- Executive Officer, NAC, Bellaguntha**

**OIPR-13113/11/0001/2021**

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, RURAL WORKS CIRCLE, CUTTACK

**No. O-1015**

**email: serw_ctc@yahoo.com**

**No. Tender Online RWC: 04/2021** **L. No. 363** **Date: 2.2.21**

**e-Procurement NOTICE**

Name of the Work : Construction of Road works

2. Class of Contractor
   a) Estimated Cost more than Rs.3.00 Crore & upto Rs.6.00 Crores — a) A Class & Special Class (Of Odisha PWD) relevant class of other licensing authority
   b) Estimated cost more than Rs.40.00 lakhs & Upto Rs.3.00 Cores — b) B Class & A Class (Of Odisha PWD) relevant class of other licensing authority
3. Time for completion : Noted against the work as per Annexure
4. Summary for key dates is provided below :

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Cuttack | Tender Online RWC 04-21 | 05.02.2021 at 11 A.M. | 19.02.2021 upto 5.00 P.M. | 18.02.2021 upto 2.00 P.M. | 22.02.2021 at 11.00 A.M. | Will be intimated later |

Further details can be seen from the website **www.tendersorissa.gov.in for Non-PMGSY works.**

**Sd./- Superintending Engineer, Rural Works Circle, Cuttack**

**OIPR-25097/11/0014/2021**

## DIRECTORATE GENERAL
## FIRE SERVICES, HOME GUARDS & CIVIL DEFENCE, ODISHA

**SHORT TENDER CALL NOTICE**

No.F-100 **NO.-4/2020-21**

1. Sealed tenders are invited from the original equipment manufacturer (OEM) or their authorized agent/ dealer for purchase of different types of equipment during 2020-21. The details of equipments with requirement are as follows.

| Sl. No. | Name of the item | Approximate Quantity |
|---|---|---|
| 1 | RCC Equipment Set | 03 Nos. |
| 2 | Fire Fighter Gum Boot | 1700 Prs |
| 3 | Inflatable Rubber Boat (without OBM) | 100 Nos. |
| 4 | Quick Deployment Antenna | 05 Nos. |

2. Sale of tender document w. e. f. dt.04-02-2021.
3. Last date for sale of tender document dt.18-02-2021, 5.30 P.M.
4. Last date for receipt of tender document dt.18-02-2021, 5.30 P.M.
5. Date for opening of tenders/Technical Bids dt. 19-02-2021, 11.30 AM. onward.
6. Date of Technical Committee for evaluation of samples dt. 22-02-2021, 11.30 A.M. onwards at O/o the Chief Fire Officer, Odisha, Kanika Chhak, Cuttack.
7. The tender document with detail technical specification, condition may be seen from the state website www.odisha.gov.in and Odisha Fire Service website www.odishafshgscd.gov.in. The tender document may be obtained by depositing Rs.500/- (Rupees five hundred) only between 11.00 A.M. to 5.30 P.M. on each working day, from 04-02-2021 to 18-02-2021.
8. Address : **Directorate General of F.S, H.Gs & C.D, At-3rd Floor of Vigilance Directorate, Nuapatna, Cuttack, Pin-753001, FAX-0671-2300201/ 2303387**

**I.G of Police, Fire Service, Home Guards & Civil Defence, Odisha, Cuttack**

**Address – 3rd Floor, Vigilance Building, Nuapatna, Buxibazar, Cuttack-753001, Tel. – 0671-2300317, Fax : 0671-2300201, E-mail : dfoprov-ofs@gov.in, afoprov-ofs@gov.in**

OIPR-12006/11/0007/2021

**ଅର୍ଣ୍ଣବଙ୍କ ବିରୋଧରେ ମାନହାନି ମାମଲା**

ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁ ଘଟଣାରେ ପୋଲିସ ବିରୋଧି ମନ୍ତବ୍ୟ ରଖିଥିବା ରିପବ୍ଲିକ ଟିଭିର ଏଡିଟର-ଇନ୍-ଚିଫ୍ ଅର୍ଣ୍ଣବ ଗୋସ୍ୱାମୀଙ୍କ ବିରୋଧରେ ଆପରାଧିକ ମାନହାନି ମକଦମା ଦାଏର ହୋଇଛି। ଅର୍ଣ୍ଣବଙ୍କ ସମେତ ତାଙ୍କ ସ୍ତ୍ରୀ ସମ୍ୟାବ୍ରତ ରାଏ ଏବଂ ଟିଭି ମାଲିକ ଏଆରଜି ଆଉଟଲାୟର ମିଡିଆ ପ୍ରା. ଲିମିଟେଡ ନାଁରେ ମୁମ୍ବାଇ ପୋଲିସର ଡେପୁଟି କମିଶନର ଅଭିଷେକ ତ୍ରିମୁଖୀ ମାନହାନି ମକଦମା ରୁଜୁ କରିଛନ୍ତି। ମୁମ୍ବାଇ ପୋଲିସକୁ ବଦନାମ କରିବା ପାଇଁ ଏହି ଚ୍ୟାନେଲରେ ମନ୍ତବ୍ୟ ଦିଆଯାଇଥିବା ଅଭିଯୋଗ ରହିଛି।

## ସଂକ୍ଷେପରେ

### ମହାପଞ୍ଚାୟତ ବେଳେ ମଞ୍ଚ ଭାଙ୍ଗିଲା



**ଚଣ୍ଡିଗଡ଼,୩।୨:** କୃଷି ଆଇନ ବିରୋଧରେ ବୁଧବାର ହରିୟାଣାର ଜିନ୍ଦରେ ଆୟୋଜିତ ଖାପ୍ ମହାପଞ୍ଚାୟତ ବେଳେ ମଞ୍ଚ ଭାଙ୍ଗିଯାଇଥିଲା। ଫଳରେ ଭାରତୀୟ କିଷାନ ୟୁନିୟନ୍ (ବିକେୟୁ) ମୁଖପାତ୍ର ରାକେଶ ଟିକାଏତ୍ ଓ ଅନ୍ୟ କେତେଜଣ ମଞ୍ଚାସୀନ କୃଷକ ନେତା ଖସିପଡ଼ିଥିଲେ। ସର୍ବଜାତୀୟ କଣ୍ଡେଲା ଖାପ୍ ପକ୍ଷରୁ ଆୟୋଜିତ ଏହି ସମାବେଶରେ ବହୁ ନେତା ଯୋଗଦେଇଥିଲେ। ଏଥିରେ କୃଷି ଆଇନ ପ୍ରତ୍ୟାହାର, ଏମ୍ଏସ୍‌ପିର ସାମ୍ବିଧାନିକ ଗ୍ୟାରେଣ୍ଟି, ସ୍ୱାମୀନାଥନ୍ କମିଟି ରିପୋର୍ଟକୁ କାର୍ଯ୍ୟକାରୀ, ଜାନୁୟାରୀ ୨୬ ଘଟଣାରେ ଚାଷୀ ନେତାଙ୍କ ଉପରୁ ମାମଲା ପ୍ରତ୍ୟାହାର ଓ ସେମାନଙ୍କୁ ମୁକ୍ତ କରିବା ନେଇ ୫ଟି ସଂକଳ୍ପନାମା ଗୃହୀତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କୃଷକ ସଙ୍ଗଠନଗୁଡ଼ିକ ସହ ଆଲୋଚନା କରନ୍ତୁ ବୋଲି ମହାପଞ୍ଚାୟତରେ ଆହ୍ୱାନ ଦିଆଯାଇଛି।

### ଖବରଦାତାଙ୍କ ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନ ନିନ୍ଦା କଲା ଆଇଏନ୍ଏସ୍

**ନୂଆଦିଲ୍ଲୀ,୩।୨(ପି.ଟି./ଆଇଏଏନ୍ ଏସ୍):** ଚାଷୀ ଆନ୍ଦୋଳନ ଉପରେ ରିପୋର୍ଟିଂ କରୁଥିବା ବରିଷ୍ଠ ସମ୍ପାଦକ ଓ ଖବରଦାତାଙ୍କ ବିରୋଧରେ ଦିଲ୍ଲୀ, ଉତ୍ତରପ୍ରଦେଶ ଏବଂ ମଧ୍ୟପ୍ରଦେଶ ପୋଲିସ ପକ୍ଷରୁ ଏଫ୍ଆଇଆର୍ କରାଯାଇଛି। ଇଣ୍ଡିଆନ୍ ନ୍ୟୁଜ୍‌ପେପର ସୋସାଇଟି (ଆଇଏନ୍ଏସ୍) ଅଧ୍ୟକ୍ଷ ଏଲ୍. ଅଦିମୁଲାମ୍ ଏକ ବିବୃତି ଜାରି କରି କହିଛନ୍ତି, ସମଗ୍ର ପ୍ରିଣ୍ଟ ମିଡିଆ ତରଫରୁ ପୋଲିସ କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରାଯାଉଛି। ୩ ରାଜ୍ୟର ସରକାର ନିଜ ନିଷ୍ପତ୍ତିର ସମୀକ୍ଷା କରନ୍ତୁ। ପ୍ରେସ୍‌କୁ ନିର୍ଭୀକ ହୋଇ କାମ କରିବାକୁ ଦିଆଯାଉ ଓ ଏହାର ଅଧିକାରରେ ହସ୍ତକ୍ଷେପ କରା ନ ଯାଉ। ପ୍ରକାଶ ଯେ, ବରିଷ୍ଠ କଂଗ୍ରେସ ନେତା ଶଶୀ ଥରୁରଙ୍କ ଓ କେତେଜଣ ଖବରଦାତାଙ୍କ ବିରୋଧରେ ଦିଲ୍ଲୀର ଟ୍ରାକ୍ଟର ରାଲି ବେଳେ ବିଭ୍ରାନ୍ତିକର ଖବର ପରିବେଷଣ ଓ ଟୁଇଟ୍ କରିବା ଅଭିଯୋଗରେ ମାମଲା ଦାଏର କରାଯାଇଛି। ରାଜଦୀପ ସରଦେଶାଇ, ମୃଣାଳ ପାଣ୍ଡେ, ଜଫର ଆଘା, ପରେଶ ନାଥ ଓ ଅନନ୍ତ ନାଥ ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟ ଯାଇଛନ୍ତି।

### ଦୀପ ସିଦ୍ଧୁଙ୍କ ସୂଚନା ଦେଲେ ଲକ୍ଷେ ପୁରସ୍କାର

**ନୂଆଦିଲ୍ଲୀ, ୩।୨:** ସାଧାରଣତନ୍ତ୍ର ଦିବସରେ ଦିଲ୍ଲୀର ଲାଲକିଲ୍ଲାରେ ହିଂସା ଘଟଣାରେ ସମ୍ପୃକ୍ତ ଅଭିନେତା ଦୀପ ସିଦ୍ଧୁଙ୍କ ବିଷୟରେ ସୂଚନା ଦେଲେ ୧ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଦିଲ୍ଲୀ ପୋଲିସ ଘୋଷଣା କରିଛି। ଏଥିସହ ଚାଷୀଙ୍କୁ ଉସୁକାଇଥିବା ଅଭିଯୋଗରେ ବୁଟା ସିଂ, ସୁଖଦେବ ସିଂ, ଜାଜବୀର ସିଂ, ଇକବାଲ୍ ସିଂଙ୍କୁ ଧରିବାରେ ସାହାଯ୍ୟ କଲେ ୫୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ ବୋଲି ପୋଲିସ କହିଛି। ସିଦ୍ଧୁଙ୍କ ସମେତ ଯୁଗରାଜ ସିଂ, ଗୁରଜୋତ ସିଂ ଏବଂ ଗୁରୁଜାନ୍ତ ସିଂ ଲାଲକିଲ୍ଲାରେ ଚଢ଼ି ପତାକା ଲଗାଇଥିଲେ ବୋଲି ସିସିଟିଭି ଫୁଟେଜରୁ ଜଣାପଡିଥିବା ଦିଲ୍ଲୀ ପୋଲିସ ପକ୍ଷରୁ କୁହାଯାଇଛି।

# ଗଣତନ୍ତ୍ରକୁ କଣ୍ଟା

**ନୂଆଦିଲ୍ଲୀ, ୩।୨**

ଭାରତ ଭଳି ଭଦ୍ର ଓ ଆମେରିକା ପରି ବିକଶିତ ଦେଶଗୁଡ଼ିକ ସବୁବେଳେ ଆତଙ୍କବାଦକୁ ଗଣତନ୍ତ୍ର ପାଇଁ ସବୁଠୁ ବଡ଼ ଆହ୍ୱାନ ବୋଲି କହିଥାନ୍ତି। କିନ୍ତୁ ଲୋକତନ୍ତ୍ର ଲାଗି କଠୋରପନ୍ଥୀଙ୍କ ବନ୍ଧୁକ ଗୁଳି ତୁଳନାରେ ଅଧିକ ଘାତକ ସାବ୍ୟସ୍ତ ହୋଇଛି କ୍ଷମତାର ଅହମିକା ଓ ଶାସକଙ୍କ ଅହଂକାର। କେଉଁଠି ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାର ଭୂଲୁଣ୍ଠିତ ତ ଆଉ କେଉଁଠାରେ ବନ୍ଧକ ପଡ଼ିଛି ଜନଗଣଙ୍କ ନିର୍ବାଚିତ ସରକାର। ରୁଷିଆରେ ଆଜୀବନ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଘୋର ବିରୋଧୀ ଏଲେକ୍ସି ନଭେଲନିଙ୍କୁ କାରାଗାରରେ ଭରି ଦିଆଯାଇଛି। ମ୍ୟାନ୍‌ମାରରେ ଗଣତନ୍ତ୍ରର ଦେବୀ ଅଙ୍ଗ୍ ସାନ୍ ସୁ ଚୀଙ୍କ କ୍ଷମତା ଅପହରଣ କରିଛନ୍ତି ସେନାର ଶକ୍ତିଶାଳୀ ଜେନେରାଲ। ଚାଇନାର ଦମନଲୀଳା ଭୟରେ ହଂକଂ ଗଣତନ୍ତ୍ର ସପକ୍ଷବାଦୀଙ୍କ ବ୍ରିଟେନ ପଳାୟନ ଜାରି ରହିଛି। ପରାଜିତ ଡୋନାଲ୍ଡ ଟ୍ରମ୍ପଙ୍କୁ ରାଷ୍ଟ୍ରପତି ପଦର ଲୋଭ ଶକ୍ତିଶାଳୀ ଆମେରିକାର ଗଣତାନ୍ତ୍ରିକ ଇତିହାସରେ କ୍ୟାପିଟୋଲ ଦଙ୍ଗା ଭଳି କଳଙ୍କିତ ଅଧ୍ୟାୟ ଯୋଡ଼ିବାକୁ ପ୍ରେରିତ କରିଥିଲା। ସେହି ଟ୍ରମ୍ପଙ୍କୁ ଘୃଣା ବିସ୍ତାରର ମଞ୍ଚ ଯୋଗାଇଥିବା ଦୋଷ ଦେଇ ସାମାଜିକ ଗଣମାଧ୍ୟମ ଉପରେ ଅନ୍ତର୍ଜାତୀୟ ଅଙ୍କୁଶ ଲଗାଇବାକୁ ଓକିଲାତି କରୁଛନ୍ତି ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରାଁ। ଥାଇଲାଣ୍ଡରେ ଗଣତାନ୍ତ୍ରିକ ସଂସ୍କାର ପାଇଁ ଆନ୍ଦୋଳନ ଚଳାଇଥିବା ଲୋକଙ୍କୁ ଆଇନର ଆଇନା ଦେଖାଇ ବାନ୍ଧି ନିଆଯାଉଛି ୬୮ ବର୍ଷରେ ଚତୁର୍ଥ ବିବାହ କରି ଚର୍ଚ୍ଚାକୁ ଆସିଥିବା ବିଳାସୀ ରାଜା ମହା ବଜିରାଲୋଙ୍ଗକୋର୍ନଙ୍କ ନିର୍ଦ୍ଦେଶରେ। ଏସବୁ ଭିତରେ ଭାରତର ଜାତୀୟ ରାଜଧାନୀ ଦିଲ୍ଲୀ ସୀମାରେ ଲୁହା ଖୁଣ୍ଟରୁ ଲୁହା ଖୁଣ୍ଟକୁ ତାରବାଡ଼ର ଜାଲି ବିଛାଇଛି ମୃତ୍ୟୁର ଫାଶ। ୭୫ ଦିନ ଧରି ନିଜ ଅଧିକାର ପାଇଁ ଲଢ଼େଇ କରୁଥିବା ଅନ୍ନଦାତା ଓ ସେମାନଙ୍କ ଭୋଟରେ ନିର୍ବାଚିତ ସରକାର ମଧ୍ୟରେ ବ୍ୟାରିକେଡ୍ ନାମରେ ଟଣାଯାଇଛି ଅଘୋଷିତ ନିୟନ୍ତ୍ରଣରେଖା। ପୋଲିସର ଦାବି ବିପରୀତ ରିପୋର୍ଟିଂ କଲେ ଖବରଦାତାଙ୍କୁ ଛନ୍ଦି ଦିଆଯାଉଛି ସଙ୍ଗିନ ମାମଲାରେ। ଗଣତନ୍ତ୍ରକୁ କିଳି ଏକ ନିର୍ଦ୍ଦିଷ୍ଟ ପରିସୀମାରେ କିପରି ଆବଦ୍ଧ କରାଯାଉଛି ଉପରୋକ୍ତ ସଦ୍ୟ ଘଟଣାବଳୀ ତାହା ପ୍ରମାଣିତ କରୁଛି। ସବୁଠି ଗଣତନ୍ତ୍ର ସପକ୍ଷବାଦୀ ଯୋଦ୍ଧା ଲହୁଲୁହାଣ। ତଥାପି ଗଣତନ୍ତ୍ର ମହାନ୍।



ଦିଲ୍ଲୀର ଗାଜିପୁର ସୀମାରେ ଆନ୍ଦୋଳନରତ ଚାଷୀଙ୍କୁ ଘେରିବା ପାଇଁ ପୋଲିସ ପକ୍ଷରୁ ଦିଆଯାଇଥିବା କଣ୍ଟାବାଡ଼।

### ଗଣତନ୍ତ୍ର ସୂଚକାଙ୍କ ଭାରତ ସ୍ଥାନ ଖସିଲା

**ନୂଆଦିଲ୍ଲୀ, ୩।୨**

ଗଣତନ୍ତ୍ର ସୂଚକାଙ୍କ-୨୦୨୦ରେ ବିଶ୍ୱସ୍ତରୀୟ ର୍‍ୟାଙ୍କିଙ୍ଗ୍‌ରେ ଭାରତ ୨ଟି ସ୍ଥାନ ତଳକୁ ଖସିଛି। ପୂର୍ବରୁ ଭାରତ ୫୧ ନମ୍ବରରେ ଥିବାବେଳେ ଏବେ ନଂ. ୫୩ରେ ରହିଥିବା ଇକୋନୋମିଷ୍ଟ ଇଣ୍ଟେଲିଜେନ୍ସ ୟୁନିଟ୍ ପକ୍ଷରୁ ପ୍ରକାଶ ପାଇଛି। ୧୬୭ ଦେଶ ମଧ୍ୟରୁ ୨୩ଟି ଦେଶ ସମ୍ପୂର୍ଣ୍ଣ ଗଣତନ୍ତ୍ର, ୫୩ଟି ତ୍ରୁଟିପୂର୍ଣ୍ଣ ଗଣତାନ୍ତ୍ରିକ ଦେଶ, ୩୫ଟି ମିଶ୍ରିତ ଶାସନ ଏବଂ ୫୭ଟି ଏକନାୟକତ୍ୱ ଶାସନ ଥିବା ଦେଶ ଅନ୍ତର୍ଭୁକ୍ତ। କର୍ତ୍ତୃପକ୍ଷଙ୍କ ଦ୍ୱାରା ଗଣତାନ୍ତ୍ରିକ ପୃଷ୍ଠପୋଷକତା ଓ ନାଗରିକ ସ୍ୱାଧୀନତା ଉପରେ କଟକଣା ଯୋଗୁ ଏହି ମାନ୍ୟତା ହ୍ରାସ ପାଇଥିବା କୁହାଯାଇଛି। ୨୦୧୯ରେ ଭାରତର ସ୍କୋର ୬.୯ ଥିବାବେଳେ ୨୦୨୦ରେ ଏହା ୬.୬୧ ରହିଛି। ସୂଚକାଙ୍କର ଶୀର୍ଷରେ ରହିଛି ନରୱେ। ଏଥିସହ ଆଇସ୍‌ଲାଣ୍ଡ, ସ୍ୱିଡେନ, ନ୍ୟୁଜିଲାଣ୍ଡ, କାନାଡା ଆଦି ଦେଶ ଟପ୍ ୫ରେ ସ୍ଥାନିତ ହୋଇଛନ୍ତି।

## ଗିରଫଦାରି ସଂଖ୍ୟା ୫,୦୦୦ ଟପିଲା

### ନଭେଲନିଙ୍କୁ ସାଢ଼େ ୩ ବର୍ଷ ଜେଲ

ଦୀର୍ଘ ବର୍ଷ ଧରି କ୍ଷମତାରେ ଥିବା ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଦେଶବ୍ୟାପୀ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଛି। ପୁଟିନଙ୍କ ସମାଲୋଚକ ଏଲେକ୍ସି ନଭେଲନିଙ୍କୁ ମଙ୍ଗଳବାର ସାଢ଼େ ୩ ବର୍ଷ ଜେଲ ଦଣ୍ଡାଦେଶ ଦିଆଯାଇଛି। ନଭେଲନିଙ୍କ ବିରୋଧରେ ପୂର୍ବ ଆପରାଧିକ ମାମଲାରେ ଗିରଫଦାରି ପରେ ପାରୋଲର ସର୍ତ୍ତ ଉଲ୍ଲଂଘନ କରିବା ଅଭିଯୋଗ ରହିଛି। ତାଙ୍କ ଦଣ୍ଡାଦେଶ ସହ ରୁଷିଆରେ ସୁରକ୍ଷା ବ୍ୟବସ୍ଥା ଆହୁରି କଡ଼ାକଡ଼ି କରାଯାଇଛି। ଗତମାସ ନଭେଲନି ବର୍ଲିନରୁ ରୁଷିଆ ଫେରିବା ମାତ୍ରେ ତାଙ୍କୁ ଗିରଫ କରାଯାଇଥିଲା। ଏହା ପୂର୍ବରୁ ତାଙ୍କୁ ବିଷାକ୍ତ ପଦାର୍ଥ ଦିଆଯାଇଥିଲା। ସେ ଜର୍ମାନୀରେ ଚିକିତ୍ସିତ ହେଉଥିଲେ। ଶୁଣାଣି ବେଳେ ରାଷ୍ଟ୍ରପତି ପୁଟିନଙ୍କୁ 'ବିଷ ଦେଇଥିବା ବ୍ୟକ୍ତି' କହିଥିଲେ ନଭେଲନି। ତାଙ୍କ ଓକିଲ ଏହି ରାୟକୁ ଉଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରାଯିବ ବୋଲି କହିଛନ୍ତି। ବିଶ୍ୱର ବିଭିନ୍ନ ରାଷ୍ଟ୍ର ବିଶେଷକରି ପାଶ୍ଚାତ୍ୟ ଦେଶଗୁଡ଼ିକ ଦଣ୍ଡାଦେଶକୁ ଦୃଢ଼ ନିନ୍ଦା କରିଛନ୍ତି। ବ୍ରିଟେନ ବହିର୍ବ୍ୟାପାର ମନ୍ତ୍ରୀ ଡୋମିନିକ୍ ରାବ୍ ରାୟକୁ ଅନୁଚିତ ବୋଲି କହିଥିବାବେଳେ ଆମେରିକାର ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କନ୍ ଏହାକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷେ ପାଶ୍ଚାତ୍ୟ ଦେଶଗୁଡ଼ିକ କୌଣସି ସାର୍ବଭୌମ ଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ଖେଳାଇବା ପରିବର୍ତ୍ତେ ନିଜ ସମସ୍ୟା ଉପରେ ଧ୍ୟାନଦେବା ଉଚିତ ବୋଲି ରୁଷିଆ ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ଜାନୁୟାରୀ ୨୩ରୁ ରୁଷିଆରେ ବିରୋଧୀ ଦଳ ନେତା ଏଲେକ୍ସି ନଭେଲନିଙ୍କ ସମର୍ଥକ ତାଙ୍କ ମୁକ୍ତି ଦାବି ଓ ରାଷ୍ଟ୍ରପତି ପୁଟିନଙ୍କ ରାଜକୀୟ ପ୍ରାସାଦ ବିରୋଧରେ ବିକ୍ଷୋଭ କରୁଛନ୍ତି। କୋର୍ଟ ରାୟ ପ୍ରତିବାଦରେ ସେମାନେ ଶୋଭାଯାତ୍ରା କରୁଥିବାବେଳେ ପୋଲିସ ବିକ୍ଷୋଭକାରୀମାନଙ୍କୁ ଗିରଫ କରୁଛି। ଗିରଫ ବିକ୍ଷୋଭକାରୀଙ୍କ ସଂଖ୍ୟା ୫ ହଜାର ଟପିଲାଣି। ମେଟ୍ରୋ ଷ୍ଟେଶନଗୁଡ଼ିକୁ ବନ୍ଦ କରି ସିଟି ସେଣ୍ଟରକୁ ବ୍ଲକ୍ କରିଦିଆଯାଇଛି। ରୁଷିଆର ଅନ୍ୟ ଭାଗ ସହିତ ମସ୍କୋର ସଂଯୋଗ ବିଚ୍ଛିନ୍ନ ହୋଇଛି। ଏ ସବୁ ବ୍ୟବସ୍ଥା କେବଳ ଗୋଟିଏ ଉଦ୍ଦେଶ୍ୟରେ କରାଯାଇଛି ଯେମିତି କି ବାହାରୁ କେହି ଆସି ରାଜଧାନୀରେ ବିକ୍ଷୋଭ କରି ନ ପାରିବେ। ଗଣତନ୍ତ୍ରିକ ଅଧିକାର ପାଇଁ ଲଢ଼େଇ କରୁଥିବା ନଭେଲନି ସୁରକ୍ଷା ସଂସ୍ଥାଗୁଡ଼ିକ ବିରୋଧରେ ତାଙ୍କୁ ହତ୍ୟା ଉଦ୍ୟମ କରାଯାଉଥିବା ଅଭିଯୋଗ ଆଣିଛନ୍ତି।



ମସ୍କୋରେ ବିରୋଧୀ ନେତା ଏଲେକ୍ସି ନଭେଲନିଙ୍କ ମୁକ୍ତି ଦାବିରେ ଆନ୍ଦୋଳନରତ ବିକ୍ଷୋଭକାରୀଙ୍କୁ ପୋଲିସର ଲାଠିମାଡ଼।

## ରୋହିଙ୍ଗ୍ୟାଙ୍କ ଫେରିବା ବାଟ ବନ୍ଦ



### ସ୍ୟୁ ଚୀଙ୍କୁ ଛାଡ଼ିଲାନି ସେନା

୨୦୧୭ରେ ମ୍ୟାନ୍‌ମାରର ରାଖାଇନ୍ ରାଜ୍ୟରେ ସେନା ପକ୍ଷରୁ ହୋଇଥିବା ତଥାକଥିତ ଉଗ୍ରବାଦ ମୁକାବିଲା ଅପରେଶନ ବେଳେ ଗଣହତ୍ୟା, ବଳାତ୍କାର ଓ ଗ୍ରାମବାସୀଙ୍କ ଘରପୋଡ଼ି ବାସ୍ତବରେ ଥିଲା ମାନବାଧିକାର ବିରୋଧୀ ଯୁଦ୍ଧ। ନାଗରିକତ୍ୱ ଓ ଅନ୍ୟ ରାଜନୈତିକ ଅଧିକାର ଦାବି କରୁଥିବା ସଂଖ୍ୟାଲଘୁ ରୋହିଙ୍ଗ୍ୟା ମୁସଲମାନମାନଙ୍କ ଉପରେ ସେତେବେଳେ ସେନାର ବର୍ବରତା ସୀମା ଲଂଘିଥିଲା। ଏଥିଯୋଗୁ ହଜାର ହଜାର ରୋହିଙ୍ଗ୍ୟା ପ୍ରାଣ ହରାଇଥିବାବେଳେ ୭ ଲକ୍ଷ ୩୦ ହଜାରରୁ ଊର୍ଦ୍ଧ୍ୱ ଲୋକ ବୌଦ୍ଧ ବହୁଳ ମ୍ୟାନ୍‌ମାର ଛାଡ଼ି ଜୀବନ ବଞ୍ଚାଇବା ପାଇଁ ପଡ଼ୋଶୀ ବାଂଲାଦେଶକୁ ପଳାୟନ କରିଥିଲେ। ବାଂଲାଦେଶ ପଡ଼ୋଶୀ ଧର୍ମ ପାଳନ କରିବାକୁ ଯାଇ ସେମାନଙ୍କୁ ବିଭିନ୍ନ ଶରଣାର୍ଥୀ ଶିବିରରେ ଆଶ୍ରୟ ଦେଇଥିଲା। ଇତିମଧ୍ୟରେ ସମୟ ବଦଳିଛି। ହେଲେ ଗଣତନ୍ତ୍ର ସପକ୍ଷବାଦୀ ତଥା ନୋବେଲ ଶାନ୍ତି ବିଜୟିନୀ ଅଙ୍ଗ୍ ସାନ୍ ସ୍ୟୁ ଚୀ କ୍ଷମତାକୁ ଆସିବା ପରେ ରୋହିଙ୍ଗ୍ୟାଙ୍କ ସମସ୍ୟାର ସମାଧାନ କରିବାରେ ବିଫଳ ହୋଇଛନ୍ତି। ଏବେ ପୁଣିଥରେ ସେହି ବର୍ବର ସେନା ଶାସନ ଭାର ହାତକୁ ନେଇଛି। ସାମରିକ ବିଦ୍ରୋହ ପରେ ଅଧିକ ଆତଙ୍କିତ ହୋଇପଡ଼ିଛନ୍ତି ରୋହିଙ୍ଗ୍ୟା। ଦେଶର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ସେନା ନିକଟରେ ଥିବାରୁ ଆମେ ଆଉ ଫେରିବାକୁ ଚାହୁଁନାହୁଁ ବୋଲି କହିଛନ୍ତି ଶରଣାର୍ଥୀ। ଏହି ସେନା ଆମକୁ ହତ୍ୟା କରିଛି, ଆମ ମା'ଭଉଣୀଙ୍କୁ ବଳାତ୍କାର କରି ଗାଁରେ ନିଆଁ ଲଗାଇଛି। ସେମାନଙ୍କ ଅଧୀନରେ ଆମେ ସୁରକ୍ଷିତ ରହିବା ଅସମ୍ଭବ ବୋଲି ପ୍ରକାଶ କରିଛନ୍ତି ବାଂଲାଦେଶ ସୀମା କୋକ୍ସ ବାଜାର ଜିଲାର ଶିବିରରେ ରହୁଥିବା ରୋହିଙ୍ଗ୍ୟା ୟୁଥ୍ ଆସୋସିଏଶନ୍ ମୁଖ୍ୟ ଖିନ୍ ମଉଙ୍ଗ୍। ଏକ ଫେସ୍‌ବୁକ୍ ପୋଷ୍ଟରେ ସେନାମୁଖ୍ୟ ମିନ୍ ଅଙ୍ଗ୍ ହଲାଇଙ୍ଗ୍ କହିଛନ୍ତି, ନିର୍ବାଚନ ବେଳେ ହୋଇଥିବା ଜାଲିଆତି ଅଭିଯୋଗ ଶୁଣିବାକୁ ସ୍ୟୁ ଚୀଙ୍କ ସରକାର ପ୍ରସ୍ତୁତ ନ ଥିଲେ। ତେଣୁ ତାଙ୍କୁ ବରଖାସ୍ତ କରିବା ଛଡ଼ା ଆଉ କିଛି ବାଟ ନ ଥିଲା। ସୋମବାରଠାରୁ ଗିରଫ ହୋଇଥିବା ସ୍ୟୁ ଚୀ ଆସନ୍ତା ୧୫ ପର୍ଯ୍ୟନ୍ତ ମୁକୁଳିପାରିବେ ନାହିଁ ବୋଲି ଜଣାପଡ଼ିଛି।

## ଭାରତ ସହ ୨୦ ଦେଶକୁ ବିମାନ ବାତିଲ କଲା ସାଉଦି

**ରିୟାଦ୍, ୩।୨:** ସାଉଦି ଆରବରେ କରୋନା ସଂକ୍ରମଣ ବ୍ୟାପିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ସାଉଦି ପକ୍ଷରୁ ବୁଧବାରଠାରୁ ଭାରତ, ଆମେରିକା ସମେତ ମୋଟ ୨୦ ଦେଶକୁ ବିମାନ ଚଳାଚଳ ବାତିଲ କରାଯାଇଛି। ଅନ୍ୟ ଦେଶଗୁଡ଼ିକ ମଧ୍ୟରେ ପାକିସ୍ତାନ, ବ୍ରାଜିଲ, ଜାପାନ, ବ୍ରିଟେନ, ଇଟାଲୀ, ପର୍ତ୍ତୁଗାଲ, ଫ୍ରାନ୍ସ, ସ୍ୱିଡେନ, ଜର୍ମାନୀ, ଆୟର୍ଲାଣ୍ଡ, ସୁଇଜରଲାଣ୍ଡ ଆଦି ରହିଛି। ତେବେ କୂଟନୀତିଜ୍ଞ, ସାଉଦି ନାଗରିକ, ସ୍ୱାସ୍ଥ୍ୟକର୍ମୀ ଓ ସେମାନଙ୍କ ପରିବାର ଉପରେ ଏହି କଟକଣା ଲାଗୁ କରାଯିବ ନାହିଁ। ଏବେ ସୁଦ୍ଧା ଏହି ସାଉଦି ଆରବରେ ୩ ଲକ୍ଷ ୬୮ ହଜାର କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬ ହଜାର ୪ ଶହ ଜଣଙ୍କ ମୃତ୍ୟୁ ଘଟିଛି।

## ଦିଲ୍ଲୀ ହିଂସାର ନ୍ୟାୟିକ ତଦନ୍ତ ହେବନି

**ନୂଆଦିଲ୍ଲୀ, ୩।୨**

ସାଧାରଣତନ୍ତ୍ର ଦିବସରେ ଦିଲ୍ଲୀରେ କୃଷକଙ୍କ ଟ୍ରାକ୍ଟର ରାଲିରେ ହୋଇଥିବା ହିଂସା ଘଟଣାର ନ୍ୟାୟିକ ତଦନ୍ତ ପାଇଁ ଦାଖଲ ଆବେଦନକୁ ଖାରଜ କରିଦେଇଛନ୍ତି ସୁପ୍ରିମକୋର୍ଟ। ଏଥିସହ 'ଆଇନ ତା' ବାଟରେ ଯିବ' ବୋଲି ସର୍ବଦଳୀୟ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ତବ୍ୟକୁ ଦର୍ଶାଇ କୋର୍ଟ ଆବେଦନକାରୀଙ୍କୁ ପିଟିଶନ ପ୍ରତ୍ୟାହାର କରିନେବାକୁ କହିଛନ୍ତି। ସେହିପରି ବିନା କୌଣସି ପ୍ରମାଣରେ କୃଷକଙ୍କୁ 'ଆତଙ୍କବାଦୀ' ଘୋଷଣା ନ କରିବା ପାଇଁ ମିଡିଆକୁ ନିର୍ଦ୍ଦେଶ ଦେବା ଦାବିରେ ଦାଖଲ ହୋଇଥିବା ଆଉ ଏକ ପିଟିଶନକୁ ମଧ୍ୟ କୋର୍ଟ ଖାରଜ କରିଛନ୍ତି। ଆଡ୍‌ଭୋକେଟ ବିଶାଲ ଠାକ୍‌ରେ ଏବଂ ଅଭୟ ସିଂ ଯାଦବ ପିଟିଶନ ଦାଖଲ କରି ଜାନୁୟାରୀ ୨୬ ଘଟଣାରେ ତଦନ୍ତ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା(ସିବିଆଇ), ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍(ଏସ୍ଆଇଟି) କିମ୍ବା ଜୁଡିସିଆଲ କମିଶନଙ୍କ ଦ୍ୱାରା କରାଯିବାକୁ ଆବେଦନ କରିଥିଲେ। ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ପାଇଁ ଦିଲ୍ଲୀ ପୋଲିସ କୃଷକମାନଙ୍କୁ ଅନୁମତି ଦେଇଥିଲେ ହେଁ ସେମାନଙ୍କ ମଧ୍ୟରୁ କେତେକ ଏହାର ଅପବ୍ୟବହାର କରିଥିଲେ। ତେଣୁ ଘଟଣାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୋଲିସକୁ ନିର୍ଦ୍ଦେଶ ଦିଆଯିବା ଦାବିରେ ଉକ୍ତ ପିଟିଶନ ଦାଏର କରାଯାଇଥିଲା।



## ଆଉ ଏକ ଶାହିନ୍‌ବାଗ କରନାହିଁ: ଭାଜପା

**ନୂଆଦିଲ୍ଲୀ,୩।୨(ପି.ଟି.)**

ପାର୍ଲାମେଣ୍ଟରେ ବ୍ୟାପକ ବିଚାର ବିମର୍ଶ ପରେ ନୂଆ କୃଷି ଆଇନ ଗୃହୀତ ହୋଇଛି। ଆପୋସ ଆଲୋଚନାରେ ସମସ୍ୟାର ସମାଧାନ ଲାଗି କୃଷକମାନଙ୍କ ପାଇଁ ବାଟ ସବୁବେଳେ ଖୋଲା ଅଛି। ବିରୋଧୀ ଦଳଗୁଡ଼ିକ କୃଷକ ଆନ୍ଦୋଳନକୁ ଆଉ ଏକ ଶାହିନବାଗରେ ପରିଣତ ନ କରନ୍ତୁ ବୋଲି ମଙ୍ଗଳବାର ରାଜ୍ୟ ସଭାରେ ଭାଜପା ପକ୍ଷରୁ କୁହାଯାଇଛି। ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ନେଇ ଆଲୋଚନା ବେଳେ ଭାଜପା ସଦସ୍ୟ ଭୁବନେଶ୍ୱର କଳିତା କହିଥିଲେ, କୃଷକମାନଙ୍କ ଉପରେ ସରକାରଙ୍କ ସମ୍ମାନ ରହିଛି। ସରକାର ସେମାନଙ୍କୁ ନୂଆ କୃଷି ଆଇନ ଜରିଆରେ ନୂଆ ଅଧିକାର ଦେଇଛନ୍ତି। ଚାଷୀଙ୍କ କୌଣସି ଅଧିକାର ବା ସୁବିଧାକୁ ଛଡ଼ାଇ ନିଆଯାଇ ନାହିଁ।

## ସଂସଦ କମ୍ପିଲା

**ନୂଆଦିଲ୍ଲୀ,୩।୨(ପି.ଟି.)**

କେନ୍ଦ୍ରର ୩ କୃଷି ଆଇନକୁ ନେଇ ବୁଧବାର ପାର୍ଲାମେଣ୍ଟ କମ୍ପିଛି। ଏହି ପ୍ରସଙ୍ଗରେ ବିତର୍କ ବେଳେ ଉଭୟ ସଦନକୁ ବାରମ୍ବାର ମୁଲତବୀ କରିବାକୁ ପଡ଼ିଛି। ଲୋକ ସଭାରେ ବିରୋଧୀ ଦଳଗୁଡ଼ିକ କୃଷି ଆଇନ ପ୍ରସଙ୍ଗରେ ସ୍ୱତନ୍ତ୍ର ଆଲୋଚନା ପାଇଁ ଦାବି କରିଛନ୍ତି। ଅପରାହ୍ନ ୪ଟାରେ ଲୋକ ସଭାରେ ପ୍ରଶ୍ନକାଳ ଆରମ୍ଭ ହେବାମାତ୍ରେ କୃଷି ଆଇନ ନେଇ ଆଲୋଚନା ହୋଇଥିଲା। କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ କୃଷି ଆଇନ ଓ ଏହାର ପ୍ରତ୍ୟାହାର ଦାବିରେ ଆନ୍ଦୋଳନରତ ଚାଷୀଙ୍କ ପ୍ରସଙ୍ଗ ଉଠାଇ ଏହା ଦେଶର ଛବିକୁ ଖରାପ କରିଥିବା କହିଥିଲେ। ଅନେକ ବିରୋଧୀ ସଦସ୍ୟ ଗୃହର ମଧ୍ୟଭାଗକୁ ଯାଇ ହୋହଲ୍ଲା କରିଥିଲେ। ସେମାନଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଶିରୋମଣି ଅକାଳୀ ଦଳ ନେତ୍ରୀ ହରସିମ୍ରତ୍ କୌର ବାଦଲ କୃଷି ଆଇନ ବିରୋଧୀ ସ୍ଲୋଗାନ ଲେଖାଥିବା ଏକ ପୋଷ୍ଟର ଧରିଥିଲେ। ୨୦ ଜଣ ଅନ୍ୟ ବିକ୍ଷୋଭକାରୀଙ୍କ ମଧ୍ୟରେ ଥିଲେ କଂଗ୍ରେସ, ଡିଏମ୍‌କେ ଏବଂ ଏଏପି ସଦସ୍ୟ। ସେମାନେ ନିଜ ଗୃହର ମର୍ଯ୍ୟାଦା ରକ୍ଷାକରି ନିଜ ଆସନକୁ ନ ଫେରିଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବାଚସ୍ପତି ଓମ୍ ବିର୍ଲା ଚେତାବନୀ ଦେଇଥିଲେ। ବାଚସ୍ପତିଙ୍କ କଥା ବିରୋଧୀ ନ ଶୁଣିବାରୁ ୪ଟା ୩୦ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ପରେ ଗୃହକାର୍ଯ୍ୟ ପୁଣି ଆରମ୍ଭ ହୋଇଥିଲା। ସରକାର ବିରୋଧୀ ସ୍ଲୋଗାନ ଏବଂ ହଟ୍ଟଗୋଳ ମଧ୍ୟରେ ଗୃହକୁ ଅପରାହ୍ନ ୫ଟା, ରାତି ୭ଟା ଓ ୯ଟା ପର୍ଯ୍ୟନ୍ତ ପୁଣି ମୁଲତବୀ କରାଯାଇଥିଲା। ଏହା ପୂର୍ବରୁ ରାଜ୍ୟ ସଭାରେ ମଧ୍ୟ ଅନୁରୂପ ଦୃଶ୍ୟ ଦେଖିବାକୁ ମିଳିଥିଲା। ଉଚ୍ଚ ସଦନରେ ବିରୋଧୀ ଦଳ ନେତା ଗୁଲାମନବୀ ଆଜାଦ କେନ୍ଦ୍ରକୁ ଘେରିଥିଲେ। ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ନେଇ ଧନ୍ୟବାଦ ପ୍ରସ୍ତାବ ବେଳେ ସେ କହିଥିଲେ, ବିବାଦୀୟ କୃଷି ଆଇନକୁ ସରକାର ସମ୍ମାନର ପ୍ରସଙ୍ଗ ନ କରି ତୁରନ୍ତ ପ୍ରତ୍ୟାହାର କରନ୍ତୁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜେ ଏହି ବିଷୟ ଘୋଷଣା କରନ୍ତୁ। ଆଜାଦ ଏହା କହିବାବେଳେ ଗୃହରେ ମୋଦି ଉପସ୍ଥିତ ଥିଲେ। ସେହିପରି ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ଫେରାଇ ଦେବା ଓ ସେଠାରେ ବିଧାନସଭା ନିର୍ବାଚନ କରାଇବା ଲାଗି ମଧ୍ୟ ବିଧେୟକ ଆଗତ କରିବାକୁ ଆଜାଦ ଦାବି କରିଥିଲେ।



- କୃଷି ଆଇନକୁ ସମ୍ମାନର ପ୍ରସଙ୍ଗ ନ କରି ହଟାଇଦିଅ: ଆଜାଦ
- ସ୍ୱତନ୍ତ୍ର ଆଲୋଚନା ଦାବି କଲା କଂଗ୍ରେସ

**ସଂକ୍ଷେପରେ**

## ଆର୍‌ବିଆଇ ଏମ୍‌ପିସି ବୈଠକ ଆରମ୍ଭ

**ମୁମ୍ବାଇ, ୩।୨:** ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ପକ୍ଷରୁ ଏହାର ମୁଦ୍ରାନୀତି କମିଟି ବୈଠକ (ଏମ୍‌ପିସି) ଆରମ୍ଭ ହୋଇଛି। ଚଳିତ ଥର କେନ୍ଦ୍ରୀୟ ବ୍ୟାଙ୍କ ରେପୋ ରେଟ୍ ଅପରିବର୍ତ୍ତିତ ରଖିପାରେ ବୋଲି କୁହାଯାଉଛି। ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲାଗି କେନ୍ଦ୍ରୀୟ ବ୍ୟାଙ୍କ ଆଗାମୀ ଦିନରେ ଏହାର ପଦକ୍ଷେପ ଧାରା ଜାରି ରଖିବ ବୋଲି ପୂର୍ବରୁ କହିସାରିଛି। ବଜେଟ ୨୦୨୧-୨୨ ପରେ ଏହା ହେଉଛି ପ୍ରଥମ ଏମ୍‌ପିସି ବୈଠକ। ଫେବୃୟାରୀ ୫ରେ ଦ୍ୱିମାସିକ ମୁଦ୍ରାନୀତି ସମ୍ପର୍କରେ ଘୋଷଣା କରାଯିବ। ମାତ୍ର ରେପୋ ରେଟ୍ ହ୍ରାସ ହୋଇ ନ ପାରେ ବୋଲି ବଜାର ବିଶେଷଜ୍ଞ କହିଛନ୍ତି। ନିବେଶ ଏବଂ ଭିତ୍ତିଭୂମି କ୍ଷେତ୍ରକୁ ଉତ୍ସାହିତ କରିବା ଲାଗି ବଜାରରେ ପର୍ଯ୍ୟାପ୍ତ ନଗଦ ଉପଲବ୍ଧ କରାଇବା ଦିଗରେ ଆର୍‌ବିଆଇ ପଦକ୍ଷେପ ନେବ। ଗଭର୍ନର ଶକ୍ତିକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଗଠିତ ୬ ସଦସ୍ୟ ବିଶିଷ୍ଟ ମୁଦ୍ରାନୀତି କମିଟି ବୈଠକ ଆରମ୍ଭ ହୋଇଛି। ୩ ଦିନର ବୈଠକ ପରେ ୫ ତାରିଖରେ କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଏହାର ନିଷ୍ପତ୍ତି ସମ୍ପର୍କରେ ଘୋଷଣା କରାଯିବ।

## ନୂଆ ପ୍ରିମିୟମରେ ଏସ୍‌ବିଆଇ ଲାଇଫର ରେକର୍ଡ

**ମୁମ୍ବାଇ, ୩।୨:** ଏସ୍‌ବିଆଇ ଲାଇଫ୍ ଇନ୍‌ସ୍ୟୁରାନ୍ସ ପକ୍ଷରୁ ନୂଆ ପ୍ରିମିୟମ ସଂଗ୍ରହରେ ରେକର୍ଡ ସମ୍ପର୍କରେ ଘୋଷଣା କରାଯାଇଛି। ୨୦୨୦ ଡିସେମ୍ବର ୩୧ ସୁଦ୍ଧା କମ୍ପାନୀ ୧୪,୪୩୭ କୋଟି ଟଙ୍କାର ନୂଆ ବିଜ୍‌ନେସ୍ ପ୍ରିମିୟମ ସଂଗ୍ରହ କରିବାକୁ ସକ୍ଷମ ହୋଇଛି। ସେହିଭଳି ସିଙ୍ଗଲ ପ୍ରିମିୟମ କ୍ଷେତ୍ରରେ କମ୍ପାନୀ ୪୨% ଅଭିବୃଦ୍ଧି ହାସଲ କରିଛି। କମ୍ପାନୀର ସୁରକ୍ଷା ନୂଆ ବିଜ୍‌ନେସ ପ୍ରିମିୟମ ୧୨% ଅଭିବୃଦ୍ଧି ଘଟି ୧୬୧୮ କୋଟି ଟଙ୍କା ରହିଛି। ସେହିଭଳି ସୁରକ୍ଷା ବ୍ୟକ୍ତିଗତ ନୂଆ ପ୍ରିମିୟମ ୩୬% ବୃଦ୍ଧି ଘଟି ୪୮୮ କୋଟି ଟଙ୍କା ରହିଛି। ବ୍ୟକ୍ତିଗତ ନୂଆ ବ୍ୟବସାୟ ପ୍ରିମିୟମ ୮୧୨୮ କୋଟି ଟଙ୍କା ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

# କିଶୋର ବିୟାନୀଙ୍କୁ ବଡ଼ ଝଟକା

ନୂଆଦିଲ୍ଲୀ, ୩।୨



ଆମେରିକାର ପ୍ରମୁଖ କମ୍ପାନୀ ଆମାଜନ ସହ ବିବାଦରେ ଫସିଥିବା ଫ୍ୟୁଚର ଗ୍ରୁପ୍‌ର ମୁଖ୍ୟ ନିର୍ବାହୀ କିଶୋର ବିୟାନୀଙ୍କୁ ବଡ଼ ଝଟକା ଲାଗିଛି। ଦେଶର ଶେୟାର ବଜାର ନିୟନ୍ତ୍ରକ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବି) କିଶୋର ବିୟାନୀ ଏବଂ ତାଙ୍କ ଭାଇ ଅନୀଲଙ୍କୁ ସିକ୍ୟୁରିଟି ବଜାରରେ ଭାଗନେବାରୁ ବ୍ୟାନ୍ ଲଗାଇଛନ୍ତି। ଫ୍ୟୁଚର ଗ୍ରୁପ୍‌ର ରିଟେଲ କମ୍ପାନୀ ଫ୍ୟୁଚର ରିଟେଲ ଶେୟାରରେ ଇନ୍‌ସାଇଡର ଟ୍ରେଡିଂର ଯାଞ୍ଚ ପରେ ସେବି ଏଭଳି ପ୍ରତିବନ୍ଧକ ଲଗାଇଥିବା ଜଣାପଡିଛି। ମାର୍ଚ୍ଚ ଏବଂ ଏପ୍ରିଲ ୨୦୧୭ରେ କମ୍ପାନୀ ଏଭଳି ବେଆଇନ କାର୍ଯ୍ୟକଳାପରେ ସାମିଲ ରହିଥିବା ଅଭିଯୋଗ ଆସିଥିଲା। ଏହି ଆଧାରରେ ସେବି ଶକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

ନିର୍ଦ୍ଦେଶ ମୁତାବକ, ବିୟାନୀ ଆଗାମୀ ୨ ବର୍ଷ ଯାଏ ଫ୍ୟୁଚର ରିଟେଲର ସିକ୍ୟୁରିଟିକୁ କ୍ରୟ ବିକ୍ରୟ କିମ୍ବା ଡିଲ୍ କରିପାରିବେ ନାହିଁ। ସେବି ଏହାର ଯାଞ୍ଚରେ ପାଇଛି ଯେ, ବିୟାନୀ ଫ୍ୟୁଚର କର୍ପୋରେଟ ସିକ୍ୟୁରିଟିଜ ପ୍ରାଇଭେଟ ଲିମିଟେଡ୍ ନାମରେ ଏକ ଟ୍ରେଡିଂ ଆକାଉଣ୍ଟ ଖୋଲିଥିଲେ। ଫ୍ୟୁଚର ରିଟେଲ କମ୍ପାନୀର ଡିମର୍ଜର ନିଷ୍ପତ୍ତି ସାର୍ବଜନୀନ ହେବା ପୂର୍ବରୁ ଏହି ଆକାଉଣ୍ଟ ଦ୍ୱାରା କମ୍ପାନୀ

### ଗୋଟିଏ ବର୍ଷ ଲାଗି ବ୍ୟାନ କଲା ସେବି

ଶେୟାରକୁ କିଣାବିକା କରାଯାଇଥିଲା। ସେବି ଫ୍ୟୁଚର କର୍ପୋରେଟ ସିକ୍ୟୁରିଟିଜ ଏବଂ ବିୟାନୀ ଭ୍ରାତାଙ୍କ ଉପରେ କୋଟିଏ ଟଙ୍କା ଲେଖାଏ ଜରିମାନା ଲଗାଇଛନ୍ତି। ୪୫ ଦିନ ମଧ୍ୟରେ ଜରିମାନା ରାଶି ପ୍ରଦାନ କରିବାକୁ କୁହାଯାଇଛି। ବିୟାନୀ ଫ୍ୟୁଚର ଗ୍ରୁପ୍‌ର ରିଟେଲ ଏବଂ ହୋଲ୍‌ସେଲ କାରବାରକୁ ଗତବର୍ଷ ମୁକେଶଙ୍କ ରିଲାଏନ୍ସ ରିଟେଲକୁ ବିକ୍ରି କରିବା ଲାଗି ଡିଲ୍ କରିଥିଲେ। ଏହି ଡିଲ୍‌କୁ ଆମାଜନ କୋର୍ଟରେ ଚ୍ୟାଲେଞ୍ଜ କରିଥିଲା।

### ଫ୍ୟୁଚର ରିଟେଲ- ରିଲାଏନ୍ସ ଡିଲ୍ ଉପରେ ରୋକ

ଫ୍ୟୁଚର ରିଟେଲ ଏବଂ ରିଲାଏନ୍ସ ଡିଲ୍‌କୁ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ମଙ୍ଗଳବାର ରୋକ ଲଗାଇଛନ୍ତି। ସିଙ୍ଗାପୁର ଇଣ୍ଟରନ୍ୟାଶନାଲ ଆର୍ବିଟ୍ରେଶନ ଦ୍ୱାରା ପ୍ରଦାନ କରାଯାଇଥିବା ଏମର୍ଜେନ୍ସି ଆୱାର୍ଡ ଭାରତ ଲାଗି ମଧ୍ୟ କାର୍ଯ୍ୟକାରୀ ହେବ ବୋଲି କୋର୍ଟ କହିଛନ୍ତି। ୨୪,୭୩୧ କୋଟି ଟଙ୍କାରେ ଏହି ଡିଲ୍ ହୋଇଥିବା ବେଳେ ଏଥିରେ ଆଗକୁ ନ ବଢିବା ଲାଗି ଫ୍ୟୁଚର ଗ୍ରୁପ୍‌କୁ ନିର୍ଦ୍ଦେଶ ରହିଛି। ଆଗାମୀ ନିର୍ଦ୍ଦେଶ ନ ଆସିବା ଯାଏ ଏହି ଡିଲ୍ ଆଗକୁ ବଢ଼ିପାରିବ ନାହିଁ। ପିଟିଶନକାରୀ ଆମାଜନ ଅଧିକାରକୁ ରକ୍ଷା କରିବା ଦିଗରେ କୋର୍ଟ ଏଭଳି ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ଅପର ପକ୍ଷରେ ଏହି ଡିଲ୍ ଅଟକିଲେ ରିଟେଲ କାରବାର ଆଗକୁ ବଢାଇବା କଷ୍ଟକର ବୋଲି ଫ୍ୟୁଚର ଗ୍ରୁପ୍ ପକ୍ଷରୁ ସୂଚନା ରହିଛି।

# ନିବେଶକଙ୍କ ସମ୍ପତ୍ତି ୧୨.୩୧ ଲକ୍ଷ କୋଟି ବୃଦ୍ଧି

ନୂଆଦିଲ୍ଲୀ, ୩।୨




- ଐତିହାସିକ ରେକର୍ଡ ସ୍ତରରେ ସେନ୍‌ସେକ୍ସ
- ବର୍ଷକରେ ୩୨.୪୯ ଲକ୍ଷ କୋଟି ବଢ଼ିଛି ନିବେଶକ ସମ୍ପତ୍ତି

ଗତ ୩ ଦିନ ହେବ ଭାରତୀୟ ଶେୟାର ବଜାରରେ କାରବାର ଉନ୍ନତ ସ୍ତରରେ ରହିଛି। ବଜେଟ ପ୍ରଭାବ ଉନ୍ନତ ରହିବାରୁ ୩ ଦିନ ହେବ ପୁଞ୍ଜିବଜାର କାରବାର ବଢ଼ିଚାଲିଛି। ଏହି ୩ ଦିନରେ ନିବେଶକଙ୍କ ସମ୍ପତ୍ତି ୧୨.୩୧ ଲକ୍ଷ କୋଟି ଟଙ୍କା ବୃଦ୍ଧି ପାଇଛି। ଫଳରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ) ସୂଚୀଭୁକ୍ତ କମ୍ପାନୀଗୁଡିକର ବଜାର ପୁଞ୍ଜୀକରଣ ବୁଧବାର ୧୯୮.୪୩ ଲକ୍ଷ କୋଟି ଟଙ୍କା ଛୁଇଁଛି। ଏହି ସମୟରେ ପ୍ରଥମ ଥର ଲାଗି ସେନ୍‌ସେକ୍ସ ୫୦ ହଜାରରୁ ଊର୍ଦ୍ଧ୍ୱ ସ୍ତରରେ ବନ୍ଦ ହୋଇଛି। ଏହା ଐତିହାସିକ ରେକର୍ଡ ସ୍ତର ବୋଲି କୁହାଯାଉଛି। ଏହି ସମୟରେ ୩୦ ଶେୟାର ବିଶିଷ୍ଟ ସେନ୍‌ସେକ୍ସ ୪୫୮.୦୩ ପଏଣ୍ଟ (୦.୯୨%) ଊର୍ଦ୍ଧ୍ୱରେ ରହିବା ଯୋଗୁ ୫୦,୨୫୫.୭୫ ପଏଣ୍ଟରେ ବନ୍ଦ ହୋଇଛି। ବୁଧବାର ସେନ୍‌ସେକ୍ସ ୭୨୮.୬୭ ପଏଣ୍ଟ ବଢିବା ଯୋଗୁ ଏହା ୫୦,୫୨୬.୩୯ ପଏଣ୍ଟ ସ୍ତର ଛୁଇଁଥିଲା। ଗତ ୩ଟି କାରବାର ଦିବସରେ ସେନ୍‌ସେକ୍ସ ୩୯୬୯.୯୮ ବା ୮.୫୭% ବଢ଼ିଛି। ନିବେଶକଙ୍କ ମନୋଭାବ ଉନ୍ନତ ରହିବା ଯୋଗୁ ସେନ୍‌ସେକ୍ସରେ ସୂଚୀଭୁକ୍ତ କମ୍ପାନୀଗୁଡିକର ବଜାର ପୁଞ୍ଜୀକରଣ ୧୨.୩୧ ଲକ୍ଷ କୋଟି ଟଙ୍କା ବଢ଼ିଛି। ବୁଧବାର ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କର ଶେୟାର କାରବାର ୭.୬୫% ବଢିଛି। ୨୦୨୦ରେ ନିବେଶକଙ୍କ ସମ୍ପତ୍ତି ୩୨.୪୯ ଲକ୍ଷ କୋଟି ଟଙ୍କା ବଢ଼ିଛି।

## ସୁପର ବାଇକ୍ ଓ କାର ଶୋ'ରୁମ ଉଦ୍‌ଘାଟିତ



ଭୁବନେଶ୍ୱର,୩।୨

ଓଡ଼ିଶାରେ ପ୍ରଥମ ଥର ପାଇଁ ସ୍ଥାନୀୟ ନୟାପଲ୍ଲୀ ଇସ୍କନ ରୋଡରେ ଏକ ନୂଆ କାର ଓ ବାଇକ ଶୋ ରୁମର ଶୁଭାରମ୍ଭ ହୋଇଛି। ଆଡିୟାଂଶ ସର୍ଭିସେସ ପକ୍ଷରୁ ଉକ୍ତ ଶୋରୁମ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ, ବଲିଉଡ ଅଭିନେତା ଅତୁଲ ଶ୍ରୀବାସ୍ତ ଏବଂ ମାଷ୍ଟର ଗୁଲଫାମ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଏହାର ଉନ୍ମୋଚନ କରିଥିଲେ। ଏହି ପରିପ୍ରେକ୍ଷୀରେ ଶୋରୁମର ସତ୍ତ୍ୱାଧିକାରୀ ସୌମ୍ୟରଞ୍ଜନ ପ୍ରଧାନ ସଭା ଓ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଭାବରେ ବର୍ଣ୍ଣନା କରିବା ସହିତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପରିଶେଷରେ ଅଭିନେତା ରୁଷି ପଟ୍ଟନାୟକ ଉପସ୍ଥିତି ସମସ୍ତ ଅତିଥି ଓ ଅନ୍ୟମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## କୋଭିଡ୍ ଯୋଗୁ ସ୍ୱାସ୍ଥ୍ୟ ବୀମା ଗ୍ରହଣ ବଢ଼ିଛି

**ଭୁବନେଶ୍ୱର, ୩।୨:** କୋଭିଡ୍ ମହାମାରୀ ଯୋଗୁ ଲୋକଙ୍କ ମଧ୍ୟରେ ସ୍ୱାସ୍ଥ୍ୟବୀମା ଗ୍ରହଣ ବଢ଼ିଛି। କୋଭିଡ୍ ପୂର୍ବ ସ୍ଥିତି ତୁଳନାରେ ଏଥିରେ ଦ୍ରୁତ ଅଭିବୃଦ୍ଧି ହୋଇଥିବା ମାକ୍ସ ବୁପା ହେଲ୍‌ଥ ଇନ୍‌ସ୍ୟୁରାନ୍ସ ପକ୍ଷରୁ ସୂଚନା ମିଳିଛି। କମ୍ପାନୀର ପ୍ରଡକ୍ଟ ଏବଂ କ୍ଲେମ୍ ନିର୍ଦ୍ଦେଶକ ଭାବତୋଷ ମିଶ୍ର ଏଠାରେ ଏକ କାର୍ଯ୍ୟକ୍ରମରେ କହିଛନ୍ତି, ମହାମାରୀ ହେଲ୍‌ଥ ଇନ୍‌ସ୍ୟୁରାନ୍ସର ଗୁରୁତ୍ୱକୁ ବଢ଼ାଇଛି। ସଚେତନତା ଯୋଗୁ ଲୋକଙ୍କ ମଧ୍ୟରେ ବୀମା ଚାହିଦା ବୃଦ୍ଧି ପାଇଛି। ଫଳରେ ଏହି ଗ୍ରହଣ ଧାରା ଆହୁରି ବଢିବା ସମ୍ଭାବନା ରହିଛି। ଓଡ଼ିଶା ଏକ ଅଭିବୃଦ୍ଧିଶୀଳ ବଜାର ହୋଇଥିବାରୁ ଏଠାରେ ସମ୍ପ୍ରସାରଣ ଧାରା ଜାରି ରହିବ ବୋଲି ରିଟେଲ ସେଲ୍ସ ନିର୍ଦ୍ଦେଶକ ଅଙ୍କର ଖାରବଣ୍ଡା କହିଛନ୍ତି।

# କେଏଲ୍ ୟୁନିଭର୍ସିଟି ପକ୍ଷରୁ ସ୍କଲାରଶିପ ଘୋଷଣା

ହାଇଦ୍ରାବାଦ, ୩।୨




କେଏଲ୍ ୟୁନିଭର୍ସିଟି ପକ୍ଷରୁ କେଏଲ୍ ଇଞ୍ଜିନିୟରିଂର ପ୍ରଥମ ପର୍ଯ୍ୟାୟ ଅନ୍‌ଲାଇନ ପ୍ରବେଶିକା ପରୀକ୍ଷା ମାର୍ଚ୍ଚ ୮,୯ ଏବଂ ୧୦ ତାରିଖରେ ଅନୁଷ୍ଠିତ ହେବ। କେଏଲ୍ ଡିମ୍‌ଡ ୟୁନିଭର୍ସିଟିର ଭାଇସ୍ ଚାନ୍‌ସେଲର ଡ.ଏଲ୍‌ଏସ୍‌ଏସ୍ ରେଡି ଏ ସମ୍ପର୍କରେ ଘୋଷଣା କରିଛନ୍ତି। ସେ କହିଛନ୍ତି, ହାଇଦ୍ରାବାଦ ଏବଂ ବିଜୟୱାଡା କ୍ୟାମ୍ପସ ଲାଗି ୨୦୨୧-୨୨ ଶିକ୍ଷାବର୍ଷରେ ଇଞ୍ଜିନିୟରିଂ ପାଠ୍ୟକ୍ରମ ନିମନ୍ତେ ନାମଲେଖା ସମ୍ପର୍କରେ ପ୍ରକ୍ରିୟା ଆରମ୍ଭ କରାଯାଇଛି। ମେଧାବୀ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ଲାଗି ମଧ୍ୟ ପଦକ୍ଷେପ ହାତକୁ ନିଆଯାଇଛି। ଅନୁଷ୍ଠାନ ପକ୍ଷରୁ ମେଧାବୀଙ୍କୁ କ୍ୟାଶ୍ ପ୍ରାଇଜ ଏବଂ ସ୍କଲାରଶିପ ପ୍ରଦାନ କରାଯିବ। କରୋନାକୁ ନଜରରେ ରଖି ଅନ୍‌ଲାଇନରେ ଛାତ୍ରୀଛାତ୍ର କିଭଳି ପାଠ ପଢ଼ିପାରିବେ ସେ ନେଇ ବ୍ୟବସ୍ଥା କରାଯିବା ସହ ପରୀକ୍ଷା ମଧ୍ୟ କରାଯାଇଛି। ହାଇଦ୍ରାବାଦ କ୍ୟାମ୍ପସର ପ୍ରିନ୍ସିପାଲ ଡ.କୋଟେଶ୍ୱର ରାଓ କହିଛନ୍ତି, ଗୁଣବତ୍ତା ଏବଂ ଗବେଷଣା ଭିତ୍ତିକ ପାଠ୍ୟକ୍ରମକୁ ଧ୍ୟାନରେ ରଖାଯାଇଛି। ଆନ୍ଧ୍ର ପ୍ରଦେଶ , ତେଲଙ୍ଗାନା ସମେତ ଦେଶର ବିଭିନ୍ନ ପ୍ରମୁଖ ସହରଗୁଡିକରେ ଏହି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ କରାଯିବ ବୋଲି ବିଶ୍ୱବିଦ୍ୟାଳୟର ଆଡମିଶନ ନିର୍ଦ୍ଦେଶକ ଡ.ଜେ. ଶ୍ରୀନିବାସ ରାଓ କହିଛନ୍ତି।

**ଖେଳ ଖବର**

# ସେମିଫାଇନାଲରେ ୟୁନିୟନ ସ୍ପୋର୍ଟିଂ

ଯାଜପୁର ଟାଉନ,୩।୨(ଡି.ଏନ.ଏ.)

### ଅଶୋକ ଦାସ ମେମୋରିଆଲ୍ କ୍ରିକେଟ୍

ଯାଜପୁର ବାଳାଶ୍ରମ ପଡ଼ିଆଠାରେ ଚାଲିଥିବା ୯ମ ଅଶୋକ ଦାସ ମେମୋରିଆଲ୍ କ୍ରିକେଟ୍ ଟୁର୍ନାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ବୁଧବାର ୟୁନିୟନ୍ ସ୍ପୋର୍ଟିଂ କଟକ ଓ ରାଞ୍ଚି ରେଲୱେ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ମ୍ୟାଚରେ ୟୁନିୟନ୍ ସ୍ପୋର୍ଟିଂ କଟକ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ରାଞ୍ଚି ରେଲୱେ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ୟୁନିୟନ୍ ସ୍ପୋର୍ଟିଂ ନିର୍ଦ୍ଧାରିତ ୩୦ ଓଭର ଖେଳି ୭ ଉଇକେଟ ହରାଇ ୨୨୭ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଜ୍ୟୋତିରଞ୍ଜନ ଦଳେଇ ୬୪ ରନ୍ ଓ ନିନିମେଶ ଜେନା ୫୮ରନ୍ ସଂଗ୍ରହ କରିଥିଲେ। ରାଞ୍ଚି ରେଲୱେ ତରଫରୁ ତନୟେ ଖଣ୍ଡେଲୱାଲ୍ ୬ଓଭର ବୋଲିଂ କରି ୨ ଉଇକେଟ ଓ ରିଷଭ୍ ରାଜ ୬ଓଭର ବୋଲିଂ କରି ୧ ଉଇକେଟ ଅକ୍ତିଆର କରିଥିଲେ। ରାଞ୍ଚି ରେଲୱେ ନିର୍ଦ୍ଧାରିତ ୩୦ ଓଭର ମଧ୍ୟରୁ ୨୭.୧ ଓଭର ଖେଳି ସମସ୍ତ ଉଇକେଟ ହରାଇ ୧୮୮ ରନ୍ ସଂଗ୍ରହ କରି ପରାସ୍ତ ହୋଇଥିଲା। ରାଞ୍ଚି ରେଲୱେର ଯୁବ ଖେଳାଳି ସଚିନ୍ ତିୱାରୀ ୯୫ ରନ୍ ସଂଗ୍ରହ କରିଥିଲେ। ୟୁନିୟନ୍ ସ୍ପୋର୍ଟିଂର ଅନୁରାମ କାନୋଜିଆ ୬ ଓଭର ବୋଲିଂ କରି ୨ ଉଇକେଟ ଓ ତାପସ ଲେଙ୍କା ୬ ଓଭର ବୋଲି କରି ୨ ଉଇକେଟ ଓ ଜ୍ୟୋତି ରଞ୍ଜନ ଦଳେଇ ୬ଓଭର ବୋଲିଂ କରି ୧ ଉଇକେଟ ଅକ୍ତିଆର କରିଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ଜ୍ୟୋତି ରଞ୍ଜନ ଦଳେଇଙ୍କୁ ସାମାଜିକ କର୍ମୀ ସତ୍ୟାନନ୍ଦ ମିଶ୍ର ପୁରସ୍କୃତ କରିଥିଲେ। ରାଞ୍ଚି ରେଲୱେର ବେଷ୍ଟ ବ୍ୟାଟ୍ସମ୍ୟାନ୍ ବିବେଚିତ ସଚିନ୍ ତିୱାରୀଙ୍କୁ ଯୁବ ବିଜେଡି ନେତା ରଞ୍ଜିତ୍ କୁମାର ସାହୁ ପୁରସ୍କୃତ କରିଥିଲେ। ମ୍ୟାଚ୍‌କୁ ଅମ୍ପାୟାର୍ ଭାବେ ଓସିଏ ଅମ୍ପାୟାର୍ ସତ୍ୟ ରଥ ଏବଂ ଆଶୁତୋଷ ପାଣି ପରିଚାଳନା କରିଥିଲେ। ସ୍କୋରର୍ ଭାବେ ବିଶ୍ୱଜିତ୍ ଦାସ, ମାଝର ଖାନ୍ ଓ ସ୍ୱସ୍ତିକ୍ କୁମାର ପହି ପରିଚାଳନା କରିଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ଜ୍ୟୋତିରଞ୍ଜନଙ୍କୁ ପୁରସ୍କୃତ କରାଯାଉଛି।

# ସେରେନା, ବାର୍ଟି କ୍ୱାର୍ଟର ଫାଇନାଲରେ

ମେଲବୋର୍ନ, ୩।୨(ଏପି)

ଆଗାମୀ ସପ୍ତାହରୁ ଆରମ୍ଭ ହେବାକୁ ଯାଉଥିବା ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୂର୍ବରୁ ଖେଳାଳିମାନେ ବିଭିନ୍ନ ଟୁର୍ନାମେଣ୍ଟ ଖେଳି ନିଜକୁ ପ୍ରସ୍ତୁତ କରୁଛନ୍ତି। ଏଥିରୁ ବାଦ୍ ଯାଇନାହାନ୍ତି ଆମେରିକାର ସେରେନା ୱିଲିୟମ୍ସ। କ୍ୟାରିୟରରେ ୨୩ଟି ବଡ଼ ଟୁର୍ନାମେଣ୍ଟ ଟାଇଟଲ ଜିତି ସାରିଥିବା ସେରେନା ମେଲବୋର୍ନ ପାର୍କରେ ୟାରା ଭାଲି କ୍ଲାସିକ୍ ଟୁର୍ନାମେଣ୍ଟରେ ସ୍ୱେତନା ପିରୋନକୋଭାଙ୍କୁ ୬-୧, ୬-୪ ସେଟ୍‌ରେ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେଠାରେ ସେ ଟପ୍ ର୍‍ୟାଙ୍କିଙ୍ଗପ୍ରାପ୍ତ ଖେଳାଳି ଆଶ୍‌ଲେ ବାର୍ଟିଙ୍କୁ ଭେଟିବେ। ଗତବର୍ଷ ୟୁଏସ୍ ଓପନରେ ପିରୋନ୍‌କୋଭାଙ୍କୁ ହରାଇଥିବା ସେରେନା ଆହତ ସମସ୍ୟା ଯୋଗୁ ଫ୍ରେଞ୍ଚ ଓପନରୁ ଓହରି ଯାଇଥିଲେ। ଦୀର୍ଘଦିନ ବାହାରେ ରହିବାପରେ ଗତ ସପ୍ତାହରେ ସେ ଟେନିସ କୋର୍ଟକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଅନ୍ୟ ଏକ ପ୍ରି-କ୍ୱାର୍ଟର ଫାଇନାଲରେ ବାର୍ଟି ୫୨ ର୍‍ୟାଙ୍କ୍ ପ୍ରାପ୍ତ ମାରି ବୋଜ୍‌କୋଭାଙ୍କୁ ୬-୦, ୪-୬ ସେଟ୍‌ରେ ହରାଇ ଦେଇଥିଲେ। ଅନ୍ୟ ଏକ ମ୍ୟାଚରେ ଗତଥରର ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନ ସୋଫିଆ କେନିନ୍ ୫-୭, ୭-୫, ୬-୨ ସେଟ୍‌ରେ ଜେସିକା ପେଗୁଲାଙ୍କୁ ହରାଇଥିବାବେଳେ ୟୁଏସ ଓପନ ଚାମ୍ପିୟନ ନାଓମି ଓସାକା ୩-୬, ୬-୩, ୬-୧ ସେଟ୍‌ରେ କାଟି ବୋଲ୍‌ଟରଙ୍କୁ ପରାସ୍ତ କରିଛନ୍ତି। ସେହିପରି ସିମୋନା ହାଲେପ ୬-୨, ୬-୪ ସେଟ୍‌ରେ ଲୌରା ସିଗ୍‌ମଣ୍ଡ, ଏଲିନା ସ୍ୱିତୋଲିନା ୬-୭(୪), ୬-୩, ୬-୨ ସେଟ୍‌ରେ ଜେଲେନା ଓଷ୍ଟାପେଙ୍କୋ ଏବଂ ଏଲିସ ମେର୍ଟେନ୍ସ ୭-୬(୧), ୬-୩ ସେଟ୍‌ରେ କାରୋଲିନା ଗାର୍ସିଆଙ୍କୁ ହରାଇ ଆଗକୁ ବଢ଼ିଛନ୍ତି।



ଆଶ୍‌ଲେ ବାର୍ଟି

# ମହାବୀର କପ୍: ସେମିରେ ଇଲେଭେନ ଷ୍ଟାର

ଭଣ୍ଡାରିପୋଖରୀ, ୩।୨ (ଡି.ଏନ.ଏ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଯଶୋଟିକିରି ଖେଳପଡ଼ିଆରେ ଚାଲିଥିବା ମହାବୀର କପ୍ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ଚତୁର୍ଥ କ୍ୱାର୍ଟର ମ୍ୟାଚ୍‌ରେ ୟୁନିକ କ୍ରିକେଟ ଏକାଡେମୀ କେନ୍ଦୁଝରକୁ ହରାଇ ଇଲେଭେନ ଷ୍ଟାର ଯାଜପୁର ସେମିଫାଇନାଲକୁ ଉନ୍ନୀତ ହୋଇଛି। ଇଲେଭେନ ଷ୍ଟାର ଟସ୍ ଜିତି ୨୫ ଓଭରରେ ୯ ଉଇକେଟ ହରାଇ ୨୩୦ ରନ୍ କରିଥିଲା। ଦଳର ରାଜେଶ ସେଠି ୭୩ ଓ ପିଣ୍ଟୁ ଶର୍ମା ୫୪ ରନ୍ କରିଥିବା ବେଳେ ପ୍ରତିପକ୍ଷର ବୋଲର କୁନ୍ଦନ ପ୍ରଜାପତି ୫ ଓଭରରେ ୩ ଉଇକେଟ ନେଇଥିଲେ। ୟୁନିକ ଏକାଡେମୀ ୧୪.୧ ଓଭରରେ ସମସ୍ତ ଉଇକେଟ ହରାଇ ୯୮ ରନ୍ କରି ପରାଜିତ ହୋଇଥିଲା। ଦଳର ଶୁଭମ ପ୍ରିୟଦର୍ଶୀ ୨୭ ଓ ହିତେଶ ତିଉଆରୀ ୨୩ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ସୋହେବ ଅଖତର ୫ ଓଭରରେ ୨୪ ରନ୍ ଦେଇ ୪ ଉଇକେଟ ନେଇଥିଲେ। କାଳନ୍ଦୀ ପଣ୍ଡା ଓ ଦୁର୍ଗା ପ୍ରସାଦ ପଟ୍ଟନାୟକ ଅମ୍ପାୟର, ଦେବାଶିଷ ରଥ, ସୌମ୍ୟ ବର୍ଦ୍ଧନ ଓ ମାନସ ନନ୍ଦ ସ୍କୋରର ଥିଲେ। ପ୍ରତ୍ୟୁଷ ସାହୁ ଓ ପ୍ରଦୀପ ଜେନା ଧାରା ବିବରଣୀ ପ୍ରଦାନ କରିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ୍ ସୋହେବ ଅଖତରଙ୍କୁ ପୁରସ୍କୃତ କରାଯାଇଥିଲା। ଗୁରୁବାର ଉତ୍କଳିକା ସ୍ପୋର୍ଟିଂ ବାସୁଦେବପୁର ଓ ଟାଉନ କ୍ଲବ ଭୁବନେଶ୍ୱର ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।




ମ୍ୟାନ ଅଫ୍ ଦି ମ୍ୟାଚ୍ ସୋହେବ ଅଖତର ପୁରସ୍କାର ଗ୍ରହଣ କରୁଛନ୍ତି।

# ବାଂଲାଦେଶ ୨୪୨/୫

ଚଟୋଗ୍ରାମ,୩।୨

ୱେଷ୍ଟଇଣ୍ଡିଜ୍ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ବାଂଲାଦେଶ ଆଭରେଜ ପ୍ରଦର୍ଶନ କରିଛି। ସ୍ଥାନୀୟ ଜହୁର ଅହମ୍ମଦ ଚୌଧୁରୀ ଷ୍ଟାଡିୟମରେ ବୁଧବାରଠାରୁ ଆରମ୍ଭ ହୋଇଥିବା ଏହି ଟେଷ୍ଟ ମ୍ୟାଚ୍‌ରେ ବାଂଲାଦେଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଓପନର ଶଦମନ ଇସ୍‌ଲାମଙ୍କ ଅର୍ଦ୍ଧଶତକ ସହାୟତାରେ ବାଂଲାଦେଶ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ପ୍ରଥମ ଇନିଂସରେ ୯୦ ଓଭରରେ ୫ ଉଇକେଟ ହରାଇ ୨୪୨ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଅଭିଜ୍ଞ ଅଲରାଉଣ୍ଡର ସାକିବ ଅଲ ହାସନ ୩୯ ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ଲିଟନ ଦାସ ୩୪ ରନ କରି ଅପରାଜିତ ରହିଛନ୍ତି। ୱେଷ୍ଟଇଣ୍ଡିଜ ଦଳ ତରଫରୁ ୩ ଜଣ ଖେଳାଳି ଲେଗ୍ ସ୍ପିନର ଏନ୍‌କ୍ରୁମା ବୋନର ଓ ଅଲରାଉଣ୍ଡର କାଏଲ ମେୟର୍ସ, ଶାୟେନ ମୋସେଲେ ପଦାର୍ପଣ କରିଛନ୍ତି।
**ସଂକ୍ଷିପ୍ତ ସ୍କୋର:** ବାଂଲାଦେଶ ପ୍ରଥମ ଇନିଂସ- ୯୦ ଓଭରରେ ୨୪୨/୫ (ଶଦମନ ଇସ୍‌ଲାମ- ୫୯, ମୁଶଫିକର ରହିମ- ୩୮, ସାକିବ ଅଲ ହାସନ- ୩୯*, ଲିଟନ ଦାସ- ୩୪*, ମୋମିନୁଲ ହକ- ୨୬, ନାଜମୁଲ ହାସନ ସାଣ୍ଟୋ- ୨୫, ଜୋମେଲ ୱାରିକାନ- ୩/୫୮, କେମର ରୋଚ- ୧/୪୪)।

# ଫୁଲବାଣୀ ଜେଡି ବିଜୟୀ

କ.ନୂଆଗାଁ,୩।୨(ଡି.ଏନ୍.ଏ.)

କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ୍‌ରେ ରାଜ୍ୟସ୍ତରୀୟ ଏମ୍‌ଏଲ୍‌ଏ କପ୍ ଫୁଟବଲ୍ ଟୁର୍ନାମେଣ୍ଟ-୨୦୨୧ ବୁଧବାର ଅପରାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଫୁଲବାଣୀ ଜେ.ଡି. କ୍ଲବ୍ ଓ ସୋନପୁର କାମଧେନୁ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜେ.ଡି. କ୍ଲବ୍ ୩-୧ରେ ବିଜୟୀ ହୋଇଛି। ସଞ୍ଜିତ୍ ଖାରାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ଗୁରୁବାର ମ୍ୟାଚ୍ ଭୁବନେଶ୍ୱର ସଂଘର୍ଷ କ୍ଲବ ଓ କ.ନୂଆଗାଁ ଏମ୍‌ଏଲ୍‌ଏ ଏକାଦଶ ମଧ୍ୟରେ ଖେଳାଯିବ।

ବାଲିଗୁଡା ବିଧାୟକ ଚକ୍ରମଣି କହଁର, ପରିଚାଳନା କମିଟି ସଭାପତି, କୃଷ୍ଣମୋହନ ପାଣିଗ୍ରାହୀ, ଉପସଭାପତି ବାସୁଦେବ ପଣ୍ଡା, ସମ୍ପାଦକ ହିତେଶ କୁମାର ନାୟକ, ସହସମ୍ପାଦକ ରଜନୀକାନ୍ତ ସାହୁ ଓ ପ୍ରମୋଦ କୁମାର ସାହୁ, କୋଷାଧ୍ୟକ୍ଷ ସୁଲୋଚନା ଦଳବେହେରା, ହୃଦାନନ୍ଦ ବେହେରା ପ୍ରମୁଖ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଶ୍ୟାମସୁନ୍ଦର ସାହା, ରାକେଶ କୁମାର କୋଠଦଳାଇ, ଅମିତ୍ କୁମାର ବିଷୋୟୀ, ଗୌରଚନ୍ଦ୍ର ମହାନ୍ତି ଖେଳ ପରିଚାଳନା କରିଥିଲେ।



ଅତିଥିମାନେ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।



୨୦୧୬ରେ ଆମୀର ଖାନଙ୍କ ସୁପରହିଟ ଚଳଚ୍ଚିତ୍ର 'ଗଜନୀରେ' ଅଭିନୟ କରିଥିଲେ ଅଭିନେତ୍ରୀ ଆସିନ ଥୋଟ୍ଟୁମକାଲ। ସେ ଦକ୍ଷିଣ ଭାରତର ସବୁଠାରୁ ଦାମୀ ଅଭିନେତ୍ରୀ ଭାବେ ମଧ୍ୟ ବେଶ ପରିଚିତ। ନିର୍ବନ୍ଧ ମୁଦି ପାଇଁ ଆସିନ ଚର୍ଚ୍ଚାକୁ ଆସିଥିଲେ। ତାଙ୍କ ନିର୍ବନ୍ଧ ମୁଦି ସବୁ ସେଲବ୍ରେଟିଙ୍କଠାରୁ ମହଙ୍ଗା ବୋଲି କୁହାଯାଉଛି। ଏପରିକି ଭାରତୀୟ କ୍ରିକେଟ ଦଳର ଅଧିନାୟକଙ୍କ ସ୍ତ୍ରୀ ତଥା ଅଭିନେତ୍ରୀ ଅନୁଷ୍କା ଶର୍ମାଙ୍କ ନିର୍ବନ୍ଧ ମୁଦିଠାରୁ ମଧ୍ୟ ଅଧିକ। ୨୦୧୬ରେ ସେ ବ୍ୟବସାୟୀ ରାହୁଲ ଶର୍ମାଙ୍କୁ ବିବାହ କରିଥିଲେ। ଆସୀନ ତାଙ୍କ ନିର୍ବନ୍ଧରେ ୬ କୋଟି ଟଙ୍କା ମୂଲ୍ୟର ୨୦ କ୍ୟାରେଟ ସଲିଟାୟାର୍ ରିଙ୍ଗ ପିନ୍ଧିଥିଲେ।

# ଦେବାଳିଆ ଦେଶ

**ଗମ୍ଭୀର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନ ଏବେ ଦେବାଳିଆ ସ୍ଥିତିରେ ପହଞ୍ଚିଯାଇଛି। କେବଳ ପାକିସ୍ତାନ ନୁହେଁ, ବିଭିନ୍ନ ସମୟରେ ଏମିତି ଅନେକ ଦେଶ ଏଭଳି ସମସ୍ୟାକୁ ସାମ୍ନା କରିଛନ୍ତି। ଦେବାଳିଆ ପରିସ୍ଥିତି ସୃଷ୍ଟି ହେବା ଗୋଟିଏ ରାଷ୍ଟ୍ର ପାଇଁ ଯେତିକି ସଙ୍କଟଜନକ, ସେତିକି ଚିନ୍ତାଜନକ ସମଗ୍ର ବିଶ୍ୱପାଇଁ।**



**ନୂଆଦିଲ୍ଲୀ:** କରୋନା ସାରା ବିଶ୍ୱର ଚିତ୍ର ବଦଳାଇ ଦେଇଛି। ମହାମାରୀ ସବୁ ଦେଶର ଆର୍ଥିକ ସ୍ଥିତିକୁ ଦୋହଲାଇ ଦେଇଛି। ହେଲେ ପାକିସ୍ତାନର ସମସ୍ୟା ଆଶଙ୍କାଠାରୁ ବଳିଯାଇଛି। ପ୍ରଥମରୁ ଆର୍ଥିକ ସଙ୍କଟ ଏବଂ ଋଣଭାର ମୁକୁଳିବାକୁ ସଂଘର୍ଷ କରୁଥିବା ଏହି ମୁସ୍‌ଲିମ୍ ଦେଶ ଏବେ କାଙ୍ଗାଳ ଅବସ୍ଥାକୁ ଚାଲି ଆସିଛି। ସାମ୍ପ୍ରଦାୟିକ ଭାଇଚାରା ଲାଗି ସବୁବେଳେ ସହଯୋଗ କରି ଆସିଥିବା ସାଉଦି ଆରବ ଏବଂ ୟୁଏଇ ଭଳି ଧନିକ ଦେଶ ମଧ୍ୟ ପାକ୍ ହାତ ଛାଡ଼ି ସାରିଲେଣି। ଅନ୍ୟପଟେ ପାକିସ୍ତାନର ଭୂଖଣ୍ଡରେ ଅଜସ୍ର ଟଙ୍କା ବିନିଯୋଗ କରିସାରିଥିବା ଚାଇନାର ଭିତ୍ତିଭୂମି ନିର୍ମାଣ କାର୍ଯ୍ୟରେ ବେଲୁଚ୍ ଆନ୍ଦୋଳନ କଣ୍ଟା ସାଜିଛି। ତେଣୁ ପାକିସ୍ତାନର ସଙ୍କଟ ଏବେ ଆହୁରି ବଢ଼ିଯାଇଛି।

ଇତିହାସ ରୋମନ୍ଥନ କଲେ କେବଳ ପାକିସ୍ତାନ ନୁହେଁ, ଅନେକ ଦେଶ ଦେବାଳିଆ ଘୋଷିତ ହୋଇସାରିଛନ୍ତି। ସେହିପରି ଅର୍ଥନୈତିକ ଉତ୍‌ଥାନ, ପତନକୁ ଦେଖିଲେ ପ୍ରାୟ ସବୁ ଦେଶ ଏଭଳି ସ୍ଥିତି ସହିତ ପରିଚିତ। ଖ୍ରୀଷ୍ଟପୂର୍ବ ୩୭୭ ବେଳକୁ ଗ୍ରୀସ୍ କରଜରେ ବୁଡ଼ି ଯାଇଥିଲା। ଏହାର ଇତିହାସ ବେଶି ପୁରୁଣା ହୋଇଥିବାରୁ ଏ ସମ୍ପର୍କରେ ଅଧିକ ସୂଚନା ନାହିଁ। ତେବେ ୨୦୧୫ରେ ଗ୍ରୀସ୍ ପୁଣି ଏକ ଭୟଙ୍କର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିଲା। ଅନ୍ତର୍ଜାତୀୟ ମୁଦ୍ରା ଭଣ୍ଡାରକୁ ୧୨ ହଜାର କୋଟି ଟଙ୍କା ଶୁଝି ନ ପାରିବାରୁ ବିଶ୍ୱସ୍ତରରେ ଗ୍ରୀସ୍‌କୁ ଦେବାଳିଆ ଘୋଷିତ କରାଯାଇଥିଲା। ପରବର୍ତ୍ତୀ ସମୟରେ ପର୍ଯ୍ୟଟନ କ୍ଷେତ୍ର ଏବଂ ଏଠାକୁ ପର୍ଯ୍ୟଟକଙ୍କ ମାଧ୍ୟମରେ ହେଉଥିବା ବିଦେଶୀ ପୁଞ୍ଜି ପ୍ରବାହରେ ସମସ୍ୟା ସୁଧୁରୁଥିଲା। ଘଟଣାକୁ ୫ବର୍ଷ ବିତିଯାଇଥିଲେ ମଧ୍ୟ ଏବେ ବି ଗ୍ରୀସ୍ ବଜାରରେ ନିବେଶ କରିବାକୁ ନିବେଶକମାନେ ଭୟ କରିଥାଆନ୍ତି।

ସୂଚନାଯୋଗ୍ୟ, ୨୦୦୪ରେ ଗ୍ରୀସ୍ ଆୟୋଜନ କରିଥିଲା ଅଲିମ୍ପିକ୍। ଏହାକୁ ସଫଳ କରାଇବାକୁ ବିପୁଳ ଅର୍ଥ ଖର୍ଚ୍ଚ କରାଯାଇଥିଲା। ରାଜକୋଷ ଖାଲି ହୋଇଯିବା ସମ୍ପର୍କରେ ୟୁରୋପୀୟାନ ୟୁନିୟନକୁ ସତ୍ୟ ଲୁଚାଇଥିଲା। ପରିଣାମ ସ୍ୱରୂପ ଋଣର ବୁଡ଼ିଆଣୀ ଜାଲରେ ଛନ୍ଦି ହୋଇଗଲା ଏହି ପ୍ରାଚୀନ ଦେଶ। ଏତେବଡ଼ ଋଣ ସଙ୍କଟ ସତ୍ତ୍ୱେ ଅନ୍ୟଦେଶର ଚକ୍ଷୁଶୂଳ ହୋଇ ନ ଥିଲା ଗ୍ରୀସ୍ କିମ୍ବା ତତ୍କାଳୀନ ସରକାରଙ୍କୁ ଜେଲଦଣ୍ଡ ବି ଦିଆଯାଇ ନ ଥିଲା। କିନ୍ତୁ କମ୍ପାନୀ କିମ୍ବା ବ୍ୟକ୍ତି କ୍ଷେତ୍ରରେ ଏହା ବିପରୀତ ହୋଇଥାଆନ୍ତା।

ଏବେ ପାକିସ୍ତାନର ମଧ୍ୟ ସମାନ ପରିସ୍ଥିତି ଉପୁଜିଛି। ନିକଟରେ ଏକ ଖନନ ମାମଲାରେ ଅଦାଲତ ଏହା ଉପରେ ବଡ଼ ରକମର ଜରିମାନା ଲଗାଇଛି। ହେଲେ ପାକିସ୍ତାନ ସରକାରଙ୍କ ଅବସ୍ଥା ଯାହା, ସେଥିରୁ ଏହାକୁ ଶୁଝିବା କାଠିକର ପାଠ ମନେ ହେଉଛି। ଏ ପରିସ୍ଥିତିରେ ବିଦେଶରେ ଥିବା ପାକିସ୍ତାନର ସମ୍ପତ୍ତିକୁ ବିଦେଶୀ କମ୍ପାନୀ କବ୍‌ଜା କରିଦେଇପାରନ୍ତି। ଉଦାହରଣ ସ୍ୱରୂପ ଆମେରିକାର ନ୍ୟୁୟର୍କ ସହରରେ ପାକିସ୍ତାନର ସ୍ୱତ୍ୱରେ ରହିଛି ତାରକା ହୋଟେଲ ରୁଜଭେଲ୍ଟ। ୧୦୫ ପ୍ରକୋଷ୍ଠ ବିଶିଷ୍ଟ ଏହି ହୋଟେଲର ଦାମ୍ ୨୦୧୫ରେ ୬୩୬ ମିଲିୟନ ଡଲାର ଆକଳନ କରାଯାଇଥିଲା। ସେହିପରି ପ୍ୟାରିସ୍‌ରେ ମଧ୍ୟ ପାକିସ୍ତାନର ଏକ ହୋଟେଲ ରହିଛି। ବିଦେଶୀ କମ୍ପାନୀ ହାତରୁ ଉକ୍ତ ଦୁଇ ହୋଟେଲକୁ ବଞ୍ଚାଇବା ଲାଗି ଇମ୍ରାନ ସରକାରଙ୍କୁ ଜୋର୍ ଦେବାକୁ ପଡ଼ିବ। ନଚେତ କୋର୍ଟ ଧାର୍ଯ୍ୟ କରିଥିବା ଜରିମାନା ରାଶି ଗଣିବାକୁ ପଡ଼ିବ।

ଦେବାଳିଆ ଘୋଷିତ ଦେଶ ଅନ୍ତର୍ଜାତୀୟସ୍ତରରେ ଏକାଧିକ ସମସ୍ୟାର ସମ୍ମୁଖୀନ ହୋଇଥାଏ। ବିଶ୍ୱ ବଜାର ସହିତ ବ୍ୟବସାୟିକ ସମ୍ପର୍କ ଏକରକମର ଶେଷ ହୋଇଯାଏ। ବିକାଶ ଲାଗି ଉକ୍ତ ଦେଶରେ ଅନ୍ୟ ଦେଶ ଟଙ୍କା ଲଗାଇବାକୁ ପଛଘୁଞ୍ଚା ଦେଇଥାଆନ୍ତି। ଅନ୍ତର୍ଜାତୀୟ ବ୍ୟାଙ୍କଗୁଡ଼ିକ ମଧ୍ୟ ଋଣ ଦେବା ଆଗରୁ ଅନେକ ବିଷୟରେ ଯାଞ୍ଚ କରିଥାଆନ୍ତି। ପଇସା ପରିଶୋଧର ମିଆଦ କମାଇ ଦିଆଯାଇଥାଏ। ଅନ୍ୟପଟେ ନିଜକୁ ଦେବାଳିଆ ଘୋଷିତ କରିଲେ ଏହାର ସୁବିଧା ମଧ୍ୟ ମିଳିଥାଏ। ଋଣ ଛାଡ଼ ଦ୍ୱାରା ଏହାର ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଆସିଥାଏ। ନବେ ଦଶକରେ ଆର୍ଜେଣ୍ଟିନା ସମ୍ମାନକୁ ଖାତିର ନ କରି ନିଜକୁ ଦେବାଳିଆ ଘୋଷିତ କରି ଏହାର ଲାଭ ଉଠାଇଥିଲା।

# କମିଗଲା କ୍ରିତିଙ୍କ ଓଜନ



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ କ୍ରିତି ଖରବନ୍ଦାଙ୍କ ପାଇଁ ୨୦୨୦ ମସିହା ଆଦୌ ଭଲ ନ ଥିଲା ବୋଲି ସେ କହିଛନ୍ତି । ଗତବର୍ଷ ନଭେମ୍ବରରେ ସେ ମ୍ୟାଲେରିଆରେ ପିଡ଼ିତ ହୋଇଥିଲେ। ଆଉ ତାଙ୍କୁ ୩ ସପ୍ତାହ ପାଇଁ ବେଡ ରେଷ୍ଟ ନେବାକୁ ଡାକ୍ତର ପରାମର୍ଶ ଦେଇଥଲେ । ହେଲେ ସେତେବେଳେ ସେ '୧୪ ଫେରେ'ର ଶୁଟିଂ କରୁଥିଲେ । ତେଣୁ ତାଙ୍କ ପାଇଁ ଶୁଟିଂ ବନ୍ଦ ହେବ ଚିନ୍ତା କରିବା ପରେ କ୍ରିତି ନିଜଆଡୁ ଶୁଟିଂ କରିବାକୁ କହିଥିଲେ। ତେଣୁ ସ୍କେଡ୍ୟୁଲ ଅନୁଯାୟୀ ଶୁଟିଂ ହେଲା। ଆଉ ଏହି ସମୟରେ ପ୍ରାୟ ୧୦ ଦିନ ପାଇଁ ସେ ବହୁ କଷ୍ଟ ଅନୁଭବ କରିଥିଲେ ବୋଲି ନିକଟରେ ଏକ ସାକ୍ଷାତକାରରେ କହିଛନ୍ତି । କାରଣ ସେମାନେ ସେତେବେଳେ ଲକ୍ଷ୍ନୌରେ ଦିନକୁ ପ୍ରାୟ ୧୮ ଘଣ୍ଟା ଶୁଟିଂ କରୁଥିଲେ। ଏହି ସମୟରେ କ୍ରିତିଙ୍କ ଶରୀରର ଓଜନ ୬ କିଲୋଗ୍ରାମ କମ ହୋଇଯାଇଥିଲା ବୋଲି ସେ କହିଛନ୍ତି। ତେବେ ତାଙ୍କୁ ଖୁସି ଲାଗୁଥିଲା କି ସେ ସ୍କେଡ୍ୟୁଲ ପୂରଣ କରିପାରିଥିଲେ। ଟିମ୍‌ର ସହଯୋଗ ଯୋଗୁ ଏସବୁ ସମ୍ଭବ ହୋଇଥିଲା ବୋଲି ସେ କହିଛନ୍ତି। ତାଙ୍କ କୋ-ଷ୍ଟାର ବିକ୍ରାନ୍ତ ମେସି ତାଙ୍କୁ ଖୁବ ସାହାଯ୍ୟ କରିଥିଲେ ବୋଲି କ୍ରିତି କହିଛନ୍ତି । ବିକ୍ରାନ୍ତ କେବଳ ଜଣେ ଭଲ ଅଭିନେତା ନୁହନ୍ତି ମୋର ସେ ଜଣେ ଭଲ ବନ୍ଧୁ ବୋଲି ସେ କହିଛନ୍ତି।

# କ୍ୟାନ୍‌ସର ଯାତନା ଓ ବିଭୀଷିକା

ଚଳିତ ବର୍ଷ ବିଶ୍ୱ କ୍ୟାନ୍‌ସର ଦିବସର ବାର୍ତ୍ତା ରହିଛି 'ଆଇ ଆମ୍ ଆଣ୍ଡ ଆଇ ଉଇଲ୍'। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଓ ବିଭିନ୍ନ ସେବା ସଙ୍ଗଠନ ଦ୍ୱାରା ପ୍ରତିବର୍ଷ ଫେବୃୟାରୀ ୪ ତାରିଖକୁ ବିଶ୍ୱ କ୍ୟାନ୍‌ସର ଦିବସ ଭାବେ ପାଳନ କରାଯାଏ। ଲୋକ ବିଶ୍ୱାସରେ କର୍କଟ ରୋଗ ଅର୍ଥ ମୃତ୍ୟୁ ହିଁ ଅନିବାର୍ଯ୍ୟ । ଭୟାବହ କର୍କଟର ନାମ ଶୁଣିବା ମାତ୍ରେ ରୋଗୀଟିର ଛାତି ଧଡ଼ ଧଡ଼ ହୋଇଉଠେ । ଅନିଶ୍ଚିତ ଭବିଷ୍ୟତକୁ ଚିନ୍ତାକରି ତା' ଜୀବନର ସ୍ୱପ୍ନ ସବୁ ମରୀଚିକା ପରି ଲାଗେ । ତେବେ ସମ୍ପ୍ରତି ଭୟାବହ କ୍ୟାନ୍‌ସର ଆଉ ବିପଜ୍ଜନକ ହୋଇ ରହିନାହିଁ । ଚିକିତ୍ସା ବିଜ୍ଞାନ କ୍ୟାନ୍‌ସରର ମୁକାବିଲା ପାଇଁ ବିଭିନ୍ନ ପ୍ରକାର ଔଷଧ ଓ ଚିକିତ୍ସା ବ୍ୟବସ୍ଥା ସହାୟତାରେ କ୍ୟାନ୍‌ସର ରୋଗୀଟିକୁ ପୁନର୍ଜୀବନ ମିଳିପାରୁଛି । ସବୁଠାରୁ ବଡ଼କଥା ହେଉଛି ଲୋକମାନଙ୍କ ଭିତରେ ସଚେତନତାର ଅଭାବରୁ ପ୍ରାଥମିକ ଅବସ୍ଥାରେ ଚିକିତ୍ସକଙ୍କ ପରାମର୍ଶ ନିଆଯାଇ ନ ଥିବାରୁ ପରବର୍ତ୍ତୀ ସମୟରେ ଏହା ଭୟଙ୍କର ହୋଇଉଠେ । ପରିସଂଖ୍ୟାନର ତଥ୍ୟ ଅନୁଯାୟୀ ପୁରୁଷମାନଙ୍କୁ ବିଶେଷକରି ମୁଖଗହ୍ୱର କର୍କଟ ଓ ସ୍ତ୍ରୀମାନଙ୍କ ମଧ୍ୟରେ ଜରାୟୁ କର୍କଟ ରୋଗର ହାର ସର୍ବାଧିକ । ତେବେ ମହିଳାମାନଙ୍କ ପରିବର୍ତ୍ତିତ ଜୀବନ ଧାରାରେ ସମ୍ପ୍ରତି ସ୍ତନ କର୍କଟର କାୟା ବଢ଼ିବାରେ ଲାଗିଛି । କେବଳ ସେତିକି ନୁହେଁ ପୁରୁଷମାନଙ୍କ ମଧ୍ୟରେ ପାକସ୍ଥଳୀ, ପିତକୋଷ କର୍କଟ, ଅନ୍ତଃନଳୀ, ପ୍ରୋଷ୍ଟେଟ ଗ୍ରନ୍ଥିର କର୍କଟ ଏପରିକି ମଳଦ୍ୱାରରେ ମଧ୍ୟ କର୍କଟ ସଂକ୍ରମଣର ହାର ବଢ଼ିବାରେ ଲାଗିଛି । ସର୍ବପ୍ରଥମେ ଜାଣିବା ଯେ, କର୍କଟ ରୋଗର ପ୍ରାଥମିକ ଲକ୍ଷଣ କ'ଣ ? ବହୁତ ଦିନ ଧରି ଶରୀରର ଯେ କୌଣସି ସ୍ଥାନରେ କିମ୍ବା ପାଟିରେ ଘା' ନ ଶୁଖିବା, ଖାଦ୍ୟ ଖାଇବାରେ କ୍ରମାଗତ ଯନ୍ତ୍ରଣା ଅନୁଭବ କରିବା, ସ୍ୱର ଶ୍ରୁତିମଧୁର ନ ହୋଇ ବସିଯିବା, କ୍ଷୁଧା ନ ହେବା, ବଦ୍‌ହଜମି, ତରଳ ନାଳରକ୍ତ ଝାଡ଼ା ଲାଗିରହି ନିୟନ୍ତ୍ରିତ ନ ହେବା, ସ୍ତନରେ ମାଂସପିଣ୍ଡୁଳା ବା ଘା' ହେବା, ଅନିୟମିତ ଭାବେ ଜରାୟୁରୁ ରକ୍ତସ୍ରାବ ହେବା, ଦେହର ଯେ କୌଣସି ସ୍ଥାନରେ ହଠାତ୍ ଭାତୁଡ଼ି ପରି ଛୋଟ ମାଂସପିଣ୍ଡୁଳା କିମ୍ବା କଳାଜାଇ ବୃଦ୍ଧିପାଇ ଅସ୍ତବ୍ୟସ୍ତ ଭାବରେ କୁଣ୍ଡାଇ ହୋଇ ଘା' ହୋଇଯିବା ହେଉଛି କର୍କଟର ପ୍ରାଥମିକ ଲକ୍ଷଣ । ଏ କ୍ଷେତ୍ରରେ ତୁରନ୍ତ ସରକାରଙ୍କ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ବିଶେଷଜ୍ଞଙ୍କ ପରାମର୍ଶ ନେବା ନିହାତି ଜରୁରୀ ।



ସ୍ତନ କର୍କଟ କ୍ଷେତ୍ରରେ ସ୍ତନର ଉପର ଚର୍ମର ରଙ୍ଗରେ ପରିବର୍ତ୍ତନ ଘଟିଲେ କିମ୍ବା ମାଂସପିଣ୍ଡୁଳାଟି ବଡ଼ ହୋଇ ଚାରିପଟ ମାଂସପେଶୀକୁ ଟାଣିଧରି ଖାଲୁଆ ସ୍ଥାନ ସୃଷ୍ଟି କରିଥାଏ । ସ୍ତନରୁ ଯେ କୌଣସି ଧରଣର ରସ କ୍ଷରିତ ହେଲେ ଏହାକୁ ଏଫ୍‌ଏନ୍‌ଏସି ଦ୍ୱାରା ଚିହ୍ନଟ କରାଯାଇ ପରୀକ୍ଷା ଦ୍ୱାରା ଜଣାପଡ଼ିଥାଏ । ଯାହାକୁ ବାୟୋପ୍‌ସି କୁହାଯାଏ । ଜରାୟୁ କର୍କଟ କ୍ଷେତ୍ରରେ ଦେଖାଯାଏ ସ୍ତ୍ରୀଲୋକମାନଙ୍କର ଅହେତୁକ ଋତୁସ୍ରାବ କିମ୍ବା ସହବାସ ପରେ ରକ୍ତସ୍ରାବ । ଶରୀରରୁ ପୂତି ଦୁର୍ଗନ୍ଧପୂର୍ଣ୍ଣ ରସ କ୍ଷରଣ ହୋଇଥାଏ । ଚାଳିଶବର୍ଷରୁ ଊର୍ଦ୍ଧ୍ୱ ସ୍ତ୍ରୀଲୋକମାନେ ପ୍ରତିବର୍ଷ ନିୟମିତ ସମୟରେ ବିଶେଷଜ୍ଞଙ୍କ ଦ୍ୱାରା ପରୀକ୍ଷା କରାଇ ପାପ୍‌ସ୍ମିୟର କରାଇନେବା ଜରୁରୀ । ମୁଖଗହ୍ୱର କର୍କଟର ସର୍ବପ୍ରଥମ କାରଣ ହେଉଛି ତମାଖୁ ସେବନ । ସଂପ୍ରତି ସବୁଠି ଗୁଟ୍‌ଖାର ବହୁଳ ବ୍ୟବହାର ହେଉଛି । ଗୁଟ୍‌ଖା ସହ ପାନ, ଗୁଡ଼ାଖୁ, ଧୂଆଁପତ୍ର ଓ ନିଶାଦ୍ରବ୍ୟ ହେଉଛି ଏହାର ମୁଖ୍ୟ କାରଣ । ଏ କ୍ଷେତ୍ରରେ ଦୀର୍ଘ ଦିନ ଧରି ପାଟିର କୌଣସି ସ୍ଥାନରେ ଘା' ନଶୁଖିବା ହେଉଛି ମୁଖ୍ୟ କାରଣ । ସ୍କ୍ରାପୋ ସାଇଟୋଲୋଜି ମାଧ୍ୟମରେ ପରୀକ୍ଷା ହୋଇ ଏହି ରୋଗ ନିର୍ଣ୍ଣୟ ହୋଇଥାଏ । ମଳଦ୍ୱାର ବା ଅନ୍ତଃନଳୀ କର୍କଟ କ୍ଷେତ୍ରରେ ତରଳ ନାଳରକ୍ତ ଝାଡ଼ା ବେଶି ଦିନ ଲାଗିରହିବା ବା କ୍ରମାଗତ ଝାଡ଼ାରେ ରକ୍ତ ପଡ଼ିବା ହେଉଛି ଏହାର ପ୍ରଥମ ଲକ୍ଷଣ । ଏହି ଲକ୍ଷଣ ସହିତ ଖାପ୍‌ଖୁଆଉ ଥିବା ରୋଗୀମାନେ ପ୍ରତି ପାଞ୍ଚବର୍ଷରେ ଥରେ ସିଗ୍‌ମଇଡୋସ୍କୋପି ଏବଂ ୧୦ବର୍ଷରେ ଥରେ କଲୋନୋସ୍କୋପି କରାଇନେବା ଉଚିତ । ସେହିପରି ପାକସ୍ଥଳୀ କର୍କଟ କ୍ଷେତ୍ରରେ କ୍ରମାଗତ ବାନ୍ତି ଓ ପେଟର କୌଣସି ସ୍ଥାନରେ ମାଂସପିଣ୍ଡୁଳା ଦେଖାଯିବା ହେଉଛି ସର୍ବପ୍ରଥମ ସୂଚନା । ଏହି ଲକ୍ଷଣ ଦେଖାଦେଲେ ଏଣ୍ଡୋସ୍କୋପି କିମ୍ବା ବାୟୋପସିସ୍ କରିବା ଉଚିତ । ପ୍ରାଥମିକ ଅବସ୍ଥାରେ କ୍ୟାନ୍‌ସରର ଲକ୍ଷଣ ପ୍ରକାଶ ପାଇବା ମାତ୍ରେ ରୋଗୀ ତୁରନ୍ତ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ସରକାରଙ୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲାସ୍ତରୀୟ ଡାକ୍ତରଖାନା, ରାଜ୍ୟର ସର୍ବବୃହତ୍ ଚିକିତ୍ସାଳୟ ଓ କ୍ୟାନ୍‌ସର ଇନ୍‌ଷ୍ଟିଚ୍ୟୁଟରେ ରୋଗୀର ଚିକିତ୍ସା ବ୍ୟବସ୍ଥା ତ୍ୱରାନ୍ୱିତ କରନ୍ତୁ। ସମ୍ପ୍ରତି ରଶ୍ମି ଚିକିତ୍ସା, ଶଲ୍ୟ ଚିକିତ୍ସା ଓ ଔଷଧ ଚିକିତ୍ସା ଦ୍ୱାରା କର୍କଟ ରୋଗକୁ ନିୟନ୍ତ୍ରଣ କରାଯାଇପାରୁଛି । ସମ୍ପ୍ରତି ସରକାର ଓ ବିଭିନ୍ନ ବେସରକାରୀ ତଥା ଆଧାତ୍ମିକ ସ୍ୱାସ୍ଥ୍ୟସେବା ସଂଗଠନମାନେ କର୍କଟ ରୋଗର ସଚେତନତା ପାଇଁ ଅନେକ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ସଚେତନତା, ଧୈର୍ଯ୍ୟ ଓ ଚିକିତ୍ସକଙ୍କ ଉପରେ ଦୃଢ଼ ବିଶ୍ୱାସ ସହ ଭଲ ପାଇବାର ଚିନ୍ତନ ଭିତରେ କର୍କଟ ରୋଗର ନିରାକରଣ ନିଶ୍ଚିତ ଭାବରେ ସମ୍ଭବ। ବିଶ୍ୱ କର୍କଟ ଦିବସ ଅବସରରେ ମୁମୂର୍ଷୁମାନଙ୍କୁ ସହଯୋଗ ଓ ଭଲପାଇବାର ହାତ ନିଶ୍ଚିତ ଭାବରେ ମାନବୀୟ ମୂଲ୍ୟବୋଧ ପ୍ରତୀକାତ୍ମକ ବାର୍ତ୍ତା ଦେଉ ଏହା ହିଁ କାମନା।

**- ପ୍ର. ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**
ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ମୋ: ୯୪୩୭୦୫୧୯୫୭

# ୪ କେଜିର ହେଲିକପ୍ଟର



**ଲକ୍ଷ୍ନୌ:** ଭାରତୀୟ ପ୍ରାଦ୍ୟୋଗିକ ସଂସ୍ଥାନ (ଆଇଆଇଟି) କାନପୁରର ଛାତ୍ର ଏବଂ ପ୍ରଫେସର ମିଳିତ ଭାବେ କେବଳ ୪ କେଜିରେ ଏକ ସୁନ୍ଦର ହାଲୁକା ହେଲିକପ୍ଟର ତିଆରି କରିଛନ୍ତି। ଏହା ବେଙ୍ଗାଲୁରୁରେ ଚାଲିଥିବା ହାଇବ୍ରିଡ ଏୟାର ଶୋ'- ଏୟାର ଇଣ୍ଡିଆ ୨୦୨୧ରେ ପ୍ରଦର୍ଶିତ ହେବ। ଏହି ହେଲିକପ୍ଟରକୁ ଆଇଆଇଟି କାନପୁର ଏବଂ ଷ୍ଟାର୍ଟଅପ କମ୍ପାନୀ ମିଶି ନିର୍ମାଣ କରିଛନ୍ତି। ୪ କିଲୋଗ୍ରାମ ବିଶିଷ୍ଟ ଏହି ହେଲିକପ୍ଟର ମୁଖ୍ୟ ବିଶେଷତ୍ୱ ହେଲା ଏଥିରେ ଭର୍ଟିକାଲ ଟେକ ଅଫ ଏବଂ ଲ୍ୟାଣ୍ଡିଂ, ଲଙ୍ଗ ରେଞ୍ଜ ଆଣ୍ଡ ଏଣ୍ଡୁରାନ୍ସ, ଲଙ୍ଗ ଭିଡିଓ ଷ୍ଟ୍ରିମିଙ୍ଗ ଆଦି ରହିଛି। ଡ୍ରୋନ ଦେଖିବାକୁ ଯେମିତି ଏହା ଠିକ ସେମିତି। ଏହି ହେଲିକପ୍ଟର ଯୋଗେ ମେଡିକାଲ ସପ୍ଲାଇ, ସିବିଆରଏନ ଡିଟେକ୍ସନ, କ୍ରାଉଡ ମନିଟରିଂ ଏବଂ ରେସ୍କ୍ୟୁ ଅପରେଶନ ମଧ୍ୟ କରାଯାଇପାରିବ। ଏୟାର ଇଣ୍ଡିଆ ୨୦୨୧ ସମାରୋହର ଗୋଟିଏ ଦିନ ପୂର୍ବରୁ ଆଇଆଇଟି କାନପୁରର ଅଧିକାରୀ ଟୁଇଟ କରି ଏହି ହେଲିକପ୍ଟର ବିଷୟରେ ସୂଚନା ଦେଇଛନ୍ତି। ଏୟାର ଇଣ୍ଡିଆର ୧୩ ତମ ସଂସ୍କରଣରେ ଏହା ବେଙ୍ଗାଲୁରୁରେ ପ୍ରଦର୍ଶିତ ହେବ।

# ୭୮ ବର୍ଷରେ ପାୱାର ଲିଫ୍ଟ



**ୱାଶିଂଟନ:** ନିଜ ବୟସଠାରୁ ଦୁଇଗୁଣ ଅଧିକ ଓଜନ ଉଠାଇ ଚର୍ଚ୍ଚାରେ ରହିଛନ୍ତି ଜଣେ ୭୮ ବର୍ଷୀୟା ବୃଦ୍ଧା। ଏହି ଭାରୋତ୍ତୋଳନକାରୀଙ୍କ ନାମ ନୋରା ଲଣ୍ଡନ। ନୋରା ତାଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଏକ ଭିଡିଓ ଶେୟାର କରିଛନ୍ତି। ଏଥିରେ ସେ ୧୫୯ କେଜିର ପାୱାର ଲିଫ୍ଟ କରିଛନ୍ତି। ଏହା ପୂର୍ବରୁ ନୋରା ୨୦୦୭ରେ ଭାରୋତ୍ତଳନକାରୀ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଗତ ୧୪ ବର୍ଷରେ ନୋରା ପ୍ରାୟ ୨୨ଟି ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ସେଥିମଧ୍ୟରୁ ୨୦ଟି ପ୍ରତିଯୋଗିତାରେ ସେ ବିଜୟ ଲାଭ କରିଛନ୍ତି। ୨୦୦୮ରେ ସେ ଅନ୍ତର୍ଜାତୀୟ ଭାରୋତ୍ତୋନକାରୀ ପ୍ରତିଯୋଗିତାରେ ଭାଗ ନେଇ ବିଜୟୀ ହୋଇଥିଲେ। ୨୦୨୦ରେ ଆମେରିକାନ ଫେଡେରେଶନର ପ୍ରତିଯୋଗିତାରେ ମଧ୍ୟ ଭାଗ ନେଇଥିଲେ। ବୟସ ବଢ଼ିବା ସହ ନୋରା ନିଜ ନାମରେ ୧୯ଟି ୱାର୍ଲ୍ଡ ରେକର୍ଡ କରିଛନ୍ତି।

# ସମୁଦ୍ରରେ ବିବାହ

**ଚେନ୍ନାଇ:** ଲୋକମାନେ ସେମାନଙ୍କ ବିବାହକୁ ସ୍ମରଣୀୟ କରିବା ପାଇଁ କିଛି ବି କରିବାକୁ ପଛାନ୍ତି ନାହିଁ। ସେମିତି ଏକ ବିବାହ ଦେଖିବାକୁ ମିଳିଛି କୋୟମ୍ବାଟୁରରେ। ଏଠାରେ ଏକ ବର-କନ୍ୟା ୬୦ ଫୁଟ ଗଭୀର ସମୁଦ୍ରରେ ବିବାହ କରିଛନ୍ତି। ବର ଚିନ୍ନାଦୁରାଇ ଏବଂ କନ୍ୟା ଶ୍ୱେତା ଉଭୟ ପେସାରେ ସଫ୍ଟୱୟାର ଇଞ୍ଜିନିୟର। ଶ୍ୱେତା କୋୟମ୍ବାଟୁରର ନିବାସୀ। ଭାବି ସ୍ୱାମୀ ଚିନ୍ନାଦୁରାଇ ତାଙ୍କୁ ସମୁଦ୍ର ତଳେ ବିବାହ କରିବାକୁ ପ୍ରସ୍ତାବ ଦେଇଥିଲେ। ପ୍ରଥମେ ଏହା ଶୁଣିବା ପରେ ଶ୍ୱେତା ଡରିଯାଇଥିଲେ। ମାତ୍ର ପରେ ଏଥିରେ ରାଜି ହୋଇଥିଲେ। ଉଭୟ ତାମିଲନାଡୁର ନୀଳକାରାଇ ବେଳାଭୂମିରେ ଠିଆ ହୋଇ ବିବାହ ମୁହୂର୍ତ୍ତକୁ ଅପେକ୍ଷା କରିଥିଲେ। ବିବାହ ମୁହୂର୍ତ୍ତ ହେବା କ୍ଷଣି ଉଭୟ ମମୁଦ୍ରକୁ ଡେଇଁପଡ଼ିଲେ। ଏହି ଅବସରରେ ଉଭୟ ପାରମ୍ପରିକ ପୋଷାକ ପିନ୍ଧିଥିଲେ। ସମୁଦ୍ରରେ ଉଭୟ ୪୫ ମିନିଟ ବିତାଇଥିଲେ। ଏହି ସମୟରେ ସେ ପୁଣିଥରେ ଶ୍ୱେତାଙ୍କୁ ଫୁଲ ଦେଇ ପ୍ରେମ ନିବେଦନ କରିଥିଲେ। ଏହାପରେ ଉଭୟ ଫୁଲହାର ପିନ୍ଧାଇଥିଲେ। ସମୁଦ୍ରକୁ ସାକ୍ଷୀମାନି ଶପଥ ନେଲେ ଏବଂ ବିବାହ କଲେ। ଏ ନେଇ ଚିନ୍ନାଦୁରାଇ କୁହନ୍ତି, ପିଲାଦିନୁ ସେ ପହଁରିବାକୁ ଭଲ ପାଆନ୍ତି। ୧୨ ବର୍ଷ ଧରି ସେ ସ୍କୁବା ଡ୍ରାଇଭିଂ କରୁଥିଲେ। ଏଠାରେ ସେ ସନ୍ତରଣ ତାଲିମ ନେଇଥିଲେ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଛଳିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ।
RUPALI SQUARE, SAHEED NAGAR, BHUBANESWAR
Ph.: 8144114249
Note: ଘରେ ବସି ଫୋନରେ ସମାଧାନ କରିବାକୁ କହୁଥିବା ତାନ୍ତ୍ରିକ ବାବାଙ୍କ ପ୍ରତି ସାବଧାନ!

M (GROUP) Finance Company
ଆପଣଙ୍କ ପାଇଁ ଋଣ
ବ୍ୟବସାୟ ଋଣ, ସାଲାରି ସ୍ଲିପ୍ ଋଣ, ମାର୍କଶିଟ୍ ଋଣ
ମାତ୍ର 5% ସୁଧରେ
ମହିଳାଙ୍କ ପାଇଁ 40% ଛାଡ଼
8895358521
8895357605

GALAXY TOWER
ପ୍ରଥମଥର ଓଡିଶାରେ ଏମିତି ଅଫର୍
ନିଜର ଖାଲିଥିବା ଜମି ଓ ଛାତ
Plot ରେ ଟ୍ୱାଓର 4G/5G ବସାଇ
ଅଗ୍ରୀମ 60,000,00/-
ପାଆନ୍ତୁ ଓ ମାସକୁ
ଭଡା 45,000/-
ଟଙ୍କା ପାଆନ୍ତୁ +
ଚାକିରୀ ପାଆନ୍ତୁ
Bansal Tower B Wing, Bangalore , Karnataka-400021.
9485687401
8901064681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9810472786
8800979262

PADMAJA FINANCE
ସରକାର ଯୋଜନା ଦ୍ୱାରା ନିଜର ପ୍ରପର୍ଟି, ବ୍ୟକ୍ତିଗତ, ମାର୍କସିଟ୍, ଗୃହଋଣ, କୃଷି, ଗାଈ ଓ କୁକୁଡ଼ା ପାଳନ ଆଦି ସମସ୍ତ ପ୍ରକାର LOAN 2% ସୁଧରେ ଘରେ ବସି ପାଆନ୍ତୁ।
Mob.-9437921472
7656825049
LAHANDA, BARGARH

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି


ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଅଶୋକ କୁମାର ମିଶ୍ର
ଆପଣଙ୍କ ବିୟୋଗ ଆମ ପାଇଁ ଏକ ଅପୂରଣୀୟ କ୍ଷତି। ଆପଣଙ୍କ ସ୍ନେହ, ଶ୍ରଦ୍ଧା ଆମପାଇଁ ପ୍ରେରଣାର ଉତ୍ସହେଉ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା ।
ଶୋକସନ୍ତପ୍ତ:
ପରିବାରବର୍ଗ।
ଧ-୬୩୯୯୪

ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ରବୀନ୍ଦ୍ରନାଥ ରଥ
ଭୁବନେଶ୍ୱର, ନୟାପଲ୍ଲୀ
ଆବିର୍ଭାବ: ୨୭।୦୯।୧୯୪୨
ତିରୋଧାନ: ୧୯।୦୧।୧୯୯୬
ତୁମ ଆତ୍ମାର ସଦ୍‌ଗତି ହେଉ ଓ ତୁମ ଆଶିଷରେ ଆମର ଚଲାପଥ ପୁଷ୍ପିତ ହେଉ। ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ପୁଅ-ବୋହୂ, ଝିଅ-ଜ୍ୱାଇଁ, ବନ୍ଧୁ ଓ ପରିବାରବର୍ଗ ।
ଧ-୧୯୮୪୩

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ନଗେନ୍ଦ୍ର ନାଥ ଶତପଥୀ
ଜୟପୁର, ସତ୍ୟବାଦୀ, ପୁରୀ
ଆବିର୍ଭାବ- ୦୩.୦୯.୧୯୪୨
ତିରୋଧାନ- ୨୬.୦୧.୨୦୧୯
ଆପଣଙ୍କ ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା । ଆପଣଙ୍କ ଆଶିଷ ଏକାନ୍ତ କାମ୍ୟ ।
-: ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ସହ :-
ପୁତ୍ର- ବିଭୁତି ରଞ୍ଜନ ଶତପଥୀ ଏବଂ ପରିବାର ଓ ଆତ୍ମୀୟସ୍ୱଜନ ।
ଧ-୬୬୬୩୨


କାଜଲ ଅଗ୍ରୱାଲ

# ଘାରିଛି ଷ୍ଟଣ୍ଟ ନିଶା

କାଜଲ ଅଗ୍ରୱାଲଙ୍କ ମୁଣ୍ଡକୁ ଏବେ ଏକ ନୂଆ ନିଶା ଘାରିଛି। ଏଣିକି ସେ ଷ୍ଟଣ୍ଟ ଶଟ୍ ଦେବାକୁ ମାଇଣ୍ଡ ମେକଅପ୍ କରିଛନ୍ତି। କେବଳ ସେତିକି ନୁହେଁ, ଏ ନେଇ ଟ୍ରେନିଂ ନେବା ମଧ୍ୟ ଆରମ୍ଭ କରିଦେଲେଣି। କଥା କ'ଣ କି ନିକଟରେ ସେ ଏକ ଆକ୍ସନଭିତ୍ତିକ ତେଲୁଗୁ ଫିଲ୍ମ ସାଇନ୍ କରିଛନ୍ତି, ଆଉ ଏଥିରେ ତାଙ୍କୁ ଆକ୍ସନ ଅବତାରରେ ଦେଖିବାକୁ ମିଳିବ। ଯେତେବେଳେ ତାଙ୍କୁ ଏ ନେଇ ସୂଚନା ଦିଆଗଲା, ସେତେବେଳଠାରୁ ସେ ଠିକ୍ କରିନେଇଥିଲେ ଯେ ସୀମିତ ସମୟ ଭିତରେ ତାଙ୍କୁ ଯେମିତି ହେଲେ ଷ୍ଟଣ୍ଟ ଶିଖିବାକୁ ପଡ଼ିବ। ଆଉ ଠିକ୍ ଏତିକି ବେଳେ ତାଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ଅକ୍ଷୟ କୁମାର। ଏ ନେଇ କାଜଲ କହନ୍ତି, 'ନିକଟରେ ମୋର ଅକ୍ଷୟ କୁମାରଙ୍କ ସହ ଭେଟ ହୋଇଥିଲା। ତାଙ୍କୁ ଯେତେବେଳେ ମୁଁ ଷ୍ଟଣ୍ଟ ଶିଖିବା କଥା କହିଲି ସେ ସାଙ୍ଗେ ସାଙ୍ଗେ ମୋତେ ସାହାଯ୍ୟ କରିବାକୁ ସମ୍ମତି ଜଣାଇଥିଲେ। ମୁଁ ସାଇନ୍ କରିଥିବା ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ ଏବଂ ତାହାର ପ୍ରାରମ୍ଭିକ କାମ ଚାଲିଛି।' ତେବେ ଷ୍ଟଣ୍ଟ ଶଟ୍‌ରେ କାଜଲ ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛନ୍ତି ତାହା ଫିଲ୍ମଟି ପରଦା ଉପରକୁ ଆସିଲେ ହିଁ ଜଣାପଡିବ।

# ଜୋତା ପ୍ରିୟ ପରିଣିତି



ପରିଣିତି ଚୋପ୍ରା ନୂଆ ଡିଜାଇନର ଜୋତା ଦେଖିଲେ ତାହାକୁ ନ କିଣି ଛାଡନ୍ତି ନାହିଁ। କାରଣ ନୂଆ ଜୋତା କିଣିବା ତାଙ୍କର ଏକ ସଉକ୍। ଏପରି କି ଭଲ ବ୍ରାଣ୍ଡର ଜୋତା ଚଏସ କରିବା ସମୟରେ ସେ ଜୋତା ଦୋକାନରେ ଘଣ୍ଟା ଘଣ୍ଟା ବିତାଇ ଦିଅନ୍ତି। ଏ ବିଷୟରେ ପରିଣିତି କହନ୍ତି, ସ୍କୁଲରେ ପଢ଼ିବା ସମୟରୁ ମୋର ଜୋତା ସଉକ ରହିଆସିଛି। ନୂଆ ଜୋତା ଦେଖିଲେ ତାକୁ ନ କିଣିଲେ ମୋତେ ନିଦ ହୁଏନା। ଯଦି ଶପିଂ କରିବାକୁ ଯାଇଥିବି ତେବେ କିଣିଥିବା ଜିନିଷଗୁଡିକ ଭିତରେ ଅଧିକ ସଂଖ୍ୟାର ଥାଏ ଜୋତା। ଥରେ ମୋ ପସନ୍ଦର ଏକ ଜୋତା ପାଇବାକୁ ମୋତେ ଦୁଇ ସପ୍ତାହ ଅପେକ୍ଷା କରିବାକୁ ପଡିଥିଲା, ଯାହାକୁ ମୁଁ କଦାପି ଭୁଲି ପାରିବି ନାହିଁ।' ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ପରିଣିତି ଯଶରାଜ ଫିଲ୍ମସରେ ପି.ଆର. ଏବଂ ମାର୍କେଟିଂ କନସଲଣ୍ଟାଣ୍ଟ ଭାବରେ କିଛି ଦିନ କାମ କରିଥିଲେ। 'ଇସ୍କଜାଦେ'ରେ ଅଭିନୟ ପାଇଁ ତାଙ୍କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ମିଳିଥିଲା।


ପରଦା ପଛରେ/ ବ୍ୟୋମକେଶ

# ଚ୍ୟାଲେଞ୍ଜ ପାଇଁ ତୟାର

ସିନେମାଟିଏ ନିର୍ମାଣ କରିବା ସହଜ କଥା ନୁହେଁ, ଏକଥା ଜାଣିଛି। ପ୍ରଥମ ଥର ପାଇଁ ପ୍ରଯୋଜନା ଲାଇନ୍‌ରେ ପାଦ ଦେଇଛି। ଏଥିରୁ ମୋତେ କେତେ ଫାଇଦା ମିଳିବ ତାହା ତ ଚିନ୍ତା କରୁନି, ହେଲେ ଦର୍ଶକଙ୍କୁ କିପରି ମନଲାଖି ଫିଲ୍ମଟିଏ ଭେଟି ଦେବି ତା' ଉପରେ ଗୁରୁତ୍ୱ ଦେଉଛି ବୋଲି କହନ୍ତି ନୂଆ ଓଡ଼ିଆ ସିନେମା 'ଲାଗେ ପ୍ରେମ ନଜର'ର ପ୍ରଯୋଜକ ବ୍ୟୋମକେଶ ସେଜପୋଡା। ଏହାର ନିର୍ଦ୍ଦେଶକ ସାଜିଛନ୍ତି ଏସ. ଦିଲୀପ ପଣ୍ଡା। ଏ ବିଷୟରେ ମୟୁରଭଞ୍ଜରେ ଜନ୍ମିତ ତଥା ସଫ୍ଟୱେର ଇଞ୍ଜିନିୟର ବ୍ୟୋମକେଶ କହନ୍ତି, 'କୋଭିଡ ପରେ ଏକ ଘଡିସନ୍ଧି ସମୟରେ ମୁଁ ସିନେମା ନିର୍ମାଣ କରୁଛି। । ଏହି ସିନେମାର କାହାଣର, ସଂଳାପ, ସଙ୍ଗୀତ ଏପରି କି ଉପସ୍ଥାପନା ଉପରେ ଯଥେଷ୍ଟ ଧ୍ୟାନ ଦିଆଯାଇଛି। ଫିଲ୍ମ ପ୍ରଯୋଜନା କ୍ଷେତ୍ରରେ ସବୁ ପ୍ରକାର ଚ୍ୟାଲେଞ୍ଜର ସାମନା କରିବାକୁ ମୁଁ ତୟାର।' ଏହି ସିନେମାରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବୈଦନାଥ ଦାଶ ଏବଂ କ୍ରିଏଟିଭ ହେଡ୍ ଦାୟିତ୍ୱ ତୁଲାଉଛନ୍ତି ପ୍ରଣୟ ଜେଠୀ। ଶୁଟିଂ ଆରମ୍ଭ ହୋଇଯାଇଥିବା ଉକ୍ତ ଚିତ୍ରରେ ଅଭିନୟ କରୁଛନ୍ତି ଅମ୍ଲାନ କୁମାର, ରିୟା ଦେ, ପ୍ରିୟା ଚୌଧୁରୀ, ରାଗିଣୀ, ବବି ମିଶ୍ର, ପପି ସନ୍ତୁକା ଏବଂ ଅମର।

# ବଲିଉଡ୍ ହାଲ୍ ଚାଲ୍


ଜାହ୍ନବୀ

➤ଇଶା ଗୁପ୍ତା ନିକଟରେ ଏକ ନୂଆ ସିନେମା ସାଇନ୍ କରିଛନ୍ତି। ଏହାର ଟାଇଟଲ ଫାଇନାଲ ହୋଇନାହିଁ। ଏଥିରେ ତାଙ୍କ ଅପୋଜିଟ୍‌ରେ ଜଣେ ନବାଗତ ଅଭିନେତାଙ୍କୁ ବ୍ରେକ୍ ମିଳିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

➤ଜାହ୍ନବୀ କପୁର ଏବେ ଚଣ୍ଡିଗଡରେ ଡେରା ପକାଇଛନ୍ତି। ସେଠାରେ ସେ ଅଭିନୟ କରୁଥିବା ଫିଲ୍ମ 'ଗୁଡ୍ ଲକ୍ ଜେରି'ର ଶୁଟିଂ ଚାଲିଛି। ସିଦ୍ଧାର୍ଥ ସେନଗୁପ୍ତାଙ୍କ ନିର୍ଦ୍ଦେଶନାରେ ଜାହ୍ନବୀଙ୍କ ନାୟକ ସାଜିଛନ୍ତି ଦୀପକ ଡୋବ୍ରିୟାଲ। ଏହାବ୍ୟତୀତ ଜାହ୍ନବୀଙ୍କ ହାତରେ ଆଉ ଦୁଇଟି ସିନେମା– 'ଦୋସ୍ତାନା–୨' ଏବଂ 'ରୋହି ଆଫଜାନା' ରହିଛି।

➤କରନ ଜୋହରଙ୍କ ପ୍ରଯୋଜିତ 'ତକ୍ତ'ର ଶୁଟିଂ କୋଭିଡ ପାଇଁ ବନ୍ଦ ଥିଲା। ଖୁବ୍ ଶୀଘ୍ର ଏହାର ଶୁଟିଂ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି କରନ୍। ଫିଲ୍ମର ବିଭିନ୍ନ ଭୂମିକାରେ ରଣବୀର ସିଂ, ଭିକି କୌଶଲ, କରୀନା କପୁର, ଆଲିୟା ଭଟ୍ଟ ଏବଂ ଅନିଲ କପୁର ଅଭିନୟ କରିବେ।

➤ପ୍ରଭାସ ଏବଂ ସୈଫ ଅଲ୍ଲୀ ଖାଁଙ୍କୁ ନେଇ ନିର୍ମିତ ହେଉଥିବା ହିନ୍ଦୀ ସିନେମା 'ଆଦିପୁରୁଷ'ର ଶୁଟିଂ ଗୋରେଗାଓଁରେ ଚାଲୁ ରହିଛି। ଫିଲ୍ମଟିର ନିର୍ଦ୍ଦେଶନା ଦେଉଛନ୍ତି ଓମ୍ ରାଓ୍ୱତ।

➤କଙ୍ଗନା ରାଣାଓ୍ୱତ ନିଜ ପରିବାର ପାଇଁ ଚଣ୍ଡିଗଡ଼ରେ ଏକ ଫୋର–ବିଏଚକେ ଫ୍ଲାଟ୍ କିଣିଛନ୍ତି। ଏହାର ଅନୁମାନିକ ମୂଲ୍ୟ ଚାରି କୋଟି ବୋଲି ଜଣାପଡ଼ିଛି।

# ହମ୍ କିସିସେ କମ୍ ନେହିଁ

ପୁଅ ହେଉ କି ଝିଅ, ସେମାନଙ୍କ ଜୀବନରେ ମା'–ବାପାଙ୍କ ଆଶୀର୍ବାଦ ରକ୍ଷାକବଚ ଭାବରେ କାମ କରିଥାଏ। ସେମାନେ ହେଉଛନ୍ତି ଜୀବନ୍ତ ଠାକୁର। ମା'–ବାପାଙ୍କର ଯେପରି ପିଲାମାନଙ୍କ ପ୍ରତି କର୍ତ୍ତବ୍ୟ ରହିଛି ଠିକ୍ ସେହିପରି ପିଲାମାନେ ମଧ୍ୟ ମା'–ବାପାଙ୍କୁ ସମ୍ମାନ ଦେବା ସହ ବୟସ୍କ ସମୟରେ ସେମାନଙ୍କର ଏକମାତ୍ର ସାହାରା ପାଲଟି ଥାଆନ୍ତି। ମା'–ବାପା ଏବଂ ପିଲାଙ୍କ ଅନାବିଳ ସମ୍ପର୍କକୁ ନେଇ ପ୍ରସ୍ତୁତ ହେଉଛି ଓଡ଼ିଆ ସିନେମା 'ହମ୍ କିସିସେ କମ୍ ନେହିଁ'। କ୍ରିଷ୍ଣା ଫିଲ୍ମସ ବ୍ୟାନରରେ ଏହାର କାହାଣୀ ଏବଂ ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଭାର ସମ୍ଭାଳୁଛନ୍ତି ଟି. ଗଣେଶ। ଏସ. ଚନ୍ଦ୍ରକାନ୍ତ ଗୀତଗଡ଼ିକୁ ସ୍ୱର ଦେଇଛନ୍ତି। ଖାସ୍ କଥା ହେଲା ନବାଗତ ଯୋଡ଼ି ରୋଶନ–ଡିମ୍ପଲ ଏହି ଫିଲ୍ମରୁ ନିଜର ଓଲିଉଡ୍ କ୍ୟାରିୟର ଆରମ୍ଭ କରୁଛନ୍ତି। ଏହି ଯୋଡ଼ି ବ୍ୟତୀତ ଶୁଭ୍ରାଂଶୁ, ସଙ୍ଗୀତା, କରନ୍, ଖୁସି, ସରୋଜ ଦାସ, ଇଲୁ ବାନାର୍ଜୀ ଏବଂ ଆର.କେ.ଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ।

ଓଡ଼ିଆ ସିନେମା


ଡିମ୍ପଲ–ରୋଶନ

## ରିଲିଜ୍ ଅପେକ୍ଷାରେ

# ଶହୀଦ ରଘୁ ସର୍ଦ୍ଦାର

ଆମ ରାଜ୍ୟର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଶହୀଦ ରଘୁ ସର୍ଦ୍ଦାରଙ୍କ ଜୀବନୀଗାଥାକୁ ନେଇ ପ୍ରସ୍ତୁତ ହୋଇଛି ଓଡ଼ିଆ ଚଳଚ୍ଚିତ୍ର 'ଶହୀଦ ରଘୁ ସର୍ଦ୍ଦାର'। ଐତିହାସିକ ପୃଷ୍ଠଭୂମି ଉପରେ ଆଧାରିତ ତଥା ସ୍ମରଣୀୟ କଥାବସ୍ତୁକୁ ଆଧାର କରି ନିର୍ମିତ ଏହି ସିନେମାର ପ୍ରଯୋଜନା କରିଛନ୍ତି ଡା. ବିଶ୍ୱନାଥ ପଟ୍ଟନାୟକ। ଏପରି ଏକ କାହାଣୀକୁ ସଂଳାପର ରୂପ ଦେଇଛନ୍ତି ଆଗଧାଡ଼ିର ସଂଳାପକାର ଡ. ରଜନୀ ରଞ୍ଜନ। ଫିଲ୍ମର ଟାଇଟଲ ଭୂମିକାରେ ଅଭିନୟ କରିଥିବା ଦେବାଶିଷ ପାତ୍ର ଫିଲ୍ମଟିର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି। ଏହି ଫିଲ୍ମରେ ତାଙ୍କ ସହ ନାୟିକା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି କାବ୍ୟା। ଏମାନଙ୍କ ବ୍ୟତୀତ ଜିନା, ଟ୍ୱିଙ୍କିଲ୍, ରୁଦ୍ର, ସନ୍ତୋଷ, ପିଣ୍ଟୁ ନନ୍ଦ, ଅକ୍ଷୟ ବହ୍ରିଆ, ସୁଧାକର ବସନ୍ତ ଏବଂ ରାଜୀବ ମହାନ୍ତି ଅଭିନୟ କରିଛନ୍ତି। ଅରୁଣ ମନ୍ତ୍ରୀ, ବିଜୟ ମଲ୍ଲ ଏବଂ ରଞ୍ଜନ ଦାଶଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବିକାଶ ଶୁକ୍ଲା।

ଅପରପକ୍ଷରେ ଫିଲ୍ମର ସଫଳତାକୁ ନେଇ ବେଶ୍ ଆଶା ରଖିଛନ୍ତି ଏହାର ନିର୍ଦ୍ଦେଶକ ରାଜୀବ ମହାନ୍ତି। ସେ କହନ୍ତି, 'ଫିଲ୍ମଟିର ସବୁ ଦିଗ ପ୍ରତି ଯଥେଷ୍ଟ ଧ୍ୟାନ ଦିଆଯାଇଛି।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ୪ ଫେବୃୟାରୀ, ୨୦୨୧ Sambalpur, Thursday, February 4/2021

# ଭାରତର ୩ ସ୍ପିନର ରଣନୀତି

**ଚେନ୍ନାଇ, ୩।୨**

ଭାରତ-ଇଂଲଣ୍ଡ ପ୍ରଥମ କ୍ରିକେଟ ଟେଷ୍ଟ ସ୍ଥାନୀୟ ଚେପକ୍ ଷ୍ଟାଡିୟମରେ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି। ଚେପକ୍ ପିଚ୍ ସାଧାରଣତଃ ସ୍ପିନରଙ୍କୁ ସୁହାଇଥାଏ। ତେଣୁ ପ୍ରଥମ ଟେଷ୍ଟରେ ଦଳ ୩ ସ୍ପିନରଙ୍କୁ ନେଇ ଖେଳିବା ଶତପ୍ରତିଶତ ସମ୍ଭାବନା ରହିଛି। ଅଷ୍ଟ୍ରେଲିଆରେ ପେସ୍ ବୋଲରଙ୍କ ସଫଳତା ଯୋଗୁ ଭାରତ ଟେଷ୍ଟ ସିରିଜ ଜିତି ଇତିହାସ ରଚିଥିଲା। ମାତ୍ର ଘରୋଇ ପରିବେଶରେ ତାହା କାମ ଦେବା ସମ୍ଭାବନା ନ ଥିବାରୁ ଭାରତ ୩ ସ୍ପିନର ରଣନୀତି ଅବଲମ୍ବନ କରିବା ଏକପ୍ରକାର ନିଶ୍ଚିତ। ଚେପକ୍ ପିଚ୍‌ରେ ସାଧାରଣତଃ ପ୍ରଥମ ଦିବସରେ ବାଉନ୍ସ ମିଳିଥାଏ। ଦ୍ୱିତୀୟ ଓ ତୃତୀୟ ଦିବସ ବ୍ୟାଟିଂ ପାଇଁ ଉପଯୋଗୀ ହେଉଥିବାବେଳେ ପରବର୍ତ୍ତୀ ୨ ଦିନରେ ବଲ୍ ଟର୍ନ କରିଥାଏ। ତେଣୁ ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଓ ରିଷ୍ଟ ସ୍ପିନର କୁଲଦୀପ ଯାଦବ ପ୍ରଥମ ପସନ୍ଦ ରହିବେ। ଅବଶିଷ୍ଟ ୨ ସ୍ପିନର ୱାଶିଂଟନ ସୁନ୍ଦର ଓ ଅକ୍ଷର ପଟେଲଙ୍କ ମଧ୍ୟରୁ ଜଣଙ୍କୁ ଚୟନ କରାଯିବ। ଯଦି ମ୍ୟାନେଜମେଣ୍ଟ ବ୍ୟାଟିଂ ଲାଇନ୍‌ଅପ୍‌କୁ ଦୃଢ଼ କରିବାକୁ ଚାହିଁବ ତେବେ ସୁନ୍ଦର ଆଗରେ ରହିବେ। ମାତ୍ର ନିକଟରେ ଇଂଲଣ୍ଡ ବିପକ୍ଷରେ ଶ୍ରୀଲଙ୍କା ବାମହାତୀ ସ୍ପିନର ଲସିଥ ଏମ୍ବୁଲଡେନିୟା ପ୍ରଭାବୀ ରହିଥିଲେ। ତେଣୁ ଏହାକୁ ବିଚାରକୁ ନେଲେ ଅକ୍ଷର ଆଗକୁ ଆସିଯିବେ। ବାମହାତୀ ସ୍ପିନର ରହିଲେ ବୋଲିଂ ବିଭାଗ ମଧ୍ୟ ଅଧିକ ସନ୍ତୁଳିତ ହୋଇପାରିବ। ଭାରତର ୬ ବ୍ୟାଟ୍ସମ୍ୟାନ ପ୍ରାୟତଃ ଚୂଡ଼ାନ୍ତ ହୋଇ ସାରିଛି। ସେମାନେ ହେଲେ ରୋହିତ ଶର୍ମା, ଶୁବମନ ଗିଲ୍, ଚେତେଶ୍ୱର ପୂଜାରା, ବିରାଟ କୋହଲି, ଅଜିଙ୍କ୍ୟ ରାହାନେ ଓ ରିଷଭ ପନ୍ତ। ହାର୍ଦ୍ଦିକ ପାଣ୍ଡ୍ୟା ଅଭ୍ୟାସ ଆରମ୍ଭ କରିଥିଲେ ହେଁ ତାଙ୍କୁ ଅପେକ୍ଷା କରିବାକୁ ପଡ଼ିବ। ଯଶପ୍ରୀତ ବୁମ୍ରା ପ୍ରଥମ ପସନ୍ଦ ଦ୍ରୁତ ବୋଲର ହୋଇଥିବାବେଳେ ଈଶାନ୍ତ ଶର୍ମା ଓ ମହମ୍ମଦ ସିରାଜଙ୍କ ମଧ୍ୟରୁ ଜଣଙ୍କୁ ବଛାଯିବ।

ଇଂଲଣ୍ଡ ବୋଲିଂ ବିଭାଗ କଥା ବିଚାର କରାଗଲେ ପେସ୍ ବୋଲିଂ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ଖେଳିବା ନିଶ୍ଚିତ। ଜେମ୍ସ ଆଣ୍ଡରସନ ଓ ଜୋଫ୍ରା ଆର୍ଚର ଫାଷ୍ଟ ବୋଲିଂ ଆକ୍ରମଣ ଦାୟିତ୍ୱରେ ରହିବେ ଏବଂ ସ୍ପିନ ଚ୍ୟାଲେଞ୍ଜ ସମ୍ଭାଳିବେ ଅଫ୍ ସ୍ପିନର ଡମ୍ ବେସ୍ ଓ ବାମହାତୀ ଜ୍ୟାକ୍ ଲିଚ୍। ୧୯୩୩ରୁ ୨୦୧୬ ମଧ୍ୟରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଭାରତରେ ୬୦ଟି ଟେଷ୍ଟ ଅନୁଷ୍ଠିତ ହୋଇଛି। ଏଥିରୁ ଭାରତ ୧୯ଟି ଜିତିଥିବାବେଳେ ଇଂଲଣ୍ଡ ୧୩ଟିରେ ବିଜୟୀ ହୋଇଛି। ଅବଶିଷ୍ଟ ୨୮ଟି ମ୍ୟାଚ ଡ୍ର ରହିଛି।

**କୋହଲି ଆଗରେ**

ଭାରତରେ ଟେଷ୍ଟ ଖେଳାଯିବା ଅବସରରେ ଉଭୟ ଦଳ ମଧ୍ୟରେ ସକ୍ରିୟ ଥିବା ଖେଳାଳିଙ୍କ ମଧ୍ୟରୁ ସର୍ବାଧିକ ରନ ସ୍କୋରରଙ୍କ ମଧ୍ୟରେ ଶୀର୍ଷରେ ରହିଛନ୍ତି ଅଧିନାୟକ ବିରାଟ କୋହଲି। ସେ ୯ ଟେଷ୍ଟରୁ ୭୦.୨୫ ଆଭରେଜରେ ୮୪୩ ରନ ସ୍କୋର କରିଛନ୍ତି। ଏହା ମଧ୍ୟରେ ୨ ଶତକ ଓ ୩ ଅର୍ଦ୍ଧଶତକ ସାମିଲ। ଅନ୍ୟ ୪ ବ୍ୟାଟ୍ସମ୍ୟାନ ହେଲେ ଚେତେଶ୍ୱର ପୂଜାରା (୯ ମ୍ୟାଚ, ୬୪.୫୩ ଆଭରେଜରେ ୮୩୯ ରନ, ୪ ଶତକ, ୧ ଅର୍ଦ୍ଧଶତକ), ଜୋ ରୁଟ୍ (୬ ମ୍ୟାଚ, ୫୩.୦୯ ଆଭରେଜରେ ୫୮୪ ରନ, ୧ ଶତକ, ୫ ଅର୍ଦ୍ଧଶତକ), ରବିଚନ୍ଦ୍ରନ ଅଶ୍ୱିନ (୯ ମ୍ୟାଚ, ୪୯.୦୯ ଆଭରେଜରେ ୫୪୯ ରନ, ୬ ଅର୍ଦ୍ଧଶତକ) ଏବଂ ମୋଇନ ଅଲୀ (୫ ମ୍ୟାଚ, ୪୨.୩୩ ଆଭରେଜରେ ୩୮୧ ରନ, ୨ ଶତକ, ୧ ଅର୍ଦ୍ଧଶତକ)।


ରବିଚନ୍ଦ୍ରନ ଅଶ୍ୱିନ


କୁଲଦୀପ ଯାଦବ


ୱାଶିଂଟନ ସୁନ୍ଦର


ଅକ୍ଷର ପଟେଲ

# ଗେରାଲ୍ଡ ପେଟୋନ ଓଡ଼ିଶା ଏଫ୍‌ସି ଅନ୍ତରୀଣ କୋଚ୍

**ଭୁବନେଶ୍ୱର,୩।୨**


ଗେରାଲ୍ଡ ପେଟୋନ

ସହକାରୀ କୋଚ୍ ଗେରାଲ୍ଡ ପେଟୋନଙ୍କୁ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍) ଦଳ ଓଡ଼ିଶା ଏଫ୍‌ସି ଅନ୍ତରୀଣ ହେଡ୍ କୋଚ୍ ଭାବେ ନିଯୁକ୍ତ କରିଛି। ଆଇଏସ୍ଏଲ୍‌ର ଚଳିତ ସପ୍ତମ ସଂସ୍କରଣରେ ସେ ବାକି ଥିବା ମ୍ୟାଚ୍‌ଗୁଡିକର ଦାୟିତ୍ୱ ନେବେ। ଓଡ଼ିଶା ଏଫ୍‌ସି ଲିଗ୍‌ରେ ଆଉ ୬ଟି ମ୍ୟାଚ୍ ଖେଳିବ। ଆଗକୁ ଦଳକୁ ଜିତାଇବାକୁ ଚେଷ୍ଟା କରିବି। ଏହି ଗୁରୁଦାୟିତ୍ୱ ନେବାକୁ ରାଜି ଅଛି। ଯୁବ ଖେଳାଳିଙ୍କୁ ନେଇ ଆମେ ଅଧିକ ଭଲ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବୁ ବୋଲି ପେଟୋନ କହିଛନ୍ତି।

ଗେରି ପେଟୋନ ନାମରେ ଜଣାଥିବା ଏହି ୬୪ ବର୍ଷୀୟ କୋଚ୍ ଆୟର୍ଲାଣ୍ଡ ତରଫରୁ ପୂର୍ବରୁ ୩୩ଟି ମ୍ୟାଚ୍ ଖେଳିଛନ୍ତି। କୋଚ୍ ଭାବେ ମଧ୍ୟ ସେ ବିଭିନ୍ନ କ୍ଲବ ତରଫରୁ କାର୍ଯ୍ୟକରି ବେଶ୍ ସଫଳ ପାଇଛନ୍ତି। ଆଗାମୀ ମ୍ୟାଚ୍‌ଗୁଡିକରେ ସେ ଦଳ ପାଇଁ ଉପଯୋଗୀ ସାବ୍ୟସ୍ତ ହେବେ ବୋଲି ଆଶା କରାଯାଉଛି। ଉଲ୍ଲେଖଥାଉ କି, ରେଫରିଙ୍କ ନିଷ୍ପତ୍ତିରେ ବିବାଦୀୟ ମନ୍ତବ୍ୟ ଦେଇଥିବାରୁ କୋଚ ଷ୍ଟୁଆର୍ଟ ବକ୍ସଟରଙ୍କୁ ବହିଷ୍କାର କରାଯାଇଥିଲା।

# ଆଇଏସ୍ଏଲ୍: ମୁମ୍ବାଇ ସିଟି ବିଜୟୀ

**ବାମ୍ବୋଲିମ,୩।୨:** ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ରେ ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ମୁମ୍ବାଇ ସିଟି ଏଫ୍‌ସି ୨-୧ ଗୋଲରେ କେରଳ ବ୍ଲାଷ୍ଟରଙ୍କୁ ପରାସ୍ତ କରିଛି। ସ୍ଥାନୀୟ ଜିଏମ୍‌ସି ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ର ୨୭ତମ ମିନିଟ୍‌ରେ କେରଳ ତରଫରୁ ଭିସେଣ୍ଟ ଗୋମେଜ ପ୍ରଥମ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରାଇଥିଲେ। ଏହାପରେ ମୁମ୍ବାଇ ପ୍ରତ୍ୟାବର୍ତ୍ତନ କରି ଦୁଇଟି ଗୋଲ ସ୍କୋର କରି ମ୍ୟାଚ୍ ହାତେଇ ନେଇଥିଲା। ମୁମ୍ବାଇ ତରଫରୁ ୪୬ତମ ମିନିଟରେ ବିପିନ ସିଂ ଗୋଲ ଦେଇ ମ୍ୟାଚ୍‌କୁ ୧-୧ ସମାନ ସ୍ତରକୁ ଆଣିଥିଲେ। ତେବେ ୬୭ତମ ମିନିଟ୍‌ରେ ଆଡାମ ଲେ ଫୋଣ୍ଡ୍ରେ ପେନାଲ୍ଟି ଜରିଆରେ ଗୋଲ ଦେଇ ମୁମ୍ବାଇକୁ ଅଗ୍ରଣୀ କରାଇଥିଲେ। ମୁମ୍ବାଇ ପ୍ରଭାବ ବିସ୍ତାର କରି ଖେଳିଥିଲା। ବଲ୍ ପଜେଶନ, ପାସ୍ ଓ ପାସ ଆକ୍ୟୁରେସିରେ ମୁମ୍ବାଇ ଆଗରେ ରହିଥିଲା।


ଜାତୀୟ ଉଷୁ ପାଇଁ ମନୋନୀତ ଓଡ଼ିଶା ଦଳର ଖେଳାଳିମାନେ କର୍ମକର୍ତ୍ତାଙ୍କ ସହ।




## ଇଂଲଣ୍ଡ ଦଳରେ ଓଲି ପୋପ୍

**ଚେନ୍ନାଇ, ୩।୨(ପି.ଟି.)**

ଭାରତ ଓ ଇଂଲଣ୍ଡ ମଧ୍ୟରେ ଆଗାମୀ ସିରିଜର ପ୍ରଥମ ଟେଷ୍ଟ ଚଳିତ ମାସ ୫ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ ଓଲି ପୋପ୍ ଇଂଲଣ୍ଡ ଦଳରେ ସାମିଲ ହୋଇଛନ୍ତି। କ୍ୱାରାଣ୍ଟାଇନ୍ ଅବଧି ଶେଷ ହୋଇଥିବାରୁ ସେ ବୁଧବାର ଦଳର ଟ୍ରେନିଂ ସେସନରେ ଯୋଗ ଦେଇଛନ୍ତି। ଗତ ଅଗଷ୍ଟରେ ପାକିସ୍ତାନ ବିପକ୍ଷ ଅନ୍ତିମ ଟେଷ୍ଟରେ ଫିଲ୍ଡିଂ ଅବସରରେ ୨୩ ବର୍ଷୀୟ ପୋପ୍‌ଙ୍କର କାନ୍ଧ ଖସିଥିଲା। ଦ୍ୱିତୀୟ ଥର ପାଇଁ ତାଙ୍କ କାନ୍ଧରେ ଏହି ସମସ୍ୟା ଦେଖା ଦେଇଥିଲା। ଅସ୍ତ୍ରୋପଚାର ପରେ ସେ ଏବେ ଫିଟ୍ ଅଛନ୍ତି।

# ଜାତୀୟ ଉଷୁ ପାଇଁ ଓଡ଼ିଶା ଦଳ ଚୟନ

**ଭୁବନେଶ୍ୱର, ୩।୨(କ୍ରୀଡ଼ା ପ୍ରତିନିଧି)**

ଭାରତୀୟ ଉଷୁ ସଂଘ ଆନୁକୂଲ୍ୟରେ ୨୯ତମ ଜାତୀୟ ସିନିୟର ଉଷୁ ପ୍ରତିଯୋଗିତା ମୋହାଲିଠାରେ ଚଳିତ ମାସ ୨୩ରୁ ମାର୍ଚ୍ଚ ୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶା ଦଳ ମନୋନୟନ ନିମନ୍ତେ ବୁଧବାର ସ୍ଥାନୀୟ ପୁମାସ ଇଣ୍ଟରନ୍ୟାଶନାଲ ସାମରିକ କଳା ପରିସରରେ ରାଜ୍ୟସ୍ତରୀୟ ଚୟନ ଟ୍ରାଏଲ (ମହିଳା ଓ ପୁରୁଷ) ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ଉଷୁ ସଂଘ ଦ୍ୱାରା ଆୟୋଜିତ ଏହି ଟ୍ରାଏଲରେ ଓଡ଼ିଶାର ବିଭିନ୍ନ ଜିଲାରୁ ୨୦ ମହିଳା, ୩୫ ପୁରୁଷ ଏବଂ ୮ ଅଫିସିଆଲ ଭାଗ ନେଇଥିଲେ। ଅନ୍ତର୍ଜାତୀୟ ଉଷୁ ବିଚାରକ ପ୍ରଦ୍ୟୁମ୍ନ ବେହେରାଙ୍କ ତତ୍ତ୍ୱାବଧାନରେ ଏହି ଟ୍ରାଏଲ ଅନୁଷ୍ଠିତ ହୋଇଥିଲା। ପ୍ରସାଦ କୁମାର ନାୟକ, ପଙ୍କଜ ମହନ୍ତ, ନବୀନ ସିଂ, ମନୋଜ ଶୁକ୍ଳା, ଶୁଭେନ୍ଦୁ ସାମନ୍ତରାୟ, ସୁଜନ ରଥ, ପୃଥ୍ୱୀରାଜ ହରିଚନ୍ଦନ, ବିଭୂତି ଭୂଷଣ ବେହେରା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

**ଓଡ଼ିଶା ଦଳ**

ମହିଳା: ମଞ୍ଜୁ ମୁଣ୍ଡା (୪୫ କେଜି), ତାନ୍ୟା ଶ୍ରୀବାସ୍ତବ (୪୮ କେଜି), ଶୁଭସ୍ମିତା ଦଳାଇ (୫୨ କେଜି), ଅର୍ଚ୍ଚନା ପାତ୍ର (୫୬ କେଜି) ଓ ସପ୍ନା ପାଣ୍ଡେ (୭୫ କେଜି)।

ପୁରୁଷ: ସୁମନ୍ତ ସାଣ୍ଡିଲ (୪୮ କେଜି), ରମେଶ ମୁଣ୍ଡା (୫୨ କେଜି), ମନରାମ ତମନା (୫୬ କେଜି), ଦେବାଶିଷ ସାମନ୍ତରାୟ (୬୦ କେଜି), ସ୍ୱସ୍ତିକ ମହନ୍ତ (୬୫ କେଜି), ସନ୍ତୋଷ ଥାପ୍ପା (୭୦ କେଜି), ସ୍ଥିତପ୍ରଜ୍ଞ ମହାନ୍ତି (୭୫ କେଜି), ସୋମନାଥ ଦଳାଇ (୮୦ କେଜି), ପ୍ରଭୁ ପ୍ରସାଦ ସାହୁ (୯୦ କେଜି)।

ତାଓଲୁ: ପଲ୍ଲବୀ ସାମଲ, ଦିବ୍ୟ ମୋହନ ପ୍ରଧାନ।

କୋଚ୍: ପଙ୍କଜ ମହନ୍ତ, ସୁଜନ କୁମାର ରଥ।

ମ୍ୟାନେଜର: ପ୍ରସାଦ ନାୟକ, ନବୀନ ସିଂ।

# ଫାଇନାଲରେ ପ୍ରଗତି ସ୍ପୋର୍ଟିଂ

**ନିମାପଡ଼ା,୩।୨(ଡି.ଏନ୍.ଏ.)**

ନିମାପଡ଼ା କ୍ରିକେଟ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ବାରବାଟୀ ମିନି ଷ୍ଟାଡିୟମରେ ଆୟୋଜିତ ରାଜ୍ୟସ୍ତରୀୟ ଦ୍ୱାଦଶ ନିମାପଡ଼ା କପ କ୍ରିକେଟ ପ୍ରତିଯୋଗିତାରେ ବୁଧବାର ଆୟୋଜିତ ପ୍ରଥମ ସେମିଫାଇନାଲରେ ଜାଗୃତି ସ୍ପୋର୍ଟିଂକୁ ହରାଇ ପ୍ରଗତି ସ୍ପୋର୍ଟିଂ ଫାଇନାଲରେ ପ୍ରବେଶ କରିଛି। ଟସ ଜିତି ପ୍ରଥମେ ଜାଗୃତି ସ୍ପୋର୍ଟି ବ୍ୟାଟିଂ କରି ୨୩ ଓଭରରେ ସମସ୍ତ ଉଇକେଟ ହରାଇ ୧୨୩ ରନ ସଂଗ୍ରହ କରିଥିଲେ। ଏଥିରେ ପ୍ରଗତି ସ୍ପୋର୍ଟିଂର ବୋଲର ନିରଞ୍ଜନ ବେହେରା ସର୍ବାଧିକ ୪ଟି, ସୌମ୍ୟ ସୌରଭ କୁମାର ୩ଟି ଉଇକେଟ ନେଇଥିଲେ। ଜବାବରେ ପ୍ରଗତି ସ୍ପୋର୍ଟିଂ ବ୍ୟାଟିଂ କରି ୨୩ଓଭରରେ ୪ ଉଇକେଟ ହରାଇ ଆବଶ୍ୟକ ରନ କରି ବିଜୟୀ ହୋଇଥିଲେ। ଦଳ ପକ୍ଷରୁ ଅଙ୍କିତ ଅର୍ଣ୍ଣବ ସର୍ବାଧିକ ୬୦ରନ, ଶୁଭମ କୁମାର ୨୮ରନ ସଂଗ୍ରହ କରିଥିଲେ। ଅତିଥି ଭାବେ ଏଚଡିଏଫସି ବ୍ୟାଙ୍କର ଶାଖା ପରିଚାଳକ ମ୍ରିନାଲ ସିଂ ଯୋଗଦେଇ ବିଜୟୀ ଦଳର ଅଙ୍କିତ ଅର୍ଣ୍ଣବଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରି ସ୍ୱତନ୍ତ୍ର ଭାବେ ପୁରସ୍କୃତ କରିଥିଲେ। ସତ୍ୟନ୍ଦ୍ର ମୋହନ ମହନ୍ତି ଅମ୍ପାୟର ଥିବାବେଳେ ଅୟଶକାନ୍ତ ମିଶ୍ର ମ୍ୟାଚ ପରିଚାଳନା କରିଥିଲେ।


ଅଙ୍କିତ ଅର୍ଣ୍ଣବଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

## ଫୋଲର ୪ ମ୍ୟାଚ୍‌ରୁ ବାସନ୍ଦ

**କୋଲକାତା,୩।୨(ପି.ଟି.)**

ଇଷ୍ଟ ବେଙ୍ଗଲ ଫୁଟ୍‌ବଲ କ୍ଲବର ହାଇପ୍ରୋଫାଇଲ କୋଚ୍ ରୋବି ଫୋଲର ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ରେ ଭାରତୀୟ ରେଫରିଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇ ୪ଟି ମ୍ୟାଚ୍‌ରୁ ବାସନ୍ଦ ହୋଇଛନ୍ତି। ଏଥିସହ ତାଙ୍କ ଉପରେ ୫ ଲକ୍ଷ ଟଙ୍କାର ଜରିମାନା ଧାର୍ଯ୍ୟ କରାଯାଇଛି। ତେବେ ମୋ ମନ୍ତବ୍ୟରେ କୌଣସି ବର୍ଣ୍ଣବୈଷମ୍ୟ ଆକ୍ଷେପ ନ ଥିଲା ବୋଲି ଫୋଲର ସ୍ପଷ୍ଟ କରିଛନ୍ତି। ରେଫରିଙ୍କ ନିଷ୍ପତ୍ତିରେ ସେ ଅସନ୍ତୋଷ ଜାହିର କରିଥିଲେ।




# ଦାୟିତ୍ୱ ନେବାକୁ ପ୍ରସ୍ତୁତ ଭାରତୀୟ କୋଚ୍

**ବାଇଚୁଙ୍ଗ ଭୂଟିଆ**

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ର ଦୁଇ ଜଣ କୋଚ୍‌ଙ୍କ ବିଷୟରେ ଚର୍ଚ୍ଚା ଚାଲିଛି। କୋଚ୍ ଗେରାର୍ଡ ନୁସଙ୍କଠାରୁ ନର୍ଥ ଇଷ୍ଟ ଅଲଗା ହେବା ପରେ ଖାଲିଦ ଜାମିଲଙ୍କ ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି ହୋଇଛି ଓ ସେ ଏହି ଦଳରେ ନୂଆ ଉତ୍ସାହ ଆଣିଦେଇଛନ୍ତି। ଖାଲିଦଙ୍କ ତତ୍ତ୍ୱାବଧାନରେ ନର୍ଥ ଇଷ୍ଟ କ୍ରମାଗତ ୩ଟି ବିଜୟ ହାସଲ କରିଛି। ଏଥିମଧ୍ୟରୁ ଦୁଇ ଶ୍ରେଷ୍ଠ ଦଳ ଏଟିକେ ମୋହନ ବାଗାନ ଓ ମୁମ୍ବାଇ ସିଟି ଏଫ୍‌ସି ବିପକ୍ଷରେ ଦୁଇଟି ବିଜୟ ହାସଲ କରିଛି।

ଖାଲିଦ ଦଳର ସମ୍ପୂର୍ଣ୍ଣ ସଂରଚନାକୁ ବଦଳାଇବାକୁ ଆଦୌ ପ୍ରୟାସ ନ କରି ବେସିକ୍ସ ଅର୍ଥାତ ମୌଳିକ ମୂଲ୍ୟ ଉପରେ କାର୍ଯ୍ୟ କରିଥିଲେ। ଏହାର ସୁଫଳ ମଧ୍ୟ ମିଳିଛି। ଏବେ ଖେଳାଳିମାନେ ବେଶ୍ ଖୁସି ଓ ହାଲୁକା ଅନୁଭବ କରୁଛନ୍ତି ଏବଂ ହୃଦୟ ଦେଇ ଖେଳୁଛନ୍ତି। ପଡିଆରେ ସେମାନେ ଖେଳକୁ ମଧ୍ୟ ଉପଭୋଗ କରୁଛନ୍ତି। ଭାରତୀୟ କୋଚ୍‌ମାନେ ଆଇଏସ୍ଏଲ୍‌ରେ ଦାୟିତ୍ୱ ନେବାକୁ ଏବେ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ଏଥିରୁ ସ୍ପଷ୍ଟ ହୋଇଛି। ଏବେ ଅନ୍ୟ ଦୁଇଟି କ୍ଲବ ସେମାନଙ୍କ ହାଇପ୍ରୋଫାଇଲ ବିଦେଶୀ କୋଚ୍‌ଙ୍କଠାରୁ ଅଲଗା ହୋଇଛନ୍ତି।

ନର୍ଥଇଷ୍ଟ ମିଡ୍‌ଫିଲ୍ଡର ଲାଲେଙ୍ଗମାୱିଆଙ୍କ ପ୍ରଦର୍ଶନରେ ବେଶ୍ ପ୍ରଭାବିତ ହୋଇଛି। ପ୍ରଥମଦିନରୁ ସେ ଯେତେବେଳେ ୧୬ ବର୍ଷରୁ କମ୍ ଦଳରେ ସାମିଲ ହୋଇ ଏଏଫ୍‌ସି ୧୬ ବର୍ଷରୁ କମ୍ ଫାଇନାଲ୍ସ ଓ ବ୍ରିକ୍ସ ଇଭେଣ୍ଟରେ ଖେଳୁଥିଲେ ତାଙ୍କୁ ଦେଖିଆସିଛି। ଫିଫା ୧୭ ବର୍ଷରୁ କମ୍ ବିଶ୍ୱକପ୍‌ରେ ତାଙ୍କୁ ଅଧିକ ସୁଯୋଗ ନ ମିଳିବା ଦୁର୍ଭାଗ୍ୟଜନକ। ସେ ଜଣେ ଯୁବ ଖେଳାଳି ଓ ମାନସିକ ଭାବେ ବେଶ୍ ପରିପକ୍ୱ। ଚାପରେ ଓ ପ୍ରତିକୂଳ ପରିସ୍ଥିତିରେ ସେ ଶାନ୍ତ ଓ ନିୟନ୍ତ୍ରଣରେ ରହିଥାନ୍ତି। ମୋ ମତରେ ସେ ୨୦୨୦-୨୧ ସଂସ୍କରଣରେ ସବୁଠାରୁ ବଡ଼ ଆବିଷ୍କାର।

ଅପରପକ୍ଷରେ ଏଫ୍‌ସି ଗୋଆ ଚଳିତ ସଂସ୍କରଣର ଗତ ୭ଟି ମ୍ୟାଚ୍‌ରେ ଅପରାଜେୟ ରହିଛି। ଏହା ସତ୍ତ୍ୱେ ଦଳ ରିଦିମ୍‌କୁ ଫେରିନାହିଁ। ଦଳରେ ଧୀରଜ ସିଂ ସାମିଲ ହୋଇଛନ୍ତି। ଏସ୍ ଇଷ୍ଟ ବେଙ୍ଗଲ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ଏହି ଯୁବ ଖେଳାଳି ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ୧୭ ବର୍ଷରୁ କମ ବିଶ୍ୱକପ୍‌ରେ ଅନ୍ୟତମ ପ୍ରତିଭାସମ୍ପନ୍ନ ଖେଳାଳି ଭାବେ ସେ ଉଭା ହୋଇଥିଲେ। କିନ୍ତୁ ଏହା ପରେ ତାଙ୍କୁ ଅଧିକ ସୁଯୋଗ ମିଳିନାହିଁ ଓ ଏହା ନିଶ୍ଚିତ ଭାବେ ଦୁର୍ଭାଗ୍ୟଜନକ। ତାଙ୍କର ଆଉଟିଂରେ ଷ୍ଟ୍ରଙ୍ଗ ପଏଣ୍ଟ ରହିଆସିଛି। ଏବେଠାରୁ ସେ ଅଧିକ ଭଲ ପ୍ରଦର୍ଶନ କରିବେ।

ଉଭୟ ଦଳ ୧୪ଟି ମ୍ୟାଚ୍‌ରୁ ୨୧ ପଏଣ୍ଟ ହାସଲ କରିଛନ୍ତି। ଆଉ ଗୋଟିଏ ବିଜୟ ହାସଲ କଲେ ଦୁଇ ଦଳ ସେମିଫାଇନାଲ ଦୌଡ଼ରେ ସେମାନଙ୍କ ଉପସ୍ଥିତିକୁ ଆହୁରି ଦୃଢ଼ କରିବେ। (ଗେମ୍ ପ୍ଲାନ)






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ସିଦ୍ଧେଶ୍ୱର ମନ୍ଦିର ମୁଖ୍ୟ ଦ୍ୱାର ନିର୍ମାଣର ଶିଳାନ୍ୟାସ

**ତରବୋଡ/ନୂଆପଡା ଅଫିସ,(ଡି.ଏନ.ଏ.):** ନୂଆପଡା ଜିଲା କୋମନା ବ୍ଲକ ଠିକପାଲି ପଞ୍ଚାୟତ ଶୁକ୍ଲିମୁଣ୍ଡି ଗାଁର ବହୁ ପୁରାତନ ସିଦ୍ଧେଶ୍ୱର ମନ୍ଦିରର ମୁଖ୍ୟ ଦ୍ୱାର ନିର୍ମାଣ ପାଇଁ ଅନୁଦାନକାରୀ ଶଙ୍କର ଅଗ୍ରୱାଲ ଓ ଗୋପମଣୀ ପାଣିଗ୍ରାହୀ (ବୁଲୁ)ଙ୍କ ଦ୍ୱାରା ଶିଳାନ୍ୟାସ ଉଦ୍ଘାଟିତ ହୋଇଯାଇଛି। ଯେଉଁଠାରେ ସରକାରୀ ଅନୁଦାନ ସାତ ସପନ, ସେଠାରେ ସାମାଜିକ କର୍ମୀ ଦ୍ୱାରା ଅନୁଦାନ ମିଳିଥିବାରୁ ତାଙ୍କୁ ଗ୍ରାମବାସୀ ସଂର୍କିତନ ଦଳ ଦ୍ୱାରା ଭବ୍ୟ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ଶବର ସମାଜର ସଭାପତି ସାର୍ତ୍ତିକ ଶବର, ପୂଜକ ରଣଜିତ ବାରିକ, ଉଦ୍ଧବ ଶବର, ଖେମ୍ ଦାସ, ତରୁଣ ଦାସ, କୁଞ୍ଜ ବିହାରୀ ଶବର, ପୁଷ୍କର ଶବର, ଓମଙ୍କାର ମାଝି, ଭୁବନେଶ୍ୱର ଶବର ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

### ଆଜିର କାର୍ଯ୍ୟକ୍ରମ

ବରଗଡ଼

■ ଭାଗବତ କଥା ପ୍ରବଚନ, କନ୍ଧାଡଙ୍ଗର, ଝାରବନ୍ଧ, ଅପରାହ୍ନ ୨ଟା

### ସଂକ୍ଷେପରେ

## ନାବାଳିକାଙ୍କୁ ଅପହରଣ, ବଳାତ୍କାର: ଯୁବକ ଗିରଫ

**ତରବୋଡ/ନୂଆପଡା ଅଫିସ, ୩।୨ (ଡି.ଏନ.ଏ.):** ନୂଆପଡା ଜିଲା ଲଖନା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରି ବଳାତ୍କାର କରିଥିବା ଅଭିଯୋଗରେ ପୋଲିସ ଏହି ଥାନା ମୁରଲିବାହାଲି ଗାଁର ବ୍ରିଜଲାଲ ନିଆଲ(୨୩)ଙ୍କୁ ଗିରଫ କରିଛି। ଗତ ୨୬ ତାରିଖ ଅପରାହ୍ନରେ ଲଖନା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବ୍ରିଜଲାଲ ଅପହରଣ କରି ଛତିଶଗଡର ରାୟପୁର ସହରକୁ ନେଇଯାଇଥିଲେ। ଏ ନେଇ ଲଖନା ଥାନାରେ ନାବାଳିକାଙ୍କ ବାପା ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ମଙ୍ଗଳବାର ବ୍ରିଜଲାଲ ନାବାଳିକାଙ୍କୁ ମୁରଲିବାହାଲି ଗାଁକୁ ଆଣିଥିଲେ। କୌଣସି ସୂତ୍ରରୁ ପୋଲିସ ଖବର ପାଇ ଗାଁରେ ଚଢାଉ କରି ନାବାଳିକାଙ୍କୁ ଉଦ୍ଧାର କରିଥିବା ବେଳେ ବ୍ରିଜଲାଲ ଫେରାର ହୋଇଥିଲେ। ବୁଧବାର ସକାଳେ ଲଖନା ପୋଲିସ ବ୍ରିଜଲାଲଙ୍କୁ ଗିରଫ କରିଥିଲା। ପୋଲିସ ଲଖନା ଥାନାରେ ପୋକ୍ସ ଆକ୍ଟରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଉଭୟଙ୍କ ଡାକ୍ତରୀ ମାଇନା କରି ଅପହରଣକାରୀ ଯୁବକଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଲଖନା ଥାନା ଆଇଆଇସି ତପନ ଦାସ ସୂଚନା ଦେଇଛନ୍ତି।

## ନିଆଁରେ ପୋଡ଼ି ୩ ବୃଦ୍ଧାବୃଦ୍ଧ ଗୁରୁତର

**ତରବୋଡ/ନୂଆପଡା ଅଫିସ, ୩।୨ (ଡି.ଏନ.ଏ.):** ନୂଆପଡ଼ା ଜିଲାରେ ନିଆଁରେ ପୋଡ଼ି ୩ଜଣ ବୃଦ୍ଧାବୃଦ୍ଧ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଗୋପି ଶବର (୬୫), ସୁପେ ତାଣ୍ଡି (୭୦) ଓ ଚଞ୍ଚଳା ଠେଲା (୭୦) । କୋମନା ବ୍ଲକ କାଣ୍ଡେତରା ପଞ୍ଚାୟତ ମହୁଲଭଟା ଗାଁର ଗୋପି ମଙ୍ଗଳବାର ରାତିରେ ଘରେ ଖାଇସାରି ଶୋଇବା ବେଳେ ନିଆଁ ହାଣ୍ଡିକୁ ଖଟ ପାଖରେ ରଖିଥିଲେ। ରାତିରେ ଖଟରୁ ନିଆଁରେ ପଡିଯିବାରୁ ତାଙ୍କ ଶରୀରର ୮୦ ଭାଗ ପୋଡିଯାଇଛି। ଗୋପିଙ୍କ ପରିବାର ଦାଦନ ଯାଇଥିବାରୁ ତାଙ୍କ ସମ୍ପର୍କୀୟ ଭାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ସେହିପରି ବୋଡେନ ଥାନା ଭଇଁଷାଦନୀ ପଞ୍ଚାୟତ ଧୋବେଇ ଗାଁର ସୁପେ ଶୀତରୁ ରକ୍ଷା ପାଇବା ପାଇଁ ନିଆଁ ଜଳାଇ ସନ୍ଧ୍ୟାରେ ତାପୁଥିବା ବେଳେ ନିଆଁରେ ପଡି ଶରୀରର ଅଧା ଅଂଶ ପୋଡିଯାଇଛି। ଖଡିଆଳ ଥାନା ସରଧାପୁର ପଞ୍ଚାୟତ ଅଚଳପୁର ଗାଁର ଚଞ୍ଚଳା ରାତିରେ ଖାଇସାରି ଶୋଇବା ପାଇଁ ଡିବରି (ଚିମନୀ)ଧରି ଯାଉଥିଲେ । ଏହି ସମୟରେ ଡିବରି ଦେହରେ ପଡି କିରୋସିନ ଢାଳି ନିଆଁ ଲାଗି ପୋଡିଯାଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

## ଇ- ବୁକ ଏକ୍ସପ୍ଲୋର ଉନ୍ମୋଚିତ

**ଧର୍ମଗଡ, ୩।୨ (ଡି.ଏନ.ଏ.):** କଳାହାଣ୍ଡିର ତିନି ଯୁବ ପ୍ରତିଭା ସତ୍ୟ ସିଦ୍ଧାର୍ଥ ପଣ୍ଡା, ପଞ୍ଚାନନ ଦୁରିଆ ଓ ଲିଙ୍ଗରାଜ ପ୍ରଧାନଙ୍କ ଦାରା ସମ୍ପାଦିତ ଇ ପୁସ୍ତକ ଏକ୍ସପ୍ଲୋରରର ଜାତୀୟସ୍ତରରେ ଅନଲାଇନ ଉନ୍ମୋଚିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଡା ମହେନ୍ଦ୍ର ମିଶ୍ର ରାଷ୍ଟ୍ରୀୟ ଉପଦେଷ୍ଟା ବୁହୁଭାଷି ଶିକ୍ଷା ନୂଆଦିଲ୍ଲୀ, ମୁଖ୍ୟବକ୍ତା ପ୍ରୋ ଡ଼ା ରାଜଗୋପାଲ ଇ ଏଫ ଏଲୟୁ ହାଇଦ୍ରାବାଦ, ମୁଖ୍ୟ ସଂରକ୍ଷକ ଭାବେ ଡ଼ା ଅଭିଳାଷ ନାୟକ ଆର୍ଡିଇଗୁ କ୍ଷତ୍ରିୟ କେନ୍ଦ୍ର ପାଟଣା, ସମ୍ମାନିତ ଅତିଥି ଭାବେ ଡ଼ା ଅରୁଣ ବେହେରା ସହ ଇଂଲିଶ ପ୍ରାଧ୍ୟାପକ ଏସଏସଏସଆଇ ଏଚଏଲ ବାଙ୍ଗାଲୋର, ପ୍ରୋ ଆନନ୍ଦ ମହାନନ୍ଦ ସାମଗ୍ରୀ ବିକାଶ ପରୀକ୍ଷଣ ଓ ମୂଲ୍ୟାଙ୍କନ ବିଭାଗ ପ୍ରମୁଖ ହାଇଦ୍ରାବାଦ, ରାଜେଶ ବୋଲନ ଦ ଦନ ପ୍ରକାଶନ ସଂସ୍ଥାପକ ଏବଂ ସମ୍ପାଦକ, ସୁମନ ପାଠକ ଜୈନ ବିଶ୍ୱବିଦ୍ୟାଳୟ, ତଥା ଅନ୍ୟ ଗଣମାନ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଛାତ୍ର, ବୃତ୍ତିଗତ, ଶିକ୍ଷକ, ମାତା ପିତାମାନଙ୍କ ଲାଭ ପାଇଁ ଏହି ପୁସ୍ତକକୁ ଅନ୍ୟ ଭାରତୀୟ ଭାଷାରେ ଅନୁବାଦ କରିବା ନିମନ୍ତେ ସମସ୍ତ ଆମନ୍ତ୍ରିତ ଅତିଥିମାନେ ପ୍ରସ୍ତାବ ଦେଇଥିଲେ।

# ୧୩୭ ବର୍ଷ ପୁରୁଣା ସ୍କୁଲରେ ପଡ଼ିଲା ତାଲା

**ଚାରବାହାଲ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ**

■ ୪୦ରୁ କମ୍ ଉପସ୍ଥାନ

■ ନିକଟସ୍ଥ ସ୍କୁଲକୁ ସ୍ଥାନାନ୍ତର ହେବେ ଛାତ୍ରୀଛାତ୍ର

■ ୧୮୮୪ରେ ସ୍ଥାପିତ ହୋଇଥିଲା

**ଜୁନାଗଡ, ୩।୨ (ଡି.ଏନ.ଏ.)**



ଚାରବାହାଲ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ।

କଳାହାଣ୍ଡି ଜିଲାକୁ ଭୋକର ଭୁଗୋଳ ତଥା ପଛୁଆ ଜିଲା ଭାବେ ବିବେଚିତ କରାଯାଏ। ଏପରିକି ଏହି ଜିଲାର ଶିକ୍ଷା ହାର ୫୯.୨୨ ପ୍ରତିଶତ। ସ୍ୱାଧୀନତା ପୂର୍ବରୁ ଜିଲାରେ କେତେ ହାତଗଣତି ବିଦ୍ୟାଳୟ ଥିବା ବେଳେ ଜୁନାଗଡ ବ୍ଲକ ଚାରବାହାଲସ୍ଥିତ ବିଦ୍ୟାଳୟ ଅନ୍ୟତମ। ସ୍ଥାନୀୟ ଅଞ୍ଚଳରେ କୌଣସି ବିଦ୍ୟାଳୟ ନ ଥିବାରୁ ଗ୍ରାମର ବୁଦ୍ଧିଜୀବୀ ଓ ଶିକ୍ଷାବିତମାନଙ୍କ ଉଦ୍ୟମରେ ୧୮୮୪ ଏପ୍ରିଲ ୧ରେ ଏହି ବିଦ୍ୟାଳୟ ସ୍ଥାପନ କରାଯାଇଥିଲା। ଏଠାରୁ ଶିକ୍ଷା ଗ୍ରହଣ କରି ଚାରବାହାଲ ଗ୍ରାମ ତଥା ଆଖପାଖ ଗ୍ରାମର ବହୁ ଛାତ୍ରୀଛାତ୍ର ଏବେ ଓଡ଼ିଶା ପ୍ରଶାସନିକ ସେବା, ପୋଲିସ ସେବା ତଥା ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ଉଚ୍ଚ ପଦପଦବୀରେ କାର୍ଯ୍ୟ କରୁଛନ୍ତି। ଏପରିକି ବିଦେଶରେ ମଧ୍ୟ ଏହି ବିଦ୍ୟାଳୟ ଛାତ୍ରୀଛାତ୍ର ଅବସ୍ଥାପିତ। ଶିକ୍ଷା ବିଭାଗ ପକ୍ଷରୁ କମ ଉପସ୍ଥାନ ଦର୍ଶାଇ ଏହି ସ୍କୁଲକୁ ବନ୍ଦ କରାଯାଇଛି। ଯାହାକୁ ସ୍ଥାନୀୟ ଗ୍ରାମବାସୀଙ୍କ ସମେତ ଅଞ୍ଚଳର ବୁଦ୍ଧିଜୀବୀ, ଶିକ୍ଷାବିତ ଓ ବିଦ୍ୟାଳୟ ପୁରାତନ ଛାତ୍ରୀଛାତ୍ରମାନେ ବିରୋଧ କରିଛନ୍ତି। ଗୋଟିଏ ପଟେ ବିଦ୍ୟାଳୟକୁ ପୋଷ୍ୟ ଭାବେ ଗ୍ରହଣ କରି ଉନ୍ନତ ଭିତ୍ତିଭୂମୀ କରିବାକୁ ରାଜ୍ୟ ସରକାର ପ୍ରୋତ୍ସାହନ ଦେଉଥିବା ବେଳେ କଳାହାଣ୍ଡି ଜିଲାର ଗୋଟିଏ ଶତାୟୁ ଶିକ୍ଷା ଅନୁଷ୍ଠାନ ବନ୍ଦ ହୋଇଯିବା ଶିକ୍ଷା ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି ଅଭିଯୋଗ କରିଛନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଏହି ବିଦ୍ୟାଳୟରେ ଏବେ ୩୫ଜଣ ଛାତ୍ରୀଛାତ୍ର ଥିବାରୁ ଶିକ୍ଷା ବିଭାଗ ପକ୍ଷରୁ ଗତ ୧୯ ତାରିଖରୁ ବନ୍ଦ କରାଯାଇଛି। ଏହି ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କୁ ନିକଟସ୍ଥ ମଧ ଇଂରାଜୀ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯିବା ନେଇ ବିଭାଗୀୟ ନିର୍ଦ୍ଦେଶ ରହିଛି। ବିଦ୍ୟାଳୟରେ ଥିବା ଶିକ୍ଷକମାନେ ମଧ ଏହି ମଧ ଇଂରାଜୀ ବିଦ୍ୟାଳୟରେ କାର୍ଯ୍ୟ କରିବେ। ସରକାର ୪୦ରୁ କମ୍ ଉପସ୍ଥାନ ଥିବା ସ୍କୁଲଗୁଡିକୁ ନିକଟସ୍ଥ ସ୍କୁଲରେ ମିଶ୍ରଣ କରିବା ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି। ଯଦ୍ୱାରା ଏହି ସ୍କୁଲ ମଧ ୪୦ରୁ କମ୍ ଉପସ୍ଥାନ ରହିଥିବାରୁ ଏପରି ହୋଇଛି। ଏପଟେ ବିଦ୍ୟାଳୟ ବନ୍ଦ ହୋଇଯିବା ନିଷ୍ପତ୍ତିକୁ ପୁରାତନ ଛାତ୍ରୀଛାତ୍ରମାନେ ବିରୋଧ କରି ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗକୁ ଲିଖିତ ଭାବେ ଜଣାଇଛନ୍ତି। ଏହାସହ ବିଦ୍ୟାଳୟ ବନ୍ଦ ନିର୍ଦ୍ଦେଶକୁ ପୁନଃ ବିଚାର କରିବାକୁ ଜଣାଇଛନ୍ତି। ସେହିପରି ବିଦ୍ୟାଳୟକୁ ପୁନଃ କାର୍ଯ୍ୟକ୍ଷମ କରିବା ପରେ ବିଦ୍ୟାଳୟକୁ ପୋଷ୍ୟ ଭାବେ ଗ୍ରହଣ କରି ବିଦ୍ୟାଳୟର ଭିତ୍ତିଭୂମୀକୁ ଉନ୍ନତ କରିବାକୁ ଆଗ୍ରହୀ ଥିବା ମଧ ଦର୍ଶାଇଛନ୍ତି। ଜିଲା ଶିକ୍ଷା ବିଭାଗ ତଥା ସ୍ଥାନୀୟ ଶିକ୍ଷକ ଓ ଅବିଭାବକମାନେ ନିଜସ୍ୱ ଉଦ୍ୟମରେ ବିଦ୍ୟାଳୟର ଉପସ୍ଥାନ ବଢ଼ାଇବା ପାଇଁ କାର୍ଯ୍ୟ କରିବା ପାଇଁ ପୁରାତନ ଛାତ୍ରଛାତ୍ରୀମାନେ ପ୍ରସ୍ତାବ ମଧ ଦେଇଛନ୍ତି।

# ସନ୍ଦେହଜନକ ଭାବେ ଯୁବକଙ୍କ ମୃତଦେହ ଜବତ

**ଭବାନୀପାଟଣା/ଜୟପାଟଣା, ୩।୨ (ସ୍ୱ.ପ୍ର./ଡି.ଏନ.ଏ.)**



ଘଟଣାସ୍ଥଳରୁ ଉଦ୍ଧାର ଦେଶୀ ବନ୍ଧୁକ ।

କଳାହାଣ୍ଡି ଜିଲା ଜୟପାଟଣା ଥାନା ବେଲକର ଜଙ୍ଗଲରୁ ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ବଡ଼ପୁଝାରିଗୁଡା ପଞ୍ଚାୟତ ସବିଗୁଡା ଗାଁର ସୁରେନ୍ଦ୍ର ରାଉତ। ମୃତଦେହ ନିକଟରେ ଏକ ଦେଶୀ ବନ୍ଧୁକ ପଡିଥିବା ବେଳେ ତାଙ୍କ ମୁଣ୍ଡରେ ଆଘାତ ଲାଗିଛି। ବର୍ତ୍ତମାନ ଯାଏ ଘଟଣା ସନ୍ଦେହ ଘେରରେ ରହିଛି। ଧର୍ମଗଡ଼ ଉପଖଣ୍ଡ ପୋଲିସ ପହଞ୍ଚି ସାଇଣ୍ଟିଫିକ ଟିମ ସହାଯ୍ୟରେ ତଦନ୍ତ ଜାରି ରଖିଛି। ସୂଚନା ଅନୁସାରେ, ମଙ୍ଗଳବାର ୧୦ଟାରେ ବଡ଼ପୁଝାରିଗୁଡା ପଞ୍ଚାୟତ ସବିଗୁଡା ଗାଁର ସୁରେନ୍ଦ୍ର ରାଉତ ତାଙ୍କ ୪ ସାଙ୍ଗ ଉକ୍ତ ଗାଁର ମହେତ ପୂଝାରୀ, ଯୁବରାଜ ପୂଝାରୀ, ଶିଶିର ରାଉତ ଓ ଅନ୍ୟ ଜଣେ ସୁପାଡ଼ ଗ୍ରାମର ଭୁର୍ଲୀ ମିଶି ଜଙ୍ଗଲକୁ ଜଙ୍ଗଲୀ କୁକୁଡ଼ା ଶିକାର କରିବାକୁ ଯାଇଥିଲେ। ସନ୍ଧ୍ୟାରେ ମଧ ସେମାନେ ନ ଫେରିବାରୁ ପରିବାର ଲୋକେ ସୁରେନ୍ଦ୍ରଙ୍କୁ ଖୋଜାଖୋଜି କରି ପାଇ ନ ଥିଲେ। ବୁଧବାର ସକାଳେ ସୁରେନ୍ଦ୍ରଙ୍କ ମୃତଦେହ ବେଲକର ଜଙ୍ଗଲ ନିକଟରେ ପଡିଥିବା ଶୁଣିବାକୁ ପାଇଲେ। ମୁଣ୍ଡରେ ଶକ୍ତ ଆହତ ହୋଇ ରକ୍ତାକ୍ତ ଅବସ୍ଥାରେ ମୃତଦେହ ପଡିଛି। ନିକଟରେ ଏକ ଦେଶୀ ବନ୍ଧୁକ ପଡିଥିବା ଦେଖିବାକୁ ପାଇଥିଲେ। ଜୟପାଟଣା ଥାନା ଅଧିକାରିଣୀ ରଶ୍ମିତା ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏ ନେଇ ଥାନାରେ ଏକ ହତ୍ୟା ମାମଲା (ନଂ.୩୨/୨୧) ରୁଜୁ କରିଛି। ସୁରେନ୍ଦ୍ରଙ୍କୁ ହତ୍ୟା କରାଯାଇଛି ନା, ଶିକାରୀ ଗୁଳି ଲାଗିଛି ଘଟଣା ସନ୍ଦେହ ଘେରରେ ରହିଛି। ମୃତକଙ୍କ ବାପା ହତ୍ୟା ଅଭିଯୋଗ ଆଣିଛନ୍ତି। ଗତବର୍ଷ ସୁରେନ୍ଦ୍ର ବିବାହ କରିଥିବା ବେଳେ ତାଙ୍କ ସ୍ତ୍ରୀ ଏବେ ଗର୍ଭବତୀ ଅଛନ୍ତି।

# ସ୍କୁଲ ବନ୍ଦ ନ କରିବାକୁ ଜିଲାପାଳଙ୍କ ଦ୍ୱାରସ୍ଥ

**ସୋନପୁର,୩।୨(ନି.ପ୍ର.)**



ଗାନ୍ଧୀନଗରର ଗ୍ରାମବାସୀ ଓ ଛାତ୍ରୀଛାତ୍ର ଜିଲାପାଳଙ୍କୁ ଭେଟିବାକୁ ଆସିଛନ୍ତି ।

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ବାଙ୍କିପାଲି ପଞ୍ଚାୟତ ବାଘହାଣ୍ଡି (ଗାନ୍ଧୀନଗର) ନୋଡାଲ ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ ନ କରିବା ପାଇଁ ଗ୍ରାମବାସୀ ଓ ଛାତ୍ରୀଛାତ୍ର ବୁଧବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମବାସୀ ଜିଲାପାଳ ମୋନିଷା ବାନାର୍ଜୀଙ୍କ ସହିତ ଆଲୋଚନା କରିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗାନ୍ଧୀନଗରରେ ୨୦୦୭ରେ ପ୍ରତିଷ୍ଠିତ ସ୍କୁଲରେ ଚଳିତ ଶିକ୍ଷାବର୍ଷରେ କମ୍ ଛାତ୍ରୀଛାତ୍ର ଥିବା ଦର୍ଶାଇ ବନ୍ଦ କରାଯାଇଛି । ଏଠାକାର ପିଲାଙ୍କୁ ଦେଢ କି.ମି. ଦୂର ବାଘହାଣ୍ଡି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପଢିବା ପାଇଁ କୁହାଯାଇଛି। କିନ୍ତୁ ସିଆରସିସି ଉକ୍ତ ବିଦ୍ୟାଳୟର ଦୂରତା ୬୦୦ ମିଟର ବୋଲି ଦର୍ଶାଇଛନ୍ତି। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ଉକ୍ତ ସ୍କୁଲରେ ଗତବର୍ଷ ୨୭ଜଣ ଛାତ୍ରୀଛାତ୍ର ପଢୁଥିଲେ। ମାତ୍ର ଏବେ ୪୦ରୁ ଅଧିକ ପିଲା ଥିବା ଗ୍ରାମବାସୀ ଜିଲାପାଳଙ୍କୁ କହିଛନ୍ତି। ଗାଁର ପିଲାମାନେ ଅଙ୍କାବଙ୍କା ରାସ୍ତା ଓ ପଥର ଖାଦାନ ଉପର ଦେଇ ବାଘହାଣ୍ଡି ସ୍କୁଲକୁ ଯିବା ନିରାପଦ ନୁହେଁ ବୋଲି ଅଭିଭାବକମାନେ କହିଥିଲେ। ପୂର୍ବରୁ ଗ୍ରାମବାସୀ ଓ ଅଭିଭାବକ ଡୁଙ୍ଗୁରିପାଲି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ମାତ୍ର ସମସ୍ୟା ସମ୍ପର୍କରେ କେହି ଦୃଷ୍ଟି ଦେଉ ନାହାନ୍ତି। ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଜିଲାପାଳ ବାନାର୍ଜୀ ଗ୍ରାମର ମହିଳା, ପୁରୁଷ ଓ ପିଲାଙ୍କ ଠାରୁ ଅଭିଯୋଗ ଶୁଣିବା ପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଗାନ୍ଧୀନଗର ଗ୍ରାମର ସୁରେନ୍ଦ୍ର ଭୁଏ, ରାଜକିଶୋର ବୁଡେକ, ମହେଶ୍ୱର ନାଗ, ପବିତ୍ର ସେଟ୍, ସୋମନାଥ ବିଶି ଓ ପ୍ରମୋଦ ବିଶି ପ୍ରମୁଖ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## ୫ ଲକ୍ଷରେ ଆନ୍ଧ୍ରରେ ବନ୍ଧା ପଡିଛନ୍ତି ୧୩ ଦାଦନ ଶ୍ରମିକ

**ଭବାନୀପାଟଣା, ୩।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲାରେ ପୁଣି ଦାଦନଙ୍କ ଦୁଃଖ ଘଟଣା ସମ୍ନାନାକୁ ଆସିଛି। ୫ ଲକ୍ଷ ଟଙ୍କା ପାଇଁ ଆନ୍ଧ୍ରରେ ବନ୍ଧା ପଡିଛନ୍ତି ୧୩ ଶ୍ରମିକ। ଧର୍ମଗଡ ଥାନା ଡୁମେରଗୁଡା ପଞ୍ଚାୟତ ମୁଖିଗୁଡା ଗାଁର ଏହି ଦଦନ ଶ୍ରମିକମାନଙ୍କୁ ମୁଖିଗୁଡା ଗାଁର ବିଷ୍ଣୁପ୍ରସାଦ ମାଝି ଜଣେ ଦଲାଲ ୫ ଲକ୍ଷ ଟଙ୍କାରେ ବିକ୍ରିକରି ଦେଇଥିବା ଅଭିଯୋଗ ହୋଇଛି। ଏବେ ସେମାନେ ଆନ୍ଧ୍ରପ୍ରଦେଶର ଚିନ୍ତାମୋନୋପାଲି ଜିଲା କମାରେଡି ବ୍ଲକ୍ ଦୋମୋକୋଣ୍ଡାରେ ଥିବା ଜଣାପଡିଛି। ଦଲାଲ ଶ୍ରମିକଙ୍କୁ ଗତ ଡିସେମ୍ବରରେ ନେଇଥିଲେ। ସମ୍ପୃକ୍ତ ମାଲିକ ଶ୍ରମିକଙ୍କୁ କଠିନ କାମରେ ଲଗାଇବା ସହ ରାତିରେ ଘରେ ତାଲା ପକାଇ ରଖିବା ସହ ନିର୍ଯାତନା ଦେଉଥିବା ଶ୍ରମିକମାନେ ଏକ ଭିଡିଓ ମାଧ୍ୟମରେ ସୂଚନା ଦେଇଛନ୍ତି । କାମ ବହୁତ କଠିନ କରିବାକୁ ପଡୁଛି। ରାତି ୩ରୁ ସକାଳ ୧୧ଟା ପର୍ଯ୍ୟନ୍ତ ଓ ଦିନ ୨ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ସେମାନଙ୍କୁ ବନ୍ଧକ ରଖି ମାଲିକ କାମ କରିବା ପାଇଁ ବାଧ୍ୟ କରୁଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। କାମ ନ କଲେ ଗାଳିଗୁଲଜ, ମାରପିଟ କରାଯାଉଛି। ଜିଲା ପ୍ରଶାସନ ତୁରନ୍ତ ଉଦ୍ଧାର କରିବା ସହିତ ଦଲାଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଶ୍ରମିକମାନେ ନିବେଦନ କରିଛନ୍ତି ।

# ଶିଶୁର ମାନସିକ ବିକାଶ, ଭବିଷ୍ୟତ ନିର୍ମାଣ କାର୍ଯ୍ୟକ୍ରମ



ଶିଶୁର ମାନସିକ ବିକାଶ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଭିଭାବକବୃନ୍ଦ ।

**କେସିଙ୍ଗା, ୩।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ କେନ୍ଦୁପଡାସ୍ଥିତ ଦ୍ରୋଣାଚାର୍ଯ୍ୟ ସ୍କୁଲ ଆନୁକୂଲ୍ୟରେ ଶିଶୁର ମାନସିକ ବିକାଶ, ମାନସିକ ସଶକ୍ତିକରଣ ଏବଂ ଭବିଷ୍ୟତ ନିର୍ମାଣ କାର୍ଯ୍ୟକ୍ରମ ଦୁର୍ଗା ମଣ୍ଡପ ନିକଟସ୍ଥ ଏକ ସଭା ଗୃହରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁମ୍ବାଇସ୍ଥିତ ମନଶାଲର କୋଚ ଫାଉଣ୍ଡର ଗୌରବ ଆର ଭଣ୍ଡାରୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଶିଶୁର ଯତ୍ନ ନେବା ସହିତ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ମାନସିକ, ବୌଦ୍ଧିକ, ଶିଶୁର ବିକାଶ ଉପରେ ଉପସ୍ଥିତ ଅଭିଭାବକ ଓ ଅଭିଭାବିକାମାନଙ୍କୁ ମୁଖ୍ୟଅତିଥି ବୁଝାଇଥିଲେ। ଶିଶୁକୁ ମୋଟିଭେଶନ କରିବା, ରାଗିଯିବା, ଅମାନ୍ୟ ହେବା, ଜିଦ୍ ଧରିବା, ସୋସିଆଲ ମିଡିଆରେ ଲିପ୍ତ ରହିବା, ସିଗାରେଟ, ମଦ୍ୟପାନ କରିବା, ପରିବାର ମଧ୍ୟରେ ସୁସମ୍ପର୍କ ରଖିବା ଶିଶୁର ଉଚିତ ଯତ୍ନ ନେବା, ଭବିଷ୍ୟତ ଜୀବନକୁ କିପରି ନିର୍ମାଣ କରିବା ସହିତ ମାତାପିତା ଓ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱ ବୋଲି ମୁଖ୍ୟଅତିଥି କହିଥିଲେ। କାର୍ଯ୍ୟକ୍ରମରେ ଦ୍ରୋଣାଚାର୍ଯ୍ୟ ସ୍କୁଲ ଡେପୁଟି ଡାଇରେକ୍ଟର ସୁଶାନ୍ତ ପାଢ଼ୀ, ଅଧକ୍ଷା ଅର୍ଚ୍ଚନା ଅଗ୍ରୱାଲ, ଶିକ୍ଷୟିତ୍ରୀ ସନ୍ଧ୍ୟା ବନସଲ ପ୍ରମୁଖ ଯୋଗଦେଇଥିଲେ। କେସିଙ୍ଗା ସହର ଶତାଧିକ ଅଭିଭାବକ ଓ ଅଭିଭାବିକାମାନେ ଯୋଗଦେଇଥିଲେ ।

# ଉଠିଲାନି ଧାନ, ମଣ୍ଡିରେ ଉତ୍ତେଜନା



ବେହେରା ମଣ୍ଡିରେ ଉପସ୍ଥିତ ଅଧିକାରୀ ଚାଷୀଙ୍କ ସହ ଆଲୋଚନା କରୁଛନ୍ତି।

**ବେହେରା, ୩।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଅନ୍ତର୍ଗତ ବେହେରା ମଣ୍ଡିରୁ ବୁଧବାର ଧାନ ନ ଉଠିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଚାଷୀମାନେ ଦୀର୍ଘ ଦିନ ଧରି ଧାନ ବିକ୍ରି ଆଶାରେ ହାଡଭଙ୍ଗା ଶୀତରେ ମଣ୍ଡିରେ ପଡିରହିଥିଲେ। ବୁଧବାର ମଣ୍ଡିର ଶେଷଦିନ ବୋଲି ଚାଷୀମାନେ କୌଣସି ସୂତ୍ରରୁ ଜାଣିବାକୁ ପାଇଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଦୁଃଖର ଛାୟା ଖେଳିଯିବା ସହ ସରକାରଙ୍କ ଉପରେ ଅସନ୍ତୋଷ ଜାହିର କରିଥିଲେ। ଏପରିକି ଜଣେ ଚାଷୀ ଝିଅ ବାହାଘର ଆଗକୁ ଥିବାରୁ ଧର୍ମଗଡ ଉପଜିଲାପାଳଙ୍କୁ ଫୋନ କରି ନିଜ ଦୁଃଖ ଜଣାଇଥିଲେ। ଧର୍ମଗଡ ଏସିଏସ୍ଓ ଖଗେଶ୍ୱର ପଣ୍ଡା, ଏଆରସିଏସ୍ ଓ ଇନ୍ସପେକ୍ଟର ଅଫ୍ କୋଭିଡ୍ ୩ ଜଣିଆ ଟିମ୍ ଘଟଣାସ୍ଥଳକୁ ଆସି ଚାଷୀଙ୍କ ସହ ସିଧାସଳଖ ଅଲୋଚନା କରି ଧାନର ଗୁଣବତ୍ତା ପରିକ୍ଷଣ କରିଥିଲେ। ଏହାସହ ଗୁରୁବାର ସମ୍ପୂର୍ଣ୍ଣ ଧାନ ଉଠାଣ କରିବାକୁ ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ ।

# ‘ଜାତୀୟ ରାଜପଥ ନିର୍ମାଣରେ ପଶ୍ଚିମ ଓଡ଼ିଶାକୁ ଅବହେଳା କରାଯାଉଛି’

**ବଲାଙ୍ଗୀର ଅଫିସ, ୩।୨**

ରାଜ୍ୟରେ ଥିବା ଜାତୀୟ ରାଜପଥ ନିର୍ମାଣ ଓ ଉନ୍ନତୀକରଣ ପାଇଁ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡକରୀଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଆଲୋଚନା କରିଥିଲେ। ମୁଖ୍ୟତଃ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳର ଜାତୀୟ ରାଜପଥ ଏବଂ ଓଡ଼ିଶାର ଖଣି ଖାଦାନ ଥିବା କେତେକ ଜିଲାର ଜାତୀୟ ରାଜପଥ ନିର୍ମାଣ ଓ ଉନ୍ନତି ଦିଗରେ ଆଲୋଚନା ହୋଇଥିଲା। ହେଲେ ପଶ୍ଚିମ ଓଡ଼ିଶାର କୌଣସି ଗୋଟିଏ ବି ଜାତୀୟ ରାଜପଥ ପ୍ରକଳ୍ପ ଉପରେ ଆଲୋଚନା ହୋଇ ନ ଥିବାରୁ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର କ୍ଷୋଭ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, କ୍ରମାଗତ ଭାବେ ପ୍ରତ୍ୟେକ ବିକାଶମୂଳକ ପ୍ରକଳ୍ପକୁ ନେଇ ପଶ୍ଚିମ ଓଡ଼ିଶାର ଦାବିକୁ ସରକାର କର୍ଣ୍ଣପାତ କରୁନାହାନ୍ତି। ଖୋର୍ଦ୍ଧା–ବଲାଙ୍ଗୀର–ଦଶପଲ୍ଲା ରାସ୍ତାରେ ଯିଏ ଥରେ ଆସିବ ସେ ଜୀବନରେ ଆଉ ଥରେ ଆସିବା ଇଚ୍ଛା ପ୍ରକାଶ କରିବନାହିଁ। ବରପାଲି–ବୋରିଗୁମା–ଜଗଦଲପୁର ରାସ୍ତା ଉପରେ ମଧ କୌଣସି ଆଲୋଚନା ନ ହେବା ଦୁଃଖର ବିଷୟ। ଭୁବନେଶ୍ୱର–ବଲାଙ୍ଗୀର ରାସ୍ତାକୁ ଆଗାମୀ ଦିନରେ ଚାରିଆକିଆ ରାସ୍ତା କରିବାକୁ ମୁଖ୍ୟମନ୍ତ୍ରୀ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ସେ ଦାବି କରିଛନ୍ତି। ପର୍ଯ୍ୟଟନ କ୍ଷେତ୍ରରେ ମଧ ପଶ୍ଚିମ ଓଡିଶାକୁ ଅବହେଳା କରାଯାଉଛି। ପୁରୀ ଶ୍ରୀକ୍ଷେତ୍ର, କୋଣାର୍କ ଓ ଲିଙ୍ଗରାଜ ମନ୍ଦିରର ବିକାଶ କରାଯିବା ସ୍ୱାଗତଯୋଗ୍ୟ। କିନ୍ତୁ ପଶ୍ଚିମ ଓଡିଶାରେ ଥିବା ହରିଶଙ୍କର, ନୃସିଂହନାଥ, ରାଣୀପୁର ଝରିଆଲ, ପାତାଳି ଶ୍ରୀକ୍ଷେତ୍ର ତଥା ପର୍ଯ୍ୟଟନସ୍ଥଳୀ ଭୀମଡୁଙ୍ଗୁରି, କୁମୁଡା ପାହାଡ ପାଇଁ ଏପର୍ଯ୍ୟନ୍ତ କୌଣସି ଆଖିଦୃଶିଆ ଯୋଜନା ନାହିଁ। ଉପକୂଳବର୍ତ୍ତୀ ଓଡିଶା ଭଳି ଯଦି ପଶ୍ଚିମ ଓଡିଶାର ସମୁତୁଲ ବିକାଶ କରା ନ ଯାଏ ତେବେ ଲୋକଙ୍କ ମନରେ କୁହୁଳୁଥିବା ଅସନ୍ତୋଷ ଆଗାମୀ ଦିନରେ ବିସ୍ଫୋରକ ରୂପ ନେବ ବୋଲି ବିଧାୟକ ମିଶ୍ର ଚେତେଇ ଦେଇଛନ୍ତି।

## ତହସିଲ ଅଫିସ ସମ୍ମୁଖରେ ଚାଲିଥିବା ଅନଶନ ପ୍ରତ୍ୟାହୃତ

**ଅମରପାଲି, ୩।୨(ଡି.ଏନ.ଏ.):** ଜମି ମାଲିକଙ୍କ ଅଜାଣତରେ ଅନ୍ୟ ଜଣକଙ୍କ ନାମରେ ପଟ୍ଟା ଦିଆଯାଇଛି। ଏହିଭଳି ଅଭିଯୋଗ କରି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ଆଗରେ ଆମରଣ ଅନଶନରେ ପରିବାର ସହ ବସିଥିଲେ କମଳପୁର ଗ୍ରାମର ଗୋପାଳ ମେହେର। ବୁଧବାର ତହସିଲଦାର ରଞ୍ଜନ କୁମାର ପରିଡା ଘଟଣାସ୍ଥଳରେ ପହଞ୍ଚି ଆଇନ ଅନୁଯାୟୀ ସମସ୍ୟାର ସମାଧାନ ପାଇଁ ଲିଖିତ ପ୍ରତିଶ୍ରୁତି ଦେବା ପରେ ଗୋପାଳ ଅନଶନ ପ୍ରତ୍ୟାହାର କରିଛନ୍ତି। ଗୋପାଳ ମେହେରଙ୍କ ଅଜାଣତରେ ତାଙ୍କ ଅଜା ଶଙ୍କରୀ ମେହେରଙ୍କ ନାମରେ ଥିବା ୫୮ ଡିସିମିଲ ଜମିକୁ ଜାଲ ମ୍ୟୁଟେଶନ କରି ଅନ୍ୟ ଜଣଙ୍କ ନାମରେ ପଟ୍ଟା କରାଯାଇଛି। ଅଭିଯୋଗକାରୀ ସୂଚନା ଅଧିକାର ଆଇନରେ କେସ୍ ରେକର୍ଡର ନକଲ ମାଗିଥିଲେ ମଧ ତହସିଲ ପକ୍ଷରୁ ତାହା ତାଙ୍କୁ ପ୍ରଦାନ କରାଯାଉନାହିଁ। ତେଣୁ ଅଭିଯୋଗକାରୀ ଦୁଇଟି ଦାବି ନେଇ ସୋମବାରଠାରୁଆମରଣ ଅନଶନରେ ବସିଥିଲେ।

# କୃଷି ପରାମର୍ଶଦାତା କମିଟି, ଚାଷୀ ବୈଠକ

**କୋକସରା, ୩।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ସଭାଗୃହଠାରେ ବୁଧବାର ବ୍ଲକସ୍ତରୀୟ କୃଷି ପରାମର୍ଶଦାତା କମିଟି ଓ ଚାଷୀଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କୋକସରା ବ୍ଲକ ଆତ୍ମା କମିଟି ଅଧକ୍ଷ ରତ୍ନରାଜ ମାଝିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ମୌଷଧି ବାଗ ଯୋଗଦେଇ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ କୋକସରା ଗୋଷ୍ଠୀ କୃଷି ଅଧିକାରୀ ସୁବ୍ରତ ପାଢୀ, ସହକାରୀ କୃଷି ଅଧିକାରୀ ଘନଶ୍ୟାମ ଦେହୁରୀ, ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସଂଗ୍ରାମ କେଶରୀ ବେହେରା, ସରକାରୀ ଉଦ୍ୟାନ ଅଧିକାରୀ ତପନ ପାତ୍ର, ବ୍ଲକ ବୈଷୟିକ ପରିଚାଳକ ଅମିଷ୍ ପାଟିଲ ପ୍ରମୁଖ ଯୋଗଦେଇଥିଲେ। ବ୍ଲକର ୨୨ ପଞ୍ଚାୟତ କୃଷକ, ସ୍ୱଂୟ ସହାୟକ ଗୋଷ୍ଠୀ ମହିଳା ଓ ଯୁବଗୋଷ୍ଠୀ ପ୍ରମୁଖଙ୍କୁ କୃଷି ସମ୍ପର୍କିତ ବିଭିନ୍ନ ବିଷୟରେ ବୁଝାଇଥିଲେ। କୋକସରା ସରପଞ୍ଚ କିଶୋର ପ୍ରଧାନୀ, ଗୋକୁଲ ଯୋଷୀ, କନ୍ଧାବୁଟ୍ରା ସମିତି ସଭ୍ୟା ଅଶୋକ ନାଏକ, କୋକସରା ବ୍ଲକ ଯୁବ ବିଜେଡି ସଭାପତି ହେମନ୍ତ ମାଝି ପ୍ରମୁଖ ଯୋଗଦେଇଥିଲେ। ଭିଏଲ୍ଡୁ ଅଭିନାଷ ଠାକୁର, ଟିକଚନ ଦଳପତି, ଅନୁସୟା ସିଂ, କଲ୍ୟାଣୀ ନାଏକ, ଉପେନ୍ଦ୍ର ଜାଲ, ସରସ୍ୱତୀ ମେହେର, ଇତିଶ୍ରୀ ପାଣିଗ୍ରାହୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ୫ ତାରିଖ ମଧ୍ୟରେ ଧାନ କ୍ରୟ ନ ହେଲେ ଗଣଧାରଣା

**ଧାନ ମଣ୍ଡିର ଅବ୍ୟବସ୍ଥା ନେଇ ବିରୋଧୀ ଦଳ ନେତାଙ୍କ ସରକାରଙ୍କୁ ଟାର୍ଗେଟ**

**ଭବାନୀପାଟଣା, ୩।୨ (ଡି.ଏନ.ଏ.)**



ଖବରଦାତା ସମ୍ମିଳନୀରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ସୂଚନା ଦେଉଛନ୍ତି ।

ମଣ୍ଡିରେ ଜାରି ରହିଛି ଅଚଳାବସ୍ଥା। ମଣ୍ଡି ପରିଚାଳନାରେ ରାଜ୍ୟ ସରକାର ଫେଲ ମାରିଛନ୍ତି ବୋଲି ଅଭିଯୋଗ କରିଛି ଭାଜପା। ଆଜି ବି ଖୋଲା ଆକାଶ ତଳେ ପଡି ରହିଛି ଚାଷୀର କଷ୍ଟ ଉପାର୍ଜିତ ଧାନ। ମଣ୍ଡିରେ ପଡି ରହିଛି ଶହ ଶହ ବସ୍ତା ଧାନ। ଅନ୍ୟପଟେ କଟନୀ ଛଟନୀ ଚାଷୀ ପାଇଁ ବେଡି ଉପରେ କରୋଡ଼ା ମାଡ଼। ଆସନ୍ତା ୫ ତାରିଖ ମଧ୍ୟରେ ମଣ୍ଡିଗୁଡିକରୁ ଧାନ କ୍ରୟ ନ ହେଲେ ଜିଲାର ସମସ୍ତ ମଣ୍ଡି ସାମ୍ନାରେ ଭାଜପା ପକ୍ଷରୁ ଗଣଧାରଣା ଦିଆଯିବ ବୋଲି ବୁଧବାର ଭବାନୀପାଟଣା ସାର୍କିଟ ହାଉସଠାରେ ଖବରଦାତା ସମ୍ମିଳନୀରେ ବିରୋଧୀ ଦଳ ନେତା ତଥା ଭବାନୀପାଟଣା ବିଧାୟକ ପ୍ରଦୀପ୍ତ ନାଏକ ପ୍ରକାଶ କରିଛନ୍ତି। ଗଣଧାରଣାର ୭୨ ଘଣ୍ଟା ମଧ୍ୟରେ ଦାବି ପୂରଣ ନ ହେଲେ ମଣ୍ଡିର ସାମ୍ନା ରାଜ୍ୟ ରାଜପଥ ଓ ଜାତୀୟ ରାଜପଥକୁ ଅବରୋଧ କରାଯିବା ନିଷ୍ପତ୍ତି ନିଆଯାଇଛି ବୋଲି ବିରୋଧୀ ଦଳ ନେତା ନାଏକ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଜିଲା ସଭାପତି ଦେବେନ୍ଦ୍ର ମହାନ୍ତି, ଜିଲା ପରିଷଦ ଅଧକ୍ଷା ନମିତାରାଣୀ ସାହୁ, ଉପାଧକ୍ଷ ଭବସିନ୍ଧୁ ମଙ୍ଗରାଜ, ଉପସଭାପତି ପ୍ରଶାନ୍ତ ସାହୁ, ସାଧାରଣ ସମ୍ପାଦକ ଯୁଗ ପୋଡ଼, ଜୟଶଙ୍କର ନାୟକ, କୃଷକ ମୋର୍ଚ୍ଚା ସଭାପତି ବସନ୍ତ ପୁରୋହିତ, ଯୁବ ମୋର୍ଚ୍ଚା ସଭାପତି ବିଜୟଦେବ ସାହୁ, ବରିଷ୍ଠ ନେତା ଭାରତଭୂଷଣ ଦେଓ, ରମେଶ ମାଝି, ପ୍ରଦୀପ ନାୟକ, ଭାନୁ ପ୍ରକାଶ ରଥ, ଭଣ୍ଡେଶ୍ୱର ମହାପାତ୍ର, ନରହରି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

**ଭଜନ ମଣ୍ଡଳୀର ବାର୍ଷିକ ମହୋତ୍ସବ**

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ଯୋଗୀସର୍ଡା ଯୋଗେଶ୍ୱର ଭଜନ ମଣ୍ଡଳୀର ୪୫ତମ ବାର୍ଷିକ ମହୋତ୍ସବ ସ୍ଥାନୀୟ ଯୋଗେଶ୍ୱର ଧାମପୀଠ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ସମ୍ପତି ପଧାନ, ସମ୍ପାଦକ ଜିତେନ୍ଦ୍ର ତ୍ରିପାଠୀ ଓ କୋଷାଧ୍ୟକ୍ଷ ଭରତ ସାହୁଙ୍କ ତତ୍ତ୍ୱାବଧାନରେ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ମହିଳା ଗାୟିକା ସୁଶ୍ରୀ ପ୍ରାପ୍ତି ଆଚାର୍ଯ୍ୟ ସୁନ୍ଦରାକାଣ୍ଡ ପାରାୟଣ କରିଥିଲେ ।

## ସଂକ୍ଷେପରେ

### ସିଶକେଲାରେ ବିଜେଡି କର୍ମୀ ସମ୍ମିଳନୀ

**ସଇଁତଲା, ୩।୨(ଡି.ଏନ.ଏ.) :** ସଇଁତଲା ବ୍ଲକ ଶିସକେଲା ଗ୍ରାମ ଖେଳ ପଡ଼ିଆରେ ବୁଧବାର ୩୧ ନଂ ଜିଲା ପରିଷଦ ଜୋନର କର୍ମୀଙ୍କୁ ନେଇ ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ମନ୍ତ୍ରୀ ସୁଶାନ୍ତ କୁମାର ସିଂ ବକ୍ତବ୍ୟ ରଖି ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସଇଁତଲା ପଞ୍ଚାୟତ ସମିତିକୁ ବିଜେଡି ଦଖଲ କରିବା ଦିଗରେ କର୍ମୀମାନେ କାମ କରିବାକୁ ଆହ୍ୱାନ ଦେଇଥିଲେ। ଟିଟିଲାଗଡ ବିଧାୟିକା ତଥା ମହିଳା ଶିଶୁ ବିକାଶ ଓ ମହିଳା ସଶକ୍ତିକରଣ ମନ୍ତ୍ରୀ ଟୁକୁନୀ ସାହୁ ଯୋଗଦେଇ ନବୀନ ପଟ୍ଟନାୟକଙ୍କ ସରକାରର ଉପଲବ୍ଧି ଜନସାଧାରଣଙ୍କ ନିକଟରେ ପହଞ୍ଚାଇ ପାରିଲେ ଦଳର ଗ୍ରହଣୀୟତା ବ୍ୟାପକ ହୋଇ ପାରିବ ବୋଲି କହିଥିଲେ। ଜିଲା ବିଜେଡି ଉପସଭାପତି ସୁରେନ୍ଦ୍ର ସାହୁ, ଦିଲୀପ ରାଜପାଲିଆ, ପ୍ରମୋଦ ପଧାନ, ଚନ୍ଦ୍ରବଦନ ପୁରୋହିତ, ରାଜକିଶୋର ଡ଼ାଙ୍ଗ, ବ୍ଲକ ଅଧକ୍ଷା ରମାକାନ୍ତି ପୁଟେଲ ପ୍ରମୁଖ ଉପସ୍ଥିତ ଥିଲେ ।

### ପୂର୍ଣ୍ଣାଙ୍ଗ ସ୍ୱାସ୍ଥ୍ୟସେବା ନ ମିଳିଲେ ଆନ୍ଦୋଳନ

**ବରଗଡ଼ ଅଫିସ୍,୩।୨:** ବରଗଡ଼ ସହରରେ ଥିବା ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନା(ବର୍ତ୍ତମାନର ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର)ରେ ପୂର୍ଣ୍ଣାଙ୍ଗ ସ୍ୱାସ୍ଥ୍ୟସେବା ଯୋଗାଇବା ଦାବି ପୁଣି ଜୋର୍ ଧରିଛି। ବୁଧବାର ଭାଜପା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ଆସିଷ୍ଟାଣ୍ଟ କଲେକ୍ଟର ସୁମତୀ ପଣ୍ଡା ସ୍ମାରକପତ୍ର ଗ୍ରହଣ କରିଥିଲେ। ଗତବର୍ଷ ଜିଲା ମୁଖ୍ୟ ଡାକ୍ତରଖାନାକୁ ସହର ମଧ୍ୟରୁ ଖେଦାପାଲିକୁ ସ୍ଥାନାନ୍ତର କରିବା ସମୟରେ ଜନ ଆନ୍ଦୋଳନ ଦେଖାଯାଇଥିଲା। ପରେ ମୁଖ୍ୟମନ୍ତ୍ରୀ ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଭାବେ ଘୋଷଣା କରିଥିଲେ। ମାତ୍ର ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ସଂଖ୍ୟକ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ନ ଥିବାବେଳେ ଆନୁସଙ୍ଗିକ ବ୍ୟବସ୍ଥାର ମଧ୍ୟ ଅଭାବ ଥିବା ଭାଜପା ଅଭିଯୋଗ କରିଛି। ବିହିତ ପଦକ୍ଷେପ ନେବା ସହିତ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ଏବଂ ଅନ୍ୟସବୁ ଆନୁସଙ୍ଗିକ ବ୍ୟବସ୍ଥା କରିବାକୁ ଦାବି ହୋଇଛି। ଭାଜପା ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଦଳର ଜିଲା ସାଧାରଣ ସମ୍ପାଦକ ରବି ନାରାୟଣ ଦାଶ, ସୁରେଶ୍ୱର ଶତପଥୀ, ସୁବ୍ରତ ହୋତା, ଅମିତ ପଣ୍ଡା ପ୍ରମୁଖ ସ୍ମାରକପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ ।

### ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବାଉଁଶୁଣୀ, ୩।୨ (ଡି.ଏନ.ଏ):** ବୌଦ୍ଧ ବ୍ଲକ ବାଉଁଶୁଣୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଧନେଶ୍ୱର ମଣ୍ଡଳଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଧନେଶ୍ୱର ମଣ୍ଡଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଧ୍ରୁବଚରଣ ଘିବେଲା, ମୁଣ୍ଡିପଦର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଚଳା ଗୁରୁ, ପଞ୍ଚାନନ ମିଶ୍ର, ଅରୁଣ କୁମାର ସାହୁ, ରାଜକୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ ପରେ ସ୍କୁଲ ପରିସରରେ ବୃକ୍ଷରୋପଣ କରାଯାଇଥିଲା।

### ସ୍କୁଲର ଉନ୍ନତି ପାଇଁ ସଂକଳ୍ପ ନେଲେ ପୁରାତନ ବିଦ୍ୟାର୍ଥୀ

**ବିନିକା,୩।୨(ଡି.ଏନ୍.ଏ.):** ବିନିକା ବ୍ଲକ ସିଂଘିଯୁବା ସରକାରୀ ଉପ୍ରା ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ ମାଧମରେ ବିଦ୍ୟାଳୟର ଉନ୍ନତି , ଶିକ୍ଷାର ମାନରେ ଅଗ୍ରଗତି ଉଦ୍ଦେଶ୍ୟ ନେଇ ଗାଁର ପୁରାତନ ଛାତ୍ର ଆଗେଇ ଆସିଛନ୍ତି। ବୁଧବାର ପ୍ରଧାନ ଶିକ୍ଷକ ଦୟାସାଗର ପଧାନଙ୍କ ତତ୍ତ୍ୱାବଧାନରେ ମୋ ସ୍କୁଲ ଅଭିଯାନକୁ ନେଇ ଏକ ୧୧ ଜଣିଆ ପୁରାତନ ଛାତ୍ର କମିଟି ଗଠନ ହୋଇଛି। କାର୍ଯ୍ୟକ୍ରମରେ ସିଂଘିଯୁବାର ସୁରେଶ ଦାଶ ଯୋଗଦେଇ ଅଭିଯାନର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ପୁରାତନ ଛାତ୍ର ନିରାକାର କର୍ଣ୍ଣଙ୍କୁ ସଭାପତି, ଉପଦେଷ୍ଟା ସଭ୍ୟ ଭାବେ ବିପ୍ଳବ ରଞ୍ଜନ ଦାଶ, ସୁବ୍ରତ ମିଶ୍ର ମନୋନୀତ ହୋଇଥିଲେ । ସ୍କୁଲ ଉନ୍ନତିରେ ପୁରାତନ ଛାତ୍ରଙ୍କ ସହଭାଗିତା ନେଇ କମିଟି କର୍ମକର୍ତ୍ତା ସଂକଳ୍ପ ନେଇଥିଲେ ।

# ଟଙ୍କା ପୈଠ ହୋଇଛି, ଖନନ ହେଉନି



ଗଭୀର ନଳକୂପ ଖନନରୁ ବଞ୍ଚିତ ବାଦିବାହାଲ ଗାଁର ଚାଷୀମାନେ।

**ଲୋଇସିଂହା,୩।୨(ଡି.ଏନ.ଏ)**

■ ଗଭୀର ନଳକୂପ ସୁବିଧା ପାଇ ପାରିଲେନି ୧୧ଚାଷୀ
■ ଉଠା ଜଳସେଚନ କାର୍ଯ୍ୟାଳୟ ଘେରିଲେ

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ଗାଁର ୧୧ଜଣ ଚାଷୀ ବର୍ଷକ ତଳେ ଗଭୀର ନଳକୂପ ଖନନ ସକାଶେ ବିଭାଗ ନିକଟରେ ୨୦ ହଜାର ଟଙ୍କା ଲେଖାଏ ଜମା କରିଥିଲେ। ହେଲେ ସେମାନଙ୍କ ଜମିରେ ନଳକୂପ ଖନନ କରାଯାଇନାହିଁ। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବୁଧବାର ୧୧ ଜଣ ଚାଷୀ ବଲାଙ୍ଗୀର ବିଭାଗୀୟ କାର୍ଯ୍ୟାଳୟକୁ ଯାଇ ଘେରାଉ କରିଥିଲେ । ଖବର ପାଇ ବିଭାଗୀୟ ଏସଇ ଘଟଣାସ୍ଥଳକୁ ଆସି ଖନନ ଦାୟିତ୍ୱରେ ଥିବା ଠିକାଦାରଙ୍କୁ ହଟାଇ ଅନ୍ୟ ଠିକାଦାରକୁ ଦାୟିତ୍ୱ ଦିଆଯିବ ବୋଲି କହିଥିଲେ। ଦୁଇଦିନ ମଧ୍ୟରେ ଏ ନେଇ ଚାଷୀମାନେ ସୂଚନା ପାଇବେ ବୋଲି କହିବା ପରେ ଚାଷୀମାନେ ଆନ୍ଦୋଳନରୁ ଓହରିଥିଲେ ।

ସୂଚନା ଅନୁଯାୟୀ, ସରକାରଙ୍କ ଉଠା ଜଳସେଚନ ବିଭାଗ ଦ୍ୱାର କାର୍ଯ୍ୟକାରୀ ହେଉଥିବା ନିଜ ଜମିରେ ଗଭୀର ନଳକୂପ ଖନନ ପାଇଁ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ସଦର ଗାଁର ୨୧ଜଣ ଚାଷୀ ନଳକୂପ ଖନନ ପାଇ ଫର୍ମ ଆବେଦନ କରିଥିଲେ। ସେଥିରୁ ୨ ଚାଷୀଙ୍କ ଫର୍ମ ଖାରଜ ହୋଇଯାଇଥିଲା। ବାକି ୧୯ ଜଣଙ୍କ ମଧ୍ୟରୁ ୮ ଚାଷୀଙ୍କ ଜମିରେ ବଭାଗ ପକ୍ଷରୁ ଠିକାଦାରଙ୍କ ଜରିଆରେ ନଳକୂପ ଖନନ କରାଯାଇଥିଲା। ବିଶ୍ୱନାଥ ନାଏକ, ମୀନକେତନ ଭୋଇ, ସେନାପତି ପଧାନ, ରାଜକୁମାର ପଶାୟାତ, ପ୍ରଫୁଲ୍ଲ ମେହେର, ନାରାୟଣ ମେହେର, ଅବଧୂତ ସା, କୁଞ୍ଜବିହାରୀ ରଣା, ଝାରୁ ରଣା, ଅଲେଖ ଧରୁଆ ପ୍ରମୁଖ ୧୧ ଚାଷୀଙ୍କ ଜମିରେ ଗଭୀର ନଳକୂପ ଖନନ ହୋଇପାରିନାହିଁ । ଏ ନେଇ ସମ୍ପୃକ୍ତ ଚାଷୀମାନେ ଅନେକ ଥର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ନିରାଶ ହୋଇ ପଡିଛନ୍ତି। ଗତ ମାସ ୫ ତାରିଖ ଦିନ ବଲାଙ୍ଗୀର ଉଠାଜଳସେଚନ କାର୍ଯ୍ୟାଳୟରେ ଚାଷୀମାନେ ଧାରଣା ଦେଇଥିଲେ । ସେତେବେଳେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ରଞ୍ଜିତ ଗାଣ ଫେବୃୟାରୀ ୧ତାରିଖ ମଧ୍ୟରେ ନଳକୂପ ଖନନ କରିବାକୁ ଚାଷୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ବିଭାଗୀୟ ଅଧିକାରୀ କିମ୍ୱା ଦାୟିତ୍ୱରେ ଥିବା ଠିକାଦାର ପ୍ରତିଶ୍ରୁତି ରକ୍ଷା କରି ନ ଥିଲେ। ଚାଷୀମାନଙ୍କ ପ୍ରତି ଖାମଖିଆଲି ମନୋଭାବ ଯୋଗୁ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ସୁରେନ୍ଦ୍ର ଧରୁଆଙ୍କ ନେତୃତ୍ୱରେ ୧୧ଜଣ ଚାଷୀ ବଲାଙ୍ଗୀର ସ୍ଥିତ କାର୍ଯ୍ୟାଳୟକୁ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିବା ଚାଷୀ ବିଶ୍ୱନାଥ ନାୟକ ସୂଚନା ଦେଇଛନ୍ତି।

# ସହାୟତା ଅପେକ୍ଷାରେ କ୍ୟାନ୍‌ସର ପୀଡ଼ିତ ଶୁକ୍ରୁ

**ଲୋଇସିଂହା,୩।୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବଡଟିକା ପଞ୍ଚାୟତ ବୁରୋଭାଡି ଗାଁର ଶୁକ୍ରୁ ପଧାନ(୩୪) । ଗତ ଦେଢବର୍ଷ ହେଲା ସେ ମୁଖକର୍କଟ ରୋଗରେ ପୀଡିତ। ଚକିତ୍ସା ବାବଦକ ବହୁ ଟଙ୍କା ଖର୍ଚ୍ଚ କରି ସାରିଛନ୍ତି। ଏବେ ହାତାରେ କିଛିନାହିଁ। ଏଭଳି ସ୍ଥିତିରେ ଏହି ରୋଗରୁ ମୁକ୍ତି ପାଇବା ପାଇଁ ସରକାରୀ ସହାୟତା ନିବେଦନ କରିଛନ୍ତି। ତାମିଲନାଡୁରେ ଦାଦନ ଖଟୁଥିବା ବେଳେ ଶୁକ୍ରୁ ମୁଖର୍କକଟ ରୋଗର ଶିକାର ହୋଇଥିଲେ । ଲକ୍‌ଡାଉନ ସମୟରେ ଗାଁକୁ ଫେରି ଆସ ଚିକିତ୍ସା କରିଥିଲେ । ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିଥିଲେ ସୁଦ୍ଧା ସୁଫଳ ମିଳିନାହିଁ। ଗତ ୩ ମାସ ହେଲା ଟଙ୍କା ଅଭାବରୁ ଔଷଧ ଖାଇବା ସେ ବନ୍ଦ କରି ଦେଇଛନ୍ତି। ଫଳସ୍ୱରୂପ ଅବସ୍ଥା ଜଟିଳ ହେବାରେ ଲାଗିଛି । ଗରିଷ୍ଠ ଖାଦ୍ୟ ଖାଇ ନ ପାରି କେବଳ ପାନୀୟ ଖାଦ୍ୟ ଗ୍ରହଣ କରୁଛନ୍ତି। ଏବେ ଠିକ୍‌ଭାବେ କଥା କହି ପାରୁନାହାନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଲେ ଶୁକ୍ରୁଙ୍କ ଚିକିତ୍ସା କରାଯାଇ ପାରନ୍ତା ବୋଲି ତାଙ୍କ ଭଉଣୀ ସ୍ମିତା କହିଛନ୍ତି।

# ଏମ୍‌ଏମ୍‌ସିସି କ୍ରିକେଟ: ବହଳପଦର ଚାମ୍ପିୟନ



ଅତିଥିମାନେ ଚାମ୍ପିୟନ ବହଳପଦର ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି ।

**ଅମରପାଲି, ୩।୨ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସାହାଜଲଥାରେ ଚାଲିଥିବା ୧୪ତମ ଏମ୍‌ଏମ୍‌ସିସି କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ହିଲୁଙ୍ଗକୁ ହରାଇ ବହଳପଦର ଚାମ୍ପିୟନ ହୋଇଛି। ପ୍ରଥମ ଫର୍ମାଟରେ ବହଳପଦର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬ଉଇକେଟ ହରାଇ ୧୨୧ରନ କରିଥିଲା। ଦଳର ବିଶ୍ୱାମିତ୍ର ପଧାନ ୫୬ରନ କରିଥିଲେ। ଜବାବରେ ହିଲୁଙ୍ଗ ନିର୍ଦ୍ଧାରିତ ୧୦ଓଭରରେ ୭ଉଇକେଟ ହରାଇ୍ ୮୪ ରନ କରିଥିଲେ। ଦ୍ୱିତୀୟ ଫର୍ମାଟରେ ବହଳପଦର ନିର୍ଦ୍ଧାରିତ ୬ ଓଭରରେ ୬ ଉଇକେଟ ୬୮ ରନ କରିଥିଲା। ଦଳର ସରୋଜ ସେଠୀ ୩୫ରନ କରିଥିଲେ। ଜବାବରେ ହିଲୁଙ୍ଗ ୬ ଓଭରରେ ସିକନ୍ଦରଙ୍କ ୨୬ ରନ ସହାୟତାରେ ୫ ଉଇକେଟ ହରାଇ ୬୭ ରନ କରିଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ ବହଳପଦର ଚାମ୍ପିୟନ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ରେଢ଼ାଖୋଲ ବ୍ଲକ ଭରତାପୁର ସରପଞ୍ଚ ଦୁଃଖବନ୍ଧୁ ପଧାନ, କ୍ରୀଡାବିତ ସୁଦାମ ପଧାନ, କର୍ମୁଗୋପାଳ ବେହେରା, ୱାର୍ଡସଭ୍ୟ ଗଣେଷ ପଧାନ ଅତିଥିଭାବେ ଯୋଗଦେଇଥିଲେ। ବହଳପଦରର ସରୋଜ ସେଠୀ ମ୍ୟାନ୍ ଅଫ୍ ଦି ଫାଇନାଲ, ବିଶ୍ୱାମିତ୍ର ପଧାନ ଶ୍ରେଷ୍ଠ ସିକ୍ସର ଓ ଲଳିତ ପଧାନଙ୍କୁ ମ୍ୟାନ ଅଫ୍ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ଦଳକୁ ନଗଦ ୬ ହଜାର ୫ଶହ ଟଙ୍କା ସହିତ ଟ୍ରଫି ଓ ରନର୍ସ ଅପ ଦଳକୁ ୫ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା ।

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ



ମୃତଦେହ ରଖି ବଲାଙ୍ଗୀର-ନୂଆପଡା ରାସ୍ତା ଅବରୋଧ କରାଯାଇଛି।

**ଲାଠୋର, ୩।୨(ଡି ଏନ ଏ.)**

**ତେଲଙ୍ଗାନାରେ ମୃତ ଦାଦନ ଶ୍ରମିକଙ୍କ ମୃତଦେହ ପହଞ୍ଚିଲା**

ତେଲଙ୍ଗାନାରେ ଏକ ଇଟାଭାଟିରେ ଦାଦନ ଶ୍ରମିକଭାବେ କାମ କରୁଥିବା ବଲାଙ୍ଗୀର ଜିଲା ଲାଠୋର ଥାନା ତଳିପଡାର ଦାଦନ ଶ୍ରମିକ କାର୍ତ୍ତିକ ପୁଟେଲ(୪୫)ଙ୍କ ଟ୍ରାକ୍ଟର ଚାପାରେ ମଙ୍ଗଳବାର ମୃତ୍ୟୁ ଘଟିଥିଲା। ବୁଧବାର ତାଙ୍କ ମୃତଦେହ ଏଠାରେ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତ ଦାଦନ ଶ୍ରମିକଙ୍କ ପରିବାରକୁ ୨୫ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରି ଲାଠୋର ଡେଭଲପମେଣ୍ଟ ଆସୋସିଏଶନ(ଏଲଡିଏ)ର ଲବ ସୁନାଙ୍କ ନେତୃତ୍ୱରେ ବଲାଙ୍ଗୀର-ନୂଆପଡା ମୁଖ୍ୟ ରାସ୍ତାର ଲାଠୋର କଲେଜ ଛକରେ ମୃତଦେହ ରଖି ଅବରୋଧ କରାଯାଇଥିଲା। ମୃତକଙ୍କ ପିଲାଙ୍କୁ ଶିକ୍ଷାଗତ ଥାଇଥାନ, ୪ ଡିସମିଲ ଘର ଡିହ, ବାସଗୃହ, ବିଧବା ଭତ୍ତା, ଏବଂ ପରିବାର ମଙ୍ଗଳ ଯୋଜନାରେ ତୁରନ୍ତ ୨୦ହଜାର ଟଙ୍କା ପ୍ରଦାନ, ମାଲିକ ଏବଂ ସର୍ଦ୍ଦାରଙ୍କ ଲାଇସେନ୍ସ ରଦ୍ଦ ସହ ମାମଲା ରୁଜୁ କରିବାକୁ ଦାବି କରାଯାଇଥିଲା। ଫଳରେ ଦୁଇଘଣ୍ଟା ଧରି ସମ୍ପୃକ୍ତ ରାସ୍ତାରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ଲାଠୋର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ସରପଞ୍ଚ ପ୍ରବୀଣ ଅଗ୍ରୱାଲ ରାସ୍ତାରୋକୋସ୍ଥଳରେ ପହଞ୍ଚି ହରିଶ୍ଚନ୍ଦ୍ର ଯୋଜନାରେ ୨ହଜାର ଟଙ୍କା ଓ ରେଡକ୍ରସରୁ ୧୦ହଜାର ଟଙ୍କା ଦିଆଯିବାର ପ୍ରତିଶ୍ରୁତି ପରେ ରାସ୍ତାରୋକୋ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଲାଠୋର ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୧/୨୧)ରୁଜୁ କରି ବ୍ୟବଚ୍ଛେଦ ପାଇଁ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇ ଥିବା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି।

ସୂଚନା ଅନୁସାରେ କଣ୍ଟାବାଞ୍ଜି ଥାନା ଚଟୁଅନଖା ଗ୍ରାମର ଦାଦନ ସର୍ଦ୍ଦାର ଦିଲୀପ ତାଣ୍ଡିଙ୍କଠାରୁ ଅଗ୍ରୀମ ନେଇ କାର୍ତ୍ତିକ ପୁଟେଲ, ତାଙ୍କ ସ୍ତ୍ରୀ କଳାବତୀ, ଝିଅ ଲିପି (୧୧), କାମିନୀ (୯), ହସିନା (୭), ପୁଅ ଶିବା (୪) ଏବଂ ଅରୁପ (୨)ଙ୍କୁ ତେଲଙ୍ଗାନା ରାଜ୍ୟ ନାଲଗୋଣ୍ଡା ଜିଲା ଚୋଟୋପାଲର ଏଙ୍କା ରାଓଙ୍କ ଇଟାଭାଟରେ କାମ କରୁଥିଲେ। ଗତ ୧୮ତାରିଖ ସେଠାରେ କାର୍ତ୍ତିକ କେଚବଲ ଯୋଗେ ମାଟି ମିଶାଉ ଥିବା ବେଳେ ଟ୍ରାକ୍ଟର ତାଙ୍କ ଉପରେ ଓଲଟି ପଡିଥିଲା। କିଛିଦିନ ଚିକିତ୍ସିତ ହେବା ପରେ ଗତ ୩୦ତାରିଖରେ ଇଟାଭାଟି ମାଲିକ ଏକ ଗାଡି କରି ତାଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ରାତିରେ କାର୍ତ୍ତିକଙ୍କ ମୃତ୍ୟୁ ହୋଇଥିଲା।

# ଅଧୀକ୍ଷକଙ୍କୁ ୧୦ଦଫା ଦାବିପତ୍ର

**ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ**

**ବଲାଙ୍ଗୀର ଅଫିସ, ୩।୨**

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସା ସେବା ଅବ୍ୟବସ୍ଥିତ ହୋଇପଡିଛି। ଏଠାରେ ଏଣ୍ଡୋସ୍କୋପି ପରୀକ୍ଷା ବ୍ୟବସ୍ଥା ଉପଲବ୍ଧ ହୋଇନାହିଁ। ଫଳରେ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଭଳି କିଛି ସମସ୍ୟାକୁ ନେଇ ହସ୍ପିଟାଲ ଅଧୀକ୍ଷକ ଡା ମହେନ୍ଦ୍ର କୁମାର ନାୟକଙ୍କୁ ୧୦ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ହସ୍ପିଟାଲ ପାଇଁ ଅତିକମ୍‌ରେ ଆଉ ଦୁଇଟି ଆମ୍ବୁଲାନ୍ସ ଶୀଘ୍ର ଯୋଗାଇ ଦେବାକୁ ଦାବି କରାଯାଇଛି। ମେଡିକାଲ କଲେଜ ହସ୍ପିଟାଲ ଘୋଷଣା କରାଯାଇଥିଲେ ମଧ୍ୟ ଏଠାରେ ବିଭିନ୍ନ ବିଭାଗରେ ଅସ୍ତ୍ରୋପଚାର କରାଯାଉନାହିଁ। ସାଧାରଣ ସମସ୍ୟା ଥିଲା ରୋଗୀଙ୍କୁ ଅନ୍ୟତ୍ର ପଠାଇ ଦିଆଯାଉଛି। ରାତିରେ ପ୍ରସୂତୀ ବିଭାଗରେ ଡାକ୍ତର ରହୁନାହାନ୍ତି ଓ ଠିକ୍ ସମୟରେ ଆଉଟ୍ ଡୋରରେ ମଧ ଡାକ୍ତର ରହୁ ନ ଥିବା ଅଭିଯୋଗ କରାଯାଇଛି । ଅଧିକ ହ୍ୱିଲ୍‌ଚେୟାର ଓ ଷ୍ଟ୍ରେଚର ନଥିବାରୁ ବିଭିନ୍ନ ବିଭାଗର ରୋଗୀଙ୍କୁ ଅପେକ୍ଷା କରିବାକୁ ପଡୁଛି। ଏଦିଗରେ ତୁରନ୍ତ ଧ୍ୟାନ ଦେଇ ଉଚିତ୍ ବ୍ୟବସ୍ଥା କରିବାକୁ ଯୁବ ସ୍ୱେଚ୍ଛାସେବୀ ଗୋବିନ୍ଦ ଶତପଥୀ ଓ ତାଙ୍କ ସହଯୋଗୀମାନେ ଅଧୀକ୍ଷକ ଡା ନାୟକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏଦିଗରେ ପଦକ୍ଷେପ ଗ୍ରହଣ କରିବେ ବୋଲି ଡା. ନାୟକ ପ୍ରତିଶ୍ରୁତି ଦେଇଛନ୍ତି।

# ଜୈବ ବିବିଧତାର ସଂରକ୍ଷଣ ଉପରେ ଗୁରୁତ୍ୱ

**ସୋନପୁର,୩।୨(ନି.ପ୍ର.)**

ଜୈବ ବିବିଧତା ଅଧିନିୟମ-୨୦୦୨ ଏବଂ ଜୈବ ବିବିଧତା ନିୟମାବଳୀ ସମ୍ପର୍କିତ ଦକ୍ଷତା ବିକାଶ ତାଲିମ ଶିବିର ସୁବର୍ଣ୍ଣପୁର ବନଖଣ୍ଡ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲା ଜୈବ ବିବିଧତା ପରିଚାଳନା ସମିତିର ସଦସ୍ୟବୃନ୍ଦ ଯୋଗ ଦେଇଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ଓଡିଶା ଜୈବ ବିବିଧତା ବୋର୍ଡର ଅଧ୍ୟକ୍ଷ ମାଲୁଧ ମୋହନ ଯୋଗଦେଇ ଜିଲାରେ ଜୈବ ବିବିଧତାର ସଂରକ୍ଷଣ, ତାହାର ଉପାଂଶଗୁଡିକର ଦୀର୍ଘକାଳୀନ ଉପଯୋଗ ଏବଂ ଜୈବ ସମ୍ପଦ ଉପଯୋଗରୁ ଉତ୍ପାଦିତ ସୁବିଧା ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ବନଖଣ୍ଡ ଅଧୀକାରୀ ସୁଶାନ୍ତ କୁମାର ସାମନ୍ତରାୟ ଯୋଗ ଦେଇ ଜୈବ ବିବିଧତା ପରିଚାଳନା, ସମିତିର କାର୍ଯ୍ୟକାଳ, କାର୍ଯ୍ୟ ଓ ଦାୟିତ୍ୱ ସମ୍ପର୍କରେ ବୁଝାଇଥିଲେ। ବୈଜ୍ଞାନିକ ଶୁଭେନ୍ଦୁ ନାୟକ, ସତ୍ୟରଞ୍ଜନ ବେହେରା ଓ ପ୍ରସାଦ କୁମାର ଦାସ ଆଞ୍ଚଳିକ ଜୈବ ବିବିଧତା ପାଣ୍ଠି ପରିଚାଳନା ଓ ରକ୍ଷଣାବେକ୍ଷଣ ସମ୍ପର୍କରେ ସମିତିର ସଦସ୍ୟମାନଙ୍କୁ କହିଥିଲେ। ଏହି ଶିବିରରେ ସୋନପୁର, ବିନିକା, ଉଲୁଣ୍ଡା ଓ ବୀରମହାରାଜପୁର ରେଞ୍ଜର ସମସ୍ତ ବନକ୍ଷେତ୍ରାଧିକାରୀ, ବନପାଳ, ବନରକ୍ଷୀ, ୬ଟି ବ୍ଲକରୁ ୧୦ଟି ପଞ୍ଚାୟତର ସରପଞ୍ଚ, ପିଇଓ ଓ ସମିତିର ସଦସ୍ୟମାନେ ଯୋଗ ଦେଇଥିଲେ। ତାଲିମ ନେଇଥିବା ସଦସ୍ୟମାନେ ଜୈବ ବିବିଧତା ସମ୍ପର୍କରେ ଅନ୍ୟ ପଞ୍ଚାୟତର ସଦସ୍ୟଙ୍କୁ ତାଲିମ ଦେବେ। ସହକାରୀ ବନ ସଂରକ୍ଷକ ସୁଶିଲ କୁମାର ତ୍ରିପାଠୀ ଓ ପ୍ରଫୁଲ୍ଲ କୁମାର ଧରୁଆ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ସ୍ୱଧାର ଗୃହରେ ଠକେଇ

**ବୌଦ୍ଧ,୩।୨(ସ୍ୱ.ପ୍ର.)**

**ପୀଡ଼ିତାଙ୍କୁ ଆଶ୍ରା ଦେଇ କ୍ଷତିପୂରଣ ଅର୍ଥ ହରିଲୁଟ, ଥାନାରେ ଅଭିଯୋଗ**

ବୌଦ୍ଧ ଜିଲାର ଏକ ସ୍ୱଧାର ଗୃହରେ ରହୁଥିବା ଜଣେ ବଳାତ୍କାର ପୀଡ଼ିତାଙ୍କୁ ସରକାରଙ୍କ ପକ୍ଷରୁ କ୍ଷତିପୂରଣ ବାବଦରେ ମିଳିଥିବା ଅର୍ଥ ହରିଲୁଟ କରାଯାଇଛି । ଏ ନେଇ ସମ୍ପୃକ୍ତ ପୀଡ଼ିତା ବୁଧବାର ବୌଦ୍ଧ ଥାନାରେ ଅଭିଯୋଗ କରିଛନ୍ତି। ମନମୁଣ୍ଡା ଥାନା ଅଞ୍ଚଳର ଏହି ମହିଳା ଜଣକ ସ୍ୱାମୀ ପରିତ୍ୟକ୍ତା ହୋଇଥିବା ବେଳେ ବଳାତ୍କାରର ଶିକାର ହୋଇଥିଲେ । ପରିବାର ଲୋକେ ତାଙ୍କୁ ଗ୍ରହଣ ନ କରବାରୁ ସେ ବୌଦ୍ଧ ସହରର ନାରାୟଣପୁରସ୍ଥିତ ସ୍ୱଧାର ଗୃହରେ ଗତ ୭।୭।୨୦୧୮ଠାରୁ ରହି ଆସୁଥିଲେ। ସେ ଜଣେ ବଳାତ୍କାର ପୀଡିତା ଓ ଆଦିବାସୀ ହୋଇଥିବାରୁ ସରକାରଙ୍କ ନିୟମ ଅନୁଯାୟୀ କ୍ଷତିପୂରଣ ବାବଦକୁ ୩ ଲକ୍ଷ ଟଙ୍କା ପାଇଥିଲେ। ଉକ୍ତ ଅର୍ଥରାଶିକୁ ସ୍ୱଧାର ଗୃହର ଅଧୀକ୍ଷକ ଓ କାଉନସେଲ୍‌ରଙ୍କ ଜରିଆରେ ବୌଦ୍ଧସ୍ଥିତ କାନାରା ବ୍ୟାଙ୍କରେ ଆକାଉଣ୍ଟ ଖୋଲି ଡିପୋଜିଟ କରିଥିଲେ । ଟଙ୍କା ଡିପୋଜିଟ ପରେ ବ୍ୟାଙ୍କ ପକ୍ଷରୁ ଗତ ୨୫। ୧୦। ୨୦୧୮ ରେ ଏଟିଏମ କାର୍ଡ ମଧ୍ୟ ପ୍ରଦାନ କରାଯାଇଥିଲା ।

ତେବେ ପୀଡିତା ନିଜ ପାଶବୁକ ଓ ଏଟିଏମ ସ୍ୱଧାର ଗୃହ କର୍ତ୍ତୃପକ୍ଷଙ୍କୁ ମାଗିବାରୁ ଏଠାରୁ ତୁମେ ଯେବେ ଯିବ, ଦିଆଯିବ ବୋଲି ସରକାରୀ ନିୟମ ରହିଥିବା କହି ଆସୁଥିଲେ। କିନ୍ତୁ ସନ୍ଦେହ ହେବାରୁ ପୁନର୍ବାର ପୀଡିତା ଜଣକ ପାଶବୁକ ଓ ଏଟିଏମ କାର୍ଡ ମାଗିବାରୁ ସ୍ୱଧାର ଗୃହର ଅଧୀକ୍ଷକ ଓ କାଉନସେଲ୍‌ର ଖରାପ ବ୍ୟବହାର ପ୍ରଦର୍ଶନ କରିଥିଲେ । ଏପରି କି ଉକ୍ତ ଟଙ୍କାକୁ ବିଭିନ୍ନ ସମୟରେ ଉଠାଇଥିବା ନେଇ ବୌଦ୍ଧ ଥାନାରେ ହୋଇଥିବା ଅଭିଯୋଗରେ ସେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ସ୍ୱଧାର ଗୃହର ଅଧୀକ୍ଷକ ନିର୍ମଳା ଜେନାଙ୍କୁ ପଚାରିବାରେ ଉକ୍ତ ଟଙ୍କା ଖର୍ଚ୍ଚ କରାଯାଇନାହିଁ ବୋଲି କହିଥିଲେ। ବୌଦ୍ଧ ଥାନା ଅଧିକାରୀ ତପସ୍ୱିନୀ କହଁରଙ୍କୁ ପଚାରିବାରୁ ଥାନାରେ ଏ ନେଇ ପୀଡିତା ଅଭିଯୋଗ କରିଛନ୍ତି । ଘଟଣାର ତଦନ୍ତ ଚାଲିଥିବା ପ୍ରକାଶ କରିଥିଲେ ।

# ନିଷ୍ଠା, ଏକାଗ୍ରତା ସଫଳତା ଆଣେ

**ବରଗଡ଼ ଅଫିସ୍,୩।୨**

**ଶିକ୍ଷା ଦର୍ପଣ ବଣ୍ଟନ ଶୁଭାରମ୍ଭ କାର୍ଯ୍ୟକ୍ରମରେ ବକ୍ତାଙ୍କ ମତ**



ଛାତ୍ରଙ୍କୁ ମୁଖ୍ୟଅତିଥି ଶିକ୍ଷା ଦର୍ପଣ ପ୍ରଦାନ କରୁଛନ୍ତି ।

ବରଗଡ଼ ଜିଲା ଶିକ୍ଷାବିଭାଗ ଆନୁକୂଲ୍ୟରେ ବୁଧବାର ସ୍ଥାନୀୟ ଜର୍ଜ ହାଇସ୍କୁଲ ପରିସରରେ ଜିଲାସ୍ତରୀୟ ପରୀକ୍ଷା ଦର୍ପଣ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାଯର୍ୟ ମୁଖ୍ୟଅତିଥିଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ନିଷ୍ଠା ଓ ଏକାଗ୍ରତା ସଫଳତା ଆଣେ ଏବଂ ପରୀକ୍ଷାର୍ଥୀଙ୍କ ପାଇଁ ପରୀକ୍ଷା ଦର୍ପଣ ବେଶ ସହାୟକ ହେବ ବୋଲି ବିଧାୟକ ଆଚାର୍ଯ୍ୟ କହିଥିଲେ। ଜିଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଜର୍ଜ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଅମୃତା ସାହୁ ସଂଯୋଜନା କରିଥିଲେ। ବରଗଡ଼ ବ୍ଲକ ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ, ଜିଲା ବିଜ୍ଞାନ ନିରୀକ୍ଷକ ଡଃ ମନୋଜ ସାହୁ, ବରଗଡ଼ ସରକାରୀ ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁଧାଂଶୁ ମିଶ୍ର ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ବରଗଡ଼ ଶିକ୍ଷାଜିଲା ପାଇଁ ୧୮ହଜାର ୫୭୫ ଶିକ୍ଷା ଦର୍ପଣର ଆବଶ୍ୟକତା ରହିଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୧୨ହଜାର ଛାତ୍ରୀଛାତ୍ରଙ୍କ ପାଇଁ ତାହା ଆସିଛି। ପର୍ଯ୍ୟାୟକ୍ରମେ ଆବଶ୍ୟକ ଶିକ୍ଷା ଦର୍ପଣ ଛାତ୍ରୀଛାତ୍ରଙ୍କୁ ଯୋଗାଇ ଦିଆଯିବ ବୋଲି ଜିଲା ଶିକ୍ଷା ଅଧିକାରୀ କଚ୍ଛପ ସୂଚନା ଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ଜର୍ଜ ହାଇସ୍କୁଲର ନୂତନ ପୁସ୍ତକାଳୟ ଓ ପଠନ ଗୃହକୁ ମଧ୍ୟ ଉଦ୍‌ଘାଟନ କରିଥିଲେ। ଶିକ୍ଷକ ଡ ତୋଲାମଣି ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।